
# ଉତ୍କଳ ପ୍ରସଙ୍ଗ

ଡିସେମ୍ବର ୧୯୯୯







ରାଜଭବନ ପରିସର ମଧ୍ୟରେ ଆୟୋଜିତ ଏକ ନିରାଡ଼ମ୍ବର ଉତ୍ସବରେ ମାନ୍ୟବର ରାଜ୍ୟପାଳ ଶ୍ରୀ ଏମ୍.ଏମ୍. ରାଜେନ୍ଦ୍ରନ୍, ନୂତନ ମୁଖ୍ୟମନ୍ତ୍ରୀ ଶ୍ରୀ ହେମାନନ୍ଦ ବିଶ୍ୱାଳ ଏବଂ ରାଜ୍ୟର ଦୁଇଜଣ ବରିଷ୍ଠ ମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ ଓ ଶ୍ରୀ ଜଗନ୍ନାଥ ପଟ୍ଟନାୟକଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଉଛନ୍ତି । ୬/୧୨



ସୂଚନା ଓ ଲୋକ ସଂପର୍କ ବିଭାଗ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ରାଜସ୍ୱମନ୍ତ୍ରୀ ଶ୍ରୀ ଜଗନ୍ନାଥ ପଟ୍ଟନାୟକ ରିଲିଫ୍ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଉଛନ୍ତି । ୧୨/୧୨

# ଉତ୍କଳ ପ୍ରସଙ୍ଗ

୫୬ ଭାଗ ୫ମ ସଂଖ୍ୟା ମାର୍ଗଶିର-ପୌଷ ଡିସେମ୍ବର - ୧୯୯୯

**ଶ୍ରୀ ଜୟନ୍ତ କୁମାର ଦେବ**
କମିଶନର ତଥା ଶାସନ ସଚିବ

**ଶ୍ରୀ ଦୁର୍ଗାମାଧବ ଦାଶ**
ନିର୍ଦ୍ଦେଶକ

*ସମ୍ପାଦନା ମଣ୍ଡଳୀ*

**ଶ୍ରୀ ମହେଶ୍ୱର ମୁଳିଆ**
କାର୍ଯ୍ୟନିର୍ବାହୀ ସମ୍ପାଦକ

**ଶ୍ରୀ ଶରତଚନ୍ଦ୍ର ସାମନ୍ତରାୟ**
**ଶ୍ରୀ ଗୋବିନ୍ଦ ଚନ୍ଦ୍ର ମଲ୍ଲିକ**
ସମ୍ପାଦନା ସହଯୋଗୀ

**ପ୍ରଚ୍ଛଦପଟ**
ଶ୍ରୀ ମାନସ ନାୟକ

**କମ୍ପ୍ୟୁଟର ଟାଇପ୍ ସେଟିଂ**
ସୂଚନା ଓ ଲୋକ ସମ୍ପର୍କ ବିଭାଗ

**ବାର୍ଷିକ ଦେୟ : ଟ ୨୦.୦୦**
**ପ୍ରତିଖଣ୍ଡ : ଟ ୨.୦୦**

''ଉତ୍କଳ ପ୍ରସଙ୍ଗ'' ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ କ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

ଓଡ଼ିଶା ସରକାରଙ୍କର ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ପ୍ରକାଶିତ ଏବଂ ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ - ୧୦ ରେ ମୁଦ୍ରିତ ।

# ସୂଚୀ


| | | |
|---|---|---|
| ମହାବାତ୍ୟା ବିଭୀଷିକା | ୧ | |
| ଦକ୍ଷିଣ ଓଡ଼ିଶାରେ ବାତ୍ୟା ବିପତ୍ତି | ୬ | |
| ସର୍ବଦଳୀୟ ବୈଠକରେ ରିଲିଫ୍ ଓ ପୁନର୍ଗଠନ କାର୍ଯ୍ୟର ପର୍ଯ୍ୟାଲୋଚନା | ୯ | |
| ଥଇଥାନ ଓ ପୁନଃନିର୍ମାଣ ପାଇଁ ପଞ୍ଚାୟତିରାଜ ବିଭାଗର ପଦକ୍ଷେପ | ୧୧ | |
| ବାତ୍ୟାଞ୍ଚଳର ୧୨ ଲକ୍ଷ ୯୬ ହଜାର ହେକ୍ଟର ଜମିରେ ରବିଚାଷ | ୧୨ | |
| ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପୁନରୁଦ୍ଧାର ଓ ପୁନଃସ୍ଥାପନ କାର୍ଯ୍ୟ | ୧୪ | |
| ନାରୀନେତ୍ରୀ ପୂଜ୍ୟା ରମାଦେବୀ | ୧୫ | ବଳରାମ ମହାନ୍ତି |
| ଶହୀଦ ମାଧୋ ସିଂହ | ୧୭ | ଶ୍ରୀ ଅମୃତଲାଲ ସାହୁ |
| ବିଜ୍ଞାନ ଜଗତକୁ ପଠାଣି ସାମନ୍ତଙ୍କ ଦାନ | ୨୦ | ଶ୍ରୀ ଗିରିଜାଶଙ୍କର ତରାସିଆ |
| ମହାବାତ୍ୟା ପରେ ରବି ଫସଲ | ୨୨ | ଶ୍ରୀ ରମେଶ ଚନ୍ଦ୍ର ମହାନ୍ତି |
| ସହରାଞ୍ଚଳ ସ୍ୱାୟତ୍ତ ଶାସନ ସଂସ୍ଥା | ୨୪ | ଶ୍ରୀ ସୁଧୀର ଚନ୍ଦ୍ର ନାୟକ |
| ଗୋଦାବରୀଶଙ୍କ କବିତାରେ ପ୍ରକୃତି ଚିତ୍ରଣ | ୨୬ | ରାଜଲକ୍ଷ୍ମୀ ପାତ୍ର |
| କଳାହାଣ୍ଡିରେ ପଞ୍ଚମ ଚଉଷଠି ଯୋଗିନୀ ମୂର୍ତ୍ତି ଆବିଷ୍କାର | ୨୮ | ଶ୍ରୀ ଭବାନୀ ଶଙ୍କର ପଣ୍ଡା |
| ଆଦିବାସୀ 'କୋୟା'ର ପରିଚୟ | ୩୧ | ଶ୍ରୀ ସଚ୍ଚିଦାନନ୍ଦ ବେହେରା |
| ସଫଳ କାହାଣୀ | ୩୨ | |
| କୃଷି ଉତ୍ପାଦନ ବୃଦ୍ଧିରେ କିଶାନ କ୍ରେଡ଼ିଟ କାର୍ଡ଼ | ୩୫ | ଡାଃ. ଯୋଗେଶ ଚନ୍ଦ୍ର ରାଉତ |
| ଚାଷୀଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ପଦକ୍ଷେପ | ୩୭ | ଶ୍ରୀ ଭିକାରୀ ଚରଣ ମିଶ୍ର |
| ସାମାଜିକ ନ୍ୟାୟ ପ୍ରଦାନରେ ଗଞ୍ଜାମ ଜିଲ୍ଲାର ବୈପ୍ଳବିକ ଭୂମିକା | ୩୮ | ଶ୍ରୀ ଦାମୋଦର ପାଢ଼ୀ |
| ଆୟୁନିଯୁକ୍ତି ଯୋଜନା | ୪୦ | ଇଂ. ଶିତିକାନ୍ତ ଷଡଙ୍ଗୀ |
| ସମ୍ବାଦ ପରିକ୍ରମା | ୪୧ | |

# ସୂଚୀ


| | | |
|---|---|---|
| ମହାବାତ୍ୟା ବିଭୀଷିକା | ୧ | |
| ଦକ୍ଷିଣ ଓଡ଼ିଶାରେ ବାତ୍ୟା ବିପତ୍ତି | ୬ | |
| ସର୍ବଦଳୀୟ ବୈଠକରେ ରିଲିଫ୍ ଓ ପୁନର୍ଗଠନ କାର୍ଯ୍ୟର ପର୍ଯ୍ୟାଲୋଚନା | ୯ | |
| ଥଇଥାନ ଓ ପୁନଃନିର୍ମାଣ ପାଇଁ ପଞ୍ଚାୟତିରାଜ ବିଭାଗର ପଦକ୍ଷେପ | ୧୧ | |
| ବାତ୍ୟାଞ୍ଚଳର ୧୨ ଲକ୍ଷ ୯୬ ହଜାର ହେକ୍ଟର ଜମିରେ ରବିଚାଷ | ୧୨ | |
| ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପୁନରୁଦ୍ଧାର ଓ ପୁନଃସ୍ଥାପନ କାର୍ଯ୍ୟ | ୧୪ | |
| ନାରୀନେତ୍ରୀ ପୂଜ୍ୟା ରମାଦେବୀ | ୧୫ | ବଳରାମ ମହାନ୍ତି |
| ଶହୀଦ ମାଧୋ ସିଂହ | ୧୭ | ଶ୍ରୀ ଅମୃତଲାଲ ସାହୁ |
| ବିଜ୍ଞାନ ଜଗତକୁ ପଠାଣି ସାମନ୍ତଙ୍କ ଦାନ | ୨୦ | ଶ୍ରୀ ଗିରିଜାଶଙ୍କର ତରାସିଆ |
| ମହାବାତ୍ୟା ପରେ ରବି ଫସଲ | ୨୨ | ଶ୍ରୀ ରମେଶ ଚନ୍ଦ୍ର ମହାନ୍ତି |
| ସହରାଞ୍ଚଳ ସ୍ୱାୟତ୍ତ ଶାସନ ସଂସ୍ଥା | ୨୪ | ଶ୍ରୀ ସୁଧୀର ଚନ୍ଦ୍ର ନାୟକ |
| ଗୋଦାବରୀଶଙ୍କ କବିତାରେ ପ୍ରକୃତି ଚିତ୍ରଣ | ୨୬ | ରାଜଲକ୍ଷ୍ମୀ ପାତ୍ର |
| କଳାହାଣ୍ଡିରେ ପଞ୍ଚମ ଚଉଷଠି ଯୋଗିନୀ ମୂର୍ତ୍ତି ଆବିଷ୍କାର | ୨୮ | ଶ୍ରୀ ଭବାନୀ ଶଙ୍କର ପଣ୍ଡା |
| ଆଦିବାସୀ 'କୋୟା'ର ପରିଚୟ | ୩୧ | ଶ୍ରୀ ସଚ୍ଚିଦାନନ୍ଦ ବେହେରା |
| ସଫଳ କାହାଣୀ | ୩୨ | |
| କୃଷି ଉତ୍ପାଦନ ବୃଦ୍ଧିରେ କିଶାନ କ୍ରେଡ଼ିଟ କାର୍ଡ଼ | ୩୫ | ଡାଃ. ଯୋଗେଶ ଚନ୍ଦ୍ର ରାଉତ |
| ଚାଷୀଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ପଦକ୍ଷେପ | ୩୭ | ଶ୍ରୀ ଭିକାରୀ ଚରଣ ମିଶ୍ର |
| ସାମାଜିକ ନ୍ୟାୟ ପ୍ରଦାନରେ ଗଞ୍ଜାମ ଜିଲ୍ଲାର ବୈପ୍ଳବିକ ଭୂମିକା | ୩୮ | ଶ୍ରୀ ଦାମୋଦର ପାତ୍ରୀ |
| ଆତ୍ମନିଯୁକ୍ତି ଯୋଜନା | ୪୦ | ଇଂ. ଶଶିକାନ୍ତ ଷଡଙ୍ଗୀ |
| ସମ୍ବାଦ ପରିକ୍ରମା | ୪୧ | |

# ମୁଖ୍ୟମନ୍ତ୍ରୀ ଶ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ନେତୃତ୍ୱରେ ଓଡ଼ିଶାର ସାମାଜିକ ଓ ଅର୍ଥନୈତିକ ଉନ୍ନତି ପାଇଁ ବଳିଷ୍ଠ ଉଦ୍ୟମ

- ବାତ୍ୟା ବିଧ୍ୱସ୍ତ ଅଞ୍ଚଳରେ ପୁନର୍ବାସ ଓ ପୁନର୍ନିର୍ମାଣ ଉପରେ ସର୍ବାଧିକ ଗୁରୁତ୍ୱ ।
- ରାଜୀବ ଗାନ୍ଧୀଙ୍କ ସ୍ୱପ୍ନର ସଫଳ ରୂପାୟନ - ଓଡ଼ିଶାରେ କ୍ଷମତାର ବିକେନ୍ଦ୍ରୀକରଣ ଏବେ ଏକ ବାସ୍ତବତା ।
- ପଞ୍ଚାୟତିରାଜ ଅନୁଷ୍ଠାନ ସମୂହକୁ ୧୯ଟି ବିଷୟ ଓ କାର୍ଯ୍ୟକ୍ରମ ହସ୍ତାନ୍ତରିତ ।
- ଜିଲ୍ଲା ପରିଷଦର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷଙ୍କୁ ଯଥାକ୍ରମେ ରାଷ୍ଟ୍ରମନ୍ତ୍ରୀ ଓ ଉପମନ୍ତ୍ରୀ ପାହ୍ୟା ପ୍ରଦାନ ।
- ବିଧାୟକମାନଙ୍କ ନିର୍ବାଚନମଣ୍ଡଳୀ ଉନ୍ନୟନ ପାଣ୍ଠି ୧୦ ଲକ୍ଷ ଟଙ୍କାରୁ ୧୫ ଲକ୍ଷ ଟଙ୍କାକୁ ବୃଦ୍ଧି ।
- ଅଣକୁଶଳୀ, ଅର୍ଦ୍ଧକୁଶଳୀ, କୁଶଳୀ ଓ ଅତିକୁଶଳୀ ଶ୍ରମିକମାନଙ୍କର ସର୍ବନିମ୍ନ ଦୈନିକ ମଜୁରି ଯଥାକ୍ରମେ ୪୦ଟଙ୍କା, ୪୮ଟଙ୍କା, ୫୬ ଟଙ୍କା ଓ ୬୪ ଟଙ୍କାକୁ ବୃଦ୍ଧି ।
- ଶାଳମଞ୍ଜିର କ୍ରୟମୂଲ୍ୟ ମେଟ୍ରିକ୍ ଟନ୍ ପିଛା ୧୨୫୦ ଟଙ୍କାରୁ ୩୦୦୦ ଟଙ୍କାକୁ ବୃଦ୍ଧି । କେନ୍ଦୁପତ୍ରର କ୍ରୟମୂଲ୍ୟ ୨୦ଟି ପତ୍ର ପିଛା ୧୩ ପଇସାରୁ ୧୫ ପଇସାକୁ ବୃଦ୍ଧି ।
- ୮୩ଟି ଲଘୁ ବନଜାତ ଦ୍ରବ୍ୟର କ୍ରୟମୂଲ୍ୟ ନିର୍ଦ୍ଧାରଣ ।
- ଗରିବଙ୍କୁ ରିହାତି ମୂଲ୍ୟରେ ଗୃହଯୋଗାଣ ପାଇଁ ''ସହସ୍ରାବ୍ଦ ଆବାସ ଯୋଜନା'' ଆରମ୍ଭ ।
- ୨୨୫ କୋଟି ଟଙ୍କା ବ୍ୟୟରେ ''ପଶ୍ଚିମ ଓଡ଼ିଶା ଗ୍ରାମ୍ୟ ଜୀବିକା ନିର୍ବାହ ପ୍ରକଳ୍ପ'' କାର୍ଯ୍ୟକାରୀ; ଆଗାମୀ ଜୁନ୍ ସୁଦ୍ଧା ୬ ଲକ୍ଷ କିଶାନ୍ କ୍ରେଡିଟ୍ କାର୍ଡ ପ୍ରଦାନର ଲକ୍ଷ୍ୟ । ୮୦୩ଟି ମିନିବ୍ୟାଙ୍କ ସ୍ଥାପିତ ।
- ଅଧିକ ୬୩୩ ହେକ୍ଟର ଜମିରେ ସେଚ ସୁବିଧା ସୃଷ୍ଟି ।
- ୨୦୦୦ ମସିହା ମାର୍ଚ୍ଚ ସୁଦ୍ଧା ସେଚସୁବିଧା ୫୦ ପ୍ରତିଶତ ବୃଦ୍ଧିର ଲକ୍ଷ୍ୟ ।
- ୯୬୫ଟି କ୍ଷୁଦ୍ରଶିଳ୍ପ ସଂସ୍ଥା ସ୍ଥାପିତ ।
- ୨୦୦୦ ମସିହା ମାର୍ଚ୍ଚ ସୁଦ୍ଧା ସମସ୍ତ ଗ୍ରାମକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ । ସାଂପ୍ରତିକ ପାନୀୟ ଜଳ ସମସ୍ୟା ସମାଧାନ ପାଇଁ ଆପଦ୍‌କାଳୀନ ପାଣ୍ଠିରୁ ୨୯ କୋଟି ଟଙ୍କା ମଞ୍ଜୁର ।
- ୨୦୦୦ ମସିହା ମାର୍ଚ୍ଚ ସୁଦ୍ଧା ସମସ୍ତ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ।
- ବ୍ରିଟେନ୍‌ର ଡି.ଏଫ୍.ଆଇ.ଡି. ଓ ବିଶ୍ୱବ୍ୟାଙ୍କ ସହାୟତାରେ ରାଜ୍ୟ ସରକାରୀ ଉଦ୍ୟୋଗ ସମୂହର ପୁନର୍ଗଠନ ।
- ଅର୍ଥନୈତିକ ଓ ପ୍ରଶାସନିକ ସଂସ୍କାର ନିମନ୍ତେ ୧୩୪ କୋଟି ଟଙ୍କାର ଡି.ଏଫ.ଆଇ.ଡି. ସହାୟତା ମଞ୍ଜୁର ।
- ବିଦ୍ୟୁତ୍ ବ୍ୟବସ୍ଥାର ସଂସ୍କାରରେ ଓଡ଼ିଶା ଅଗ୍ରଣୀ ରାଜ୍ୟରୂପେ ବିବେଚିତ ।
- ନୂତନ ଭାବେ ''ଅନ୍ୟାନ୍ୟ ପଛୁଆବର୍ଗ ଓ ସଂଖ୍ୟାଲଘୁ ବିଭାଗ'' ସୃଷ୍ଟି ।
- ଉତ୍କଟ ପୁଷ୍ଟିହୀନତା ଦୂରୀକରଣ ଅଭିଯାନ ଆରମ୍ଭ କରିବାରେ ଏବଂ ପଲ୍ସ୍ ଭିଟାମିନ୍ - 'ଏ' ଅଭିଯାନ ସମ୍ପୂର୍ଣ୍ଣ କରିବାରେ ସମଗ୍ର ଦେଶରେ ଓଡ଼ିଶା ପ୍ରଥମ ।
- ସାମ୍ବାଦିକମାନଙ୍କ ପାଇଁ ପେନ୍‌ସନ୍ ଯୋଜନା ପ୍ରବର୍ତ୍ତନ କରିବାକୁ ନିଷ୍ପତ୍ତି ।
- ସୂଚନାର ସୁଚାରୁ ଓ ଅବାରିତ ପ୍ରବାହ ତଥା ସୁସମ ପ୍ରସାରଣ ଉଦ୍ଦେଶ୍ୟରେ ଗଣମାଧ୍ୟମଗୁଡ଼ିକ ନିମନ୍ତେ ଏକ ସୂଚନା ନୀତି ପ୍ରସ୍ତୁତି ।
- ସମ୍ବାଦପତ୍ର ଓ ପତ୍ରପତ୍ରିକାକୁ ବିଜ୍ଞାପନ ପ୍ରଦାନ ସଂକ୍ରାନ୍ତ ନୀତି ନିର୍ଦ୍ଧାରଣ ପାଇଁ ଏକ ସମନ୍ୱିତ ବିଜ୍ଞାପନ ନୀତି ପ୍ରଣୟନ ।
- ଅପରାଧ ହାରରେ ଦ୍ରୁତ ହ୍ରାସ; କମ୍ୟୁନିଟି ପୋଲିସ୍ ବ୍ୟବସ୍ଥା ପ୍ରବର୍ତ୍ତନ ।

  ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ସମେତ ୩ଟି ନୂତନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନିଷ୍ପତ୍ତି ।
- ବ୍ରିଟେନ୍‌ର ଡି.ଏଫ୍.ଆଇ.ଡି. ସହାୟତାରେ ରାଜ୍ୟର ଆଦିବାସୀବହୁଳ ଓ ନିମ୍ନସାକ୍ଷରତା ହାର ଥିବା ୧୪ଟି ଅଧିକ ଜିଲ୍ଲାକୁ ଜିଲ୍ଲା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ ସଂପ୍ରସାରିତ ।
- କଲେଜ ଓ ବିଶ୍ୱବିଦ୍ୟାଳୟ ଶିକ୍ଷକଙ୍କ ପାଇଁ ୟୁଜିସି ଦରମାହାର ଲାଗୁ ।
- ରାଜ୍ୟରେ ଜଙ୍ଗଲ ସଂପଦର ସୁରକ୍ଷା ପାଇଁ କଡ଼ା ନିୟମ ପ୍ରଣୟନ ।



# ନୂତନ ମୁଖ୍ୟମନ୍ତ୍ରୀ ଶ୍ରୀ ହେମାନନ୍ଦ ବିଶ୍ୱାଳ

ଶ୍ରୀଯୁକ୍ତ ହେମାନନ୍ଦ ବିଶ୍ୱାଳ ୧୯୯୯ ଡିସେମ୍ବର ୬ ତାରିଖରେ ଦ୍ୱିତୀୟ ଥରପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିଛନ୍ତି । ସେ ହେଉଛନ୍ତି ରାଜ୍ୟର ତ୍ରୟୋଦଶ ମୁଖ୍ୟମନ୍ତ୍ରୀ ।

ଶ୍ରୀଯୁକ୍ତ ବିଶ୍ୱାଳଙ୍କର ଜନ୍ମ ୧୯୩୯ ମସିହା ଡିସେମ୍ବର ୧ ତାରିଖରେ ଅଧୁନା ଝାରସୁଗୁଡ଼ା ଜିଲ୍ଲା ଠାକୁରପଡ଼ା ଗ୍ରାମରେ ଏକ କୃଷକ ପରିବାରରେ ।

ରାଜନୀତିକ ଜୀବନକାଳ ମଧ୍ୟରେ ସେ ୧୯୬୭ - ୧୯୭୧ ମସିହାରେ କିରିମିରା ପଞ୍ଚାୟତ ସମିତିର ଚେୟାରମ୍ୟାନ ଦାୟିତ୍ୱରେ ଅଧିଷ୍ଠିତ ହୋଇଥିଲେ । ୧୯୬୮ ରୁ ୧୯୭୪ ପର୍ଯ୍ୟନ୍ତ ଝାରସୁଗୁଡ଼ା ଭୂଇଁୟନ ବ୍ୟାଙ୍କର ଉପସଭାପତି, ୧୯୬୮ ରେ ଝାରସୁଗୁଡ଼ା ଲକ୍ଷ୍ମୀନାରାୟଣ କଲେଜ ପରିଚାଳନା ସମିତିର ସଦସ୍ୟ ଥିଲେ । ୧୯୭୨ ମସିହାରେ ସେ କଂଗ୍ରେସ ଦଳରେ ଯୋଗଦାନ କରିଥିଲେ । ଲାଇକେରା ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇ ସେ ୧୯୭୪ ରୁ ୭୭ ମସିହା, ୧୯୮୦ରୁ ୮୫ ମସିହା, ୧୯୮୫ ରୁ ୯୦ ମସିହା, ୧୯୯୦ ରୁ ୯୫ ଏବଂ ୧୯୯୫ରୁ ଏ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବରେ ଓଡ଼ିଶା ବିଧାନସଭାର ସଦସ୍ୟ ରହିଛନ୍ତି ।

ସେ ୧୯୮୩–୮୪ ରେ ଓଡ଼ିଶା ବିଧାନସଭା ପବ୍ଲିକ୍ ଅଣ୍ଡରଟେକିଂ କମିଟିର ଅଧ୍ୟକ୍ଷ, ୧୯୮୪–୮୫ ରେ ସମ୍ବଲପୁର ଜିଲ୍ଲା କଂଗ୍ରେସ କମିଟିର ସଭାପତି ଥିଲେ । ୧୯୮୫ ମାର୍ଚ୍ଚରୁ ୧୯୮୬ ଡିସେମ୍ବର ମାସ ପର୍ଯ୍ୟନ୍ତ ରାଜ୍ୟ ମନ୍ତ୍ରିମଣ୍ଡଳର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଥିଲେ । ୧୯୮୯ ଡିସେମ୍ବର ମାସ ୭ ତାରିଖରୁ ୧୯୯୦ ମାର୍ଚ୍ଚ ୩ ତାରିଖ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ପଦରେ ଅଧିଷ୍ଠିତ ଥିଲେ । ୧୯୯୦ ରୁ ୯୫ ପର୍ଯ୍ୟନ୍ତ ବିଧାନସଭା ପିଟିସନ କମିଟିର ଅଧ୍ୟକ୍ଷ ଥିଲେ ।

୧୯୯୫ ମାର୍ଚ୍ଚ ୧୫ ତାରିଖରୁ ୧୯୯୮ ମଇ ୬ ତାରିଖ ପର୍ଯ୍ୟନ୍ତ ଉପମୁଖ୍ୟମନ୍ତ୍ରୀ ତଥା ପଞ୍ଚାୟତିରାଜ ଗୃହନିର୍ମାଣ, ସାଧାରଣ ଅଭିଯୋଗ ଓ ପେନସନ ପ୍ରଶାସନ ବିଭାଗ ମନ୍ତ୍ରୀ ଥିଲେ ।

୧୯୯୮ ମଇ ୬ ତାରିଖରୁ ୧୯୯୯ ଡିସେମ୍ବର ୨୬ ତାରିଖ ପର୍ଯ୍ୟନ୍ତ ସେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଥିଲେ ।

ଶ୍ରୀଯୁକ୍ତ ବିଶ୍ୱାଳ ଜଣେ ସୁସଂଗଠକ, ସମାଜ ସେବକ ଓ ସଂସ୍କୃତିସଂପନ୍ନ ବ୍ୟକ୍ତି ଭାବରେ ସୁପରିଚିତ । ଯୁବକ ସଂଘ, ଆଦିବାସୀ କଲ୍ୟାଣ ସଂଘ, ଆଥଲେଟିକ ଆସୋସିଏସନ୍, ଡ୍ରାମାଟିକ ଆସୋସିଏସନ୍ ଓ ବିଭିନ୍ନ ଶିକ୍ଷାନୁଷ୍ଠାନ ସଂଗଠନ କ୍ଷେତ୍ରରେ ସେ ନିଜର ପାରଦର୍ଶିତା ଓ ଲୋକପ୍ରିୟତା ପ୍ରଦର୍ଶନ କରିଛନ୍ତି ।

ଛାତ୍ର ଜୀବନରେ ସେ ସାହିତ୍ୟ ସାଧନା ଆରମ୍ଭ କରିଥିଲେ । ସେ ବହୁ କବିତା, ପ୍ରବନ୍ଧ ରଚନା କରିଛନ୍ତି ।

ଜଣେ ନମ୍ର, ସ୍ମିତପ୍ରଜ୍ଞ, ନିର୍ବିବାଦୀୟ ବ୍ୟକ୍ତିଭାବରେ ସେ ସବୁ ଶ୍ରେଣୀର ଲୋକଙ୍କର ପ୍ରିୟଭାଜନ ହୋଇପାରିଛନ୍ତି ।

ଉଦ୍ୟାନ କର୍ମ, କ୍ରୀଡ଼ା ଓ ଫଟୋଗ୍ରାଫି ତାଙ୍କର ପ୍ରିୟକର୍ମ ।

## ଆସନ୍ତୁ, ମିଳିମିଶି ପୁଣି ଥରେ ଓଡ଼ିଶାକୁ ଗଢ଼ିବା

ସଂପ୍ରତି ସଂଘଟିତ ଦୁଇଟି ସଦ୍ୟ ମହାପ୍ରଳୟ ଓଡ଼ିଶାର ପ୍ରଭୂତ ଧନଜୀବନ କ୍ଷୟକ୍ଷତି ଘଟାଇଛି । ଦେଢ଼କୋଟି ଲୋକ ଆଜି ବିପନ୍ନ ।

ଏହି ଦୁଃସମୟରେ ଯେଉଁମାନେ ଆମକୁ ସୌହାର୍ଦ୍ଦ୍ୟର ହାତ ବଢ଼ାଇଛନ୍ତି, ସେମାନଙ୍କ ନିକଟରେ ଆମେ ଚିରକୃତଜ୍ଞ ।

ସାମ୍ପ୍ରତିକ ପରିସ୍ଥିତିରେ ଦୁଃସ୍ଥ ବିପନ୍ନମାନଙ୍କ ପୁନର୍ବସତି ନିତାନ୍ତ ଜରୁରୀ । ୨୦ ଲକ୍ଷ ବସତିର ପୁନଃନିର୍ମାଣ କରିବାକୁ ପଡ଼ିବ । ହଜାର ହଜାର ପିତୃମାତୃହରା ଛୁଆଙ୍କୁ ଥଇଥାନ କରିବାକୁ ପଡ଼ିବ । କୃଷି ଓ ଶିଳ୍ପକୁ ପୁନଃ ସକ୍ରିୟ କରିବାକୁ ହେବ । ସ୍କୁଲ, ଡାକ୍ତରଖାନା ଏବଂ ସାଧାରଣ ଅନୁଷ୍ଠାନଗୁଡ଼ିକୁ ପୁନଃ ନିର୍ମାଣ କରିବାକୁ ପଡ଼ିବ ।

ଏହି କଠିନ ପରିସ୍ଥିତିରେ ପ୍ରତ୍ୟେକ କ୍ଷତିଗ୍ରସ୍ତ ଲୋକଙ୍କୁ ପୁନଃଥଇଥାନ କରିବା ନିମନ୍ତେ ରାଜ୍ୟ ସରକାର ବଦ୍ଧପରିକର ।

ଆସନ୍ତୁ, ଆମେ ସହଯୋଗର ହାତ ବଢ଼ାଇବା ଏବଂ ମିଳିମିଶି ଓଡ଼ିଶାକୁ ପୁଣିଥରେ ଗଢ଼ିବା ।

ହେମାନନ୍ଦ ବିଶ୍ୱାଳ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ନୂତନ ମନ୍ତ୍ରିମଣ୍ଡଳର ବିଭାଗ ବଣ୍ଟନ

## ମୁଖ୍ୟମନ୍ତ୍ରୀ

| | | |
|---|---|---|
| ଶ୍ରୀ ହେମାନନ୍ଦ ବିଶ୍ୱାଳ | — | ସାଧାରଣ ପ୍ରଶାସନ, ଘରୋଇ, ଇସ୍ପାତ ଓ ଖଣି, ବିଜ୍ଞାନ ଓ କାରିଗରୀ - ଅନ୍ୟ କୌଣସି କ୍ୟାବିନେଟ ମନ୍ତ୍ରୀ ଅବା ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ)କୁ ଦିଆଯାଇନଥିବା ଅନ୍ୟାନ୍ୟ ସମସ୍ତ ବିଭାଗ |

## କ୍ୟାବିନେଟ ମନ୍ତ୍ରୀ

| | | | |
|---|---|---|---|
| ୧. | ଶ୍ରୀ ବସନ୍ତ କୁମାର ବିଶ୍ୱାଳ | — | ଜଳସମ୍ପଦ, କୃଷି, ସମବାୟ ଓ ସଂସଦୀୟ ବ୍ୟାପାର |
| ୨. | ଶ୍ରୀ ଜଗନ୍ନାଥ ପଟ୍ଟନାୟକ | — | ରାଜସ୍ୱ, ଯୁବସେବା |
| ୩. | ଶ୍ରୀ କାହ୍ନୁ ଚରଣ ଲେଙ୍କା | — | ଗ୍ରାମ୍ୟ ଉନ୍ନୟନ, ଯୋଜନା ଓ ସମନ୍ୱୟ |
| ୪. | ଶ୍ରୀ କିଶୋରଚନ୍ଦ୍ର ପଟେଲ | — | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ |
| ୫. | ଶ୍ରୀ ଗଜାଧର ମାଝୀ | — | ଆଦିବାସୀ ଓ ହରିଜନ ବିକାଶ ଏବଂ ସଂଖ୍ୟାଲଘୁ ଓ ଅନଗ୍ରସର ଶ୍ରେଣୀ କଲ୍ୟାଣ |
| ୬. | ଶ୍ରୀ ଦୁର୍ଗାଶଙ୍କର ପଟ୍ଟନାୟକ | — | ଶ୍ରମ ଓ ନିଯୁକ୍ତି, ସାଧାରଣ ଉଦ୍ୟୋଗ |
| ୭. | ଶ୍ରୀ ନେତ୍ରାନନ୍ଦ ମଲ୍ଲିକ | — | ଜଙ୍ଗଲ ଓ ପରିବେଶ |
| ୮. | ଶ୍ରୀ ନିରଞ୍ଜନ ପଟ୍ଟନାୟକ | — | ଶକ୍ତି |
| ୯. | ଶ୍ରୀ ଭାଗବତ ପ୍ରସାଦ ମହାନ୍ତି | — | ଅର୍ଥ |
| ୧୦. | ଶ୍ରୀ ଭୂପିନ୍ଦର ସିଂହ | — | ନଗର ଉନ୍ନୟନ, ସୂଚନା ଓ ଲୋକସଂପର୍କ |
| ୧୧. | ଶ୍ରୀ ଶେଖ୍ ମତଲୁବ ଅଲ୍ଲି | — | ଉଚ୍ଚଶିକ୍ଷା, ସାଧାରଣ ଅଭିଯୋଗ ଓ ପେନସନ ପ୍ରଶାସନ |
| ୧୨. | ଶ୍ରୀ ରଘୁନାଥ ପଟ୍ଟନାୟକ | — | ପଞ୍ଚାୟତିରାଜ, ଆଇନ |
| ୧୩. | ଶ୍ରୀମତୀ ସରସ୍ୱତୀ ହେମ୍ବ୍ରମ | — | ମହିଳା ଓ ଶିଶୁ ବିକାଶ |

## ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ)

| | | | |
|---|---|---|---|
| ୧. | ଶ୍ରୀ ଅମରନାଥ ପ୍ରଧାନ | — | ଶିଳ୍ପ |
| ୨. | ଶ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ | — | ସ୍କୁଲ ଓ ଗଣଶିକ୍ଷା |
| ୩. | ଶ୍ରୀ ପ୍ରକାଶଚନ୍ଦ୍ର ଦେବତା | — | ବାଣିଜ୍ୟ ଓ ପରିବହନ |
| ୪. | ଶ୍ରୀ ଜୟଦେବ ଜେନା | — | ପୂର୍ତ୍ତ, ଗୃହନିର୍ମାଣ |
| ୫. | ଶ୍ରୀମତୀ ବିଜୟଲକ୍ଷ୍ମୀ ସାହୁ | — | ବୟନ ଓ ହସ୍ତତନ୍ତ |
| ୬. | ଶ୍ରୀ ମୋହନ ନାଗ | — | ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ |
| ୭. | ଶ୍ରୀ ସୁରେଶ କୁମାର ରାଉତରାୟ | — | ଅବକାରୀ |
| ୮. | ଶ୍ରୀ ହଳଧର କାର୍ଜି | — | ମତ୍ସ୍ୟ ଓ ପଶୁସମ୍ପଦ ବିକାଶ |

## ରାଷ୍ଟ୍ରମନ୍ତ୍ରୀ

| | | | |
|---|---|---|---|
| ୧. | ଶ୍ରୀମତୀ ଉଷାରାଣୀ ପଣ୍ଡା | — | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ |
| ୨. | ଶ୍ରୀ ଗଣେଶ୍ୱର ବେହେରା | — | ଉଚ୍ଚଶିକ୍ଷା, ସାଧାରଣ ଅଭିଯୋଗ ଓ ପେନସନ ପ୍ରଶାସନ |
| ୩. | ଶ୍ରୀ ପଦ୍ମଲୋଚନ ପଣ୍ଡା | — | ପଞ୍ଚାୟତିରାଜ |
| ୪. | ଶ୍ରୀମତୀ ପରମା ପୂଜାରୀ | — | ଆଦିବାସୀ ଓ ହରିଜନ ବିକାଶ ଏବଂ ସଂଖ୍ୟାଲଘୁ ଓ ଅନଗ୍ରସରଶ୍ରେଣୀ କଲ୍ୟାଣ |
| ୫. | ଶ୍ରୀ ପ୍ରସାଦ ହରିଚନ୍ଦନ | — | ସଂସ୍କୃତି, ଯୁବସେବା |
| ୬. | ଶ୍ରୀ ଉମାକାନ୍ତ ମିଶ୍ର | — | ନଗର ଉନ୍ନୟନ, ପର୍ଯ୍ୟଟନ |
| ୭. | ଶ୍ରୀ ରିପୁନାଥ ସେଠ | — | ଶକ୍ତି |
| ୮. | ଶ୍ରୀ ସୁରେନ୍ଦ୍ରସିଂହ ଭୋଇ | — | ଗ୍ରାମ୍ୟ ଉନ୍ନୟନ |
| ୯. | ଡାକ୍ତର ଦେବେନ୍ଦ୍ର ନାଥ ମାନସିଂହ | — | ବିଜ୍ଞାନ ଓ କାରିଗରୀ |

ଓଡ଼ିଶା ସରକାରଙ୍କ ଶ୍ୱେତପତ୍ର

# ମହାବାତ୍ୟା ବିଭୀଷିକା

## ପୁନରୁଦ୍ଧାର ଓ ପୁନର୍ଗଠନ କାର୍ଯ୍ୟକ୍ରମ

ଚଳିତ ବର୍ଷର ବାରମ୍ବାର ପ୍ରାକୃତିକ ଦୁର୍ବିପାକ ଓଡ଼ିଶା ଭଳି ଏକ ଦାରିଦ୍ର୍ୟ ପ୍ରପୀଡ଼ିତ ରାଜ୍ୟର ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଇଛି । ପ୍ରଥମେ ଅଗଷ୍ଟ ମାସର ବନ୍ୟା ଯୋଗୁଁ ୭ଟି ଉପକୂଳବର୍ତ୍ତୀ ଜିଲ୍ଲାରେ ପ୍ରଭୂତ କ୍ଷତି ହୋଇଥିବା ବେଳେ ପରବର୍ତ୍ତୀ ଅକ୍ଟୋବର ୧୭-୧୮ ତାରିଖରେ ଘଟିଥିବା ଚକ୍ର ବାତ୍ୟା ଯୋଗୁଁ ଗଞ୍ଜାମ ଏବଂ ଅନ୍ୟ କେତୋଟି ତଟବର୍ତ୍ତୀ ଜିଲ୍ଲାରେ ବ୍ୟାପକ ଧନଜୀବନର କ୍ଷତି ଘଟିଥିଲା । ତେବେ ମାତ୍ର ୧୦ ଦିନ ପରେ ସେହି ଅକ୍ଟୋବର ମାସ ୨୯-୩୦ ତାରିଖରେ ଆଉ ଏକ ପ୍ରଳୟଙ୍କରୀ ଚକ୍ରବାତ୍ୟା ରାଜ୍ୟର ସମସ୍ତ ଉପକୂଳବର୍ତ୍ତୀ ଅଞ୍ଚଳ ବିଶେଷ କରି ଜଗତସିଂହପୁର, କେନ୍ଦ୍ରାପଡ଼ା, କଟକ, ପୁରୀ ଏବଂ ଖୋର୍ଦ୍ଧା ଜିଲ୍ଲାକୁ ଧ୍ୱସ୍ତବିଧ୍ୱସ୍ତ କରି ଦେଇଛି । ବାତ୍ୟାର ବେଗ ଓ ବ୍ୟାପକତା ଦୃଷ୍ଟିରୁ ଏହାକୁ 'ସୁପର ସାଇକ୍ଲୋନ' ରୂପରେ ଆଖ୍ୟାୟିତ କରାଯାଇଥିବା ବେଳେ ବାତ୍ୟା ସମୟରେ ଅକ୍ଟୋବର ୨୯ ତାରିଖଠାରୁ ନଭେମ୍ବର ମାସ ୧ତାରିଖ ପର୍ଯ୍ୟନ୍ତ ହାରାହାରି ୪୪୭ ମିଲିମିଟରରୁ ୯୫୫ ମିଲିମିଟର ଯାଏ ନିରବଚ୍ଛିନ୍ନଭାବେ ପ୍ରବଳ ବର୍ଷା ଲାଗିରହିବା ଫଳରେ କୁଶଭଦ୍ରା, ବୈତରଣୀ, ବୁଢ଼ାବଳଙ୍ଗ ଏବଂ ସାଳନ୍ଦୀ ନଦୀ ଅବବାହିକାରେ ବନ୍ୟା ଆସି କେଉଁଝର, ଯାଜପୁର, ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାର ବହୁ ଅଞ୍ଚଳ ଜଳମଗ୍ନ ହୋଇଯାଇଥିଲା ।

ଏହି ସୁପରସାଇକ୍ଲୋନ୍ ଅକ୍ଟୋବର ମାସ ୨୯ ତାରିଖରେ ପାରାଦ୍ୱୀପ ନିକଟରେ ଉପକୂଳକୁ ସ୍ପର୍ଶ କରିଥିବା ବେଳେ ପବନର ବେଗ ଘଣ୍ଟାପ୍ରତି ୨୭୦ ରୁ ୩୦୦ କି.ମି. ପର୍ଯ୍ୟନ୍ତ ଥିଲା ବୋଲି ଆକଳନ କରାଯାଇଅଛି । ପବନର ଏହି ପ୍ରଚଣ୍ଡ ବେଗ ସହିତ ପ୍ରାୟ ୫ ମିଟରରୁ ୭ ମିଟରର ସାମୁଦ୍ରିକ ଜୁଆର ମାଡ଼ି ଆସି ଜଗତସିଂହପୁର, କେନ୍ଦ୍ରାପଡ଼ା, ପୁରୀ, ଖୋର୍ଦ୍ଧା ଏବଂ କଟକ ଜିଲ୍ଲାର ବ୍ୟାପକ କ୍ଷତି ଘଟାଇଥିଲାବେଳେ କେଉଁଝର, ଢେଙ୍କାନାଳ, ନୟାଗଡ଼ ଜିଲ୍ଲାକୁ ଆଂଶିକ ଭାବରେ ପ୍ରଭାବିତ କରିଥିଲା । ରାଜ୍ୟ ରାଜଧାନୀ ଭୁବନେଶ୍ୱର ଏବଂ ରୌପ୍ୟ ନଗରୀ କଟକରେ ଜନଜୀବନ ସମ୍ପୂର୍ଣ୍ଣଭାବରେ ବ୍ୟାହତ ହୋଇପଡ଼ିଥିଲା । ସଡ଼କ ପଥରେ ଗମନାଗମନ, ସଞ୍ଚାର ମାଧ୍ୟମ, ବିଦ୍ୟୁତସରବରାହ ଓ ପାନୀୟ ଜଳ ଯୋଗାଣ ଦୀର୍ଘ ୪୮ ଘଣ୍ଟାରୁ ଊର୍ଦ୍ଧ୍ୱକାଳ ଧରି ବନ୍ଦ ହୋଇପଡ଼ିଥିଲା । ଚଳିତ ଶତାବ୍ଦୀର ଓଡ଼ିଶାରେ ଘଟିଥିବା ପ୍ରାକୃତିକ ବିପର୍ଯ୍ୟୟର ଏଭଳି ଭୟଙ୍କର ଦୃଷ୍ଟାନ୍ତ କେବେହେଲେ ଦେଖିବାକୁ ମିଳିନଥିଲା ।

### ଘୂର୍ଣ୍ଣିବାତ୍ୟାର ବ୍ୟାପକତା

ଭୁବନେଶ୍ୱରସ୍ଥିତ ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଉତ୍ତର ଆଣ୍ଡାମାନ ସାଗରରେ ଏକ ଲଘୁଚାପ ସୃଷ୍ଟି ହୋଇଥିବା ପରିଲକ୍ଷିତ ହୋଇଥିଲା । ପରବର୍ତ୍ତୀ ସମୟରେ ଏହା ଚକ୍ରବାତ୍ୟାରେ ରୂପାନ୍ତରିତ ହୋଇ ୧/୨°-୧୩.୫° ଉତ୍ତର ଅକ୍ଷାଂଶ ଓ ୯୫°-ପୂର୍ବ ଦ୍ରାଘିମାରେ ପୋର୍ଟବ୍ଲେୟାରଠାରୁ ଉତ୍ତର ପୂର୍ବକୁ ପ୍ରାୟ ୩୫୦ କିଲୋମିଟର ଦୂରରେ କେନ୍ଦ୍ରୀଭୂତ ହୋଇଥିଲା । ଏହା ଆହୁରି ବଳବତ୍ତର ହୋଇ ଉତ୍ତରପୂର୍ବ ଆଡ଼କୁ ଗତିକରି ୧/୨° - ୧୪.୫° ଉତ୍ତର ଅକ୍ଷାଂଶ ଓ ୯୪° ପୂର୍ବଦ୍ରାଘିମାରେ କେନ୍ଦ୍ରୀଭୂତ ହୋଇଥିଲା । ଏହା ପରେ ଏହା ଉତ୍ତର ଦିଗକୁ ଗତିକରି ପ୍ରବଳ ଘୂର୍ଣ୍ଣିବାତ୍ୟାର ରୂପ ନେଇ ପାରାଦ୍ୱୀପଠାରୁ ପ୍ରାୟ ୮୦୦ କିଲୋମିଟର ଦକ୍ଷିଣ ପୂର୍ବରେ କେନ୍ଦ୍ରୀଭୂତ ହୋଇଥିଲା । ପରବର୍ତ୍ତୀ ସମୟରେ ଏହା ଅତିଶୟ ଶକ୍ତିଶାଳୀ ହୋଇ ସୁପର ସାଇକ୍ଲୋନରେ ରୂପାନ୍ତରିତ ହୋଇ କ୍ରମଶଃ ପଶ୍ଚିମ ଆଡ଼କୁ ଗତିକରି ପାରାଦ୍ୱୀପଠାରୁ ୨୫ କିଲୋମିଟର ଦକ୍ଷିଣ ପୂର୍ବରେ ୧/୨° - ୧୯.୯° ଉତ୍ତର ଅକ୍ଷାଂଶ ୮୬.୭° ପୂର୍ବ ଦ୍ରାଘିମା ମଧ୍ୟରେ କେନ୍ଦ୍ରୀଭୂତ ହୋଇଥିଲା । ଏହି ପ୍ରଳୟଙ୍କରୀ ଚକ୍ରବାତ୍ୟା ପାରାଦ୍ୱୀପଠାରେ ଉପକୂଳ ଲଙ୍ଘନ କରି କଟକ ନିକଟରେ ୨୯ ତାରିଖରୁ ୩୦ତାରିଖ ପୂର୍ବାହ୍ନ ପର୍ଯ୍ୟନ୍ତ ଗତି ନକରି ଅଟକି ରହିଥିଲା । ପ୍ରବଳ ଚକ୍ରବାତ୍ୟାର ପ୍ରବେଶ ସାଙ୍ଗକୁ ନିରବଚ୍ଛିନ୍ନ ବର୍ଷା ସମସ୍ତ ତଟବର୍ତ୍ତୀ ଜିଲ୍ଲା ସମୂହ ତଥା ନିର୍ଦ୍ଦିଷ୍ଟ ଭାବରେ ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲା ଏବଂ କଟକ ଓ ଭୁବନେଶ୍ୱର ସହରକୁ ଧ୍ୱସ୍ତ ବିଧ୍ୱସ୍ତ କରିଦେଇଥିଲା ।

### ଘୂର୍ଣ୍ଣିବାତ୍ୟା ସମ୍ପର୍କିତ ପୂର୍ବ ସୂଚନା ଏବଂ ସ୍ଥାନାନ୍ତରଣ

ଅକ୍ଟୋବର ୨୬ ତାରିଖ ଅପରାହ୍ନରେ ଏଭଳି ଚକ୍ରବାତ୍ୟାର ସମ୍ଭାବ୍ୟ ସୂଚନା ମିଳିବା କ୍ଷଣି ପ୍ରଭାବିତ ହେବାକୁ ଥିବା ଜିଲ୍ଲାଗୁଡ଼ିକର ଜିଲ୍ଲାପାଳମାନଙ୍କୁ ୱାୟରଲେସ୍, ଫ୍ୟାକ୍ସ ତଥା ବ୍ୟକ୍ତିଗତ ସମ୍ପର୍କ ମାଧ୍ୟମରେ ଏହି ସୂଚନା ଦିଆଯିବା ସହିତ ସତର୍କ କରାଇ ଦିଆଯାଇଥିଲା । ପ୍ରଥମରୁ ପରିସ୍ଥିତିର ମୁକାବିଲା ନିମନ୍ତେ ସମସ୍ତ ପ୍ରକାର ପ୍ରସ୍ତୁତି ସହିତ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ, ପୋଲିସକୁ ତଥା ଦୂରସଞ୍ଚାର କର୍ମଚାରୀଙ୍କୁ ସତର୍କ ରହିବା ନିମନ୍ତେ ନିର୍ଦ୍ଦେଶ ଦେବାକୁ ଏବଂ ପୋଲିସ ସଞ୍ଚାର ମାଧ୍ୟମକୁ ବିଶେଷ ଭାବରେ କାର୍ଯ୍ୟକ୍ଷମ ରଖିବାକୁ ଜିଲ୍ଲାପାଳମାନଙ୍କୁ କୁହାଯାଇଥିଲା । ନିମ୍ନାଞ୍ଚଳରୁ ଜନସାଧାରଣଙ୍କୁ ସ୍ଥାନାନ୍ତରିତ କରିବା ନିମନ୍ତେ ମଧ୍ୟ ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଅକ୍ଟୋବର ୨୭ ଓ ୨୮ ତାରିଖ ତମାମ ଜିଲ୍ଲାପାଳମାନଙ୍କୁ ଘୂର୍ଣ୍ଣିବାତ୍ୟାର ଗତିପଥ ସଂପର୍କରେ ସମୟାନୁକ୍ରମିକ ସୂଚନା ଦିଆଯାଇଥିଲା । ଅକ୍ଟୋବର ୨୮ ତାରିଖ ପୂର୍ବାହ୍ନରୁ ଆକାଶବାଣୀ ଓ ଦୂରଦର୍ଶନ ଜରିଆରେ ପ୍ରତି ଘଣ୍ଟାରେ ବାତ୍ୟା ସମ୍ପର୍କିତ ସତର୍କ ସୂଚନା ପ୍ରଚାରିତ କରାଯାଉଥିଲା ।

ଏହା ବିଶେଷ ସମାଚାର ମାଧ୍ୟମରେ ତଥା ତଟବର୍ତ୍ତୀ ଜିଲ୍ଲାମାନଙ୍କରେ ସ୍ଥାନୀୟ ଭାବରେ ଡ଼ାକବାଜି ଯନ୍ତ୍ର ମାଧ୍ୟମରେ ବହୁଳ ପ୍ରଚାର କରାଯାଇଥିଲା । ଆଭ୍ୟନ୍ତରୀଣ ଏବଂ ସହରାଞ୍ଚଳର କଚ୍ଚା ଘରମାନଙ୍କରେ ରହୁଥିବା ଲୋକଙ୍କୁ ମଧ ପକ୍କା ଆଶ୍ରୟସ୍ଥଳୀମାନଙ୍କୁ ଚାଲିଯିବା ନିମନ୍ତେ ଅନୁରୋଧ କରାଯାଇଥିଲା । ଫଳତଃ ପୁରୀ, ଭଦ୍ରକ, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ବାଲେଶ୍ୱର ଜିଲ୍ଲାର ପ୍ରାୟ ୧,୫୦,୦୦୦ ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇପାରିଥିଲା । ଅକ୍ଟୋବର ୨୮ ତାରିଖ ସନ୍ଧ୍ୟାରେ ରାଜ୍ୟମନ୍ତ୍ରିମଣ୍ଡଳର ଏକ ଆପଦକାଳୀନ ବୈଠକ ବସି ବିପର୍ଯ୍ୟୟ ପ୍ରସ୍ତୁତି ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ଅକ୍ଟୋବର ୨୯ ତାରିଖ ପୂର୍ବାହ୍ନ ୭.୩୦ ପରେ ଜିଲ୍ଲାଗୁଡ଼ିକ ସହିତ ରାଜ୍ୟ ରାଜଧାନୀର ସଞ୍ଚାର ମାଧ୍ୟମଗୁଡ଼ିକ ସମ୍ପୂର୍ଣ୍ଣଭାବରେ ବିଚ୍ଛିନ୍ନ ହୋଇପଡ଼ିବା ଫଳରେ ଏହା ପରେ ପରିସ୍ଥିତିକୁ ତଦାରଖ କରିବା ଆଉ ସମ୍ଭବପର ହୋଇନଥିଲା ।

**ପ୍ରଭାବିତ ଅଞ୍ଚଳ**

୧୨ଟି ଜିଲ୍ଲାର ୯୭ଟି ବ୍ଲକ ଓ ରାଜ୍ୟ ରାଜଧାନୀ ଭୁବନେଶ୍ୱର ତଥା ପ୍ରାଚୀନ ସହର କଟକ ସମେତ ୨୮ଟି ପୌରାଞ୍ଚଳର ପ୍ରାୟ ୧ କୋଟି ୩୦ ଲକ୍ଷ ଲୋକ ଏହି ପ୍ରଳୟଙ୍କରୀ ଚକ୍ରବାତ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି । ଖୋର୍ଦ୍ଧା, ପୁରୀ, କଟକ, ଜଗତସିଂହପୁର ଓ କେନ୍ଦ୍ରାପଡ଼ା, ଢେଙ୍କାନାଳ, ନୟାଗଡ଼ ଭଳି କୃଷି ସମୃଦ୍ଧ ଜିଲ୍ଲାଗୁଡ଼ିକ ଚକ୍ରବାତ୍ୟା ଯୋଗୁଁ ବ୍ୟାପକ କ୍ଷତି ସହିଥିଲା ବେଳେ ଯାଜପୁର, କେନ୍ଦୁଝର, ବାଲେଶ୍ୱର ଏବଂ ମୟୂରଭଞ୍ଜ ଭଳି ଜିଲ୍ଲାଗୁଡ଼ିକ ମଧ ଅଭୂତପୂର୍ବ ବନ୍ୟା ଯୋଗୁଁ ଭୀଷଣଭାବରେ କ୍ଷତିଗ୍ରସ୍ତ ହୋଇଥିଲେ ।

**ଜୀବନହାନୀ**

ଡ଼ିସେମ୍ବର ୬ ତାରିଖ ସୁଦ୍ଧା ମିଳିଥିବା ତଥ୍ୟ ଅନୁଯାୟୀ ଏହି ବାତ୍ୟାରେ କେବଳ ଜଗତସିଂହପୁର ଜିଲ୍ଲାରୁ ୮୧୧୯ ଜଣଙ୍କ ସମେତ ସର୍ବମୋଟ ୯୮୮୫ ଜଣଙ୍କ ପ୍ରାଣହାନୀ ଘଟିଛି । ଏହା ବ୍ୟତୀତ ୪୦ ଜଣ ବ୍ୟକ୍ତି ନିଖୋଜ ଥିବା ବେଳେ ୨୫୦୭ ଜଣ ଆହତ ହୋଇଥିବାର ଖବର ମିଳିଅଛି ।

**ପଶୁସମ୍ପଦର କ୍ଷୟକ୍ଷତି**

ପଶୁପାଳନ ସେବା ନିର୍ଦ୍ଦେଶକଙ୍କ ସର୍ବଶେଷ ରିପୋର୍ଟ ଅନୁଯାୟୀ (୬.୧୨.୯୯ ପର୍ଯ୍ୟନ୍ତ) ୩୧୫୮୮୬ ସଂଖ୍ୟକ ଗାଈଗୋରୁ, ୩୧୬୩୭୨ ସଂଖ୍ୟକ ଛୋଟ ଜୀବଜନ୍ତୁ (ଛେଳି, ମେଣ୍ଢା, ଘୁଷୁରୀ ଇତ୍ୟାଦି) ଏବଂ ୧୮୮୩୪୬୮ ସଂଖ୍ୟକ କୁକୁଡ଼ା ମୃତ୍ୟୁ ମୁଖରେ ପଡ଼ିଛନ୍ତି ।

**ବାସଗୃହର କ୍ଷୟକ୍ଷତି**

ଜିଲ୍ଲାପାଳମାନଙ୍କଠାରୁ ଏପର୍ଯ୍ୟନ୍ତ ମିଳିଥିବା ତଥ୍ୟ ଅନୁଯାୟୀ ଏହି ବାତ୍ୟା ଏବଂ ତଦ୍‌ଜନିତ ବନ୍ୟା ଯୋଗୁଁ ୧୬୫୦୦୮୬ ସଂଖ୍ୟକ କଚ୍ଚା ଏବଂ ପକ୍କାଗୃହ ନଷ୍ଟ ହୋଇଯାଇଛି । ନିଜସ୍ୱ ବାସଗୃହ ବ୍ୟତୀତ ବହୁ ସରକାରୀ କାର୍ଯ୍ୟାଳୟ, ସରକାରୀ ବାସଗୃହ ତଥା ଛୋଟ ଏବଂ ବଡ଼ ଔଦ୍ୟୋଗିକ ଗୃହ ମଧ କ୍ଷତିଗ୍ରସ୍ତ ହୋଇଅଛି ।

**କୃଷି ବିଭାଗ ଓ ଫସଲହାନୀ :**

ପ୍ରବଳ ବାତ୍ୟା ସମୟରେ ପବନର ବେଗ ଘଣ୍ଟାପ୍ରତି ୨୭୦ ରୁ ୩୦୦ କି.ମି. ଥିବା ବେଳେ ଏବଂ ୪୪୭ ମିଲିମିଟରରୁ ୯୫୫ ମିଲିମିଟର ପର୍ଯ୍ୟନ୍ତ ୪ ଦିନ ଯାଏ ନିରବଚ୍ଛିନ୍ନ ବର୍ଷା ଏବଂ ସମୁଦ୍ରର ଲୁଣିପାଣି ମାଡ଼ି ଆସିବା ଫଳରେ ସମସ୍ତ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକର ଚଳିତ ବର୍ଷର ଧାନଫସଲ ବିଶେଷଭାବେ କ୍ଷତିଗ୍ରସ୍ତ ହୋଇଅଛି । ଅଟକଳରୁ ଜଣାଯାଏ ଯେ ୧୨ଟି ଜିଲ୍ଲାର ୧୩ ଲକ୍ଷ ହେକ୍ଟର ଖରିଫ ଧାନ ଫସଲ, ୨.୫୭ଲକ୍ଷ ହେକ୍ଟର ଅନ୍ୟାନ୍ୟ ଫସଲ ଏବଂ ୧.୭୬ ଲକ୍ଷ ହେକ୍ଟର ପନିପରିବା ଓ ଫଳଚାଷର କ୍ଷତି ଘଟିଛି । ଏ ସମ୍ପର୍କିତ ସମ୍ପୂର୍ଣ୍ଣ କ୍ଷୟକ୍ଷତିର ମୂଲ୍ୟ ପ୍ରାୟ ୧୭୩୩ କୋଟି ଟଙ୍କା ହେବାର ମୂଲ୍ୟାଙ୍କନ କରାଯାଇଛି ।

**ଶକ୍ତି ବିଭାଗ**

ଏହି ପ୍ରଳୟଙ୍କରୀ ବାତ୍ୟା ଫଳରେ ୧୭୦୩୨ ଟି ଗ୍ରାମର ବିଦ୍ୟୁତ ସରବରାହ ବିଶେଷ ଭାବରେ କ୍ଷତିଗ୍ରସ୍ତ ହୋଇଅଛି । ଏହା ବ୍ୟତୀତ ୨୩୨/୨୨୦ କେ.ଭି. ବିଦ୍ୟୁତ ସରବରାହ ଲାଇନର ପ୍ରଭୁତ କ୍ଷତି ଘଟିଥିବାର ଜଣାପଡ଼ିଛି । ଚକ୍ରବାତ୍ୟା ପୂର୍ବବର୍ତ୍ତୀ ସମୟରେ ସର୍ବୋଚ୍ଚ (Peak Load) ୧୬୨୦ ମେଗାୱାଟ ଏବଂ ହାରାହାରି ଭାର (Average Load) ୧୨୧୪ ମେଗାୱାଟ ଥିଲାବେଳେ ବାତ୍ୟା ପରବର୍ତ୍ତୀ ସମୟରେ ଏହାର ସର୍ବୋଚ୍ଚ ଭାର ୯୦୯ ମେଗାୱାଟ ଏବଂ ହାରାହାରି ଭାର ୭୨୦ ମେଗାୱାଟକୁ ଖସିଆସିଥିଲା । ଏହି କ୍ଷତିର ଭରଣା ନିମନ୍ତେ ପ୍ରାୟ ୪୦୦ କୋଟି ଟଙ୍କାର ଆବଶ୍ୟକତା ଥିବାର ପ୍ରାଥମିକଭାବେ ଜଣାପଡ଼ିଅଛି । ଇତିମଧ୍ୟରେ ଜଗତସିଂହପୁର ଜିଲ୍ଲାର ଏରସମା ଓ ନାଉଗାଁ ବ୍ଲକ ବ୍ୟତୀତ ଅନ୍ୟ ସବୁ କ୍ଷତିଗ୍ରସ୍ତ ଜିଲ୍ଲାର ବ୍ଲକ ସଦର ମହକୁମା ଓ ପୌରାଞ୍ଚଳ ସମେତ ମୋଟ ୧୨୩୯୭ଟି ଗ୍ରାମକୁ ବିଦ୍ୟୁତ ପୁନଃ ସଂଯୋଗ କରାଯାଇ ପାରିଛି ।

**ଶିକ୍ଷା ବିଭାଗ**

ପ୍ରଳୟଙ୍କରୀ ବାତ୍ୟା ଓ ବନ୍ୟା ଫଳରେ ପ୍ରଭାବିତ ଜିଲ୍ଲାଗୁଡ଼ିକରେ ଥିବା ମହାବିଦ୍ୟାଳୟ, ବିଦ୍ୟାଳୟ ଓ ପ୍ରାଥମିକ ବିଦ୍ୟାଳୟର ପ୍ରଭୁତ କ୍ଷତି ଘଟିଛି । ଏହି ବାତ୍ୟା ଓ ବନ୍ୟା ଦ୍ୱାରା ଉତ୍କଳ ବିଶ୍ୱବିଦ୍ୟାଳୟ, ଜଗନ୍ନାଥ ସଂସ୍କୃତି ବିଶ୍ୱବିଦ୍ୟାଳୟ, ୧୩ଟି ସରକାରୀ ମହାବିଦ୍ୟାଳୟ, ୫୩ଟି ବେସରକାରୀ ମହାବିଦ୍ୟାଳୟ, ୩୪୨୫ ଟି ଉଚ୍ଚ ବିଦ୍ୟାଳୟ ଏବଂ ୧୪୯୦୧ଟି ପ୍ରାଥମିକ ବିଦ୍ୟାଳୟ ବିଶେଷ ଭାବରେ କ୍ଷତିଗ୍ରସ୍ତ ହୋଇଅଛି । ଏତଦ୍ ବ୍ୟତୀତ ପ୍ରଭାବିତ ଜିଲ୍ଲାମାନଙ୍କର ଅଧିକାଂଶ ଛାତ୍ରଛାତ୍ରୀଙ୍କର ପୁସ୍ତକ, ଲିଖନ ଓ ପଠନ ସାମଗ୍ରୀ ନଷ୍ଟ ହୋଇଯାଇଛି । ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟଗୁଡ଼ିକର ମରାମତି ଓ ପୁନଃ ନିର୍ମାଣ ନିମନ୍ତେ ୬୬.୨୪କୋଟି ଟଙ୍କାର ଆବଶ୍ୟକତାଥିବା ସ୍ଥଳେ ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟଗୁଡ଼ିକର ମରାମତି, ପୁନଃ ନିର୍ମାଣ ତଥା ପୁସ୍ତକ, ଲିଖନ ଓ ପଠନ ସାମଗ୍ରୀ ଇତ୍ୟାଦି ବାବଦକୁ ୧୦୨୪.୨୧ କୋଟି ଟଙ୍କାର ଆବଶ୍ୟକତା ଥିବାର ଆକଳନ କରାଯାଇଛି ।

**ଗ୍ରାମ୍ୟ ଉନ୍ନୟନ ବିଭାଗ**

ପ୍ରବଳ ବାତ୍ୟା, ବନ୍ୟା ଏବଂ ତଟବର୍ତ୍ତୀ ଅଞ୍ଚଳରେ ଲୁଣିପାଣି ମାଡ଼ିଯିବା ଦ୍ୱାରା ଗ୍ରାମ୍ୟଉନ୍ନୟନ ବିଭାଗର ୧୨,୦୦୦ କି.ମି. ରାସ୍ତା

ଏବଂ ୧୪୭୪ଟି ପୋଲ (C.D. Works) ବିଶେଷଭାବରେ କ୍ଷତିଗ୍ରସ୍ତ ହୋଇଅଛି । ଏତଦ୍‌ବ୍ୟତୀତ ୭୦୨୦ଟି ବିଭିନ୍ନ ସରକାରୀ କୋଠାବାଡ଼ି କ୍ଷତିଗ୍ରସ୍ତ ହୋଇଅଛି ।

**ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ :**

ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ ଓ ଖୋର୍ଦ୍ଧା ଜିଲ୍ଲାରେ ପ୍ରଳୟଙ୍କରୀ ବାତ୍ୟା ଓ ବନ୍ୟା ଯୋଗୁଁ ୨୫୮୮୯ଟି ମତ୍ସ୍ୟଜୀବୀ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି । ୧୫୩ଟି ସରକାରୀ ବାସଗୃହ, ୨ଟି ମାଛଧରା ପୋତାଶ୍ରୟ ଏବଂ ୧୯ଟି ଜେଟି କ୍ଷତିଗ୍ରସ୍ତ ହୋଇଅଛି । ଏତଦ୍ ବ୍ୟତୀତ ପାରମ୍ପରିକ ମତ୍ସ୍ୟଜୀବିମାନଙ୍କର ୯୦୮୫ ଟି ମାଛଧରା ଡଙ୍ଗା ସମ୍ପୂର୍ଣ୍ଣ ଓ ଆଂଶିକ ଭାବରେ ଭାଙ୍ଗିଯାଇଅଛି ଏବଂ ୨୨୧୪୩ଟି ଜାଲ ନଷ୍ଟ ହୋଇଥିବାର ଜଣାପଡ଼ିଛି । ଏହା ଗରିବ ମତ୍ସ୍ୟଜୀବିମାନଙ୍କର ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଇଛି । ପ୍ରତ୍ୟେକ ଗ୍ରାମୀଣ ପରିବାର କୃଷି ଭିନ୍ନ ଅତିରିକ୍ତ ଆୟ ନିମନ୍ତେ ପଶୁ ସମ୍ପଦ ଉପରେ ନିର୍ଭର କରନ୍ତି । ବାତ୍ୟା ଓ ବନ୍ୟା ଯୋଗୁଁ ଗାଈ, ଗୋରୁ ଏବଂ କୁକୁଡ଼ାମାନଙ୍କର ବ୍ୟାପକ ମୃତ୍ୟୁ ହେବା ଫଳରେ ଗ୍ରାମୀଣ ଅର୍ଥନୀତିକୁ ଏହା ପ୍ରଭାବିତ କରିଛି ।

**ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ**

ଭୁବନେଶ୍ୱର ଓ କଟକର ପୌର ନିଗମ ସମେତ ୧୨ଟି ଜିଲ୍ଲାର ୨୮ଟି ପୌରସଂସ୍ଥା, ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ବୋର୍ଡ଼ ଏବଂ ଓଡ଼ିଶା ଜଳ ଯୋଗାଣ ନିଷ୍କାସନ ବୋର୍ଡ଼ ବାତ୍ୟା ଯୋଗୁଁ କ୍ଷତି ସହିଥିବା ବେଳେ ପୌରାଞ୍ଚଳଗୁଡ଼ିକର ସଡ଼କ, ନାଳ, ବିଦ୍ୟୁତ ସଂସ୍ଥାପନ, ପାନୀୟ ଜଳଯୋଗାଣ ବ୍ୟବସ୍ଥା, ବିଦ୍ୟାଳୟ ଗୃହ ଏବଂ ଅନ୍ୟାନ୍ୟ ପୌର ସମ୍ପତ୍ତିର ପ୍ରଭୂତ କ୍ଷତି ଘଟିଅଛି । ଏହାର ମରାମତି ଓ ପୁନଃ ସ୍ଥାପନ ନିମନ୍ତେ ୨୨୮.୭୪ କୋଟି ଟଙ୍କାର ଆବଶ୍ୟକତା ପଡୁଅଛି । ଏତଦ୍ ବ୍ୟତୀତ ହୁଡ୍‌କୋ ସଂସ୍ଥା ସହାୟତାରେ ବାତ୍ୟା ନିରୋଧକ ଗୃହ ନିର୍ମାଣ ଯୋଜନା ଜରିଆରେ ୧୦ ଲକ୍ଷ ବାସଗୃହ ନିର୍ମାଣ କରାଯିବା ନିମନ୍ତେ ବ୍ୟବସ୍ଥା କରାଯାଉଛି । ଏଥି ନିମନ୍ତେ ସବସିଡ଼ି ବାବଦକୁ ୧୦୦୦କୋଟି ଟଙ୍କାର କେନ୍ଦ୍ରୀୟ ସହାୟତା ନିମନ୍ତେ ପ୍ରସ୍ତାବ ଦିଆଯାଉଛି ।

**ନିର୍ମାଣ ବିଭାଗ**

ଜାତୀୟ ରାଜପଥ ନଂ.୫ ରେ ସୋରୋ ନିକଟରେ ଏକ ବଡ଼ ଘାଇ ହୋଇଥିବା ବେଳେ ୪୪୪ଟି ସଡ଼କ କ୍ଷତିଗ୍ରସ୍ତ ହୋଇଅଛି । ରାଜ୍ୟ ଭିତର ଦେଇ ଯାଇଥିବା ୧୧ ଟି ଜାତୀୟ ରାଜପଥ ପ୍ରବଳ ବର୍ଷା ଓ ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ହୋଇଅଛି । ଏତଦ୍ ବ୍ୟତୀତ ୧୮୦୫୯ ଟି କୋଠାବାଡ଼ିର ବହୁଳ କ୍ଷତି ଘଟିଛି ।

**ଜଳ ସମ୍ପଦ ବିଭାଗ**

ପ୍ରଳୟଙ୍କରୀ ଚକ୍ରବାତ୍ୟା, ବନ୍ୟା ଏବଂ ବୃଷ୍ଟିପାତ ଫଳରେ ନଦୀବନ୍ଧଗୁଡ଼ିକରେ ୨୦୦୫ଟି ଘାଇ ସୃଷ୍ଟି ହୋଇଅଛି । ଏତଦ୍ ବ୍ୟତୀତ କେନାଲ ବନ୍ଧଗୁଡ଼ିକରେ ୮୬୪୭ଟି ଫାଟ ସୃଷ୍ଟି ହୋଇଅଛି । ୪୫୪ଟି ସରକାରୀ ଘର ସମ୍ପୂର୍ଣ୍ଣ ବା ଆଂଶିକଭାବରେ ଭାଙ୍ଗିପଡ଼ିଥିବାବେଳେ ୬ଟି ନଦୀବନ୍ଧର ମୁଖ୍ୟ ଆଧାରରେ ତ୍ରୁଟି ପରିଲକ୍ଷିତ ହୋଇଅଛି ।

ଖୋର୍ଦ୍ଧା, କଟକ, ଯାଜପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, ଢେଙ୍କାନାଳ ଏବଂ କେନ୍ଦୁଝର ଜିଲ୍ଲାରେ ୪୨୨ଟି କ୍ଷୁଦ୍ର ଜଳସେଚନ ଯୋଜନା ବିଶେଷଭାବେ କ୍ଷତିଗ୍ରସ୍ତ ହୋଇଅଛି । ଏହା ବ୍ୟତୀତ ୩୧ଟି ବନ୍ଧରେ ଘାଇ ସୃଷ୍ଟି ହୋଇଅଛି ।

ଏହି ବାତ୍ୟା ଓ ବନ୍ୟାରେ ପ୍ରଭାବିତ ହୋଇଥିବା ୧୨ଟି ଜିଲ୍ଲାର ୫୬୩୬ଟି ଉଠାଜଳସେଚନ ପ୍ରକଳ୍ପ କ୍ଷତିଗ୍ରସ୍ତ ହୋଇଥିବା ବେଳେ ବୃହତ୍ ଯୋଜନାଗୁଡ଼ିକର ଜଳ ବଣ୍ଟନ ପ୍ରଣାଳୀଗୁଡ଼ିକ ନଷ୍ଟ ହୋଇଯାଇଥିବାରୁ ଏହାର ଆଶୁ ମରାମତିର ଆବଶ୍ୟକତା ରହିଅଛି ।

**ପଞ୍ଚାୟତିରାଜ ବିଭାଗ**

ପ୍ରଳୟଙ୍କରୀ ବନ୍ୟା, ବର୍ଷା ଓ ଲୁଣିପାଣି ମାଡ଼ିଯିବା ଫଳରେ ଗ୍ରାମପଞ୍ଚାୟତ ଓ ପଞ୍ଚାୟତ ସମିତି ରାସ୍ତା, ପ୍ରାଥମିକ ବିଦ୍ୟାଳୟ ଗୃହ, ପୋଖରୀ, କ୍ଷୁଦ୍ର ଜଳସେଚନ ଯୋଜନା, କୂପ, ଗ୍ରାମଉନ୍ନୟନ ସଂସ୍ଥା ଦ୍ୱାରା ନିଆଯାଇଥିବା ବୃକ୍ଷରୋପଣ କାର୍ଯ୍ୟକ୍ରମର ବ୍ୟାପକ କ୍ଷତି ଘଟିଛି ।

ଏତଦ୍ ବ୍ୟତୀତ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଜଙ୍ଗଲ ଓ ପରିବେଶ ବିଭାଗ, ସାଧାରଣ ପ୍ରଶାସନ ବିଭାଗ, ବୟନ ଓ ହସ୍ତତନ୍ତ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଗୃହ ବିଭାଗ, ଶିଳ୍ପ ବିଭାଗ, ଇସ୍ପାତ ଓ ଖଣି ବିଭାଗ ଓ ଅନ୍ୟାନ୍ୟ ସରକାରୀ ବିଭାଗ ଅଧୀନରେ ଥିବା ସମ୍ପତ୍ତିର ପ୍ରଭୂତ କ୍ଷତି ଘଟିଛି । ପାରାଦ୍ୱୀପ ଓ ଧାମରା ବନ୍ଦର ସଂସ୍ଥାପନଗୁଡ଼ିକର କ୍ଷତି ହୋଇଥିବା ବେଳେ ଆଭ୍ୟନ୍ତରୀଣ ଜଳପଥ ପରିବହନ ସଂସ୍ଥାର ଶକ୍ତି ଚାଳିତ ଡ଼ଙ୍ଗାଗୁଡ଼ିକର ମଧ୍ୟ କ୍ଷତି ହୋଇଥିବାର ବିବରଣୀ ମିଳିଅଛି ।

**ଉଦ୍ଧାର, ସହାୟତା ଓ ପୁନର୍ବାସ୍ଥାନ କାର୍ଯ୍ୟକ୍ରମ**

**ତତ୍କାଳୀନ ସହାୟତା :** ଅଭୂତପୂର୍ବ ବାତ୍ୟା ଏବଂ ବନ୍ୟା ଯୋଗୁଁ ପ୍ରପୀଡ଼ିତ ହୋଇଥିବା ଲୋକମାନଙ୍କୁ ତତ୍କାଳ ରିଲିଫ୍ ପ୍ରଦାନ ନିମନ୍ତେ ପ୍ରଭାବିତ ଜିଲ୍ଲାପାଳମାନଙ୍କୁ ପ୍ରାଥମିକ ଭାବେ ୧୫ ଦିନ ନିମନ୍ତେ ଜରୁରୀ ସହାୟତା ଏବଂ ମାଗଣା ରନ୍ଧା ଖାଦ୍ୟ ବିତରଣ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଏଥି ନିମନ୍ତେ NAFED ସଂସ୍ଥାରୁ ୨୦୦୦ ମେଟ୍ରିକ୍ ଟନ୍ ଡ଼ାଲି ଏବଂ ୬.୧୨.୯୯ ସୁଦ୍ଧା ୪୬୨୧୫.୫୮ ମେଟ୍ରିକ ଟନ୍ ଚାଉଳ ଯୋଗାଇ ଦିଆଯାଇଥିଲା । ପରବର୍ତ୍ତୀ ସମୟରେ ଦୁରବସ୍ଥାରେ ଥିବା ଲୋକମାନଙ୍କୁ ଆବଶ୍ୟକ ସ୍ଥଳେ ରନ୍ଧା ଖାଦ୍ୟ ଯୋଗାଣ ଚାଲୁ ରଖିବା ପାଇଁ ପ୍ରଭାବିତ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ଜଣାଇ ଦିଆଯାଇଛି । ଏତଦ୍ ବ୍ୟତୀତ ୨୦୨୦ ଟ୍ରକ ଚୂଡ଼ା, ଗୁଡ଼, ବିସ୍କୁଟ, ଦିଆସିଲି, ମହମବତୀ ଓ ଅନ୍ୟାନ୍ୟ ନିତ୍ୟବ୍ୟବହାର୍ଯ୍ୟ ପଦାର୍ଥ ସେହି ଅଞ୍ଚଳକୁ ପଠାଯାଇଛି ।

**ପୋଷାକପତ୍ର ଓ ପଲିଥିନ୍ ରୋଲ ବିତରଣ :**

ପ୍ରଭାବିତ ଜିଲ୍ଲାଗୁଡ଼ିକରେ ବାତ୍ୟା ଓ ବନ୍ୟାକ୍ଲିଷ୍ଟ ଲୋକମାନଙ୍କ ମଧ୍ୟରେ ତା ୬.୧୨.୯୯ ରିଖ ସୁଦ୍ଧା ୨୬୦୪୭୮୬ ଯୋଡ଼ ପୋଷାକ, ୧୦୨୦୦୮ ଟି କମ୍ବଳ, ୨୦୨୫୯୦୫ ଟି ଧୋତି ଓ ଶାଢ଼ୀ, ୮୩୮୫୦ଟି ବିଛଣା ଚଦର ଓ ୭୧୨୪୫ଟି ବାସନକୁସନ ବିତରଣ କରାଯାଇଅଛି । ଏହା ବ୍ୟତୀତ ଅସ୍ଥାୟୀ ଆଶ୍ରୟସ୍ଥଳ ନିର୍ମାଣ ନିମନ୍ତେ ଏହି ଜିଲ୍ଲାମାନଙ୍କର ୭୪୩୦୭୭ ଜଣ ପରିବାରଙ୍କ ପାଇଁ ପଲିଥିନ୍ ଓ ପଲିଥିନ୍ ଜାତୀୟ ଉପକରଣ ଯୋଗାଇ ଦିଆଯାଇଅଛି ।

ଉପରୋକ୍ତ ଜିଲ୍ଲାଗୁଡ଼ିକରେ କ୍ଷତିଗ୍ରସ୍ତ ପରିବାରମାନଙ୍କର ଅସ୍ଥାୟୀ ଆଶ୍ରୟ ପାଇଁ ଅଧିକ ପଲିଥିନର ଆବଶ୍ୟକତା ପଡୁଥିବାରୁ ଏହା ସେମାନଙ୍କୁ ଶୀଘ୍ର ଯୋଗାଇ ଦେବା ନିମନ୍ତେ ପଦକ୍ଷେପ ନିଆଯାଇଅଛି ।

### ଆକାଶମାର୍ଗରୁ ରିଲିଫ୍ ସହାୟତା

ପ୍ରଳୟଙ୍କରୀ ବାତ୍ୟା ଏବଂ ବନ୍ୟା ଯୋଗୁଁ ପାଣିଘେରରେ ଥିବା ଲୋକମାନଙ୍କୁ ସ୍ଥଳପଥରେ ଖାଦ୍ୟ ଏବଂ ଅନ୍ୟାନ୍ୟ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଯୋଗାଇଦେବା ସମ୍ଭବ ହୋଇପାରି ନଥିବାରୁ ହେଲିକପ୍ଟର ଯୋଗେ ସେମାନଙ୍କ ନିକଟରେ ରନ୍ଧା ଖାଦ୍ୟ, ଚୁଡ଼ା, ଗୁଡ଼ ଏବଂ ଅନ୍ୟାନ୍ୟ ସାମଗ୍ରୀ ପହଞ୍ଚାଯାଇଥିଲା । ଏଥି ନିମନ୍ତେ ୮ଟି ସେନାବାହିନୀ ହେଲିକପ୍ଟର ଦ୍ୱାରା ୨୫୫ ଥରରେ ୬୩୯.୫୪ ମେଟ୍ରିକ ଟନ୍ ଖାଦ୍ୟ ପୁଡ଼ିଆ ଯୋଗାଇ ଦିଆଯାଇଥିଲା ।

### ଗୃହ ନିର୍ମାଣ ସହାୟତା

ପ୍ରାଥମିକ ଅଟକଳ ଅନୁଯାୟୀ ପ୍ରଭାବିତ ଜିଲ୍ଲାଗୁଡ଼ିକରେ ୧୬.୫୦୦୮୬ ବାସଗୃହ ଭାସିଯାଇଥିବା, ସମ୍ପୂର୍ଣ୍ଣଭାବେ ଭୁଷୁଡ଼ି ପଡ଼ିଥିବା ଏବଂ ଆଂଶିକ ଭାବେ ନଷ୍ଟ ହୋଇଥିବା ଜଣାପଡ଼ିଛି । ଓଡ଼ିଶା ରିଲିଫ୍ କୋଡ଼୍‌ର ପ୍ରାବଧାନ ଅନୁଯାୟୀ ସମ୍ପୂର୍ଣ୍ଣ ଭାବେ ଭାସିଯାଇଥିବା, ସମ୍ପୂର୍ଣ୍ଣଭାବେ ଭୁଷୁଡ଼ି ପଡ଼ିଥିବା ଏବଂ ଆଂଶିକ ଭାବେ ଭୁଷୁଡ଼ି ପଡ଼ିଥିବା ବାସଗୃହ ନିମନ୍ତେ ଯଥାକ୍ରମେ ୩୫୦୦ ଟଙ୍କା, ୨୦୦୦ ଟଙ୍କା ଏବଂ ୧୦୦୦ ଟଙ୍କାର ସହାୟତା ଦେବାର ବ୍ୟବସ୍ଥା ଅଛି । ପ୍ରଭାବିତ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ଏପର୍ଯ୍ୟନ୍ତ ୮୯.୫୦ କୋଟି ଟଙ୍କା ଏଥି ନିମନ୍ତେ ନ୍ୟସ୍ତ କରାଯାଇ ଏହା କ୍ଷତିଗ୍ରସ୍ତ ଲୋକମାନଙ୍କୁ ବଣ୍ଟନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

### ଯୋଗାଯୋଗ ବ୍ୟବସ୍ଥାର ପୁନଃ ସ୍ଥାପନ

ପ୍ରଳୟଙ୍କରୀ ବାତ୍ୟା ଓ ବନ୍ୟା ଯୋଗୁଁ ଜାତୀୟ ରାଜପଥ ଏବଂ ରାଜ୍ୟର ଅନ୍ୟାନ୍ୟ ରାସ୍ତାଗୁଡ଼ିକରେ ଘାଇ ହେବା ସହିତ ପ୍ରଭାବିତ ଅଞ୍ଚଳର ଅଧିକାଂଶ ବୃକ୍ଷ ଉପୁଡ଼ି ପଡ଼ିଥିବାରୁ ଗମନାଗମନ ପଥ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇ ଯାଇଥିଲା । ଯୁଦ୍ଧକାଳୀନ ଭିତ୍ତିରେ ନିର୍ମାଣ ବିଭାଗ, ଭାରତୀୟ ସେନା ଏବଂ ପଡ଼ୋଶୀ ରାଜ୍ୟର ବୈଷୟିକ କର୍ମଚାରୀଙ୍କ ସହାୟତାରେ ଭୁବନେଶ୍ୱର, କଟକ ସମେତ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ଯାଜପୁର, ପୁରୀ ଏବଂ ଅନ୍ୟାନ୍ୟ ଜିଲ୍ଲାର ସଦରମହକୁମା ତଥା ପାରାଦ୍ୱୀପକୁ ସଡ଼କ ଯୋଗାଯୋଗ ପୁନଃସ୍ଥାପନ କରାଯାଇଥିଲା । ଜାତୀୟ ରାଜପଥ ନଂ. ୫ ରେ ଥିବା ଘାଇକୁ ଯାତାୟତ ଉପଯୋଗୀ କରାଯାଇପାରିଥିଲା ।

### ବିଦ୍ୟୁତ ଯୋଗାଣ

ପ୍ରଭାବିତ ଜିଲ୍ଲାଗୁଡ଼ିକର ୧୭୦୩୨ ଗ୍ରାମର ବିଦ୍ୟୁତ ସରବରାହ ବିଚ୍ଛିନ୍ନ ହୋଇଥିଲା । ଭୁବନେଶ୍ୱର ଏବଂ କଟକରେ ଯୁଦ୍ଧକାଳୀନ ଭିତ୍ତିରେ ବିଦ୍ୟୁତ ସଂଯୋଗ ପୁନଃସ୍ଥାପନ ପାଇଁ ପର୍ଯ୍ୟାୟ କ୍ରମେ ଏକ ସପ୍ତାହ ମଧ୍ୟରେ ସମସ୍ତ ଅଞ୍ଚଳକୁ ବିଦ୍ୟୁତ ସଂଯୋଗ ଦିଆଯାଇପାରିଥିଲା । ଏହାବ୍ୟତୀତ ୨୩୨/୨୨୦ କେ.ଭି. ଲାଇନ ମରାମତି କରାଯାଇ ରାଜ୍ୟର ଗ୍ରିଡ୍ ସବ୍ ଷ୍ଟେସନକୁ ଗତ ତା ୧୪.୧୧.୯୯ ରିଖ ଠାରୁ ବିଦ୍ୟୁତ୍ ଯୋଗାଇ ଦିଆଯାଇଛି । ସର୍ବାଧିକ କ୍ଷତିଗ୍ରସ୍ତ ୫ଟି ଜିଲ୍ଲା ଯଥା ଜଗତସିଂହପୁର, କେନ୍ଦ୍ରାପଡ଼ା, କଟକ, ପୁରୀ ଓ ଖୋର୍ଦ୍ଧା ଜିଲ୍ଲାର ମୋଟ ୫୯ ଟି ବ୍ଲକ ମଧ୍ୟରୁ ୫୭ଟି ବ୍ଲକ ସଦର ମହକୁମା ବିଦ୍ୟୁତ ସଂଯୋଗ କରାଯାଇପାରିଛି । ଡିସେମ୍ବର ୧୫ ସୁଦ୍ଧା ଅବଶିଷ୍ଟ ଅଞ୍ଚଳରେ ବିଦ୍ୟୁତ୍ ସଂଯୋଗ ସ୍ଥାପନ ନିମନ୍ତେ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି ।

### ପାନୀୟଜଳ ଯୋଗାଣ

ବାତ୍ୟା ଓ ବନ୍ୟା ବିଧ୍ୱସ୍ତ ଅଞ୍ଚଳର ୩୯୯୮୫ଟି କୂପ ଏବଂ ନଳକୂପକୁ ମରାମତି ଏବଂ ବିଶୋଧନ କରାଯାଇପାରିଛି । ଜଗତସିଂହପୁର ଜିଲ୍ଲାରେ ୧୮ଟି ଏବଂ ପୁରୀ ଜିଲ୍ଲାର ୨ଟି ପାଣିପୋତ (Water Tanker) ନିୟୋଜନ କରାଯାଇ ବାତ୍ୟାକ୍ଳିଷ୍ଟ ଲୋକଙ୍କୁ ପାନୀୟ ଜଳଯୋଗାଇ ଦିଆଯାଉଅଛି । କେନ୍ଦ୍ରାପଡ଼ା ଜିଲ୍ଲାରେ ୨୦ଟି, ଜଗତସିଂହପୁର ଜିଲ୍ଲାରେ ୬୫ଟି, ପୁରୀ ଜିଲ୍ଲାରେ ୧୫ଟି ଓ ଖୋର୍ଦ୍ଧା ଜିଲ୍ଲାରେ ୪୦ଟି ଅଗଭୀର ନଳକୂପ ବସାଯାଇ ପାନୀୟ ଜଳ ଯୋଗାଇ ଦିଆଯାଇଛି । ବର୍ତ୍ତମାନ ୪୭ଟି ନଳକୂପ ପୁରୀ, ଖୋର୍ଦ୍ଧା ଏବଂ କେନ୍ଦ୍ରାପଡ଼ାରେ ଖୋଳା ଚାଲିଛି । ଏତଦ୍ ବ୍ୟତୀତ ଭୁବନେଶ୍ୱର ଏବଂ ଅନ୍ୟାନ୍ୟ ସହରମାନଙ୍କରେ ପାଣିପୋତ ସାହାଯ୍ୟରେ ପାନୀୟ ଜଳ ଯୋଗାଇ ଦିଆଯାଇଥିଲା । ଇତି ମଧ୍ୟରେ ସମସ୍ତ ପୌରାଞ୍ଚଳରେ ପାଇପ୍‌ଜଳ ଯୋଗାଣ ବ୍ୟବସ୍ଥା ସ୍ୱାଭାବିକ ଅବସ୍ଥାକୁ ଫେରିଆସିଛି ।

### ସ୍ୱାସ୍ଥ୍ୟସେବା

ବାତ୍ୟା ଓ ବନ୍ୟାପରେ ବିଭିନ୍ନ ପ୍ରଭାବିତ ଅଞ୍ଚଳରେ ମହାମାରୀକୁ ରୋକିବା ନିମନ୍ତେ ସଫଳ ପ୍ରୟାସ କରାଯାଇଥିଲା । ଏଥିନିମନ୍ତେ ପର୍ଯ୍ୟାପ୍ତ ପରିମାଣର ବ୍ଲିଚିଂ ପାଉଡ଼ର ଏବଂ ହାଲୋଜିନ୍ ବଟିକା ପିଇବା ପାଣି ଉତ୍ସ ଗୁଡ଼ିକୁ ବିଶୋଧନ କରାଯିବା ନିମନ୍ତେ ଜିଲ୍ଲା ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କୁ ଯୋଗାଇ ଦିଆଯାଇଥିଲା । ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ମଧ ଓ.ଆର୍.ଏସ. ପୁଡ଼ିଆ ଯୋଗାଇ ଦିଆଯାଇଥିଲା । ପଡ଼ୋଶୀ ରାଜ୍ୟଗୁଡ଼ିକରୁ ଆସିଥିବା ୫୩୧ ଜଣ ଡ଼ାକ୍ତର, ୩୪୬ଜଣ ପାରାମେଡ଼ିକାଲ କର୍ମଚାରୀ ସ୍ୱାସ୍ଥ୍ୟ ସେବାରେ ନିୟୋଜିତ ଥିବା ବେଳେ ଓଡ଼ିଶାର ବାତ୍ୟା ବନ୍ୟା ବିଧ୍ୱସ୍ତ ଅଞ୍ଚଳ ବ୍ୟତୀତ ଅନ୍ୟସ୍ଥାନରୁ ୨୧୮ ଜଣ ଡ଼ାକ୍ତର ଏବଂ ୧୨୩ ଜଣ ପାରାମେଡ଼ିକାଲ କର୍ମଚାରୀଙ୍କୁ ଅଣାଯାଇ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ନିମନ୍ତେ ନିୟୋଜିତ କରାଯାଇଥିଲା । ଏତଦ୍ ବ୍ୟତୀତ ବାତ୍ୟା ଓ ବନ୍ୟାକ୍ଳିଷ୍ଟ ଅଞ୍ଚଳରେ ଥିବା ୯୦୪ ଜଣ ଡ଼ାକ୍ତର ଏବଂ ୨୦୧୮ ଜଣ ପାରାମେଡ଼ିକାଲ କର୍ମଚାରୀ ମଧ୍ୟ ଏହି କାର୍ଯ୍ୟରେ ନିୟୋଜିତ ହୋଇଥିଲେ ।

### ପଶୁଚିକିତ୍ସା ବ୍ୟବସ୍ଥା

୧୦ଟି ଜିଲ୍ଲାରେ ୩,୧୮,୪୦୦ ଆହତ ପଶୁଙ୍କ ଚିକିତ୍ସା କରାଯିବା ସଙ୍ଗେ ସଙ୍ଗେ ୨୫ଟି ବିଶେଷଭାବେ କ୍ଷତିଗ୍ରସ୍ତ ହୋଇଥିବା ବ୍ଲକକୁ ୫୦୦୦ ମେଟ୍ରିକ ଟନ ଗୋଖାଦ୍ୟ ଯୋଗାଇ ଦେବା ପାଇଁ ପଦକ୍ଷେପ ନିଆଯାଇଛି ।

### ସାଧାରଣ ବଣ୍ଟନ :

ବାତ୍ୟା ପ୍ରପୀଡ଼ିତ ଅଞ୍ଚଳରେ ପ୍ରତ୍ୟେକ ପରିବାରଙ୍କୁ ( ବି.ପି.ଏଲ. + ଏ.ପି.ଏଲ.) କିଲୋଗ୍ରାମ ପ୍ରତି ୪ ଟଙ୍କା ମୂଲ୍ୟରେ ମାସିକ ୨୦କି.ଗ୍ରା. ଲେଖାଏଁ ଚାଉଳ ସାଧାରଣ ବଣ୍ଟନ ବ୍ୟବସ୍ଥା ମାଧ୍ୟମରେ ଯୋଗାଇ ଦେବା ପାଇଁ ସ୍ଥିର କରାଯାଇଛି । ଏହି ବ୍ୟବସ୍ଥା ନଭେମ୍ବର, ୧୯୯୯ଠାରୁ ମାର୍ଚ୍ଚ, ୨୦୦୦ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ ଓ କେନ୍ଦ୍ର

ସରକାରଙ୍କ ମଞ୍ଜୁରୀ କ୍ରମେ ନଭେମ୍ବର/ ଡ଼ିସେମ୍ବର ମାସ ପାଇଁ ଜିଲ୍ଲାମାନଙ୍କୁ ଚାଉଳ ଆବଣ୍ଟନ କରାଯାଇ ସାରିଛି ।

## ଅନ୍ୟସୂତ୍ରରୁ ସହାୟତା

### ଭାରତୀୟ ସେନାବାହିନୀର ସହାୟତା

ଭାରତୀୟ ସ୍ଥଳ ସେନା, ଆକାଶ ବାହିନୀ ଏବଂ ନୌବାହିନୀ ତରଫରୁ ଯୋଗାଯୋଗର ପୁନରୁଦ୍ଧାର, ରିଲିଫ୍ ସାମଗ୍ରୀର ବଣ୍ଟନ, ମଣିଷ ତଥା ଜୀବଜନ୍ତୁମାନଙ୍କର ଶବସତ୍କାର, ଆକାଶ ମାର୍ଗରୁ ରିଲିଫ୍ ସହାୟତା ପ୍ରଦାନ ଇତ୍ୟାଦିରେ ଉଲ୍ଲେଖନୀୟ ସହଯୋଗ ମିଳିଛି । ଏତଦ୍ ବ୍ୟତୀତ ସେମାନେ ରାଜ୍ୟ ପ୍ରଶାସନକୁ ସ୍ୱାସ୍ଥ୍ୟ ସେବାକ୍ଷେତ୍ରରେ ମଧ୍ୟ ସହାୟତା କରିଛନ୍ତି ।

### ଅନ୍ୟାନ୍ୟ ରାଜ୍ୟ ତଥା ବେସରକାରୀ ସଂଗଠନ ପକ୍ଷରୁ ସହାୟତା

ଦେଶର ଅନ୍ୟାନ୍ୟ ରାଜ୍ୟ ସରକାରୀ କର୍ମଚାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଆନ୍ତର୍ଜାତୀୟ, ଜାତୀୟ ତଥା ସ୍ଥାନୀୟ ବେସରକାରୀ ସଂଗଠନମାନଙ୍କ ପକ୍ଷରୁ ରନ୍ଧାଖାଦ୍ୟ ବିତରଣ, ମଣିଷ ଓ ପଶୁ ପକ୍ଷୀଙ୍କର ଶବସତ୍କାର, ରିଲିଫ୍ ବଣ୍ଟନ, ଚିକିତ୍ସା ବ୍ୟବସ୍ଥା ଏବଂ ଯୋଗାଯୋଗର ପୁନରୁଦ୍ଧାର ଦିଗରେ ଯେଉଁ ଅକୁଣ୍ଠିତ ସାହାଯ୍ୟ ପ୍ରଦାନ କରାଯାଇଛି ତାହା ଅତ୍ୟନ୍ତ ପ୍ରଶଂସନୀୟ । ୟୁନିସେଫ୍, କେୟାର ଏବଂ ଏଲ୍-ଡବ୍ଲ୍ୟୁ.ଏସ.ସଂସ୍ଥା ତରଫରୁ ପ୍ରଭାବିତ ଅଞ୍ଚଳରେ ରିଲିଫ୍ ସହାୟତା ପ୍ରଦାନ, ଔଷଧପତ୍ର, ପଲିଥିନ୍ ଏବଂ କମ୍ବଳ ଇତ୍ୟାଦି ବିତରଣ କାର୍ଯ୍ୟ ଉଲ୍ଲେଖନୀୟ ।

### ହାମରେଡ଼ିଓ,ଭି.ସାଟ୍. ଏବଂ ସି.ଡ଼ଟ୍. ଟେଲିଫୋନ ସେବା

ବିଭିନ୍ନ ସଦର ମହକୁମାକୁ ବାତ୍ୟାର ପ୍ରଥମ ୫ ଦିନ ପାଇଁ ଏବଂ ଏପରିକି ଜଗତସିଂହପୁର ଜିଲ୍ଲାକୁ ୧୫ ଦିନ ପର୍ଯ୍ୟନ୍ତ ଟେଲିଫୋନ୍ ମାଧ୍ୟମରେ ସଂଯୋଗ ସ୍ଥାପନ ହୋଇ ପାରିନଥିବା ବେଳେ ଆନ୍ଧ୍ର ପ୍ରଦେଶ ସରକାରଙ୍କ ଦ୍ୱାରା ପଠାଯାଇଥିବା ହାମ୍ ରେଡ଼ିଓ, ନେସନାଲ ରିମୋର୍ଟ ସେନସିଂ ଆପ୍ଲିକେସନ ସେଣ୍ଟର, ଅହମଦାବାଦଙ୍କ ଦ୍ୱାରା ପଠାଯାଇଥିବା ଭି.ସାଟ୍ ଟେଲିଫୋନ ଏବଂ ସି.ଡ଼ଟ. ଟେଲିଫୋନ ଯୋଗାଯୋଗ ସ୍ଥାପନ କରିବାରେ ବିଶେଷ ସହାୟକ ହୋଇଥିଲା ।

### ମୃତବ୍ୟକ୍ତିଙ୍କ ପରିବାରକୁ ଅନୁକମ୍ପାମୂଳକ ସାହାଯ୍ୟ ପ୍ରଦାନ

ଜିଲ୍ଲାପାଳମାନଙ୍କଠାରୁ ମିଳିଥିବା ରିପୋର୍ଟ ଅନୁଯାୟୀ ବାତ୍ୟା ଓ ବନ୍ୟା ଯୋଗୁଁ ୯୮୮୫ ଜଣ ବ୍ୟକ୍ତି ମୃତ୍ୟୁ ବରଣ କରିଛନ୍ତି । ରାଜ୍ୟ ସରକାର ପ୍ରତ୍ୟେକ ମୃତ ବ୍ୟକ୍ତିଙ୍କ ଆତ୍ମୀୟ ସ୍ୱଜନମାନଙ୍କୁ୨୫,୦୦୦ ଟଙ୍କା ଲେଖାଏଁ ସାହାଯ୍ୟ ଦେବାକୁ ନିଷ୍ପତ୍ତି କରିଥିଲାବେଳେ ପ୍ରଧାନମନ୍ତ୍ରୀଙ୍କୁ ୫୦,୦୦୦ଟଙ୍କା ଲେଖାଏଁ ପ୍ରଧାନମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ଯୋଗାଇ ଦେବା ନିମନ୍ତେ ଅନୁରୋଧ କରିଥିଲେ । ଏଥି ନିମନ୍ତେ ମୋଟ ୪୯କୋଟି ୪୨ ଲକ୍ଷ ୫୦ହଜାର ଟଙ୍କାର ଆବଶ୍ୟକ ଥିବା ବେଳେ ୩୭ କୋଟି ୩୭ ଲକ୍ଷ ଟଙ୍କାର ଅନୁଦାନ ମିଳିଅଛି । ଅବଶିଷ୍ଟ ୧୨ କୋଟି ୫ ଲକ୍ଷ ୫୦ ହଜାର ଟଙ୍କା ପ୍ରଧାନମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ଯୋଗାଇ ଦେବାପାଇଁ ଅନୁରୋଧ କରାଯାଇଅଛି ।

### ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ସହାୟତା ପାଣ୍ଠି

ଚଳିତ ବର୍ଷ ଏହି ପାଣ୍ଠିର ପରିମାଣ ୫୬୬୪.୯୨ ଲକ୍ଷ ଟଙ୍କା ଥିଲା । ପୂର୍ବ ବର୍ଷର ଖର୍ଚ୍ଚ ହୋଇ ନପାରି ରହିଯାଇଥିବା ୧୦୮.୬୭ ଲକ୍ଷ ଟଙ୍କା (CRF) ଓ ୨୬ ଲକ୍ଷ ଟଙ୍କା(NFCR)କୁ ମିଶାଇ ଏହି ପାଣ୍ଠିର ମୋଟ ପରିମାଣ ୫୭୯୯.୫୯ ଲକ୍ଷ ଟଙ୍କା ହୋଇଅଛି । ଏହା ବ୍ୟତୀତ ପ୍ରଥମ ପର୍ଯ୍ୟାୟରେ ଜାତୀୟ ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠିରୁ ୨୦୦ କୋଟି ଟଙ୍କା ସହାୟତା ପ୍ରାପ୍ତ ହୋଇଛି । ତନ୍ମଧ୍ୟରୁ ୨୦ କୋଟି ଟଙ୍କା କେନ୍ଦ୍ର ସରକାରଙ୍କ କୃଷିମନ୍ତ୍ରଣାଳୟ ରିଲିଫ୍ ସାମଗ୍ରୀ ଯୋଗାଣ ବାବଦକୁ କାଟି ରଖିଛନ୍ତି । ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠିର ସମୁଦାୟ ଅର୍ଥବ୍ୟୟ ହୋଇ ସାରିଥିବା ସ୍ଥଳେ ଜାତୀୟ ବିପର୍ଯ୍ୟୟ ସହାୟତା ପାଣ୍ଠିରେ ଥିବା ୧୮୦.୨୬ କୋଟି ଟଙ୍କା ମଧ୍ୟରୁ ୧୬୮୩୭.୬୯ ଲକ୍ଷ ଟଙ୍କା ବିଭିନ୍ନ ଜିଲ୍ଲା ଓ ବିଭାଗ ମଧ୍ୟରେ ବଣ୍ଟନ କରାଯାଇ ଅବଶିଷ୍ଟ ୧୮୮.୩୧ ଲକ୍ଷ ଟଙ୍କା ବଳକା ଅଛି । ଇତି ମଧ୍ୟରେ ଜାତୀୟ ବିପର୍ଯ୍ୟୟ ସହାୟତା ପାଣ୍ଠିରୁ ଆଉ ୩୦୦ କୋଟି ଟଙ୍କା ଅନୁଦାନ ମିଳିଛି । ଏହି ଅନୁଦାନକୁ ମଧ ରିଲିଫ୍ ଓ ପୁନଃନିର୍ମାଣ କାର୍ଯ୍ୟକ୍ରମରେ ବିନିଯୋଗ କରିବା ପାଇଁ ପଦକ୍ଷେପ ନିଆଯାଉଛି ।

### ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠି

ଚଳିତ ବର୍ଷ ତା୧୭.୧୦.୯୯ ରିଖ ପର୍ଯ୍ୟନ୍ତ ଏହି ପାଣ୍ଠିରେ ମୋଟ ୪୫,୮୧,୫୩୮,୩୩ ଟଙ୍କା ଜମାଥିଲା । ତା ୧୭.୧୦.୯୯ରିଖ ଠାରୁ ତା ୬.୧୨.୯୯ ରିଖ ମଧ୍ୟରେ ଏହି ପାଣ୍ଠିକୁ ବିଭିନ୍ନ ସୂତ୍ରରୁ ମୋଟ ୬୦,୬୩,୬୯,୧୬୯.୨୬ ଟଙ୍କା ମିଳିଅଛି । ତନ୍ମଧ୍ୟରୁ ୩୮,୧୦୫ କୋଟି ଟଙ୍କା ପ୍ରଧାନମନ୍ତ୍ରୀଙ୍କ ଜାତୀୟ ସହାୟତା ପାଣ୍ଠିରୁ ମିଳିଅଛି, ଯାହାକି ବାତ୍ୟା ପ୍ରଭାବିତ ଅଞ୍ଚଳରେ ପ୍ରତ୍ୟେକ ମୃତ ବ୍ୟକ୍ତିଙ୍କ ପରିବାରକୁ ୫୦,୦୦୦/- ଟଙ୍କା ଲେଖାଏଁ ପ୍ରଦାନ କରାଯିବା ପାଇଁ ଉଦ୍ଦିଷ୍ଟ ।

ଏହା ବ୍ୟତୀତ ନୂତନ ଭାବେ ଖୋଲା ଯାଇଥିବା 'ଓଡ଼ିଶା ବାତ୍ୟା ସହାୟତା ଓ ପୁନଃନିର୍ମାଣ ପାଣ୍ଠି' କୁ ମଧ ତା୬.୧୨.୯୯ ରିଖ ସୁଦ୍ଧା ମୋଟ ୧୪,୦୩,୫୩୩ ଟଙ୍କା ବିଭିନ୍ନ ସୂତ୍ରରୁ ମିଳିଅଛି ।

### କେନ୍ଦ୍ର ସରକାରଙ୍କଠାରୁ ଲୋଡ଼ା ଯାଇଥିବା ସହାୟତା

ଗଞ୍ଜାମ ଜିଲ୍ଲାରେ ଘଟିଥିବା ବାତ୍ୟା ବିପର୍ଯ୍ୟୟର ମାତ୍ର ୧୦ ଦିନ ପରେ ପ୍ରଳୟଙ୍କରୀ ବାତ୍ୟା ଓ ବନ୍ୟା ଯୋଗୁଁ ରାଜ୍ୟର ଯେଉଁ ଅପୂରଣୀୟ କ୍ଷତି ଘଟିଛି ରାଜ୍ୟ ସରକାରଙ୍କ ସୀମିତ ସମ୍ବଳ ମଧ୍ୟରେ ଏହାକୁ ଭରଣା କରିବା ଆଦୌ ସମ୍ଭବପର ନୁହେଁ । ଏହା କେବଳ ଏକ ବିରଳ ଜାତୀୟ ବିପର୍ଯ୍ୟୟ ନୁହେଁ, ବାସ୍ତବିକ ଏହା ଚଳିତ ଶତାବ୍ଦୀର ଅଭୂତପୂର୍ବ ପ୍ରାକୃତିକ ବିପର୍ଯ୍ୟୟ । ରିଲିଫ୍ ସହାୟତା, ଅସ୍ଥାୟୀ ଆଶ୍ରୟସ୍ଥଳୀ, ଲୁଗାପଟା, ପୁନଃନିର୍ମାଣ ଓ ପୁନଃସ୍ଥାପନ ନିମନ୍ତେ ୬୨୨୭.୫୯ କୋଟି ଟଙ୍କା ଅଟକଳ କରାଯାଇ ସରକାରଙ୍କୁ ଏକ ସ୍ମାରକପତ୍ର (Memorandum) କରିଆରେ ଏହି ଅର୍ଥ ଯୋଗାଇ ଦେବା ପାଇଁ ଅନୁରୋଧ କରାଯାଇଛି ।

# ଦକ୍ଷିଣ ଓଡ଼ିଶାରେ ବାତ୍ୟା ବିପତ୍ତି

ଭାରତର ପୂର୍ବ ପାର୍ଶ୍ୱରେ ବଂଗୋପସାଗର ଓ ପୂର୍ବଘାଟ ପର୍ବତମାଳା ମଧ୍ୟରେ ୧୭.୩୧–୨୦.୩୧ ଉତ୍ତର ଅକ୍ଷାଂଶ ତଥା ୮୧.୩୧–୮୭.୩୦ ପୂର୍ବ ଦ୍ରାଘିମା ପର୍ଯ୍ୟନ୍ତ ପ୍ରାୟ ୧,୫୬,୦୦୦ ବର୍ଗ କି.ମି. ଅଞ୍ଚଳରେ ଓଡ଼ିଶା ପ୍ରଦେଶ ଅବସ୍ଥିତ । ଏହାର ପୂର୍ବ ପାର୍ଶ୍ୱରେ ୪୮୦ କି.ମି. ଦୀର୍ଘ ବଙ୍ଗୋପସାଗର ଉପକୂଳବର୍ତ୍ତୀ ଅଞ୍ଚଳ ଅଟେ । ଦକ୍ଷିଣପଶ୍ଚିମ ମୌସୁମୀ ବାୟୁ ଏହି ପ୍ରଦେଶରେ ଜୁନ୍ ମାସରୁ ସେପ୍‌ଟେମ୍ବର ମାସ ପର୍ଯ୍ୟନ୍ତ ପ୍ରବାହିତ ହୁଏ । ସାଧାରଣତଃ ରାଜ୍ୟର ହାରାହାରି ବୃଷ୍ଟିପାତ ୧୪୮୨ ମି.ମିଟର । ତନ୍ମଧ୍ୟରୁ ଶତକଡ଼ା ୭୫ ରୁ ୯୦ ଭାଗ ବୃଷ୍ଟିପାତ ଜୁନ୍ ମାସର ମଧ୍ୟଭାଗରୁ ଅକ୍ଟୋବର ମାସ ମଧ୍ୟଭାଗ ପର୍ଯ୍ୟନ୍ତ ହୋଇଥାଏ । କିନ୍ତୁ ଦକ୍ଷିଣପଶ୍ଚିମ ମୌସୁମୀ ବାୟୁ ପ୍ରବାହ ପୂର୍ବରୁ କିମ୍ବା ପରେ ବଙ୍ଗୋପସାଗରରେ ସୃଷ୍ଟି ହେଉଥିବା ଲଘୁଚାପ କାରଣରୁ ମେ ମାସରେ କିମ୍ବା ଅକ୍ଟୋବର ମାସରେ ପ୍ରଳୟଙ୍କରୀ ସାମୁଦ୍ରିକ ଝଡ଼ବାତ୍ୟା ସୃଷ୍ଟି ହୋଇଥାଏ । ଏହି ସାମୁଦ୍ରିକ ଝଡ଼ବାତ୍ୟା ସୃଷ୍ଟି ହେବା ସମୟରେ ପ୍ରଚଣ୍ଡ ପବନ ସହିତ ପ୍ରବଳ ବୃଷ୍ଟିପାତ ହୋଇ ଗୁରୁତର ବନ୍ୟା ଓ ସାମୁଦ୍ରିକ ଜୁଆର ଦ୍ୱାରା ଉପକୂଳବର୍ତ୍ତୀ ଅଞ୍ଚଳରେ ଲୁଣାଜଳ ପ୍ଲାବିତ ହୋଇଥାଏ । ପୂର୍ବରୁ ୧୯୬୭, ୧୯୬୮, ୧୯୭୧, ୧୯୭୨ ଓ ୧୯୭୩ ମସିହାର ଅକ୍ଟୋବର ମାସରେ ଲଘୁଚାପଜନିତ ବାତ୍ୟା ଓ ବନ୍ୟା ହୋଇଥିବାର ନଜିର ରହିଅଛି ।

ଗଞ୍ଜାମ ଜିଲ୍ଲାରେ ମଧ୍ୟ ତା ୨-୪ ନଭେମ୍ବର ୧୯୯୦ ମଧ୍ୟରେ ସାମୁଦ୍ରିକ ଘୂର୍ଣ୍ଣିବାତ୍ୟା ଓ ପ୍ରବଳ ବୃଷ୍ଟିପାତଜନିତ ବନ୍ୟା ସଂଘଟିତ ହୋଇ ୬୯ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ୧୭ ଜଣ ନିଖୋଜ ହୋଇଥିଲେ ।

୧୯୯୯ ମସିହା, ତା ୧୭-୧୯ ଅକ୍ଟୋବର ମାସରେ ହୋଇଥିବା ଅଭୂତପୂର୍ବ ପ୍ରଳୟଙ୍କରୀ ସାମୁଦ୍ରିକ ବାତ୍ୟା ସହିତ ବର୍ଷା ଓ ବନ୍ୟା ପ୍ରଭୂତ କ୍ଷୟକ୍ଷତି ଘଟାଇଛି । ଏହି ସାମୁଦ୍ରିକ ଘୂର୍ଣ୍ଣିଝଡ଼ରେ ଗଞ୍ଜାମ ଜିଲ୍ଲା ସବୁଠାରୁ ବେଶି କ୍ଷତିଗ୍ରସ୍ତ ହୋଇଅଛି । ସାମୁଦ୍ରିକ ଝଡ଼ ସହିତ ଅବିରାମ ଭାବରେ ପ୍ରବଳ ବୃଷ୍ଟିପାତ ଲାଗି ରହିବା ଫଳରେ ବ୍ରହ୍ମପୁର, ଛତ୍ରପୁର, ଗୋପାଳପୁର ଓ ଅନ୍ୟ ସମସ୍ତ ଛୋଟ ସହର ଓ ଗ୍ରାମାଞ୍ଚଳରେ ଜନ ଜୀବନ ଧ୍ୱସ୍ତବିଧ୍ୱସ୍ତ ହେବା ସହିତ ଧନ ଜୀବନର ଅଭୂତପୂର୍ବ କ୍ଷୟକ୍ଷତି ହୋଇଛି । ୧୭ ଅକ୍ଟୋବର ସଂଧ୍ୟାଠାରୁ ଜିଲ୍ଲାର ସମସ୍ତ ବିଦ୍ୟୁତ ଯୋଗାଣ କେନ୍ଦ୍ର, ଜଳ ଯୋଗାଣ କେନ୍ଦ୍ର, ଟେଲିଫୋନ୍ ଓ ପୋଲିସ୍ ବେତାର ଯନ୍ତ୍ରଗୁଡ଼ିକ ସମ୍ପୂର୍ଣ୍ଣ ଅକାମୀ ହୋଇ ପଡ଼ିବାରୁ ଏବଂ ବାତ୍ୟାରେ ବାସଗୃହ ଭାଙ୍ଗିଯିବା ପରେ ଲକ୍ଷ ଲକ୍ଷ ବ୍ୟକ୍ତି ଗୃହଶୂନ୍ୟ ହୋଇପଡ଼ିଥିଲେ ମଧ୍ୟ ବଡ଼ ବଡ଼ ଗଛ ଉପୁଡ଼ି ସବୁ ଦିଗରୁ ରାସ୍ତାଘାଟ ଯାନବାହାନ ଅଗମ୍ୟ ହୋଇପଡ଼ିଥିବାରୁ ତଥା ଦକ୍ଷିଣପୂର୍ବ ରେଳପଥ ଧୋଇ ହୋଇ ଯାଇ ରେଳପଥରେ ମଧ୍ୟ ଯୋଗାଯୋଗ ସମ୍ଭବ ନହେବାରୁ ଏହି ଜିଲ୍ଲାବାସୀ ବହୁ ଦୁଃଖ ଦୁର୍ଦ୍ଦଶାରେ ସମୟ ଅତିବାହିତ କରିଥିଲେ । ଏପରି ପ୍ରଳୟଙ୍କରୀ ଦୃଷ୍ଟାନ୍ତ ଅତୀତରେ କେବେ ଦେଖିବାକୁ ମିଳିନଥିଲା ବୋଲି ନିଃସନ୍ଦେହରେ କୁହାଯାଇପାରେ ।

ଏହି ଦୁର୍ବିପାକରେ ଘଣ୍ଟାପ୍ରତି ୧୮୦-୨୦୦ କି.ମି. ବେଗ ପର୍ଯ୍ୟନ୍ତ ପବନ ବହିବା ସଂଗେ ସଂଗେ ୩ ଦିନ ମଧ୍ୟରେ ୫୦୦ ମି.ମିଟର ପର୍ଯ୍ୟନ୍ତ ପ୍ରବଳ ବୃଷ୍ଟିପାତ ଘଟି ଗଞ୍ଜାମ, ଗଜପତି, ପୁରୀ ଓ ଖୋର୍ଦ୍ଧା ଜିଲ୍ଲାରେ ଯଥାକ୍ରମେ ୧୯୭, ୨, ୨,୪ ଜଣଙ୍କର ଜୀବନହାନୀ ତଥା ଭଦ୍ରକ, ବାଲେଶ୍ୱର, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ପୁରୀ, ନୟାଗଡ଼, ଢେଙ୍କାନାଳ, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାରେ ପ୍ରବଳ ବୃଷ୍ଟିପାତ ଯୋଗୁଁ ଲକ୍ଷାଧିକ ପରିବାରଙ୍କର ଗୃହ କ୍ଷତିଗ୍ରସ୍ତ ହୋଇଅଛି । ଏହି ପ୍ରଳୟଙ୍କରୀ ଘୂର୍ଣ୍ଣିବାତ୍ୟାର ଉଗ୍ରରୂପ ଓ ବିନାଶକାରୀ ଶକ୍ତିକୁ ଅଙ୍ଗେ ନିଭାଇଥିବା ବ୍ୟକ୍ତିମାନେ ମଧ୍ୟ ଭାଷାରେ ପ୍ରକାଶ କରିବା ପାଇଁ ଅକ୍ଷମ ।

## ସାମୁଦ୍ରିକ ଘୂର୍ଣ୍ଣିବାତ୍ୟାର ପୂର୍ବସୂଚନା ଓ ସତର୍କତାମୂଳକ ପଦକ୍ଷେପ

ପାଣିପାଗ ବିଭାଗ ତରଫରୁ ୧୬.୧୦.୯୯ ତାରିଖ ମଧ୍ୟାହ୍ନ ସୁଦ୍ଧା ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଜନିତ ସାମୁଦ୍ରିକ ଝଡ଼ ଗୋପାଳପୁର ଠାରୁ ୧୦୦ କି.ମି. ଦୂରରେ କେନ୍ଦ୍ରୀଭୂତ ହେଉଥିବା ଏବଂ ଉପକୂଳଆଡ଼କୁ ଅଗ୍ରସର ହେଉଥିବା ବିଷୟରେ ସତର୍କ ସୂଚନା ମିଳିଥିଲା । ଏହି ସୂଚନାକୁ ରାଜସ୍ୱ ବିଭାଗ ତରଫରୁ ତତ୍‌କ୍ଷଣାତ୍ ଉପକୂଳବର୍ତ୍ତୀ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ଜଣାଇ ଦିଆଯାଇ ଜନସାଧାରଣଙ୍କୁ ବାତ୍ୟା ସମୟରେ କଚାଘର ତଥା ଖାଲୁଆସ୍ଥାନ ପରିତ୍ୟାଗ କରି ଉଚ୍ଚସ୍ଥାନରେ ପକ୍କାଘରମାନଙ୍କରେ ଆଶ୍ରୟ ନେବାପାଇଁ ଡାକବାଜି ଯନ୍ତ୍ର ପ୍ରଚାର କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଆକାଶବାଣୀ କଟକ କେନ୍ଦ୍ର, ଦୂରଦର୍ଶନ କେନ୍ଦ୍ର, ଲୋକସଂପର୍କ ବିଭାଗ ତଥା ପ୍ରଶାସନିକ ଅଧିକାରୀମାନଙ୍କ ଦ୍ୱାରା ବହୁଳ ପ୍ରଚାର ଓ ସତର୍କତାମୂଳକ ସୂଚନା ଘନଘନ ଦିଆଯିବା ଦ୍ୱାରା ଲୋକମାନେ ସୁରକ୍ଷା ପାଇଁ ପଦକ୍ଷେପ ନେଇପାରିଥିଲେ । ଏହି ସତର୍କତା, ସୂଚନା ଦ୍ୱାରା ୨୫,୦୦୦ରୁ ଉର୍ଦ୍ଧ୍ୱ ଜନ ସାଧାରଣଙ୍କୁ ଉଚ୍ଚ ତଥା ନିରାପଦ ଆଶ୍ରୟସ୍ଥଳକୁ ସ୍ଥାନାନ୍ତରିତ କରାଯାଇଥିଲା ।

## କ୍ଷୟକ୍ଷତିର ସୂଚନା

**ପ୍ରବଳ ସାମୁଦ୍ରିକ ବାତ୍ୟା ଓ ବନ୍ୟାଜନିତ କ୍ଷୟକ୍ଷତିର ସମ୍ୟକ ସୂଚନା ପ୍ରଦାନ କରାଗଲା :-**

(କ) <u>ଜୀବନ ହାନୀ</u> :- ଏହି ଦୁର୍ବିପାକରେ ୨୦୫ ଜଣ ବ୍ୟକ୍ତିଙ୍କର ଜୀବନହାନୀ ଘଟିଛି ।

| | | |
|---|---|---|
| ଗଞ୍ଜାମ | - | ୧୯୭ |
| ଗଜପତି | - | ୨ |

| | | |
|---|---|---|
| ପୁରୀ | - | ୨ |
| ଖୋର୍ଦ୍ଧା | - | ୪ |

ଏତଦ୍ ବ୍ୟତୀତ ୪୦୦ରୁ ଊର୍ଦ୍ଧ ଆହତ ବ୍ୟକ୍ତିଙ୍କୁ ବିଭିନ୍ନ ଚିକିତ୍ସାଳୟରେ ଚିକିତ୍ସା କରାଯାଉଅଛି ।

(ଖ) <u>ପଶୁ ସମ୍ପଦର କ୍ଷୟକ୍ଷତି</u> :- ଏହି ବାତ୍ୟାଦ୍ୱାରା ବହୁଳ ମାତ୍ରାରେ ଗୋରୁ ଏବଂ ଅନ୍ୟାନ୍ୟ ପଶୁପକ୍ଷୀ ମୃତ୍ୟୁ ବରଣ କରିଛନ୍ତି ।

| | | |
|---|---|---|
| ଗୋମେଷାଦି ପଶୁ | - | ୨୮୬୯ |
| ଛେଳି, ମେଣ୍ଢା, ଘୁଷୁରି ଆଦି | | |
| ଅନ୍ୟ ଗୃହପାଳିତ ପଶୁ ଓ | - | ୭୬୪୭ |
| ଫାର୍ମ କୁକୁଡ଼ା | - | ୬୭୯୪୪୭ |

(ଗ) <u>ବାସଗୃହ</u> :-

| | | |
|---|---|---|
| ସମ୍ପୂର୍ଣ୍ଣ ଭୁଷୁଡ଼ି ପଡ଼ିଥିବା (fully collapsed) | - | ୭୮୨୧୩ |
| ଆଂଶିକ ଭୁଷୁଡ଼ି ପଡ଼ିଥିବା (partly collapsed) | - | ୨୫୫୬୬୧ |

(ଘ) <u>କୃଷି ବିଭାଗ</u> :-

୧. ଫସଲ ହାନୀ :-

| | | |
|---|---|---|
| ଖରିଫ ଧାନ ଚାଷ | - | ୨୨୫୨୨୪ ହେକ୍ଟର |
| ଅନ୍ୟାନ୍ୟ ଫସଲ | - | ୬୦୦୩୯ ହେକ୍ଟର |

୨. ପନିପରିବା ଓ ଫଳ ଚାଷ - ୪୬୩୪୬ ହେକ୍ଟର

(ଙ) <u>ମତ୍ସ୍ୟ ବିଭାଗ</u> :-

| | | ସଂଖ୍ୟା |
|---|---|---|
| କ୍ଷତିଗ୍ରସ୍ତ ଡଙ୍ଗା | - | ୫୪୯୪ |
| ନଷ୍ଟ ହୋଇଥିବା ଜାଲ | - | ୯୬୨୦୨ |

(ଚ) <u>ଶିକ୍ଷା ବିଭାଗ</u> :-

| | ସଂଖ୍ୟା | କ୍ଷତିର ପରିମାଣ (ଲକ୍ଷ ଟଙ୍କାରେ) |
|---|---|---|
| ପ୍ରାଥମିକ ବିଦ୍ୟାଳୟ | ୧୯୭୨ | ୨୦୦୦ |
| ମାଧ୍ୟମିକ ବିଦ୍ୟାଳୟ | ୮୫୧ | ୫୨୧୫ |
| ମହାବିଦ୍ୟାଳୟ | ୫୦ | ୬୧୫ |
| ବିଶ୍ୱବିଦ୍ୟାଳୟ | ୧ | ୩୦୦ |

(ଛ) <u>ରାସ୍ତା</u> :-

| | କି.ମି. | ପୁନଃ ନିର୍ମାଣ ପାଇଁ ଆବଶ୍ୟକ ଅର୍ଥ (ଲକ୍ଷ ଟଙ୍କାରେ) |
|---|---|---|
| ପୂର୍ତ୍ତ ବିଭାଗ | ୩୪୯ | ୩୮୦୯ |
| ଗ୍ରାମ୍ୟ ଉନ୍ନୟନ ବିଭାଗ | ୮୬୭ | ୬୧୩୫ |
| ପଞ୍ଚାୟତିରାଜ ବିଭାଗ | ୪୩୯୨ | ୫୬୧୨ |

(ଜ) <u>ସରକାରୀ କୋଠାବାଡ଼ି</u> :-

| | ସଂଖ୍ୟା | ପୁନଃ ନିର୍ମାଣ ପାଇଁ ଆବଶ୍ୟକ ଅର୍ଥ (ଲକ୍ଷ ଟଙ୍କାରେ) |
|---|---|---|
| ପୂର୍ତ୍ତ ବିଭାଗ | ୨୩୫୬ | ୩୬୪୧ |
| ଗ୍ରାମ୍ୟ ଉନ୍ନୟନ ବିଭାଗ | ୧୨୨୯ | ୪୨୬୦ |
| ପଞ୍ଚାୟତିରାଜ ବିଭାଗ (ପଞ୍ଚାୟତ ଘର, ଅଙ୍ଗନବାଡ଼ି, ମହିଳା ସମିତି, ବ୍ଲକ୍ ଅଫିସ୍ ଗୃହ ଆଦି) | ୧୧୧୩ | ୬୬୨ |

(ଝ) <u>ନଗର ଉନ୍ନୟନ ବିଭାଗ</u> :-

୧. ଜନସ୍ୱାସ୍ଥ୍ୟ ବିଭାଗ :- ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ଜଗତସିଂହପୁର, କେନ୍ଦ୍ରାପଡ଼ା , ବାଲେଶ୍ୱର ଜିଲ୍ଲାର ସହରାଞ୍ଚଳଗୁଡ଼ିକର କ୍ଷତିଗ୍ରସ୍ତ ଜଳ ଯୋଗାଣ ବ୍ୟବସ୍ଥାର ମରାମତି ଓ ପୁନର୍ନିର୍ମାଣ ପାଇଁ ୩୯୬ ଲକ୍ଷ ଟଙ୍କା ଆବଶ୍ୟକ ହେବ ବୋଲି ଅଟକଳ କରାଯାଇଛି ।

୨. ସ୍ୱାୟତ୍ତ ଶାସନ ବିଭାଗ :- ସହରାଞ୍ଚଳଗୁଡ଼ିକର କୋଠାବାଡ଼ି, ବିଦ୍ୟାଳୟ, ରାସ୍ତାଘାଟ ଓ ରାସ୍ତାର ଆଲୋକ ବ୍ୟବସ୍ଥା ଆଦିର ମରାମତି ପାଇଁ ୩୬୮୪ ଲକ୍ଷ ଟଙ୍କାର ଆବଶ୍ୟକତା ଅଟକଳ କରାଯାଇଛି ।

(ଞ) <u>ଜଳ ସମ୍ପଦ ବିଭାଗ</u> :-

୧. ବାତ୍ୟାରେ କ୍ଷତିଗ୍ରସ୍ତ ବୃହତ୍, ମଧ୍ୟମ ଜଳସେଚନ ପ୍ରକଳ୍ପଗୁଡ଼ିକର ମରାମତି ପାଇଁ ୪୧୧୦ ଲକ୍ଷ ଟଙ୍କା ଆବଶ୍ୟକ ବୋଲି ଅଟକଳ କରାଯାଇଛି ।

୨. ୩୬୬ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ମରାମତି ପାଇଁ ୯୮୫ ଲକ୍ଷ ଟଙ୍କା ଆବଶ୍ୟକ ବୋଲି ଅଟକଳ କରାଯାଇଛି ।

୩. ୮୦୬ ଟି ଉଠା ଜଳସେଚନ ପ୍ରକଳ୍ପ ମରାମତି ପାଇଁ ୨୮୦ ଲକ୍ଷ ଟଙ୍କା ଆବଶ୍ୟକ ବୋଲି ଅଟକଳ କରାଯାଇଛି ।

(ଟ) <u>ଶକ୍ତି ବିଭାଗ</u> :-

ବିଦ୍ୟୁତ୍‌ଶକ୍ତି ସରବରାହ ବ୍ୟବସ୍ଥାର କ୍ଷୟକ୍ଷତିର ବିବରଣୀ :-

| | | |
|---|---|---|
| ୧. EHT ଲାଇନ୍ ତାର | - | ୧୨୬ କି.ମି. |
| ୨. EHT ସବ୍‌ଷ୍ଟେସନ | - | ୩ଟି |
| ୩. ୨୨କେ.ଭି. ଲାଇନ୍‌ତାର | - | ୫୦୦ କି.ମି. |
| ୪. ୧୧ କେ.ଭି. ଲାଇନ୍‌ତାର | - | ୧୮୩୦ କି.ମି. |
| ୫. L.T. ଲାଇନ୍‌ତାର | - | ୨୨୫୦ କି.ମି. |
| ୬. ବିଦ୍ୟୁତ୍ ଟ୍ରାନସ୍‌ଫରମର୍ | - | ୮୦ ଟି |
| ୭. ବଣ୍ଟନ ଟ୍ରାନସ୍‌ଫରମର୍ | - | ୮୫୦ ଟି |

(ଠ) <u>ବାଣିଜ୍ୟ ବିଭାଗ</u> :-

ଏହି ବାତ୍ୟାରେ ଗୋପାଳପୁର ବନ୍ଦରର ପ୍ରଭୂତ କ୍ଷୟକ୍ଷତି ଘଟିଅଛି । ବନ୍ଦରର କୋଠାବାଡ଼ି, କ୍ରେନ୍ ଓ ମାଲ ପରିବହନ ବ୍ୟବସ୍ଥା ଓ ବିଦ୍ୟୁତ୍ ବ୍ୟବସ୍ଥାର ମରାମତି ବାବଦକୁ ୫୬୮ ଲକ୍ଷ ଟଙ୍କାର ଆବଶ୍ୟକତା ଅଟକଳ କରାଯାଇଛି । ବାଲୁଗାଁ, ବଡ଼କୁଳ ଆଦି ସ୍ଥାନରୁ ଚିଲିକା ମଧ୍ୟରେ

ଚଳାଚଳ କରୁଥିବା ଓ ଯାତ୍ରୀ ପରିବହନ କରୁଥିବା ସମସ୍ତ ନୌକା ମରାମତି ବାବଦକୁ ୩୯ ଲକ୍ଷ ଟଙ୍କା ଆବଶ୍ୟକ ଅଛି ।

**ସାହାଯ୍ୟ ଓ ପୁନଃସ୍ଥାପନ କାର୍ଯ୍ୟକ୍ରମ**

(କ) ୧୭.୧୦.୯୯ ଦିନ ରାତି ତମାମ୍ ସାମୁଦ୍ରିକ ଝଡ଼ ବାତ୍ୟା ଓ ବର୍ଷା ଦ୍ୱାରା ସମସ୍ତ ପ୍ରକାର ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲେ ମଧ୍ୟ ୧୮ ତାରିଖ ସଂଧ୍ୟାଠାରୁ ବର୍ଷାର ପ୍ରକୋପ କମିବା ସଂଗେ ସଂଗେ ଜାତୀୟ ରାଜପଥ ତଥା ବ୍ରହ୍ମପୁରଠାରୁ ଅନ୍ୟାନ୍ୟ ସହରକୁ ଥିବା ରାସ୍ତାରେ ପଡ଼ିଥିବା ବୃହଦ୍‌କାୟ ବୃକ୍ଷମାନଙ୍କୁ କାଟି ରାସ୍ତା ପରିଷ୍କାର କରିବା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ୧୯ ତାରିଖ ସକାଳୁ ଜାତୀୟ ରାଜପଥରେ ଯାନବାହାନ ଚଳାଚଳ ଆରମ୍ଭ କରିବା ପରେ ବିଦ୍ୟୁତ୍ ବିଭାଗ ତରଫରୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଆରମ୍ଭ କରାଯାଇ ବ୍ରହ୍ମପୁର ମେଡ଼ିକାଲ କଲେଜ ତଥା ଜଳଯୋଗାଣ କେନ୍ଦ୍ରଗୁଡ଼ିକୁ ବିଦ୍ୟୁତ୍ ଶକ୍ତି ଯୋଗାଣ ଆରମ୍ଭ କରାଯାଇଥିଲା । କେତେକ ଜଳଯୋଗାଣ କେନ୍ଦ୍ରକୁ ଜେନେରେଟର ଦ୍ୱାରା ଚାଲୁ କରାଯାଇଥିଲା ।

(ଖ) ପ୍ରଳୟଙ୍କରୀ ବାତ୍ୟା କ୍ଷତିଗ୍ରସ୍ତ ଜନସାଧାରଣଙ୍କୁ ସ୍ଥଳ ବିଶେଷରେ ୩ ଦିନ ଠାରୁ ଆରମ୍ଭ କରି ୧୫ ଦିନ ପର୍ଯ୍ୟନ୍ତ ଜରୁରୀ ସାହାଯ୍ୟ ଦିଆଯାଇଥିଲା । ପାଣିଘେରରେ ରହିଥିବା ଗ୍ରାମମାନଙ୍କରେ ୧୯-୨୨ ତାରିଖ ପର୍ଯ୍ୟନ୍ତ ଆକାଶ ମାର୍ଗରୁ ୩୬୫୦ ଶୁଖିଲା ଖାଦ୍ୟ ପୁଡ଼ିଆ ତଥା ୩୨୦୦ ପୁଡ଼ିଆ ରନ୍ଧା ଖାଦ୍ୟ ପକାଯାଇ ବସ୍ତିମାନଙ୍କରେ ସରକାର ତଥା ସ୍ୱେଚ୍ଛାସେବୀ ସଂସ୍ଥାମାନଙ୍କ ତରଫରୁ ମାଗଣାରେ ରନ୍ଧାଖାଦ୍ୟ ବଣ୍ଟନ କରାଯାଇଥିଲା । ବାସହୀନ ପରିବାରମାନଙ୍କୁ ପଲିଥିନ୍ ଖଣ୍ଡ ତଥା ଗରିବ ଦିନ ମଜୁରିଆମାନଙ୍କୁ ଧୋତି ଇତ୍ୟାଦି ବଣ୍ଟନ କରାଯାଇଥିଲା । ବିଦ୍ୟୁତ୍ ସରବରାହ ବନ୍ଦ ଥିବା ଯୋଗୁଁ ପର୍ଯ୍ୟାପ୍ତ ପରିମାଣରେ କିରୋସିନ ଜନସାଧାରଣଙ୍କୁ ଯୋଗାଣ ନିଗମ ମାଧ୍ୟମରେ ଡ଼ିଲରମାନଙ୍କ ଦ୍ୱାରା ସରକାରୀ ନିର୍ଦ୍ଧାରିତ ଦରରେ ବିକ୍ରୟ କରାଯାଇଥିଲା ।

(ଗ) ସହରାଞ୍ଚଳର ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଣ ବ୍ୟବସ୍ଥା କରିବା ପାଇଁ ୩୪ଟି ପାଣି ଟାଙ୍କି ଥିବା ଟ୍ରକ୍‌କୁ ନିୟୋଜିତ କରାଯାଇଥିଲା । ୧୧ ଟି ଭ୍ରାମ୍ୟମାଣ ମରାମତି ଦଳ ତଥା ନଳକୂପ ଯନ୍ତ୍ର ଦ୍ୱାରା ଅଚଳ ହୋଇଥିବା ନଳକୂପଗୁଡ଼ିକ କାର୍ଯ୍ୟକ୍ଷମ କରାଯାଇଥିଲା ତଥା ଆବଶ୍ୟକ ସ୍ଥଳେ ନୂତନନଳକୂପ ଖନନ କରାଯାଇଥିଲା । ଅନ୍ୟାନ୍ୟ ପାନୀୟଜଳ ଉତ୍ସକୁ ବ୍ଲିଚିଂ ପାଉଡ଼ର ତଥା ଜଳ ବିଶୋଧନ ଗୁଣ୍ଡ/ବଟିକା ଦ୍ୱାରା ବିଶୋଧିତ କରାଯାଇଥିଲା ।

(ଘ) ଜଳପ୍ଲାବିତ ଅଞ୍ଚଳରେ ତଥା ବସ୍ତିଗୁଡ଼ିକରେ ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ୧୫ଟି ଭ୍ରାମ୍ୟମାଣ ଚିକିତ୍ସା ଦଳକୁ ନିୟୋଜିତ କରାଯାଇଥିଲା । ସେହିପରି ଆଘାତପ୍ରାପ୍ତ ପଶୁମାନଙ୍କର ଜରୁରୀ ଚିକିତ୍ସା ପାଇଁ ୭ଟି ଭ୍ରାମ୍ୟମାଣ ପଶୁ ଚିକିତ୍ସକ ଦଳକୁ ନିୟୋଜିତ କରାଯାଇଥିଲା ।

(ଙ) ସହରାଞ୍ଚଳର ସାଧାରଣ ଖାଉଟିମାନଙ୍କୁ ସୁଲଭ ମୂଲ୍ୟରେ ଖାଦ୍ୟପଦାର୍ଥ ବିତରଣ କରିବା ପାଇଁ ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇ ରାଜ୍ୟ ଯୋଗାଣ ନିଗମ ଦ୍ୱାରା ୭ ଗୋଟି ଭ୍ରାମ୍ୟମାଣ ବିକ୍ରୟ କେନ୍ଦ୍ର ତଥା ଅନ୍ୟାନ୍ୟ ଡ଼ିଲରମାନଙ୍କଦ୍ୱାରା ଅତ୍ୟାବଶ୍ୟକ ସାମଗ୍ରୀମାନ ବିକ୍ରୟ ବ୍ୟବସ୍ଥା କରାଯାଇଛି । ଗଞ୍ଜାମ ଜିଲ୍ଲାରେ ପ୍ରଳୟଙ୍କରୀ ବାତ୍ୟା ସମୟରେ ଦେଶବ୍ୟାପୀ ଟ୍ରକ ଧର୍ମଘଟ ତଥା ରାଜ୍ୟରେ ଘରୋଇ ବସ୍ ଧର୍ମଘଟ ଚାଲୁରହିଥିଲେ ମଧ୍ୟ ଅତ୍ୟନ୍ତ କଷ୍ଟ ସ୍ୱୀକାର କରି ସମସ୍ତ ପ୍ରକାର ଜରୁରୀକାଳୀନ ସାହାଯ୍ୟ ତଥା ଅତ୍ୟାବଶ୍ୟକ ସାମଗ୍ରୀ ଓ କିରୋସିନ ଯୋଗାଣକୁ ଅବ୍ୟାହତ ରଖାଯାଇଥିଲା ।

(ଚ) କ୍ଷତିଗ୍ରସ୍ତ ଜନସାଧାରଣଙ୍କ ନିକଟରେ ସରକାରୀ ତଥା ବେସରକାରୀ ସ୍ତରରୁ ମିଳିଥିବା ସାହାଯ୍ୟ ସାମଗ୍ରୀଗୁଡ଼ିକ ଯେପରି ସୁଚାରୁ ରୂପେ ବଣ୍ଟନ କରାଯାଇପାରିବ, ସେଥିନିମନ୍ତେ ସରକାରଙ୍କ ତରଫରୁ ଜିଲ୍ଲାପାଳଙ୍କ ପଦ ସମତୁଲ୍ୟ ୩ ଜଣ ଉଚ୍ଚ ପଦାଧିକାରୀଙ୍କୁ ଅବସ୍ଥାପିତ କରି ବ୍ରହ୍ମପୁର, ଛତ୍ରପୁର ଓ ଭଞ୍ଜନଗର ସବ୍‌ଡ଼ିଭିଜନ୍ ଦାୟିତ୍ୱରେ ରଖାଯାଇଥିଲା । ଏତଦ୍‌ବ୍ୟତୀତ ରାଜ୍ୟ ସଚିବାଳୟରୁ ତଥା ଅନ୍ୟ ସ୍ଥାନରୁ ୫ ଜଣ ଅତିରିକ୍ତ ଜିଲ୍ଲାପାଳଙ୍କୁ ସାହାଯ୍ୟ କାର୍ଯ୍ୟ ତଦାରଖ ପାଇଁ ନିଯୁକ୍ତି ଦିଆଯାଇଥିଲା । ଜିଲ୍ଲା ବାହାରୁ ୬୦ ଜଣ କନିଷ୍ଠ ପ୍ରଶାସନିକ ସେବା ଅଧିକାରୀମାନେ ମଧ୍ୟ କ୍ଷତିଗ୍ରସ୍ତ ଗୃହ ଗଣନା ତଥା ଜରୁରୀ ସାହାଯ୍ୟ ବଣ୍ଟନ କାର୍ଯ୍ୟରେ ନିୟୋଜିତ ହୋଇଥିଲେ ।

**ପ୍ରଳୟଙ୍କରୀ ବାତ୍ୟାଜନିତ ମୃତ୍ୟୁ ପାଇଁ ଆର୍ଥିକ ସାହାଯ୍ୟ :-**

ଏହି ପ୍ରଳୟଙ୍କରୀ ବାତ୍ୟା/ବର୍ଷା ଯୋଗୁଁ ୨୦୫ ଜଣଙ୍କର ପ୍ରାଣହାନୀ ଘଟିଛି । ଏହି ବାତ୍ୟାରେ ପ୍ରାଣ ହରାଇଥିବା ପ୍ରତ୍ୟେକ ବ୍ୟକ୍ତି ପାଇଁ ପ୍ରଧାନମନ୍ତ୍ରୀଙ୍କ ସାହାଯ୍ୟ ପାଣ୍ଠିରୁ ବ୍ୟକ୍ତିପିଛା ୫୦ ହଜାର ଟଙ୍କା ଦେବା ପାଇଁ ସ୍ଥିର କରାଯାଇଛି । ବର୍ତ୍ତମାନ ସୁଦ୍ଧା ୧୪୭ ଜଣ ବ୍ୟକ୍ତିଙ୍କ ଉତ୍ତରାଧିକାରୀଙ୍କୁ ୭୩.୫୦ ଲକ୍ଷ ଟଙ୍କା ବଣ୍ଟନ କରାଯାଇଛି । ରାଜ୍ୟ ସରକାରଙ୍କ ତରଫରୁ ମଧ୍ୟ ବ୍ୟକ୍ତିପିଛା ୨୫ ହଜାର ଟଙ୍କା ବଣ୍ଟନ କରାଯିବାକୁ ସ୍ଥିର କରାଯାଇଛି ।

**ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳର ପୁନଃନିର୍ମାଣ ନିମନ୍ତେ ଯୋଜନା :-**

କ୍ଷତିଗ୍ରସ୍ତ ଅଞ୍ଚଳରେ ଏ ବର୍ଷର ଖରିଫ ଫସଲ ପ୍ରାୟତଃ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ହେତୁ ଏକ ବିସ୍ତୃତ ରବି ଚାଷ କାର୍ଯ୍ୟକ୍ରମ ସଫଳ କରିବାପାଇଁ କୃଷି ବିଭାଗକୁ ତଥା ଉଠାଜଳ ସେଚନ ନିଗମକୁ ନିର୍ଦ୍ଦେଶ ଦିଆଯାଇଛି । ଏହି କୃଷି କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବା ନିମିତ୍ତ ରାଜ୍ୟରେ ଥିବା ସମସ୍ତ ବ୍ୟବସାୟିକ ବ୍ୟାଙ୍କ ତଥା ସମବାୟ ସଂସ୍ଥାକୁ ଅନୁରୋଧ କରାଯାଇଛି । ଆର୍ଥିକ ଦୁର୍ବଳଶ୍ରେଣୀର କ୍ଷତିଗ୍ରସ୍ତ ପରିବାରଗୁଡ଼ିକୁ ଇନ୍ଦିରା ଆବାସ ଯୋଜନାରେ ହିତାଧିକାରୀ ଭାବେ ବାସଗୃହ ଯୋଗାଇ ଦେବାକୁ ଯୋଜନା କରାଯାଇଛି ।

ସମସ୍ତ ସ୍କୁଲ ଓ ଶିକ୍ଷା ଅନୁଷ୍ଠାନଗୁଡ଼ିକର କ୍ଷତି ପ୍ରସ୍ତୁତ କରିବାପାଇଁ ସ୍ଥିର କରାଯାଇଛି । ପୂର୍ତ୍ତ, ନଗର ଉନ୍ନୟନ, ଗ୍ରାମ୍ୟ ଉନ୍ନୟନ, ଜଳସେଚନ, ପଞ୍ଚାୟତିରାଜ, ଘରୋଇ ତଥା ସ୍ୱାସ୍ଥ୍ୟ ବିଭାଗଗୁଡ଼ିକରୁ ସେମାନଙ୍କର କ୍ଷୟକ୍ଷତିର ସମ୍ପୂର୍ଣ୍ଣ ବିବରଣୀ ସଂଗ୍ରହ କରାଯାଇଛି । ଏହି ସବୁ ବିଭାଗକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ପାଇଁ ଓ କ୍ଷତିର ପୁନରୁଦ୍ଧାର କରିବାପାଇଁ କେନ୍ଦ୍ର ସରକାରଙ୍କୁ ୭୨୫.୮୨ କୋଟି ଟଙ୍କା ଆର୍ଥିକ ସହାୟତା ଦେବା ପାଇଁ ଅନୁରୋଧ କରାଯାଇଛି ।

ଅଭୂତପୂର୍ବ କ୍ଷତି ସାଧନ କରିଥିବା ଏହି ପ୍ରଳୟଙ୍କରୀ ବାତ୍ୟା / ବନ୍ୟାର ପରିଣାମ ଅତି ସୁଦୂର ପ୍ରସାରୀ । ଯେ କୌଣସି ମାନଦଣ୍ଡ ପ୍ରୟୋଗ କଲେ ମଧ୍ୟ ଏହାକୁ ଏକ ବାତ୍ୟା ବିପତ୍ତି ରୂପେ ଗ୍ରହଣ କରିବାକୁ ପଡ଼ିବ । ପ୍ରାଥମିକ ପର୍ଯ୍ୟାୟରେ ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟକ୍ରମକୁ ବ୍ୟାପକ ଭାବେ ତ୍ୱରାନ୍ୱିତ କରିବା ସଂଗେ ସଂଗେ ଥଇଥାନ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଆଶୁ ପଦକ୍ଷେପ ନିଆଯାଇଛି ।

# ସର୍ବଦଳୀୟ ବୈଠକରେ ରିଲିଫ୍ ଓ ପୁନର୍ଗଠନ କାର୍ଯ୍ୟର ପର୍ଯ୍ୟାଲୋଚନା

ବାତ୍ୟାକ୍ଲିଷ୍ଟ ଅଞ୍ଚଳରେ ରିଲିଫ୍ ଥଇଥାନ, ପୁନର୍ଗଠନ ଏବଂ ପୁନରୁଦ୍ଧାର କାର୍ଯ୍ୟକୁ ବ୍ୟାପକ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ଶ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି ।

ଗତ ଡିସେମ୍ବର ୭ ତାରିଖରେ ସଚିବାଳୟଠାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ରାଜନୈତିକ ଦଳର ନେତାମାନେ ଯୋଗ ଦେଇ ରିଲିଫ୍ ଏବଂ ଥଇଥାନ ଉପରେ ସେମାନଙ୍କ ମତାମତ ଦେବା ସଙ୍ଗେ ସଙ୍ଗେ ଯୋଜନାବଦ୍ଧଭାବେ ଉପକୂଳ ଅଞ୍ଚଳର ପୁନର୍ଗଠନ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟତଃ ସାଂପ୍ରତିକ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ବିପନ୍ନମାନଙ୍କୁ ପଲିଥିନ୍, କମ୍ବଳ ଇତ୍ୟାଦି ରିଲିଫ୍ ସାମଗ୍ରୀ ବଣ୍ଟନ, ବିଭିନ୍ନ ଦିଗରୁ ଆସୁଥିବା ଅର୍ଥର ସୁବିନିଯୋଗ କରି ବିପନ୍ନମାନଙ୍କ ଥଇଥାନ, ସ୍କୁଲ, କଲେଜ ଗୃହଗୁଡ଼ିକର ଯଥାଶୀଘ୍ର ମରାମତି ଓ ପୁନଃନିର୍ମାଣ, ବାତ୍ୟା ଓ ବନ୍ୟା କବଳରୁ ରକ୍ଷା ପାଇବା ପାଇଁ ସ୍ଥାୟୀ ପ୍ରତିକାର ଯୋଜନା ଏବଂ ପର୍ଯ୍ୟାପ୍ତ ବୃକ୍ଷ ରୋପଣ ଯୋଜନା ଇତ୍ୟାଦି ସଂପର୍କରେ ଆଲୋଚନା ହୋଇଥିଲା ।

ମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱାଳ ଉପସ୍ଥିତ ସମସ୍ତ ରାଜନୈତିକ ନେତୃମଣ୍ଡଳୀଙ୍କୁ ସ୍ୱାଗତ କରି ରାଜ୍ୟରେ ଦେଖା ଦେଇଥିବା ମହାପ୍ରଳୟଜନିତ ଭୟାବହତା ସଂପର୍କରେ ଅବଗତ କରାଇଥିଲେ । ସେ କହିଲେ, ପଲିଥିନ୍ ଏବଂ କମ୍ବଳ ଅଗ୍ରାଧିକାର ଭିତ୍ତିରେ ବିପନ୍ନମାନଙ୍କୁ ଯୋଗାଇ ଦେବାକୁ ସରକାର ସଂକଳ୍ପବଦ୍ଧ ଥିଲେ ମଧ୍ୟ ପଲିଥିନ୍ ଏବଂ କମ୍ବଳର ଅଭାବ ଯୋଗୁଁ ଏହା ଆଂଶିକ ସମ୍ଭବ ହୋଇ ପାରିଛି । ଡିସେମ୍ବର ସୁଦ୍ଧା ବିପନ୍ନମାନଙ୍କୁ ୧୦ ଲକ୍ଷ କମ୍ବଳ ଯୋଗାଇ ଦେବା ଲକ୍ଷ୍ୟ ରଖାଯାଇଛି ।

ଉପକୂଳ ଅଞ୍ଚଳର ପୁନର୍ଗଠନ ପ୍ରକ୍ରିୟା ସଂପର୍କରେ ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଆସନ୍ତା ଜାନୁୟାରୀ ୧ ତାରିଖ ସୁଦ୍ଧା ସମସ୍ତ ସ୍କୁଲ ଗୃହର ମରାମତି ଏବଂ ପୁନର୍ଗଠନ କାର୍ଯ୍ୟ କରାଯାଉଛି । ରାଜ୍ୟର ଆର୍ଥିକ ସଂକଟ ଥିଲେ ମଧ୍ୟ ସଂପୂର୍ଣ୍ଣ ଧୋଇ ଯାଇଥିବା, ସଂପୂର୍ଣ୍ଣ ଭାଙ୍ଗି ଯାଇଥିବା ଏବଂ ଆଂଶିକ ଭାଙ୍ଗି ଯାଇଥିବା ଗୃହଗୁଡ଼ିକର ମରାମତି ନିମନ୍ତେ ରିଲିଫ୍ କୋର୍ଡ଼ ଅନୁସାରେ ଯଥାକ୍ରମେ ୩,୫୦୦, ୨୦୦୦ ଏବଂ ୧୦୦୦ ଟଙ୍କା ଦେବାର ବ୍ୟବସ୍ଥା କରାଯାଇଛି ଏବଂ ଏଥିନିମନ୍ତେ ଜିଲ୍ଲାପାଳମାନଙ୍କୁ ଆବଣ୍ଟନ କରାଯାଇଥିବା ଅର୍ଥ ତୁରନ୍ତ କ୍ଷତିଗ୍ରସ୍ତମାନଙ୍କୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ମହାପ୍ରଳୟଙ୍କରୀ ବାତ୍ୟା ଏବଂ ବନ୍ୟାର କ୍ଷୟକ୍ଷତି ଏବଂ ସରକାରଙ୍କ ତରଫରୁ ରିଲିଫ୍ ଏବଂ ଥଇଥାନ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରି ମୁଖ୍ୟ ଶାସନ ସଚିବ ଶ୍ରୀ ସୁଧାଂଶୁ ଭୂଷଣ ମିଶ୍ର କହିଲେ ଯେ ଅଭୂତପୂର୍ବ ବାତ୍ୟା ଓ ବନ୍ୟା ଯୋଗୁଁ ପ୍ରପୀଡ଼ିତ ଲୋକମାନଙ୍କୁ ତତ୍କାଳ ରିଲିଫ୍ ପ୍ରଦାନ ନିମନ୍ତେ କ୍ଷତିଗ୍ରସ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ପ୍ରାଥମିକ ଭାବେ ୧୫ ଦିନ ନିମନ୍ତେ ଜରୁରୀ ସହାୟତା ଏବଂ ମାଗଣା ରନ୍ଧା ଖାଦ୍ୟ ବିତରଣ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ମୃତବ୍ୟକ୍ତିଙ୍କ ପରିବାରବର୍ଗଙ୍କୁ ଆର୍ଥିକ ସହାୟତା, ବିପନ୍ନମାନଙ୍କୁ ପଲିଥିନ୍ ଓ କମ୍ବଳ ଯୋଗାଣ, ୧୧ ଲକ୍ଷ ହେକ୍ଟର ରବି ଚାଷ ନିମନ୍ତେ ଉଠାଜଳସେଚନଗୁଡ଼ିକର ପୁନରୁଦ୍ଧାର, ସବ୍ସିଡ଼ିରେ ବିହନ ଯୋଗାଣ, ଆନ୍ଧ୍ରପ୍ରଦେଶ ପ୍ରଭୃତି ରାଜ୍ୟରୁ ଦୁଧିଆଳି ଗାଈ ଆଣି ଲୋକମାନଙ୍କୁ ବଣ୍ଟନ, ଆସନ୍ତା ଜାନୁୟାରୀ ୩୧ ତାରିଖ ସୁଦ୍ଧା କ୍ଷତିଗ୍ରସ୍ତ ଗ୍ରାମଗୁଡ଼ିକୁ ବିଦ୍ୟୁତ୍ ଯୋଗାଣର ପୁନରୁଦ୍ଧାର ଏବଂ ସର୍ବୋପରି ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ନର୍ସରୀ ମାଧ୍ୟମରେ ୧୫ ଲକ୍ଷ ନଡ଼ିଆ ଚାରା ଯୋଗାଣ ଇତ୍ୟାଦି ସରକାରଙ୍କ ଯୋଜନା ବିଷୟରେ ସେ ଆଲୋକପାତ କରିଥିଲେ ।

ଆଲୋଚନାରେ ଅଂଶଗ୍ରହଣ କରି ବିଭିନ୍ନ ରାଜନୈତିକ ଦଳର ନେତୃମଣ୍ଡଳୀ ରିଲିଫ୍ ସାମଗ୍ରୀର ସୁଷମ ବଣ୍ଟନ, କ୍ଷତିଗ୍ରସ୍ତ ଅଞ୍ଚଳରେ ପୁନର୍ଗଠନ, କ୍ଷତିଗ୍ରସ୍ତମାନଙ୍କର ପୁନଃ ଥଇଥାନ ସଂପର୍କରେ ସରକାରଙ୍କୁ ସୁଚିନ୍ତିତ ପରାମର୍ଶମାନ ଦେଇଥିଲେ ।

ଆଲୋଚନା ଶେଷରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱାଳ କହିଲେ ଯେ, ସବୁ ପ୍ରସ୍ତାବକୁ ଗ୍ରହଣ କରି ଏକ ବିସ୍ତୃତ ଯୋଜନା ପ୍ରସ୍ତୁତ କରାଯିବ ଏବଂ ରାଜ୍ୟ ପୁନର୍ଗଠନ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନିଆଯିବ । ସବୁକ୍ଷେତ୍ରରେ ସ୍ୱଚ୍ଛତା ଅବଲମ୍ବନ ପ୍ରତି ଅଧିକ ଧ୍ୟାନ ଦିଆଯିବ ।

ଶ୍ରୀ ବିଶ୍ୱାଳ ପୁଣି କହିଲେ ଯେ ମୃତ ଏବଂ ନିଖୋଜ ବ୍ୟକ୍ତିଙ୍କ ସଂପର୍କରେ ସଂପୂର୍ଣ୍ଣ ତଥ୍ୟ ଜାଣିବା ପାଇଁ ବିଶେଷ କରି ଜଗତସିଂହପୁର ଜିଲ୍ଲାରେ ନୋଟିସ୍ ଏବଂ ଫର୍ମ ମାଧ୍ୟମରେ ତଥ୍ୟ ସଂଗ୍ରହ କରାଯାଉଛି । ଜିଲ୍ଲାସ୍ତରରେ ବିଭିନ୍ନ ଦଳର ସଭାପତିମାନଙ୍କୁ ନେଇ ଜିଲ୍ଲାସ୍ତରୀୟ ସର୍ବଦଳୀୟ କମିଟି ଗଠନ କରାଯାଇ ରିଲିଫ୍ ଏବଂ ପୁନରୁଦ୍ଧାର କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯିବ । ଦୀର୍ଘମିଆଦି ଯୋଜନାରେ ବିଭିନ୍ନ ଦିଗରୁ ଆସୁଥିବା ସମସ୍ତ ଅର୍ଥକୁ ଏକାଠି କରି ଏକ ସ୍ଥାୟୀ ପ୍ରତିକାର ଯୋଜନା ପ୍ରସ୍ତୁତ କରାଯିବା ସଙ୍ଗେ ସଙ୍ଗେ ବାତ୍ୟା ବିପନ୍ନମାନଙ୍କ ଥଇଥାନ ନିମନ୍ତେ ଯେତେ ଅଧିକ ସମ୍ଭବ ବାତ୍ୟା ଓ ବନ୍ୟା ନିରୋଧକ

ଗୃହ ନିର୍ମାଣ କରାଯିବ । ସମୁଦ୍ରକୂଳ ଅଞ୍ଚଳରେ ଦୀର୍ଘମିଆଦୀ ଯୋଜନାରେ ୨ ଲକ୍ଷ ୫୦,୦୦୦ ଇନ୍ଦିରା ଆବାସ ଗୃହ ନିର୍ମାଣ ପାଇଁ କେନ୍ଦ୍ର ନିକଟରେ ଦାବୀ କରାଯାଇଛି ବୋଲି ପ୍ରକାଶ କରି ସେ କହିଲେ ଯେ ବାତ୍ୟା ନିରୋଧକ ୧୦୦୦ ଲୋକ ରହିବା ଭଳି ୫୦୦ ଟି ବିଦ୍ୟାଳୟ ତଥା ଆଶ୍ରୟସ୍ଥଳ ନିର୍ମାଣ ପାଇଁ ବିଶ୍ୱବ୍ୟାଙ୍କକୁ ପ୍ରସ୍ତାବ ଦିଆଯାଇଛି । ଦଳମତ ନିର୍ବିଶେଷରେ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

**ସମ୍ମିଳିତ ଉଦ୍ୟମ ଆବଶ୍ୟକ : ମୁଖ୍ୟମନ୍ତ୍ରୀ**

ବାତ୍ୟାବିଧ୍ୱସ୍ତ ଅଞ୍ଚଳ ପୁନର୍ଗଠନ ନିମନ୍ତେ ଦଳଗତ ନିର୍ବିଶେଷରେ ସମସ୍ତେ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ହେମାନନ୍ଦ ବିଶ୍ୱାଳ ସମସ୍ତ ରାଜନୈତିକ ଦଳର ନେତାମାନଙ୍କୁ ଆହ୍ୱାନ ଜଣାଇଛନ୍ତି ।

ଗତ ଡିସେମ୍ବର ୨୦ ତାରିଖରେ ସଚିବାଳୟଠାରେ ଆହୂତ ସର୍ବଦଳୀୟ ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ରାଜ୍ୟର ଆର୍ଥିକ ସଂକଟ ବେଳେ ବିଭିନ୍ନ ଦିଗରୁ ଆସୁଥିବା ଅର୍ଥର ସୁବିନିଯୋଗ ନିମନ୍ତେ ଏକ ସମ୍ମିଳିତ ଯୋଜନା ପ୍ରସ୍ତୁତିର ଆବଶ୍ୟକତା ରହିଛି । ବିପନ୍ନମାନଙ୍କର କ୍ଷୟକ୍ଷତି ଭରଣା ପାଇଁ ଏକ ସୁଚିନ୍ତିତ ଆକ୍ସନ୍ ପ୍ଲାନ ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରି ସେ ସମସ୍ତ ଦଳୀୟ କର୍ମକର୍ତ୍ତାମାନଙ୍କ ପରାମର୍ଶ ଏବଂ ସହଯୋଗ କାମନା କରିଥିଲେ ।

ରାଜ୍ୟ ସରକାରଙ୍କ ତରଫରୁ ବାତ୍ୟାବିପନ୍ନମାନଙ୍କୁ ସହାୟତା ସଂପର୍କରେ ମୁଖ୍ୟମନ୍ତ୍ରୀ କହିଲେ ଯେ, ରିଲିଫ୍ କୋର୍ଡ଼ ଅନୁଯାୟୀ ଗୃହ ମରାମତି ଏବଂ ତିଆରି ପାଇଁ ସରକାରୀ ସହାୟତା ଯୋଗାଇ ଦେବା କାର୍ଯ୍ୟ ତ୍ୱରାନ୍ୱିତ କରାଯାଉଛି । ଅଦ୍ୟାବଧି ୯୦ କୋଟି ଟଙ୍କା ବଣ୍ଟାଯାଇଛି ବୋଲି ପ୍ରକାଶ କରି ସେ କହିଲେ ଯେ, ମୃତବ୍ୟକ୍ତିଙ୍କ ପରିବାରବର୍ଗଙ୍କୁ କ୍ଷତିପୂରଣ ବଣ୍ଟନ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଗଲାଣି । ୧ ଲକ୍ଷ ୨୩ ହଜାର କମ୍ବଳ ବିପନ୍ନ ଅଂଚଳରେ ବଣ୍ଟାଯାଇଛି । ଅନ୍ୟ ସଂସ୍ଥା ତରଫରୁ ମଧ୍ୟ କମ୍ବଳ ବଣ୍ଟନ କାର୍ଯ୍ୟ ଚାଲୁରହିଛି । ୟୁନିସେଫ୍ ତରଫରୁ ୨୦ ଲକ୍ଷ କମ୍ବଳ ଯୋଗାଇ ଦିଆଯିବାର ମଧ୍ୟ ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି ।

ରିଲିଫ୍ କୋର୍ଡ଼ ଅନୁସାରେ ମତ୍ସ୍ୟଜୀବୀମାନଙ୍କୁ ଜାଲର କ୍ଷତିପୂରଣ ବାବଦରେ ୧୫୦୦ ଟଙ୍କା, ସର୍ବାଧିକ ଦଶ ଡ଼ିସିମଲ୍ ପାନବରଜର କ୍ଷତିପୂରଣ ବାବଦକୁ ୫୦୦ଟଙ୍କା ଦେବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ୧୦୦୦ ରୁ ଅଧିକ ବଳଦ ମରିଥିବା ଅଂଚଳରେ ପାୱାର ଟ୍ରିଲର ଏବଂ ଟ୍ରାକ୍ଟର ମାଧ୍ୟମରେ ଚାଷ କରିବାର ବ୍ୟବସ୍ଥା କରାଯାଇଛି ଓ ଏଥିପାଇଁ ପ୍ରଥମ ଏକ ଏକର ପାଇଁ କୃଷକଙ୍କୁ କୌଣସି ଅର୍ଥ ଦେବାକୁ ପଡ଼ିବ ନାହିଁ ଏବଂ ତଦୋର୍ଦ୍ଧ୍ୱ ଜମି ଚାଷ ନିମନ୍ତେ ୭୫ ଭାଗ ସବ୍‌ସିଡ଼ି ଦିଆଯିବ । ବ୍ୟାଙ୍କ ଜରିଆରେ କୃଷକମାନଙ୍କୁ କନ୍‌ଜ୍ୟୁମର ଲୋନ୍ ଦିଆଯିବାର ବ୍ୟବସ୍ଥା କରାଯାଇଛି । ଦୀର୍ଘମିଆଦୀ ଯୋଜନାରେ ହୁଡ୍‌କୋରୁ ୧୧୦୦ କୋଟି ଟଙ୍କା ଋଣ ଆଣି ବିପନ୍ନମାନଙ୍କୁ ଘର ଯୋଗାଇ ଦେବାର ମଧ୍ୟ ସିଦ୍ଧାନ୍ତ ଗ୍ରହଣ କରାଯାଇଛି । ସେଥିମଧ୍ୟରୁ ୬୦୦ କୋଟି ଟଙ୍କା ସାଧାରଣ ଲୋକ ଏବଂ ୫୦୦ କୋଟି ଟଙ୍କା ସରକାରୀ କର୍ମଚାରୀମାନଙ୍କ ନିମନ୍ତେ ଉଦ୍ଦିଷ୍ଟ । ବିଶ୍ୱବ୍ୟାଙ୍କର ୪୨୦କୋଟି ଟଙ୍କାକୁ ଶକ୍ତି ଏବଂ ଜଳସେଚନ କାର୍ଯ୍ୟର ପୁନରୁଦ୍ଧାର କାର୍ଯ୍ୟ ନିମନ୍ତେ ବିନିଯୋଗ କରାଯିବ ଏବଂ ଡ଼ି.ଏଫ୍.ଆଇ.ଡ଼ି. ର ୧୭୫ କୋଟି ଟଙ୍କାକୁ ସ୍କୁଲ ଗୃହ ଏବଂ ଅନ୍ୟାନ୍ୟ ପୁନରୁଦ୍ଧାର କାର୍ଯ୍ୟରେ ବିନିଯୋଗ କରାଯିବ ।

କେନ୍ଦ୍ର ସରକାରଙ୍କ ସହାୟତା ସଂପର୍କରେ ପ୍ରକାଶ କରି ସେ କହିଲେ କେନ୍ଦ୍ର ସରକାରଙ୍କୁ ଅଧିକ ୫୦୦ କୋଟି ଟଙ୍କା ଦେବାପାଇଁ ଅନୁରୋଧ କରାଯାଇଛି ଏବଂ ତତ୍ ସଙ୍ଗେ ସଙ୍ଗେ ସ୍କୁଲ ପିଲାମାନଙ୍କ ପୁସ୍ତକ ଏବଂ ଅନ୍ୟାନ୍ୟ ପାଠ୍ୟୋପକରଣ, ଫୁଡ୍ ଫର୍ ୱାର୍କ ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ୩୦୦ କୋଟି ଟଙ୍କା ଦେବା ପାଇଁ ଅନୁରୋଧ କରାଯାଇଛି ।

ଅନ୍ୟାନ୍ୟ ରାଜ୍ୟମାନଙ୍କ ସହାୟତା ସଂପର୍କରେ ମତ ଦେଇ ସେ କହିଲେ ଯେ ୫ଟି ରାଜ୍ୟ ବିଭିନ୍ନ କ୍ଷତିଗ୍ରସ୍ତ ଜିଲ୍ଲାମାନଙ୍କରେ ୧୫ ରୁ ୫୦ କୋଟି ଟଙ୍କା ବିନିଯୋଗରେ ପୁନରୁଦ୍ଧାର ଏବଂ ପୁନର୍ଗଠନ କାର୍ଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀ କହିଲେ ଯେ, ବିଭିନ୍ନ ଦଳରୁ ନାଁ ପାଇଲା ପରେ ସର୍ବଦଳୀୟ କମିଟି ଗଠନ କରାଯିବ । ସ୍କୁଲ ଗୃହଗୁଡ଼ିକର ମରାମତି ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି । ପୁନରୁଦ୍ଧାର ଏବଂ ପୁନର୍ଗଠନ ନିମନ୍ତେ ଏକ ସମ୍ମିଳିତ ଯୋଜନା ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱାରୋପ କରି ମୁଖ୍ୟମନ୍ତ୍ରୀ କହିଲେ, ହୁଡ୍‌କୋରୁ ଋଣ ନିମନ୍ତେ ଆବଶ୍ୟକୀୟ ନିୟମାବଳୀ ସମ୍ମିଳିତ ଏକ ପ୍ରଚାରପତ୍ର ପ୍ରସ୍ତୁତ କରାଯିବ । ସଂପୂର୍ଣ୍ଣ ସ୍ୱଚ୍ଛତା ନିମନ୍ତେ ପ୍ରତ୍ୟହ ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଜିଲ୍ଲାମାନଙ୍କୁ ଯୋଗାଇ ଦିଆଯାଉଥିବା ସହାୟତା ସଂପର୍କରେ ସଂପୂର୍ଣ୍ଣ ବିବରଣୀ ପହଞ୍ଚିବା ଆବଶ୍ୟକ ବୋଲି ସେ ପରାମର୍ଶ ଦେଇଥିଲେ ।

ଜାନୁଆରୀ ୩୧ ତାରିଖ ସୁଦ୍ଧା ସମସ୍ତ ଉଠା ଜଳସେଚନ ପଏଣ୍ଟର ପୁନରୁଦ୍ଧାର କାର୍ଯ୍ୟ ଶେଷ କରିବାକୁ ମୁଖ୍ୟମନ୍ତ୍ରୀ ବିଭାଗୀୟ କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେବା ସଙ୍ଗେ ସଙ୍ଗେ ରାଜ୍ୟସ୍ତରୀୟ ସର୍ବଦଳୀୟ କମିଟି ସପ୍ତାହକୁ ଥରେ ଡ଼କାଯିବ ବୋଲି ଘୋଷଣା କରିଥିଲେ ।

ଏହି ସର୍ବଦଳୀୟ ବୈଠକରେ ବିଭିନ୍ନ ରାଜନୈତିକ ଦଳର ନେତା ଯୋଗଦେଇ ସରକାରଙ୍କୁ ମୂଲ୍ୟବାନ୍ ପରାମର୍ଶମାନ ଦେଇଥିଲେ । ଏହି ବୈଠକରେ ମୁଖ୍ୟ ଶାସନ ସଚିବଙ୍କ ସମେତ ବିଭିନ୍ନ ବିଭାଗର ଶାସନ ସଚିବ ଓ ଉଚ୍ଚପଦସ୍ଥ ଅଧିକାରୀମାନେ ଯୋଗ ଦେଇଥିଲେ ।

# ଥଇଥାନ ଓ ପୁନଃନିର୍ମାଣ ପାଇଁ ପଞ୍ଚାୟତିରାଜ ବିଭାଗର ପଦକ୍ଷେପ

ଓଡ଼ିଶାରେ ଗତ ଅକ୍ଟୋବର ମାସ ୧୭ ଓ ୧୮ ତାରିଖ ଏବଂ ୨୯ ଓ ୩୦ ତାରିଖରେ ସଂଘଟିତ ପ୍ରଳୟଙ୍କରୀ ବାତ୍ୟାରେ ରାଜ୍ୟର ୧୪ଟି ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ଘଟିଛି । ଦେଢ଼କୋଟି ଲୋକଙ୍କ ଜୀବନ ଜୀବିକା ବିପନ୍ନ ହୋଇ ପଡ଼ିଛି । ବିପନ୍ନ ଓ ନିରାଶ୍ରୟଙ୍କ ଭଙ୍ଗୁରା ସଂସାରକୁ ସଜାଡ଼ି ଦେବା ପାଇଁ ସରକାର ବଦ୍ଧପରିକର । ଏ ଦିଗରେ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗର ଉଦ୍ୟମ ଅବ୍ୟାହତ ରହିଛି । ବାତ୍ୟାକ୍ଲିଷ୍ଟ ଜନସାଧାରଣଙ୍କ ଥଇଥାନ ସମେତ ସର୍ବସାଧାରଣ ଅନୁଷ୍ଠାନଗୁଡ଼ିକର ପୁନଃନିର୍ମାଣ ସର୍ବପ୍ରଥମ କାର୍ଯ୍ୟ ହୋଇଥିବାରୁ ରାଜ୍ୟ ସରକାର ଏଥିପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି । ବାତ୍ୟା ପରବର୍ତ୍ତୀ ପରିସ୍ଥିତିର ମୁକାବିଲା ପାଇଁ ରାଜ୍ୟରେ ଇନ୍ଦିରା ଆବାସ ଯୋଜନା, ନିଶ୍ଚିତ କର୍ମ ନିଯୁକ୍ତି ପରିକଳ୍ପନା, ଜବାହର ରୋଜଗାର ଯୋଜନା, ଜଳାପଟା ଅଭିଯାନ କାର୍ଯ୍ୟକ୍ରମ, ସ୍ୱର୍ଣ୍ଣ ଜୟନ୍ତୀ ସହରୀ ଯୋଜନାରେ ଅଧିକ ଅର୍ଥ ଯୋଗାଇ ଦେବାକୁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଇଛନ୍ତି ।

ଇନ୍ଦିରା ଆବାସ ଯୋଜନା ଅନୁଯାୟୀ ପ୍ରତି ବାସଗୃହ ପିଛା ୩୦ ହଜାର ଟଙ୍କା ବ୍ୟୟରେ ସରକାରଙ୍କ ଅଂଶ ବାବଦକୁ ୧୮୭.୫ କୋଟି ଟଙ୍କା ଛାଡ଼ କରିବାକୁ କେନ୍ଦ୍ର ସରକାରଙ୍କ ନିକଟରେ ଦାବୀ ଉପସ୍ଥାପିତ ହୋଇଛି । ଏହା ବ୍ୟତୀତ ଛାତ ଉପରକୁ ଯିବା ପାଇଁ ସିଢ଼ି ସହିତ ବାତ୍ୟା ଓ ବନ୍ୟା ପ୍ରତିରୋଧକ ପକ୍କାଗୃହ ନିର୍ମାଣ କରାଯିବା ନିମନ୍ତେ ନକ୍ସା ପ୍ରସ୍ତୁତି କାର୍ଯ୍ୟ ଚାଲିଛି ।

ଅତିଶୟ କ୍ଷୟକ୍ଷତି ଘଟିଥିବା ବାତ୍ୟାଞ୍ଚଳରେ ଶତକଡ଼ା ୫୦ ଭାଗ ପରିବାରଙ୍କୁ ଆଗାମୀ ୨୦୦୦ ମସିହା ମାର୍ଚ୍ଚ ମାସ ପର୍ଯ୍ୟନ୍ତ ମାସକୁ ୨୫ ଦିନ କାମଧନ୍ଦା ଯୋଗାଇ ଦେବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ସେହିଭଳି ଅନ୍ୟାନ୍ୟ ବିପନ୍ନ ଅଞ୍ଚଳର ଶତକଡ଼ା ୨୦ ରୁ ୩୦ ପରିବାରଙ୍କୁ ମଧ୍ୟ କାମଧନ୍ଦା ଯୋଗାଇବାକୁ ହେବ । ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଓ ଜବାହର ରୋଜଗାର ଯୋଜନା ବାବଦ ଅତିରିକ୍ତ ୪ଟି କିସ୍ତି ପାଇଁ ୩୧୨ କୋଟି ଟଙ୍କା ଯୋଗାଇ ଦେବାକୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଛି । ଫଳରେ ଏହି କାର୍ଯ୍ୟ ଯୋଜନାବଦ୍ଧ ଭାବରେ ଓ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଶେଷ ହୋଇପାରିବ ।

ଜଳାପଟା ଅଭିଯାନ କାର୍ଯ୍ୟକ୍ରମ ଅନୁଯାୟୀ ୪୬ କୋଟି ଟଙ୍କା ବ୍ୟୟରେ ୩୮୮୦ ଟି ସ୍କୁଲଗୃହ ନିର୍ମାଣ କରାଯିବ । ଏଥିପାଇଁ ପ୍ରତ୍ୟେକ ସ୍କୁଲଗୃହ ନିର୍ମାଣ ନିମନ୍ତେ ୨ ଲକ୍ଷ ଟଙ୍କା ଖର୍ଚ୍ଚ ହେବ । ଏହି ସ୍କୁଲଗୃହଗୁଡ଼ିକ ନିର୍ମାଣ ପାଇଁ ସମୁଦାୟ ଅର୍ଥ ଯୋଗାଇ ଦେବାକୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଛି ।

ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଜନସାଧାରଣଙ୍କୁ ଦୁଧିଆଳୀ ଗାଈ, ବଳଦ, ଛେଳି, ମେଣ୍ଢା ଓ ଅନ୍ୟାନ୍ୟ ପାଳିତ ପଶୁ ଯୋଗାଇ ଦେବାର ଲକ୍ଷ୍ୟ ନେଇ ସ୍ୱର୍ଣ୍ଣ ଜୟନ୍ତୀ ସହର ଯୋଜନା ପରିକଳ୍ପନା ଅନୁଯାୟୀ ଜଗତସିଂହପୁର ଜିଲ୍ଲା ସବାଶେ ଅଧିକ ୩ଟି କିସ୍ତି ଓ ଅନ୍ୟାନ୍ୟ ଜିଲ୍ଲାଗୁଡ଼ିକ ପାଇଁ ଅଧିକ ୨ଟି କିସ୍ତି ବାବଦରେ ମୋଟ ୩୭ କୋଟି ଟଙ୍କା ଯୋଗାଇ ଦେବାକୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଛି । ସେହିଭଳି ବାତ୍ୟା ବିପନ୍ନ ଅଞ୍ଚଳରେ ୧୯୯୨ କିମ୍ବା ୧୯୯୭ ମସିହା ବି.ପି.ଏଲ୍. ତାଲିକାର ଅନ୍ତର୍ଭୁକ୍ତ ହୋଇଥିବା ପ୍ରତ୍ୟେକ ପରିବାରଙ୍କୁ ଆର୍ଥିକ ସାହାଯ୍ୟ ଯୋଗାଇ ଦେବାକୁ ମଧ୍ୟ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଛି ।

ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ଶିକ୍ଷା କ୍ଷେତ୍ରରେ ପୂର୍ବାବସ୍ଥା ଫେରାଇ ଆଣିବା ପାଇଁ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି । ଛାତ୍ରଛାତ୍ରୀମାନେ ତୁରନ୍ତ ଯେପରି ବିଦ୍ୟାଳୟରେ ଯୋଗ ଦେବେ, ସେଥିପାଇଁ ବିଶେଷ ଧ୍ୟାନ ଦିଆଯାଇଛି । ବାତ୍ୟା କ୍ଷତିଗ୍ରସ୍ତ ଜିଲ୍ଲାଗୁଡ଼ିକରେ ଥିବା ସ୍କୁଲଗୁଡ଼ିକର ମରାମତି କାର୍ଯ୍ୟ ଅଗ୍ରାଧିକାର ଭିତ୍ତିରେ ସଂପନ୍ନ କରି ସ୍କୁଲରେ ପଢ଼ାପଢ଼ି ଶୀଘ୍ର ଆରମ୍ଭ କରିବାକୁ ଓ ସ୍କୁଲଗୁଡ଼ିକର ମରାମତି କାର୍ଯ୍ୟ ଡିସେମ୍ବର ୩୧ ତାରିଖ ସୁଦ୍ଧା ଶେଷ କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଯେଉଁ ଅଞ୍ଚଳରେ ସ୍କୁଲଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ଯାଇଥିବ, ସେଗୁଡ଼ିକ ପୁନଃନିର୍ମାଣ କରାଯିବ । ଏହି ପୁନଃନିର୍ମାଣ କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ ଗ୍ରାମାଞ୍ଚଳର ଗୋଷ୍ଠୀ କେନ୍ଦ୍ର ଗୃହରେ ପାଠପଢ଼ା ଚାଲିବ । ଆଜ୍‌ବେଷ୍ଟସ୍, ଟିଣ ଚଦର ଓ ଟାଇଲ ଛାତ ଥିବା ସମସ୍ତ ବ୍ଲକର ସ୍କୁଲ ଗୃହର ଛାତକୁ ପକ୍କାଛାତ କରାଯିବା ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

ବାତ୍ୟା ବିଧ୍ୱସ୍ତ ଅଞ୍ଚଳରେ ମରାମତି ଓ ପୁନଃନିର୍ମାଣ କାର୍ଯ୍ୟ ପାଇଁ ରାଜ୍ୟ ସରକାର ବିଭିନ୍ନ ଜିଲ୍ଲା ଓ ଇଂଜିନିୟରିଂ ବିଭାଗଗୁଡ଼ିକରୁ ୨୧ ଜଣ ସହକାରୀ ଯନ୍ତ୍ରୀ ଓ ୧୦୦ ଜଣ କନିଷ୍ଠ ଯନ୍ତ୍ରୀଙ୍କୁ ଆଣି ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ଅବସ୍ଥାପିତ କରାଇଛନ୍ତି । ସାରା ରାଜ୍ୟର ଗ୍ରାମାଞ୍ଚଳରେ ନିର୍ମାଣ ତଥା ନିଯୁକ୍ତି ସୃଷ୍ଟିକାରୀ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନିଆଯାଇଛି । ଏଥିପାଇଁ ଅଧିକ ସଂଖ୍ୟକ ବୈଷୟିକ ଜ୍ଞାନ ସଂପନ୍ନ କର୍ମଚାରୀ ମୁତୟନ କରିବା ଦିଗରେ ଉଦ୍ୟମ ଅବ୍ୟାହତ ରହିଛି ।

# ବାତ୍ୟାଞ୍ଚଳର ୧୨ ଲକ୍ଷ ୯୬ ହଜାର ହେକ୍ଟର ଜମିରେ ରବିଚାଷ

ପ୍ରଳୟଙ୍କରୀ ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ରାଜ୍ୟର ୧୪ ଟି ଜିଲ୍ଲାରେ ୧୨ ଲକ୍ଷ ୯୬ ହଜାର ହେକ୍ଟର ଜମିରେ ବ୍ୟାପକ ରବିଚାଷ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି କରିଛନ୍ତି । ଏଥିପାଇଁ ଚାଷୀମାନଙ୍କୁ ବିହନ ଯୋଗାଣ କ୍ଷେତ୍ରରେ ଶତକଡ଼ା ୫୦ଭାଗ ଏବଂ ଉଠାଜଳସେଚନ ପାଇଁ ଜଳକର କ୍ଷେତ୍ରରେ ଶତକଡ଼ା ୫୦ ଭାଗ ରିହାତି ଦିଆଯିବ ବୋଲି ଜଳସମ୍ପଦ, କୃଷି, ସମବାୟ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ ଘୋଷଣା କରିଛନ୍ତି ।

ଗତ ଡ଼ିସେମ୍ବର ୧୫ ତାରିଖରେ ବିଧାନସଭାରେ ଚଳିତ ଆର୍ଥିକ ବର୍ଷ ପାଇଁ କୃଷି ବିଭାଗର ଅତିରିକ୍ତ ଖର୍ଚ୍ଚଦାବି ଉପରେ ହୋଇଥିବା ଆଲୋଚନାର ଉତ୍ତର ଦେଇ ଶ୍ରୀ ବିଶ୍ୱାଳ କହିଥିଲେ ଯେ, ରାଜ୍ୟକୁ ବାତ୍ୟା ଓ ସମୁଦ୍ର ଜୁଆରରୁ ରକ୍ଷା କରିବା ପାଇଁ ସମୁଦ୍ର ଉପକୂଳରେ ଏକ ସୁଦୃଢ଼ ଓ ସୁଉଚ୍ଚ ଲୁଣାବନ୍ଧ ନିର୍ମାଣ ବିଷୟ ବିଚାର କରାଯାଉଛି । ମୁଖ୍ୟ ଶାସନ ସଚିବ ଏହି ବନ୍ଧ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି । ଏହି ବନ୍ଧ ନିର୍ମାଣ ହେଲେ, ଉପକୂଳ ଅଞ୍ଚଳକୁ ସମୁଦ୍ର ଜୁଆର ପ୍ରବେଶ କରିବା ସବୁଦିନ ପାଇଁ ବନ୍ଦ ହୋଇଯିବ । ବାତ୍ୟା ପ୍ରପୀଡ଼ିତ ୧୪ଟି ଜିଲ୍ଲାରେ ୧୧ ଲକ୍ଷ ୧୩ ହଜାର ହେକ୍ଟର ଜମିରେ ଶସ୍ୟ, ତୈଳବୀଜ, ଡ଼ାଲି ଜାତୀୟ ଖାଦ୍ୟଶସ୍ୟ ଓ ଆଖୁ ପ୍ରଭୃତି ଚାଷ ଏବଂ ଏକ ଲକ୍ଷ ୮୩ ହଜାର ହେକ୍ଟର ଜମିରେ ଆଳୁ ଓ ଅନ୍ୟାନ୍ୟ ପନିପରିବା ଓ ମସଲା ଚାଷ କରାଯିବ । ଏଥିପାଇଁ ରାଜ୍ୟ ସରକାର ବ୍ୟାପକ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛନ୍ତି । ଚାଷୀମାନଙ୍କୁ ଶତକଡ଼ା ୫୦ ଭାଗ ରିହାତିରେ ବିହନ ଯୋଗାଣ କରାଯିବ ଏବଂ ଏହି ରିହାତିର ପରିମାଣ ପ୍ରାୟ ୨୦ କୋଟି ଟଙ୍କା ହେବ । ଉଠାଜଳସେଚନ ସହ ଜଳସେଚନ ପାଇଁ ଜଳକର ଶତକଡ଼ା ୫୦ ଭାଗ ଛାଡ଼ କରାଯିବ । ଯେଉଁ ବ୍ଲକ୍‌ରେ ହଜାରରୁ ଅଧିକ ବଳଦ ବାତ୍ୟାରେ ମୃତ୍ୟୁବରଣ କରିଛନ୍ତି, ସେ ବ୍ଲକମାନଙ୍କରେ ବିନା ମୂଲ୍ୟରେ ରବିଚାଷ ପାଇଁ ଏକ ଏକର ପର୍ଯ୍ୟନ୍ତ ଜମି ଓଡ଼ିଶା ଆଗ୍ରୋ ଇଣ୍ଡଷ୍ଟ୍ରିଜ୍ କର୍ପୋରେସନ୍ ଦ୍ୱାରା ଟାକ୍ଟର ସାହାଯ୍ୟରେ ଚାଷ ପାଇଁ ଏକର ପିଛା ଯେତିକି ଖର୍ଚ୍ଚ ହେବ ତାହାର ଶତକଡ଼ା ୭୫ ଭାଗ ରିହାତି ଦିଆଯିବ ଏବଂ ଅବଶିଷ୍ଟ ୨୫ ଭାଗ ଚାଷୀଙ୍କୁ ବହନ କରିବାକୁ ପଡ଼ିବ ।

ଚଳିତ ବର୍ଷ ପ୍ରାକୃତିକ ବିପର୍ଯ୍ୟୟରେ କୃଷି ବିଭାଗର ଯେଉଁ କ୍ଷତି ଘଟିଛି ତା'ର ମୂଲ୍ୟ ପ୍ରାୟ ୧୭୩୩ କୋଟି ଟଙ୍କା ହେବ । ଧାନ ଫସଲ ୧୫ ଲକ୍ଷ ୨୫ହଜାର ହେକ୍ଟର ଜମି କ୍ଷତିଗ୍ରସ୍ତ ହୋଇଥିବା ବେଳେ ଅନ୍ୟାନ୍ୟ ଫସଲ ୮ ଲକ୍ଷ ୫୭ ହଜାର ହେକ୍ଟର ଜମି କ୍ଷତିଗ୍ରସ୍ତ ହୋଇଛି ଓ ପନିପରିବା ଚାଷ ୨ ଲକ୍ଷ ୨୨ ହଜାର ୩୪୬ ହେକ୍ଟର ଜମି ଉଜୁଡ଼ି ଯାଇଛି । ଏହି କ୍ଷୟକ୍ଷତି ଭରଣା ପାଇଁ ରାଜ୍ୟ ସରକାର କେନ୍ଦ୍ରକୁ ଅନେକ ପ୍ରସ୍ତାବ ଦେଇଛନ୍ତି । ବିପନ୍ନ ଅଞ୍ଚଳର ଚାଷୀଙ୍କୁ ୪ କୋଟି ୫୦ ଲକ୍ଷ ଟଙ୍କା ମୂଲ୍ୟର ୩ଲକ୍ଷ ପରିବା ମଞ୍ଜିକିଟ୍ ଯୋଗାଇ ଦେବାକୁ ପ୍ରସ୍ତାବ ଦିଆଯାଇଛି । ୩୦ ହଜାର ଘରୋଇ ଉଠାଜଳସେଚନ ପଏଣ୍ଟ ସ୍ଥାପନ କରିବାକୁ ପ୍ରସ୍ତାବ ଦିଆଯାଇଛି । ଏଥିପାଇଁ ରାଜ୍ୟ ସରକାର ୫୦%ଭାଗ ରିହାତି ଦେବେ ଏବଂ ମୋଟ ରିହାତିର ପରିମାଣ ୧୦୦ କୋଟି ଟଙ୍କା ହେବ । ଏହା ଫଳରେ ଏକ ଲକ୍ଷ ହେକ୍ଟର ଜମି ଜଳସେଚନ ହୋଇପାରିବ । ଡ଼ିଜେଲ ପମ୍ପ ଜରିଆରେ ପାଣି ଉଠାଯାଇ ୫୦ ହଜାର ହେକ୍ଟର ଜମିରେ ରବିଚାଷ ପାଇଁ ପ୍ରସ୍ତାବ କରାଯାଇଛି । ଏଥିପାଇଁ ୧୦ ହଜାର ଡ଼ିଜେଲ ପମ୍ପ ଆବଶ୍ୟକ ପଡ଼ିବ ଓ ରାଜ୍ୟ ସରକାର ୮ କୋଟି ଟଙ୍କା ରିହାତି ଦେବେ । କୃଷି ଯନ୍ତ୍ରପାତି ପାଇଁ ୩ କୋଟି ଟଙ୍କାର ସବ୍‌ସିଡ଼ି, ୨ ହଜାର ଟ୍ରାକ୍ଟର ଓ ୩ ହଜାର ପାୱାର ଟିଲର ଯୋଗାଇ ଦେବା ପାଇଁ ୩୫ କୋଟି ଟଙ୍କା ଯୋଗାଇ ଦେବାକୁ ଭାରତ ସରକାରଙ୍କୁ ଅନୁରୋଧ କରାଯାଉଛି । ଏ କ୍ଷେତ୍ରରେ ମଧ୍ୟ ସରକାର ଶତକଡ଼ା ୫୦ ଭାଗ ରିହାତି ଦେବେ । ପାନଚାଷୀମାନଙ୍କୁ ହଜାର ଟଙ୍କା ଲେଖାଏଁ ସହାୟତା ଦେବାକୁ ଅନୁରୋଧ କରାଯାଇଛି । ଏହା ଫଳରେ ୨ ହଜାର ପାନଚାଷୀଙ୍କୁ ୨ ଲକ୍ଷ ଟଙ୍କା ଦେବା ପାଇଁ ଆବଶ୍ୟକ ପଡ଼ିବ । ନନ୍ଦନକାନନର ବଟାନିକାଲ୍ ଗାର୍ଡ଼େନ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି । ଏଥିପାଇଁ ଭାରତ ସରକାରଙ୍କୁ ୬୬ କୋଟି ୯୯ଲକ୍ଷ ଟଙ୍କା ମଗାଯାଇଛି । ୭ଟି ଉପକୂଳବର୍ତ୍ତୀ ଜିଲ୍ଲା ଗଞ୍ଜାମ, ଖୋର୍ଦ୍ଧା, ପୁରୀ, ଯାଜପୁର, କଟକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁରରେ ଫଳ ଉଦ୍ୟାନ ସୃଷ୍ଟି ପାଇଁ ୧୪ କୋଟି ୬୫ ଲକ୍ଷ ଟଙ୍କା ଦେବା ପାଇଁ ପ୍ରସ୍ତାବ ଦିଆଯାଇଥିବା ବେଳେ କ୍ଷତିଗ୍ରସ୍ତ ୧୪ଟି ଜିଲ୍ଲାର ରବି ଫସଲ ପାଇଁ କୃଷି ଋଣ ଯୋଗାଇ ଦେବା ନିମନ୍ତେ ୮୧୩ କୋଟି ଟଙ୍କା ଆବଶ୍ୟକ ପଡ଼ିବ ବୋଲି ହିସାବ କରାଯାଇଛି । ସେଥିରୁ ସମବାୟ ବ୍ୟାଙ୍କମାନେ ୧୭୧ କୋଟି ଟଙ୍କା ଓ ବ୍ୟବସାୟିକ ବ୍ୟାଙ୍କମାନେ ୬୪୨ କୋଟି ଟଙ୍କା ଯୋଗାଇ ଦେବେ । ତେବେ ଋଣ ସର୍ତ୍ତ କୋହଳ କରିବା ପାଇଁ ରିଜର୍ଭ ବ୍ୟାଙ୍କ ଅନୁମତି ଦେଇଛନ୍ତି । ସେହିଭଳି ଚଳିତ ବର୍ଷର ଫସଲ ପାଇଁ ଦିଆଯାଇଥିବା ଋଣ ୨ ବର୍ଷ ପର୍ଯ୍ୟନ୍ତ ଆଦାୟ କରାଯିବ ନାହିଁ ବୋଲି ନିଷ୍ପତ୍ତି ହୋଇଛି । ତାହାର ପରବର୍ତ୍ତୀ ସାତବର୍ଷରେ କିସ୍ତିୱାରୀ ଭାବେ ଏହା ଆଦାୟ କରାଯିବ । ସମବାୟ ବ୍ୟାଙ୍କମାନେ ଦେଇଥିବା ୧୨୮ କୋଟି ଟଙ୍କାର ସ୍ୱଳ୍ପକାଳୀନ ଋଣକୁ ମଧ୍ୟମ କାଳୀନ ଋଣକୁ ପରିବର୍ତ୍ତନ କରାଯାଇ ୨ ବର୍ଷ ପରେ

ଆଦାୟ କରାଯିବ । ବାତ୍ୟା ଓ ବନ୍ୟାରେ ଜମିପଟ୍ଟା ଓ କାଗଜପତ୍ର ନଷ୍ଟ ହୋଇଯାଇଥିଲେ ଆର୍. ଆଇ. କିମ୍ବା ଭି. ଏ. ଡବ୍ଲ୍ୟୁଙ୍କର ସାର୍ଟିଫିକେଟକୁ ସ୍ୱୀକାର ଗ୍ରହଣ କରିବେ । କୌଣସି ଚାଷୀ ୧୦ ହଜାର ଟଙ୍କାରୁ ଅଧିକ ଋଣ ଖିଲାପ କରିନଥିଲେ ତାଙ୍କୁ ନୂତନ ଋଣ ଦିଆଯିବ ।

ବାତ୍ୟା କ୍ଷତିଗ୍ରସ୍ତ ୧୪ ଟି ଜିଲ୍ଲାରେ ମୋଟ ୧୦ ହଜାର ୬୦୫ ଟି ଉଠାଜଳସେଚନ ପ୍ରକଳ୍ପ ରହିଛି । ସେଥିରୁ ୬୫୮୦ ଟି ପ୍ରକଳ୍ପ କ୍ଷତିଗ୍ରସ୍ତ ହୋଇଛି । ଏହା ମଧ୍ୟରେ ୨ ହଜାର ୫ ଶହ ପ୍ରକଳ୍ପକୁ ମରାମତି କରାଯାଇ ସାରିଲାଣି । ଏହି ମରାମତି କାର୍ଯ୍ୟ ପାଇଁ ୨ କୋଟି ୫୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି । ସବୁ ପ୍ରକଳ୍ପକୁ ଆସନ୍ତା ୩୧।୧୨।୯୯ ସୁଦ୍ଧା ମରାମତି କରାଯାଇ କାର୍ଯ୍ୟକ୍ଷମ କରାଯିବ ବୋଲି ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ବିପନ୍ନ ଅଞ୍ଚଳବାସୀଙ୍କୁ ରବିଚାଷ ପାଇଁ ବିହନ ଯୋଗାଇ ଦେବା ନିମନ୍ତେ ରାଜ୍ୟ ସରକାର ଓଡ଼ିଶା ରାଜ୍ୟ ବିହନ ନିଗମ ମାଧ୍ୟମରେ ବିହନ ସଂଗ୍ରହ କରୁଛନ୍ତି । ଅଏଲ୍ ଓଡ଼ିଶା ଜରିଆରେ ଚିନାବାଦାମ ବିହନ ସଂଗ୍ରହ କରାଯାଇଛି । ଜାତୀୟ ବିହନ ନିଗମ ୩ ହଜାର କ୍ୱିଣ୍ଟାଲ ମୁଗବିହନ ମିନିକିଟ୍ ଜରିଆରେ ଯୋଗାଇ ଦେଉଥିବା ବେଳେ ମହାରାଷ୍ଟ୍ର ବିହନ ନିଗମ ୨ ହଜାର କ୍ୱିଣ୍ଟାଲ ମୁଗ ବିହନ ମିନିକିଟ୍ ଓ ୫ ଶହ ବିରି ବିହନ ମିନିକିଟ୍ ଯୋଗାଇ ଦେଉଛନ୍ତି ।

## ଗ୍ରାମାଞ୍ଚଳର ବିକାଶ ମୋର ପ୍ରଧାନ ଲକ୍ଷ୍ୟ : ମୁଖ୍ୟମନ୍ତ୍ରୀ

ଗ୍ରାମାଞ୍ଚଳର ବିକାଶ ବିନା ଅର୍ଥନୈତିକ ପ୍ରଗତି ଅସମ୍ଭବ । ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କ ଉନ୍ନତି ମୋର ପ୍ରଧାନ ଲକ୍ଷ୍ୟ ବୋଲି ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ହେମାନନ୍ଦ ବିଶ୍ୱାଳ ପ୍ରକାଶ କରିଛନ୍ତି ।

ଗତ ଡ଼ିସେମ୍ବର ୧୯ ତାରିଖରେ ସମ୍ବଲପୁର, ଝାରସୁଗୁଡ଼ା ଏବଂ ଦେବଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ସେତୁନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରି ଆୟୋଜିତ ଉତ୍ସବରେ ମୁଖ୍ୟମନ୍ତ୍ରୀ ଏକଥା କହିଛନ୍ତି ।

୧୯ ତାରିଖରେ ସରଡ଼ା- ପୁରୁଣାପାଣି ରାସ୍ତାରେ 'ଭେଢ଼େନ୍ ସେତୁ', ସର୍ଗିଡ଼ିହଠାରେ ଲହରଂଗ ସେତୁ ଓ ଢେଂଗାଲବେଢ଼ା ଠାରେ 'ହାତିଆନାଳ ସେତୁ' ର ଭିତ୍ତିପ୍ରସ୍ତର ସ୍ଥାପନ କରି ଆୟୋଜିତ ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱାଳ କହିଲେ ଯେ 'ଭେଢ଼େନ୍ ସେତୁ' ୬୦ ଲକ୍ଷ ଟଙ୍କା ବିନିଯୋଗରେ ନିର୍ମାଣ କରାଯିବ । ଏହି ସେତୁର ନିର୍ମାଣ ହେଲେ କୁଚିଣ୍ଡା ଉପଖଣ୍ଡ ଏକ ଆଦିବାସୀ ଅଧ୍ୟୁଷିତ ଅଂଚଳର ଅଧିବାସୀମାନେ ବିଶେଷଭାବେ ଉପକୃତ ହେବେ ।

ସେହିପରି ସର୍ଗିଡ଼ିହି ଠାରେ ଲହରଂଗ ନଦୀ ଉପରେ ନିର୍ମାଣ ହେବାକୁ ଥିବା 'ଲହରଂଗ ସେତୁ' ଏବଂ ଢେଂଗାଲବେଢ଼ାଠାରେ 'ହାତିଆ ସେତୁ' ର ଭିତ୍ତିପ୍ରସ୍ତର ସ୍ଥାପନ କରି ଆୟୋଜିତ ଉତ୍ସବରେ ମୁଖ୍ୟମନ୍ତ୍ରୀ କହିଲେ ବାମରା–ଗଡ଼ପୋଷ ରାସ୍ତାରୁ କୁଚାରୀମାଲ ରାସ୍ତାରେ 'ଲହରଂଗ ସେତୁ' ଏବଂ ଢେଂଗାଲବେଢ଼ା–କୁଆଁରିମାଳ, ଦୁତୁକାବାହାଲ, ନାଏକ କଉଲା, କୁହୁକୁଡ଼ିହି, ଜମାଲର ଗ୍ରାମବାସୀମାନେ ବିଶେଷ ଭାବେ ଉପକୃତ ହେବା ସହିତ ବାଦୁଡ଼ିଡ଼ିହି ପାକଲପଡ଼ାଠାରେ ଗ୍ରାମପଞ୍ଚାୟତ ସହିତ ସିଧାସଳଖ ସଂଯୋଗ ହୋଇପାରିବ । ଗମନାଗମନର ସୁବିଧା ସହ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟ ସହ ପଞ୍ଚାୟତ ସମିତି ମୁଖ୍ୟ କାର୍ଯ୍ୟାଳୟର ସଂଯୋଗ ସମ୍ଭବ ହେବା ସଙ୍ଗେ ସଙ୍ଗେ ଅଂଚଳବାସୀଙ୍କ ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେବ ।

ଗ୍ରାମ୍ୟ ଉନ୍ନୟନ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ପୂର୍ତ୍ତ ଓ ଗୃହନିର୍ମାଣ ମନ୍ତ୍ରୀ ଶ୍ରୀ ଜୟଦେବ ଜେନା, ମନ୍ତ୍ରୀ ଶ୍ରୀ ସୁରେଶ କୁମାର ରାଉତରାୟ, ମନ୍ତ୍ରୀ ଶ୍ରୀ ରିପୁନାଥ ସେଠ ଓ କୁଚିଣ୍ଡାର ବିଧାୟକ ଶ୍ରୀ ପାଣ୍ଡୁ ଚନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ ।

# ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପୁନରୁଦ୍ଧାର ଓ ପୁନଃସ୍ଥାପନ କାର୍ଯ୍ୟ

ଗତ ଅଭୂତପୂର୍ବ ବାତ୍ୟା, ବନ୍ୟା ଓ ଜୁଆର ପାଣି ମାଡ଼ିବା ଦ୍ୱାରା ଗ୍ରାମାଞ୍ଚଳର ରାସ୍ତାଘାଟ, ପାନୀୟ ଜଳଯୋଗାଣ ପ୍ରକଳ୍ପ ଏବଂ ନଳକୂପଗୁଡ଼ିକର ବ୍ୟାପକ କ୍ଷୟକ୍ଷତି ଘଟିଛି । ଏହା ଦ୍ୱାରା ଗମନାଗମନ ଏବଂ ଦୁର୍ଗତ ଅଞ୍ଚଳରେ ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ବ୍ୟାପକ ସମସ୍ୟା ଉପୁଜିଥିଲା ।

ଗ୍ରାମାଞ୍ଚଳରେ ପାନୀୟ ଜଳଯୋଗାଣ ମୁଖ୍ୟତଃ ନଳକୂପ, ପରିମଳ କୂପ ଏବଂ ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ଦ୍ୱାରା ହିଁ କରାଯାଇଥାଏ । ସମଗ୍ର ରାଜ୍ୟରେ ୧,୭୨,୦୭୭ ଟି ନଳକୂପ ଓ ପରିମଳ କୂପ ମଧ୍ୟରୁ କ୍ଷତିଗ୍ରସ୍ତ ୧୫ ଟି ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କରେ ୧,୦୨,୩୪୭ ଟି ନଳକୂପ ଓ ପରିମଳ କୂପ ଅଛି । ତନ୍ମଧ୍ୟରୁ ପ୍ରାୟ ୩୯,୯୮୫ ଟି ନଳକୂପ ଓ ପରିମଳ କୂପ ବାତ୍ୟା ଦ୍ୱାରା ଭଣାଅଧିକେ କ୍ଷତିଗ୍ରସ୍ତ ହୋଇଥିଲା । ସେହିଭଳି ରାଜ୍ୟରେ ୩୯୭ ଟି ଗ୍ରାମାଞ୍ଚଳ ପାଇପ୍ ଜଳଯୋଗାଣ ପ୍ରକଳ୍ପ ମଧ୍ୟରୁ ଉପଦ୍ରୁତ ଅଞ୍ଚଳରେ ଥିବା ୧୭୨ଟି ପ୍ରକଳ୍ପରୁ ୧୨୧ଟି ପ୍ରକଳ୍ପ ଏହି ବାତ୍ୟା ଓ ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ହୋଇଛି ।

ବାତ୍ୟା ଓ ବନ୍ୟା ପରେ ପରେ ଯୁଦ୍ଧକାଳୀନ ଭିତ୍ତିରେ ଏହି କ୍ଷତିଗ୍ରସ୍ତ ଅଞ୍ଚଳରେ ନଳକୂପଗୁଡ଼ିକର ମରାମତି ଏବଂ ବିଶୋଧନ କାର୍ଯ୍ୟ ତୁରନ୍ତ ହାତକୁ ନିଆଯାଇଥିଲା । ଏଥି ନିମନ୍ତେ ୧୪୫ ଟି ମୋବାଇଲ ଭ୍ୟାପ୍ ଏବଂ ୨୭୭ ଟି ମରାମତି ଦଳକୁ ଏହି କାର୍ଯ୍ୟରେ ନିୟୋଜିତ କରାଯାଇ ସମସ୍ତ ନଳକୂପ ମରାମତି ଏବଂ ବିଶୋଧନ କରାଯାଇଛି ।

ଜଗତସିଂହପୁର, ପୁରୀ ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ୨୦ ଟି ପାଣି ଟ୍ୟାଙ୍କର ଯୋଗେ ପାନୀୟ ଜଳଯୋଗାଣର ବ୍ୟବସ୍ଥା କରାଯାଇଛି । ଜିଲ୍ଲାପାଳମାନଙ୍କ ଚାହିଦା ଅନୁଯାୟୀ ବିଭିନ୍ନ ଆଶ୍ରୟସ୍ଥଳ ଓ ଗ୍ରାମଗୁଡ଼ିକରେ ଏହି ଟ୍ୟାଙ୍କର ସାହାଯ୍ୟରେ ପାନୀୟ ଜଳ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି ।

ଜିଲ୍ଲାପାଳମାନଙ୍କ ବରାଦ ମୁତାବକ ଅସ୍ଥାୟୀ ନଳକୂପ ମଧ୍ୟ ସ୍ଥାପନ କରାଯାଇଛି । ଏପର୍ଯ୍ୟନ୍ତ ୪୨୦ଟି ଅସ୍ଥାୟୀ ନଳକୂପ ବସାଯାଇ ସାରିଲାଣି ଏବଂ ଆହୁରି ୧୬୬ ଗୋଟି ଅସ୍ଥାୟୀ ନଳକୂପ ଖନନ କାର୍ଯ୍ୟ ଚାଲିଅଛି ।

୧୨୧ ଟି କ୍ଷତିଗ୍ରସ୍ତ ପାଇପ୍ ଜଳଯୋଗାଣ ପ୍ରକଳ୍ପ ମଧ୍ୟରୁ ୭୮ଟି ପ୍ରକଳ୍ପ ଅସ୍ଥାୟୀ ମରାମତି କରାଯାଇ ଜଳଯୋଗାଣ କାର୍ଯ୍ୟକ୍ରମ ଚାଲୁ କରାଯାଇଛି । ଡ଼ିଫେନ୍ସ ରିସର୍ଚ୍ଚ ଆଣ୍ଡ୍ ଡ଼େଭଲପ୍‌ମେଣ୍ଟ ଅର୍ଗାନାଇଜେସନ୍, ଯୋଧପୁର ଓ ଅନ୍ୟାନ୍ୟ ସଂସ୍ଥାକୁ ୧୯ ଗୋଟି ପ୍ୟାକେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ଯୋଗାଇ ଦେଇଛନ୍ତି । ତନ୍ମଧ୍ୟରୁ ୧୫ ଟି ଜଗତସିଂହପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ, ୩ ଟି ପୁରୀ ଜିଲ୍ଲାରେ, ଗୋଟିଏ ଖୋର୍ଦ୍ଧା ଜିଲ୍ଲାରେ ସ୍ଥାପନ କରାଯାଇ ବିଶୋଧିତ ଜଳ ଯୋଗାଇ ଦିଆଯାଉଛି ।

ମରାମତି, ପୁନରୁଦ୍ଧାର ଏବଂ ପୁନଃସଂସ୍ଥାନ ପାଇଁ ୯.୧୦କୋଟି ଟଙ୍କା ଏବଂ ୧୦,୦୦୦ ଟି ନୂତନ ଗଭୀର ନଳକୂପ, ୩୦ ଟି ନୂତନ ପାଇପ ଜଳଯୋଗାଣ ଇତ୍ୟାଦି କାର୍ଯ୍ୟ ପାଇଁ ୭୬.୧୦ କୋଟି, ଏହିପରି ସର୍ବମୋଟ ୮୫.୨୦ କୋଟି ଟଙ୍କାର ଅଟକଳ ପ୍ରସ୍ତାବ ସରକାରଙ୍କୁ ଦିଆଯାଇଅଛି ।

ଏହି ପ୍ରଳୟଙ୍କରୀ ବନ୍ୟା ଫଳରେ ୮୮୧୨ କିଲୋମିଟର ଗ୍ରାମ୍ୟ ରାସ୍ତା, ୨୦୦୦ ଛୋଟବଡ଼ ପୋଲ ସମ୍ପୂର୍ଣ୍ଣ ବା ଆଂଶିକ ଭାବରେ କ୍ଷତିଗ୍ରସ୍ତ ହୋଇଥିଲା । ଏହି ରାସ୍ତାଗୁଡ଼ିକରେ ପ୍ରାୟ ୧୨,୦୦୦ ସାନବଡ଼ ଘାଇ ସୃଷ୍ଟି ହୋଇଥିଲା । ଏହି ସମସ୍ତ ଘାଇ ଓ ରାସ୍ତାଗୁଡ଼ିକର ଅସ୍ଥାୟୀ ମରାମତି କରାଯାଇ ଗମନାଗମନ ପାଇଁ ଉପଯୁକ୍ତ କରାଯାଇଅଛି । ଏହି ରାସ୍ତାଗୁଡ଼ିକର ପୂର୍ଣ୍ଣାଙ୍ଗ ମରାମତି ନିମନ୍ତେ ୨୪୭ କୋଟି ୪୮ ଲକ୍ଷ ଟଙ୍କା ଅଟକଳ କରାଯାଇଛି ।

୭୮୦୦ ସରକାରୀ ଗୃହ ଏହି ବନ୍ୟା ଓ ବାତ୍ୟା ଯୋଗୁଁ ଆଂଶିକ ବା ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଅଛି । ଏହି ଗୃହଗୁଡ଼ିକର ମରାମତି ଓ ପୁନଃ ନିର୍ମାଣ ନିମନ୍ତେ ପ୍ରାୟ ୨୨୫ କୋଟି ଟଙ୍କା ଆବଶ୍ୟକ । ଅଗ୍ରାଧିକାର ଭିତ୍ତିରେ ୨୩୫୫ ଉଚ୍ଚ ବିଦ୍ୟାଳୟ ଗୃହ ଓ ୨୨୯୧ ଡାକ୍ତରଖାନା ଗୃହଗୁଡ଼ିକର ମରାମତି ନିମନ୍ତେ ପଦକ୍ଷେପ ନିଆଯାଇଅଛି । ଏଗୁଡ଼ିକର ମରାମତି ନିମନ୍ତେ ଯଥାକ୍ରମେ ୭୦.୮୩ କୋଟି ଟଙ୍କା ଓ ୩୯.୪୬ କୋଟି ଟଙ୍କା ଆବଶ୍ୟକ । ଏ ପର୍ଯ୍ୟନ୍ତ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ଠାରୁ ବିଦ୍ୟାଳୟ ଓ ଡାକ୍ତରଖାନା ଗୃହଗୁଡ଼ିକର ମରାମତି ନିମନ୍ତେ ୧୦ କୋଟି ଟଙ୍କା ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଯୋଗାଇ ଦିଆଯାଇଥିବା ସ୍ଥଳେ ୬୭ ଟି ବିଦ୍ୟାଳୟ ଗୃହ ମରାମତି କରାଯାଇଅଛି ।

ଜନ୍ମ ଶତବାର୍ଷିକୀ ଉପଲକ୍ଷେ——

# ନାରୀନେତ୍ରୀ ପୂଜ୍ୟା ରମାଦେବୀ

ଚକ୍ରରାମ ମହାନ୍ତି

ଓଡ଼ିଶାର ବିଶିଷ୍ଟ ନାରୀନେତ୍ରୀ ସ୍ୱାଧୀନତା ସଂଗ୍ରାମୀ ଶ୍ରୀମତୀ ରମାଦେବୀଙ୍କ ଜନ୍ମ ୧୮୯୯ ମସିହା ଡ଼ିସେମ୍ବର ୩ ତାରିଖ ଦିନ। ଜନ୍ମସ୍ଥାନ-କଟକ। ପିତା- ଗୋପାଳ ବଲ୍ଲଭ ଦାସ, ମାତା- ବସନ୍ତ ମଞ୍ଜରୀ ଦେବୀ। ପିତୃବ୍ୟ-ଉତ୍କଳ ଗୌରବ ମଧୁସୂଦନ ଦାସ। ପିତା ଗୋପାଳ ବଲ୍ଲଭ ଦାସ ସେତେବେଳର ଡ଼େପୁଟି ମାଜିଷ୍ଟ୍ରେଟ୍ ଏବଂ ଜଣେ ସୁସାହିତ୍ୟିକ ଥିଲେ। ଶ୍ରୀମତୀ ରମା ଦେବୀ କୌଣସି ସ୍କୁଲ କଲେଜରେ ଅଧ୍ୟୟନ କରି ନଥିଲେ। ଗୃହ ଶିକ୍ଷକଙ୍କ ଦ୍ୱାରା ଘରେ ଶିକ୍ଷାଲାଭ କରିଥିଲେ। ୧୯୧୪ ମସିହାରେ ପନ୍ଦର ବର୍ଷ ବୟସରେ ଗାନ୍ଧିବାଦୀ ନେତା ପୂଜ୍ୟ ଗୋପବନ୍ଧୁ ଚୌଧୁରୀଙ୍କ ସହିତ ତାଙ୍କର ବିବାହ ହୋଇଥିଲା। ସେ ପିଲାଦିନୁ ପ୍ରାଚୁର୍ଯ୍ୟ ଭିତରେ ଲାଳିତ ପାଳିତ ହୋଇଥିଲେ। ତାଙ୍କ ମାମୁଁ ରାୟ ବାହାଦୁର ରାଜକିଶୋର ଦାସ, ସେତେବେଳେ ଜିଲ୍ଲା କଲେକ୍ଟର ଥିଲେ। ଶ୍ରୀମତୀ ରମାଦେବୀ ସେତେବେଳର ବଡ଼ଲୋକ ଘରର କନ୍ୟା ଥିଲେ ଏବଂ ବଡ଼ଲୋକ ଘରେ ମଧ ବିଭା ହୋଇଥିଲେ। ପ୍ରାଚୁର୍ଯ୍ୟ ଭିତରେ ବଢ଼ିଥିଲେ। ସେତେବେଳେ ସେ କେବେ ଭାବି ନଥିବେ ଯେ ତାଙ୍କୁ ସମାଜର ସବାତଳକୁ ଓହ୍ଲାଇ ଆସି ସମାଜର ସର୍ବାପେକ୍ଷା ଦୀନଦରିଦ୍ର ଓ ଅବହେଳିତ ଶ୍ରେଣୀର ଲୋକଙ୍କ ସେବାରେ ଜୀବନର ଶେଷ ମୁହୂର୍ତ୍ତ ଉତ୍ସର୍ଗ କରିବାକୁ ହେବ।

୧୯୨୧ ମସିହାରେ ମହାତ୍ମାଗାନ୍ଧୀଙ୍କ ଆହ୍ୱାନରେ ତାଙ୍କ ସ୍ୱାମୀ ଗୋପବନ୍ଧୁ ଚୌଧୁରୀ ଡେପୁଟି ମାଜିଷ୍ଟ୍ରେଟ ଚାକିରି ଛାଡ଼ି ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେବା ପରେ ଗୋପବାବୁ, ରମାଦେବୀ ତଥା ତାଙ୍କ ପୁତ୍ର, କନ୍ୟାଙ୍କର ବେଶ,ପୋଷାକ, ଖାଦ୍ୟପେୟ ସବୁ ବଦଳି ଗଲା। ସେମାନେ ସଂପୂର୍ଣ୍ଣ ରୂପେ ଗାନ୍ଧିଜୀଙ୍କ ଆଦର୍ଶ ଅନୁସରଣରେ ସରଳ ଓ ନିରାଡ଼ମ୍ବର ଜୀବନ ଯାପନ କଲେ। ୧୯୨୨ ମସିହାରେ ଜଗତ୍‌ସିଂହପୁର ନିକଟରେ ଗୋପବାବୁ ଓ ଭାଗୁବାବୁଙ୍କ ଉଦ୍ୟମରେ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ତାଲିମ ଦେବା ପାଇଁ ଯେଉଁ ଅଲକାଶ୍ରମ ପ୍ରତିଷ୍ଠିତ ହେଲା, ୧୯୨୮ ଠାରୁ ସେଠାରେ ଗୋପବାବୁ ଓ ଶ୍ରୀମତୀ ରମାଦେବୀ ଯାଇ ରହିଲେ। ସୂତାକଟା ଓ ଲୁଗାବୁଣା ନିଜେ ଶିଖିଲେ, କର୍ମୀମାନଙ୍କୁ ଶିଖାଇଲେ। ସ୍ୱାଧୀନତା ସଂଗ୍ରାମର ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ନିଜକୁ ପ୍ରସ୍ତୁତ କଲେ। ୧୯୨୧ ରେ ମହାତ୍ମାଗାନ୍ଧୀ ପ୍ରଥମଥର ଓଡ଼ିଶା ଗସ୍ତରେ ଆସି କଟକ କଣବାଡ଼ି ସଭାରେ ବକ୍ତୃତା ଦେଇ ତିଳକ ପାଣ୍ଠି ପାଇଁ ଯେତେବେଳେ ଚାନ୍ଦା ମାଗିଲେ, ରମାଦେବୀ ସେହି ସଭାରେ ତାଙ୍କ ଦେହରୁ ସମସ୍ତ ଅଳଙ୍କାର କାଢ଼ି ଦେଇଥିଲେ। -

୧୯୩୦ ମସିହାରେ ସ୍ୱାଧୀନତା ସଂଗ୍ରାମର ଦ୍ୱିତୀୟ ପର୍ଯ୍ୟାୟରେ ଲବଣ ସତ୍ୟାଗ୍ରହ ଆରମ୍ଭ ହେଲା। ଓଡ଼ିଶାର ଇଞ୍ଚୁଡ଼ି ଠାରେ ଲୁଣ ମରା ହେଲା। ଶ୍ରୀମତୀ ରମାଦେବୀ ଓ ଶ୍ରୀମତୀ ମାଳତୀ ଦେବୀ ପ୍ରମୁଖ କୁଜଙ୍ଗ ଓ ତିର୍ତ୍ତୋଲ ଅଞ୍ଚଳରେ ଗାଁ ଗାଁ ବୁଲି ଲବଣ ସତ୍ୟାଗ୍ରହର ବାର୍ତ୍ତା ପ୍ରଚାର କଲେ ଏବଂ ସତ୍ୟାଗ୍ରହ ପାଇଁ କର୍ମୀ ବିଶେଷ ଭାବରେ ନାରୀ କର୍ମୀ ସଂଗ୍ରହ କଲେ। ସେତେବେଳେ ପୋଲିସ ଏପରି ଆତଙ୍କ ସୃଷ୍ଟି କରିଥିଲେ ଯେ ବସବାଲା ତାଙ୍କୁ ବସରେ ନିଅନ୍ତି ନାହିଁ। ରାତିରେ ବିଶ୍ରାମ ନେବା ପାଇଁ ଲୋକେ ତାଙ୍କୁ ଯାଗା ଦିଅନ୍ତି ନାହିଁ। ସେମାନେ ବର୍ଷାରେ ତିନ୍ତି ତିନ୍ତି ଗାଁରୁ ଗାଁ ଯାଉଥାନ୍ତି। କାଳିଆପାଟଠାରେ ସେମାନେ ଲୁଣମାରି ଫେରି ଆସିଥିଲେ। ଶ୍ରୀଜଙ୍ଗରେ ପୋଲିସ ଅତ୍ୟାଚାର ସଂବନ୍ଧରେ ସେମାନେ ଅନୁସନ୍ଧାନ କରିଥିଲେ। ଯାଜପୁର, କେନ୍ଦ୍ରାପଡ଼ା, ପଟାମୁଣ୍ଡାଇ, ମାହାଙ୍ଗା ଓ ଧର୍ମଶାଳା ଅଞ୍ଚଳରେ ଗାଁ ଗାଁ ବୁଲି ସ୍ୱାଧୀନତା ସଂଗ୍ରାମର ବାର୍ତ୍ତା ଓ କଂଗ୍ରେସ କାର୍ଯ୍ୟକ୍ରମ ପ୍ରଚାର କରିଥିଲେ। ତାଙ୍କ ପ୍ରଚାର ଫଳରେ ବହୁ ଝିଅ, ବୋହୂ ପର୍ଦ୍ଦା ଛାଡ଼ି ବାହାରିଆସି କଂଗ୍ରେସରେ ଯୋଗଦେଲେ। ୧୯୩୦ ଡ଼ିସେମ୍ବର ମାସରେ ଶ୍ରୀମତୀ ରମାଦେବୀ ପ୍ରଥମ ଥର ଗିରଫ ହୋଇ କାରାବରଣ କରିଥିଲେ। ୮ ମାସ ପରେ ଖଲାସ ହୋଇଥିଲେ। ୧୯୩୨ ସ୍ୱାଧୀନତା ଦିବସରେ ସେ ସାଧାରଣ ସଭାରେ ସ୍ୱାଧୀନତା ଶପଥ ପାଠ କରି ପୁଣି ଗିରଫ ହୋଇଥିଲେ।

୧୯୩୨ ସେପ୍ଟେମ୍ବର ମାସରେ ସେ ଖଲାସ ହୋଇ ହରିଜନଙ୍କ ସେବା କାର୍ଯ୍ୟରେ ଲାଗିଗଲେ। ଅନ୍ୟ କର୍ମୀଙ୍କ ସହିତ ରମାଦେବୀ କଟକର ହରିଜନଙ୍କ ଘର ଭିତରକୁ ଯାଇ ତାଙ୍କ ଘର ଭିତର ଓ ବାହାର ସଫା କରନ୍ତି, ତାଙ୍କ ଲୁଗାପଟା ସଫାକରି ଓ ପିଲାଙ୍କୁ ଗାଧୋଇ ଦେଇ ଶିଖେଇ ଦିଅନ୍ତି। ସେମେହେନ୍ତରାଣୀଙ୍କ ସଙ୍ଗେ ଟୋକେଇ ଝାଡ଼ୁଣୀ ଧରି ମଇଳା ସଫା କରିବାକୁ ଯାଉଥିଲେ। ୧୯୩୪ ମସିହାରେ ଗାନ୍ଧିଜୀ ହରିଜନଙ୍କ ଉନ୍ନତି ନିମନ୍ତେ ଜନ ଜାଗରଣ ସୃଷ୍ଟି କରିବା ପାଇଁ ପୁରୀଠାରୁ ଭଦ୍ରକ ପର୍ଯ୍ୟନ୍ତ ପଦଯାତ୍ରା କଲେ। ଶ୍ରୀମତୀ ରମାଦେବୀ ଗାନ୍ଧିଜୀଙ୍କ ହରିଜନ ଯାତ୍ରାବେଳେ ତାଙ୍କ ଯାତ୍ରାରେ ରହିଥିବା ଲୋକଙ୍କ ଖାଇବା ଓ ରହିବା ଆଦି କାର୍ଯ୍ୟ ଏପରି ଦକ୍ଷତା ଓ ଶୃଙ୍ଖଳାର ସହିତ କରି ଥିଲେ ଯେ ଗାନ୍ଧିଜୀ ଓଡ଼ିଶାରୁ ବିଦାୟ ନେବାବେଳେ ତାଙ୍କ କାର୍ଯ୍ୟକୁ ଭଲ ପ୍ରଶଂସା କରିଥିଲେ। ଗାନ୍ଧିଜୀ ରମାଦେବୀଙ୍କୁ କହିଥିଲେ, ''ଓଡ଼ିଶାରେ ସ୍ତ୍ରୀଲୋକମାନଙ୍କୁ ତାଲିମ ଦେବାକୁ କୌଣସି ଅନୁଷ୍ଠାନ ନାହିଁ କି ବ୍ୟବସ୍ଥା ନାହିଁ, ତୁମେ ସେ କାମ ହାତକୁ ନିଅ''। ତାଙ୍କର ଶେଷ ଜୀବନ ପର୍ଯ୍ୟନ୍ତ ଅନ୍ୟ କାମ ସହିତ ସେ ହରିଜନଙ୍କ ସେବା ପ୍ରତି ବିଶେଷ ଧ୍ୟାନ ଦେଉଥିଲେ।

ଗାନ୍ଧିଜୀଙ୍କ ପରାମର୍ଶକ୍ରମେ ନିଜେ ଗ୍ରାମ ସଂଗଠନ ଓ ରଚନାତ୍ମକ କାର୍ଯ୍ୟ କରି ଗାଁଲୋକଙ୍କୁ ଶିଖେଇବା ପାଇଁ ରମାଦେବୀ

ପୂଜ୍ୟ ଗୋପବାବୁଙ୍କ ସହିତ ବରୀ ଅଞ୍ଚଳରେ ସ୍ଥାୟୀ ଭାବରେ ରହିଲେ । ସେଠାରେ ସେ ଛୋଟ ଝିଅମାନଙ୍କୁ ଆଣି ନିଜେ ତାଲିମ ଦେଇ ଗାଁ ଗହଳରେ ଗଠନାତ୍ମକ କାର୍ଯ୍ୟ କରାଉଥିଲେ । ପାଇଖାନା ତିଆରି ଓ ପାଇଖାନା ସଫାଠାରୁ ଆରମ୍ଭ କରି ସୂତାକଟା, ମହୁଚାଷ, ଗୋପାଳନ ଓ ବୃକ୍ଷରୋପଣ ଆଦି ସମସ୍ତ କାର୍ଯ୍ୟ ବୈଜ୍ଞାନିକ ଢଙ୍ଗରେ କରି ଲୋକଙ୍କୁ ଶିଖେଇ ଥିଲେ । ଗାଁରେ କେହି ରୋଗଗ୍ରସ୍ତ ହେବାର ଶୁଣିଲେ ସେ ଯାଇ ରୋଗୀ ସେବାରେ ଲାଗି ଯାଉଥିଲେ । ତାଙ୍କ କାର୍ଯ୍ୟ ଫଳରେ ଯେ ଜନଜାଗରଣ ଦେଖାଦେଇଥିଲା ତାହା ୧୯୪୨ ଅଗଷ୍ଟ ଆନ୍ଦୋଳନ ବେଳେ ପ୍ରମାଣିତ ହୋଇଥିଲା । ଏହି ଆନ୍ଦୋଳନ ବେଳେ ବରୀ ଅଞ୍ଚଳରେ ବହୁଲୋକ ଯୋଗ ଦେଇ କାରାବରଣ କରିଥିଲେ ଓ ଗୁଳିରେ ୫ ଜଣ ଲୋକ ପ୍ରାଣ ହରାଇଥିଲେ । ନିଜେ ରମାଦେବୀ ଗିରଫ ହୋଇ ଅଟକବନ୍ଦୀ ଭାବରେ ରହିଥିଲେ । ତାଙ୍କ ପରିବାରର ସମସ୍ତେ ଗିରଫ ହୋଇଥିଲେ ।

ସେ ୧୯୪୪ରେ ସେ ଜେଲରୁ ଖଲାସ ହେଲେ । ୧୯୪୫ ମସିହାରେ ଓଡ଼ିଶାରେ ''କସ୍ତୁରବା ଗାନ୍ଧୀ ଟ୍ରଷ୍ଟ ପାଣ୍ଠି''ର ପରିଚାଳନା ଦାୟିତ୍ୱ ମହାତ୍ମାଗାନ୍ଧୀ ରମାଦେବୀଙ୍କୁ ଦେଇଥିଲେ । ଏହି ପାଣ୍ଠିର ଅର୍ଥ ସାହାଯ୍ୟରେ ଅନେକ ଗୁଡ଼ିଏ ମାତୃମଙ୍ଗଳ କେନ୍ଦ୍ର ବିଭିନ୍ନ ଗାଁରେ ସ୍ଥାପନ କରାଯାଇଥିଲା ତଥା ଗ୍ରାମସେବିକା ତାଲିମ କେନ୍ଦ୍ର ଖୋଲାଯାଇ ସେଥିରେ ମହିଳାମାନଙ୍କୁ ତାଲିମ ଦିଆଯାଉଥିଲା । ଏହି ସମୟରେ ଦେଶର ବିଭିନ୍ନ ସ୍ଥାନରେ ଯେଉଁ ସାମ୍ପ୍ରଦାୟିକ ହାଣକାଟ ହେଲା, ତାହା ଯେପରି ଓଡ଼ିଶାରେ ନହୁଏ ସେଥିପାଇଁ ରମାଦେବୀ ଗାଁଗହଳିରେ ପ୍ରଚାର କରି ବୁଲିଥିଲେ । ୧୯୫୧ରେ ରାୟଗଡ଼ାରେ ଦୁର୍ଭିକ୍ଷ ପଡ଼ିବାରୁ ରମାଦେବୀଙ୍କ ନେତୃତ୍ୱରେ କର୍ମୀମାନେ ଯାଇ ସେଠାରେ ଅନ୍ନଛତ୍ର ଖୋଲିଥିଲେ । ୧୯୫୨ ଜାନୁଆରୀ ମାସରେ ଗୋପବାବୁଙ୍କ ସହିତ ରମାଦେବୀ ବରୀରୁ ବାହାରି ଆଠଟି ଜିଲ୍ଲାରେ ବୁଲିଥିଲେ । ବାଟରେ ବଣପାହାଡ଼ ଓ ବହୁ ବିପଦ ସଙ୍କୁଳ ରାସ୍ତା ଦେଇ ଯାଇଥିଲେ । ଏହା ଓଡ଼ିଶାରେ ପ୍ରଥମ ଭୂଦାନଯାତ୍ରା । ମଝିରେ ସେ ବସନ୍ତ ରୋଗରେ ଆକ୍ରାନ୍ତ ହୋଇଥିଲେ । ଭଲ ହୋଇ ଗଲାପରେ ପୁଣି ଚାଲିଥିଲେ । ଏହିପରି ବିଭିନ୍ନ ଜିଲ୍ଲାରେ ସେ ୪୨୭ ମାଇଲ ଚାଲି ଚାଲି ଯାଇଥିଲେ ।

୧୯୫୮ ମସିହାରେ ସ୍ୱାମୀ ଗୋପବନ୍ଧୁ ଚୌଧୁରୀଙ୍କ ମୃତ୍ୟୁ ଶ୍ରୀମତୀ ରମାଦେବୀଙ୍କୁ ଦାରୁଣ ଆଘାତ ଦେଇଥିଲା । ମାତ୍ର ସେ ତାଙ୍କ ଅପୂର୍ଣ୍ଣ କାର୍ଯ୍ୟକୁ ପୂରଣ କରିବା ପାଇଁ ଭଗ୍ନମନ ଓ ଦୁର୍ବଳ ଶରୀରରେ ମଧ୍ୟ ସାଂପ୍ରଦାୟିକ ସଦ୍ଭାବ ପ୍ରତିଷ୍ଠା, ଛାତ୍ର ଅଶାନ୍ତି ସମାଧାନ ତଥା ରୋଗୀ ଓ ଦୁଃସ୍ଥ ସେବାରେ ଲାଗିରହିଲେ । ୧୯୬୦ରେ ପୁଣି ବିନୋବାଙ୍କ ଓଡ଼ିଶା ପଦଯାତ୍ରା ବେଳେ ସେ ତାଙ୍କ କାର୍ଯ୍ୟକ୍ରମକୁ ପରିଚାଳନା କରିବାର ଦାୟିତ୍ୱ ନେଲେ । ୧୯୬୫ରେ ସେ ଉତ୍କଳ ଗାନ୍ଧୀ ସ୍ମାରକ ନିଧିର ସଭାପତି ମନୋନୀତ ହେଲେ । ୧୯୬୬ ରେ କଳାହାଣ୍ଡି ଜିଲ୍ଲାରେ ଦୁର୍ଭିକ୍ଷ ପଡ଼ିବାରୁ ସେଠାରେ ଲୋକଙ୍କୁ ସାହାଯ୍ୟ କରିବାପାଇଁ ସେ ସାହାଯ୍ୟ ସଂଗ୍ରହରେ ଲାଗିଥିଲେ । ଏଥିପାଇଁ ଯେଉଁ ଉତ୍କଳ ରିଲିଫ କମିଟି ଗଢ଼ାହେଲା, ସେ ହେଲେ ତା'ର ସଭାପତି । ୧୯୬୭ରେ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାରେ ବାତ୍ୟା ଯୋଗୁ ଲୋକେ ଦୁର୍ଦ୍ଦଶାଗ୍ରସ୍ତ ହୋଇ ଥିବାରୁ ସେ ସେଠାରେ ରହି ସାହାଯ୍ୟ କରିଥିଲେ । ୧୯୬୯ରେ କଟକ ଜିଲ୍ଲାର କନ୍ଥ ଅଂଚଳରେ ଭାଷା ବିଦ୍ୱେଷ, କଟକ ସହରରେ ସାଂପ୍ରଦାୟିକ ବିଦ୍ୱେଷ ଓ ବ୍ରହ୍ମପୁରରେ ସାଂପ୍ରଦାୟିକ ଗଣ୍ଡଗୋଳ ବେଳେ ସେଠାରେ ଶାନ୍ତିଦୂତ ଭଳି କାର୍ଯ୍ୟ କରିଥିଲେ । ୧୯୭୧-୭୨ ରେ ପଶ୍ଚିମ ବଙ୍ଗର ଦିନାଜପୁରଠାରେ ପୂର୍ବବଙ୍ଗରୁ ଚାଲି ଆସିଥିବା ଶରଣାର୍ଥୀଙ୍କୁ ସାହାଯ୍ୟ କରିବା ପାଇଁ ସେ ୨୯ ଜଣ କର୍ମୀଙ୍କୁ ନେଇ ସେଠାରେ ପାଞ୍ଚମାସ କାଳ ରହିଥିଲେ ।

୧୯୭୨ ମସିହା ମାର୍ଚ୍ଚ ମାସରେ ରମାଦେବୀଙ୍କ ଉଦ୍ୟମରେ ''ଶିଶୁ ବିହାର''ନାମରେ ଗୋଟିଏ ଅନୁଷ୍ଠାନ ସ୍ଥାପନ କରାଯାଇ ନିଶାନିବାରଣ, ସହରର ସାହି ସାହି ଭିତରେ ବିବାଦର ସମାଧାନ ସହିତ ଶିଶୁପାଳନ ଓ ଶିଶୁଶିକ୍ଷା ପାଇଁ ବ୍ୟବସ୍ଥା ହୋଇଥିଲା । ୧୯୭୫ରେ ଜରୁରୀ କାଳୀନ ପରିସ୍ଥିତିବେଳେ ଶ୍ରୀମତୀ ରମାଦେବୀ ଥୟହୋଇ ବସି ପାରିନଥିଲେ । ତାଙ୍କ ନେତୃତ୍ୱରେ କଟକ ସହରରେ ଗୋଟିଏ ନୀରବ ବିକ୍ଷୋଭ ଶୋଭାଯାତ୍ରା ଚାଲିଥିଲା ଓ ତାଙ୍କ ସ୍ୱାକ୍ଷରରେ ଗୋଟିଏ ପ୍ରତିବାଦ ପ୍ରଚାର ପତ୍ର ବଣ୍ଟାଯାଇଥିଲା ମାତ୍ର ତାଙ୍କୁ କେହି ଗିରଫ କରିବାକୁ ସାହସ କରିନଥିଲେ ।୧୯୭୭ ରେ ତାଙ୍କ ଉଦ୍ୟମରେ ଆଚାର୍ଯ୍ୟ ହରିହରଙ୍କ ଶତବାର୍ଷିକୀ ଉପଲକ୍ଷେ କଟକଠାରେ ଆଚାର୍ଯ୍ୟ ହରିହର ମେମୋରିୟଲ ଟ୍ରଷ୍ଟ ପ୍ରତିଷ୍ଠା ହେଲା । ସେହି ବର୍ଷ ସେଠାରେ ସେ ''କର୍କଟ ରୋଗ ନିର୍ଣ୍ଣୟ କେନ୍ଦ୍ର'' ସ୍ଥାପନ କରିଥିଲେ । ଏହିପରି ମା ରମାଦେବୀ ଓଡ଼ିଶାରେ ଦୁଃସ୍ଥ ଓ ଅବହେଳିତଙ୍କ ସେବା ତଥା ଶାନ୍ତିର ପ୍ରତୀକ ରୂପେ ତାଙ୍କ ଜୀବଦ୍ଦଶାରେ ରହିଥିଲେ ଓ ଓଡ଼ିଶାର ସବୁ ଶ୍ରେଣୀର ଲୋକଙ୍କଠାରୁ ଅକୁଣ୍ଠିତ ସମ୍ମାନ ଲାଭ କରିଥିଲେ ।

ରମାଦେବୀ ଓଡ଼ିଶା ଛାତ୍ର ଓ ଯୁବକମାନଙ୍କର ଅତ୍ୟନ୍ତ ପ୍ରିୟ ଥିଲେ । ଛାତ୍ର ଓ ଯୁବକମାନଙ୍କ ଦ୍ୱାରା ଆୟୋଜିତ ବହୁ ସଭାରେ ସେ ଉଦ୍‌ବୋଧନ ଦେଇଥିଲେ । ଭାଷଣରେ ତାଙ୍କ ତ୍ୟାଗ ପୂତ ନିର୍ମଳ ଆତ୍ମାର ବାଣୀ ଛାତ୍ର ଓ ଯୁବକମାନଙ୍କୁ ମୁଗ୍ଧ କରୁଥିଲା । ତାଙ୍କ ପ୍ରତି ସମ୍ମାନ ସ୍ୱରୂପ ଭୁବନେଶ୍ୱରସ୍ଥ ସରକାରୀ ମହିଳା କଲେଜର ନାମ ରମାଦେବୀ ମହିଳା କଲେଜ ନାମରେ ନାମିତ ହୋଇଛି । ୧୯୮୪ ମସିହାରେ ରମାଦେବୀ ଅତ୍ୟନ୍ତ କୁଣ୍ଠାର ସହିତ ଉତ୍କଳ ବିଶ୍ୱବିଦ୍ୟାଳୟଠାରୁ ''ବିଧି ପରମ ଭୂଷଣ'' (Doctor of Law) ଉପାଧି ଓ ଅଭିନନ୍ଦନ ପତ୍ର ଗ୍ରହଣ କରିଥିଲେ । ୧୯୮୧ ମସିହାରେ ସେ ତାଙ୍କର ସେବାକାର୍ଯ୍ୟ ପାଇଁ ଯମୁନାଲାଲ ବଜାଜ ପୁରସ୍କାର ଲାଭ କରିଥିଲେ । ଶେଖର ବଜାଜ ନିଜେ ଆସି ତାଙ୍କ ବାସ ଭବନରେ ଏହି ପୁରସ୍କାର ପ୍ରଦାନ କରି ଆନନ୍ଦ ଓ କୃତଜ୍ଞତା ପ୍ରକାଶ କରି ଯାଇଥିଲେ । ସେ ଜଣେ ସୁଲେଖିକା ଥିଲେ । ୧୯୮୪ରେ ତାଙ୍କ ଆତ୍ମ ଜୀବନୀ ''ଜୀବନର ପଥେ'' ପ୍ରକାଶିତ ହୋଇଥିଲା ।

୧୯୮୪ ଜୁଲାଇ ମାସରେ ପୂଜ୍ୟା ରମାଦେବୀ ଓଡ଼ିଶାବାସୀଙ୍କୁ ଛାଡ଼ି ଚାଲି ଯାଇଛନ୍ତି । ବାପଘର ଓ ଶ୍ୱଶୁର ପରିବାରର ସମସ୍ତ ପ୍ରାଚୁର୍ଯ୍ୟ ଓ ଆଭିଜାତ୍ୟକୁ ଛାଡ଼ି ଦେଇ ସମାଜର ସର୍ବନିମ୍ନସ୍ତରକୁ ଓହ୍ଲାଇ ଆସି ଅତିଦୀନ ଦରିଦ୍ର, ଶୋଷିତ ଓ ଅବହେଳିତଙ୍କ ସେବାରେ ସମଗ୍ର ଜୀବନ ଉତ୍ସର୍ଗ କରି ଦେଇଥିବା ତାଙ୍କ ଭଳି ମହୀୟସୀ ମହିଳା ଭାରତରେ ବିରଳ । ଇତିହାସରେ ସେ ଅମର ହୋଇ ରହିବେ ।

ଡ଼ିସେମ୍ବର ୩୧ ବଳିଦାନ ଦିବସ ଉପଲକ୍ଷେ——

# ଶହୀଦ ମାଧୋ ସିଂହ

ଶ୍ରୀ ଅମୃତଲାଲ ସାହୁ

ବରଗଡ଼ ଜିଲ୍ଲାସ୍ଥିତ ଘେଁସ ଏକ ଐତିହାସିକ ରକ୍ତପୀଠ । ୧୮୫୭ ସ୍ୱାଧୀନତା ବିପ୍ଳବରେ ଏହି ସ୍ଥାନର ଅବଦାନ ଅନନ୍ୟ । ସିପାହୀ ବିପ୍ଳବର ପ୍ରଚଣ୍ଡ ଅଗ୍ନି ଭାରତର ଅନେକ ସ୍ଥାନରେ ପ୍ରଜ୍ୱଳିତ ହୋଇ ନିର୍ବାପିତ ହୋଇ ଯାଇଥିଲା, ମାତ୍ର ଘେଁସ ଭୂମିରେ ଏହା ସାତ ବର୍ଷ ପର୍ଯ୍ୟନ୍ତ ଅର୍ଥାତ ୧୮୬୪ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ରହିଥିଲା । କହିବାକୁ ଗଲେ ସିପାହୀ ବିପ୍ଳବ ବାରାକପୁରଠାରେ ମଙ୍ଗଳ ପାଣ୍ଡେଙ୍କର ଦ୍ୱାରା ମାର୍ଚ୍ଚ ମାସରେ ଉଦ୍‌ଘାଟିତ ହୋଇ ଘେଁସଠାରେ କୁଞ୍ଜଳ ସିଂହଙ୍କର ଦ୍ୱାରା ମାର୍ଚ୍ଚ ମାସରେ ଉଦ୍‌ଯାପିତ ହୋଇଥିଲା । କୁଞ୍ଜଳ ସିଂହ ହେଉଛନ୍ତି ଘେଁସର ବିଂଝାଲ ଜମିଦାର ମାଧୋ ସିଂହଙ୍କ ଦ୍ୱିତୀୟ ସନ୍ତାନ ।

ମାଧୋ ସିଂହଙ୍କର ଜମିଦାରୀ ମାତ୍ର ଛୋଟ ଛୋଟ ପଚିଶ ଖଣ୍ଡ ଗ୍ରାମରେ ସୀମିତ ଥିଲା । ଶୁଣିଲେ ଆଶ୍ଚର୍ଯ୍ୟ ମନେ ହେବ, ଘେଁସ ଜମିଦାର କେବେହେଲେ ପ୍ରଜାମାନଙ୍କଠାରୁ ଟଙ୍କା ପଇସା ଖଜଣା ଆଦାୟ କରୁ ନଥିଲେ । ପ୍ରଜାମାନେ କର ସ୍ୱରୂପ ଶ୍ରମଦାନ କରି ଜମିଦାରଙ୍କର ଚାଷଜମିର ଅମଳ ଶସ୍ୟ ଗୃହରେ ପହଞ୍ଚାଇ ଦେଉଥିଲେ ।

ଭାରତର ଅନ୍ୟାନ୍ୟ ରାଜା, ମହାରାଜା, ଜମିଦାରମାନେ ବିଳାସୀ ରାଜପ୍ରାସାଦରେ ରହୁଥିବା ବେଳେ ଘେଁସ ଜମିଦାର ମାଟି, ଖପର ତିଆରି ସାଧାରଣ ଗୃହରେ ବାସ କରୁଥିଲେ । ପୋଷାକ ଓ ଖାଦ୍ୟ ଅତି ସାଧାରଣ ସ୍ତରର ଥିଲା । ବିଳାସପୂର୍ଣ୍ଣ ଜୀବନ ଯାପନ କରିବାକୁ ସେମାନେ ଉଚିତ ମନେ କରୁ ନଥିଲେ ।

ଭାରତର ଅନ୍ୟାନ୍ୟ ରାଜା, ଜମିଦାରମାନେ ନିଜ ନିଜ ଜମିଦାରୀ ଓ ସ୍ୱାର୍ଥ ତଥା ସୁରକ୍ଷା ପାଇଁ ବିପ୍ଳବ ଆରମ୍ଭ କରିଥିଲେ । କିନ୍ତୁ ଘେଁସ ଜମିଦାର ରାଜ୍ୟ ଅଥବା ସ୍ୱାର୍ଥ ପାଇଁ ବିପ୍ଳବ କରି ନ ଥିଲେ । ବ୍ରିଟିଶ ଶାସନରେ ଲୋକେ ନିଜର ସ୍ୱାଧୀନତା ହରାଇ ଅଣନିଃଶ୍ୱାସୀ ହୋଇ ପଡ଼ିଥିଲେ । ଫଳରେ ସୁରେନ୍ଦ୍ର ସାଏଙ୍କର ବିପ୍ଳବ ସାଗରରେ ନିଜ ପୁତ୍ରମାନଙ୍କ ସହିତ ମାଧୋ ସିଂହ ବୃଦ୍ଧାବସ୍ଥାରେ ଝାସ ଦେଲେ ।

ମାଧୋ ସିଂହଙ୍କର ଜ୍ୟେଷ୍ଠ ସନ୍ତାନ ହେଉଛନ୍ତି ହଟେ ସିଂହ । ସେ ହାତୀ ସିଂହ ନାମରେ ପରିଚିତ । ଦ୍ୱିତୀୟ ସନ୍ତାନ କୁଂଜଳ ସିଂହ, ତୃତୀୟ ସନ୍ତାନ ବୈରୀ ସିଂହ, ଚତୁର୍ଥ ସନ୍ତାନ ଉଦୟ ସିଂହ । ଉଦୟ ସିଂହଙ୍କର ଡାକ ନାମ ଐରୀ ସିଂହ । ସମସ୍ତ ପିତା ପୁତ୍ର ନିଜର ରାଜ୍ୟ, ଧନ ଜନ, ସୁଖ ଶାନ୍ତିକୁ ଜଳାଞ୍ଜଳି ଦେଇ ବର୍ଷ ବର୍ଷ ଅନାହାର ଓ ଅର୍ଦ୍ଧାହାରରେ ରହି ଘୋର ଅରଣ୍ୟ ଭିତରେ ସପରିବାର ଲୁଚି ଗରିଲା ଯୁଦ୍ଧ ମାଧ୍ୟମରେ ଇଂରେଜ ସେନାବାହିନୀକୁ ଆତଙ୍କିତ କରିଥିଲେ । ସମ୍ବଲପୁର ଜିଲ୍ଲାରୁ ଇଂରେଜମାନଙ୍କୁ ବିତାଡ଼ିତ ନ କରିବା ପର୍ଯ୍ୟନ୍ତ ଘେଁସଠାରେ ଅନ୍ନଜଳ ସ୍ପର୍ଶ ନ କରିବା ପାଇଁ ମାଧୋ ସିଂହ ତାଙ୍କର ଇଷ୍ଟଦେବୀ ''ପାଟମେଶ୍ୱରୀ'' ଠାରେ ଆଗ୍ନେୟ ଶପଥ ନେଇଥିଲେ ।

ଏହି ବିପ୍ଳବରେ ପ୍ରଥମେ ଆତ୍ମବଳି ଦେଲେ ଐରୀ ସିଂହ । କୁଚିପାଲି ନିକଟସ୍ଥ ''ଘୋଡ଼ା ଘାଟ'' ପାହାଡ଼ ଶୀର୍ଷରେ ଥିବା ''ସାଇତୁଏଲ'' ଭିତରେ ଲୁଚିଥିବା ବେଳେ ଇଂରେଜମାନଙ୍କ ଦ୍ୱାରା ଜୀବନ୍ତ ଦଗ୍ଧ ହୋଇ ଶହୀଦ ହୋଇଥିଲେ । ଐରୀ ସିଂହଙ୍କର ମୃତ୍ୟୁ ପରେ ମାଧୋ ସିଂହ ଓ ତାଙ୍କର ଅନ୍ୟାନ୍ୟ ପୁତ୍ରଗଣ ଭାଙ୍ଗିପଡ଼ି ନଥିଲେ । ଇଂରେଜମାନଙ୍କୁ ହତ୍ୟା କରିବା ପାଇଁ ଅଧିକ ହିଂସ୍ର ହୋଇ ପଡ଼ିଥିଲେ ।

ରାୟପୁର-ସମ୍ବଲପୁର ଛଅ ନମ୍ବର ରାଜପଥରେ ସିଂଘୋଡ଼ା ଓ ନିଶାଘାଟୀ ଅଛି । ଏହି ଉଭୟ ଘାଟୀ ଘେଁସ ଜମିଦାରଙ୍କର ମୁଖ୍ୟଘାଟୀ ଥିଲା । କେପଟେନ ଇ.ଜି.ଉଡ଼ (Capt. E.G.Wood) ତା ୨୬.୧୨.୧୮୫୭ ଦିନ ଏହି ଘାଟୀ ଅଧିକାର କରିବାକୁ ଆସିଲେ । ମାଧୋ ସିଂହଙ୍କର ପ୍ରବଳ ଆକ୍ରମଣରେ କେପ୍‌ଟେନ ଇ.ଜି.ଉଡ଼ ସୌଭାଗ୍ୟ ବଶତଃ ବର୍ତ୍ତି ଅତି ଦୟନୀୟ ଭାବରେ ସମ୍ବଲପୁରରେ ପହଞ୍ଚିଥିଲେ ।

୧୮୫୮ ଜାନୁୟାରୀରେ କେପ୍‌ଟେନ ସେକ୍ସପିଅର ଏହି ଘାଟୀ ଅବରୋଧ କରିବାକୁ ଆସି ମରଣାନ୍ତକ ଅବସ୍ଥାରୁ ରକ୍ଷା ପାଇ ଫେରିଗଲେ । ଏଥିରେ ଅନେକ ଇଂରେଜ ସୈନ୍ୟ ନିହତ ହେଲେ । ସେକ୍ସପିୟର ଏହାଦ୍ୱାରା ଅପାରଗ ଓ ଦୁର୍ବଳ ବୋଲି ପ୍ରମାଣିତ ହେଲେ । ଏହି ଘାଟୀକୁ ଅଧିକାର କରିବା ପାଇଁ ସେ ପୁନର୍ବାର ଆସିଲେ । ଏହି ସମୟରେ ସିଂଘୋଡ଼ା ଘାଟୀର ଦାୟିତ୍ୱରେ ହାତୀ ସିଂହ ଥିଲେ । ସେକ୍ସପିୟରଙ୍କର ଅତର୍କିତ ଆକ୍ରମଣର ପ୍ରତିରୋଧ କରି ନ ପାରି ପାହାଡ଼ ଉପରେ ୧୧ ଜଣ ଶହୀଦ ହେଲେ । ତୋପ ମାଡ଼ ଫଳରେ ପଥର ଫାଟି ହାତୀ ସିଂହଙ୍କର ଛାତିରେ ଏକ ପଥର ଖଣ୍ଡ ବାଜିଥିଲା । ହାତୀ ସିଂହ ସଂଜ୍ଞା ଶୂନ୍ୟ ହୋଇ ପଡ଼ିଥିଲେ । ଖରସଇ ନାମକ ଜଣେ ବିଶ୍ୱସ୍ତ ଅନୁଚର କାନ୍ଧରେ ବୋହି ହାତୀ ସିଂହଙ୍କୁ ''ବରିହାଡେରା'' ଗୁମ୍ଫାକୁ ଆଣିଥିଲା । କିଛି ଦିନ ବଡ଼ମାଳରେ ଚିକିତ୍ସା ଲାଭ କରି ପରେ ଖରିଆର ଚାଲି ଯାଇଥିଲେ ।

ବ୍ରିଟିଶ ପ୍ରଶାସକ ପୂର୍ବରୁ ଘୋଷଣା କରିଥିଲେ ଯେ, ହଟେ ସିଂହଙ୍କୁ ମୃତ ବା ଜୀବିତ ଧରାଇ ଦେଲେ ଇନାମ-ଇକ୍‌ରାମ ଦିଆଯିବ । କେନମୁଣ୍ଡି ଗ୍ରାମର କେନକେନି ନାମକ ଜଣେ ଖଳ ବ୍ୟକ୍ତି ଅନ୍ୟ ଲୋକର

କଟାମୁଣ୍ଡ ଦେଖାଇ ହାତୀ ସିଂହଙ୍କର ମୁଣ୍ଡ ବୋଲି ଠକିଥିଲା । ଇଂରେଜ ପ୍ରଶାସକ ବିଶ୍ୱାସ କରି କେନ୍‌କେନିକୁ ସୋହେଲା ନିକଟସ୍ଥ ପାଣ୍ଡଖଣ୍ଡ ଗ୍ରାମ ପୁରସ୍କାର ଦେଇଥିଲେ । ମାତ୍ର ପରେ ହାତୀ ସିଂହ ଜୀବିତ ଥିବା ଜାଣି ଏହି ଗ୍ରାମଗୁଡ଼ିକ ଉଚ୍ଛେଦ କରି ଦିଆଯାଇଥିଲା । ଏହି ଘଟଣାରେ ଅଧିକ କ୍ରୋଧାନ୍ୱିତ ହୋଇ ବୈରୀ ସିଂହ କେନ୍‌କେନିକୁ ହତ୍ୟା କରିଥିଲେ ।

୧୮୫୮ ଫେବୃୟାରୀ ୧୨ ତାରିଖରେ ବ୍ରିଟିଶ ସେନାପତି ଉଡ଼ବ୍ରିଜ ପାହାଡ଼ ଶିରଗିଡ଼ା ଘାଟୀ ଅବରୋଧ କଲେ । ପାହାଡ଼ର ଚତୁର୍ଦ୍ଦିଗରୁ ଘେରି ଉଡ଼ବ୍ରିଜ ଉପରକୁ ଉଠିଲେ । ଏହି ସମୟରେ ମାଧୋ ସିଂହ ଅତର୍କିତ ଆକ୍ରମଣ କରି ବ୍ରିଟିଶ ସେନାଙ୍କୁ ହତ୍ୟା କଲେ । ଉଡ଼ବ୍ରିଜଙ୍କୁ ପାହାଡ଼ ଶିରଗିଡ଼ା ଘାଟୀ ଉପରେ ସଂପୂର୍ଣ୍ଣ ଉଲଗ୍ନ କରି ଅତି ଦୟନୀୟ ଭାବରେ ହତ୍ୟା କରି କଟା ମୁଣ୍ଡକୁ ଘେଁସ ''ପାଟମେଶ୍ୱରୀ'' ଗୁଡ଼ି ନିକଟକୁ ଆଣି ପୋତିଥିଲେ । ବ୍ରିଟିଶ ସୈନିକ ମଥୁରା ପାଣ୍ଡେ ଓ ମାଉବଦ୍ ଖାଁ ଦୈବାତ ଖସିଯାଇ ବୁଦା ଭିତରେ ଲୁଚିଥିଲେ । ଅନ୍ଧକାର ରାତ୍ରରେ ବିପ୍ଳବୀମାନେ ଚାଲିଯିବା ପରେ ଲତାବୁଦାରୁ ବାହାରି କ୍ଷତ ବିକ୍ଷତ ଅବସ୍ଥାରେ ରାତ୍ରର ଶେଷ ପ୍ରହରରେ ସମ୍ବଲପୁରରେ ପହଞ୍ଚିଥିଲେ । ସମ୍ବଲପୁରଠାରେ ବ୍ରିଟିଶ ପ୍ରଶାସକ କକବର୍ଣ୍ଣ (Major Cockburn) ଏହି ଘଟଣା ଶୁଣିବା ପରେ କିଂକର୍ତ୍ତବ୍ୟ ବିମୂଢ଼ ହୋଇ ପଡ଼ିଥିଲେ । ଏ ଖବର ସମଗ୍ର ସେନା ବାହିନୀରେ ଆତଙ୍କ ଖେଳାଇ ଦେଇଥିଲା । ତା ୧୪.୧୨.୧୮୫୮ ଦିନ କେପ୍‌ଟେନ ଏନସାଇନ ସିଂହ ୱାରଲୋ (Capt. Ensign Warlo) ଅଧିକ ପାହାଡ଼ିଆ ସୈନ୍ୟ ସହିତ ପାହାଡ଼ ଉପରେ ଏକ ବିଭତ୍ସ ଦୃଶ୍ୟ ଦେଖି ଶିହରି ଉଠିଥିଲେ । ଗଛର ଶାଖା ପ୍ରଶାଖାଗୁଡ଼ିକରେ କଟା ମୁଣ୍ଡଗୁଡ଼ିକ ଝୁଲୁଥିଲା । ସେମାନଙ୍କ ଜନନ ଇନ୍ଦ୍ରିୟଗୁଡ଼ିକ କାଟି ମୁଖରେ ଭର୍ତ୍ତି କରାଯାଇଥିଲା । କେତେକ ଶବ ଉଲଗ୍ନ ଅବସ୍ଥାରେ ଛିଡ଼ା ହେବା ଅବସ୍ଥାରେ ଝୁଲୁଥିଲେ ।

କେପଟେନ ୱାରଲୋ ଘୋଡ଼ା ପିଠିରେ ଉଡ଼ବ୍ରିଜଙ୍କର ଶବକୁ ଲଦି ସମ୍ବଲପୁର ଫେରି ଆସିଲେ । ଏହାପରେ ସମସ୍ତ କ୍ରୋଧ ଘେଁସ ଉପରେ କେନ୍ଦ୍ରୀଭୂତ ହେଲା । ଫଳ ସ୍ୱରୂପ ଘେଁସକୁ ପୋଡ଼ାଯାଇ ପାଉଁଶରେ ପରିଣତ କରିଦିଆଗଲା । ଘେଁସ ସଂପୂର୍ଣ୍ଣ ଭାବରେ ପୋଡ଼ିଯିବା ଦେଖି ଆଖପାଖର ସମସ୍ତ ଲୋକ ପରିବାର ସହ ପଳାୟନ କରି ଜଙ୍ଗଲରେ ଆଶ୍ରୟ ନେଲେ ।

ଅଧିକ ବୟସ ଏବଂ ଅରଣ୍ୟରେ ଯାଯାବର ଜୀବନ ଯାପନ ଯୋଗୁଁ ମାଧୋ ସିଂହ ଦୁର୍ବଳ ହୋଇ ପଡ଼ିଲେ । ରଗ୍ଣସ୍ୱାସ୍ଥ୍ୟ ଯୋଗୁଁ ସେ ମଟିଆଭଟା ଗ୍ରାମରେ ବିଶ୍ରାମ ନେବା ପାଇଁ ଯାଉଥିବା ବେଳେ ବାଟରେ ଧରାପଡ଼ି ଥିଲେ । ବିନା ବିଚାରରେ ଇଂରେଜ ପ୍ରଶାସକ ତାଙ୍କୁ ୧୮୫୮ ଡିସେମ୍ବର ୩୧ ତାରିଖ ଦିନ ଫାଶୀ କାଠରେ ଝୁଲାଇ ଦେଲେ ।

''ଶ୍ରୀମତ '' ନାମକ ଜଣେ ଚୌକିଦାର ଓ ''ଫଗୁନି'' ନାମ୍ନୀ ଜଣେ ଭାଟର ପତ୍ନୀ ଗୁପ୍ତଭାବରେ ସମସ୍ତ ଘଟଣା ଇଂରେଜମାନଙ୍କୁ ଜଣାଇ ଦେଉଥିଲେ । ସେଟୁପାଲି ନିକଟସ୍ଥ ଏକ ଛୋଟ ପାହାଡ଼ ନିକଟରେ ଉଭୟଙ୍କୁ ଦେଖି କୁଞ୍ଜଳ ସିଂହ ଆକ୍ରମଣ କଲେ । ଶ୍ରୀମତ ଚୌକିଦାର ଖସିଯାଇଥିଲା । ମାତ୍ର ଫଗୁନି ଭାଟେନ୍ ବନ୍ଦୀ ହୋଇଥିଲା । କୁଂଜଳ ସିଂହ ଅତି ନିଷ୍ଠୁର ଭାବରେ ଫଗୁନିକୁ ହତ୍ୟା କରି ପାହାଡ଼ର ପାଦଦେଶରେ ଝୁଲାଇ ଦେଲେ । ଅଦ୍ୟାବଧି ଏହି ପାହାଡ଼ ''ଭାଟେନ ଡୁଙ୍ଗୁରି'' ନାମରେ ପରିଚିତ ।

୧୮୬୨ ମସିହାରେ ମେଜର ଇଂଫେ (Major Imphe) ସମ୍ବଲପୁର ପ୍ରଶାସକ ରୂପେ ଯୋଗଦାନ କରି ଉଦାରନୀତି ଗ୍ରହଣ କଲେ । ବିପ୍ଳବୀମାନେ ଆତ୍ମସମର୍ପଣ କଲେ ସେମାନଙ୍କର ରାଜ୍ୟ ଫେରାଇ ଦିଆଯାଇ କ୍ଷମା ଦିଆଯିବ ଓ ପେନସନର ବ୍ୟବସ୍ଥା କରାଯିବ ବୋଲି ଘୋଷଣା କଲେ । ଫଳରେ ସୁରେନ୍ଦ୍ର ସାଏ ସମେତ ଅଧିକାଂଶ ବିପ୍ଳବୀ ତା ୧୫.୫.୧୮୬୨ ଦିନ ଆତ୍ମ ସମର୍ପଣ କଲେ । ମାତ୍ର ଘେଁସ ଜମିଦାରଙ୍କ ପୁତ୍ର କୁଞ୍ଜଳ ସିଂହ, ବୈରୀ ସିଂହ, ଶାଲେଗ୍ରାମ ସିଂହ ପ୍ରମୁଖ ଆତ୍ମସମର୍ପଣ କଲେ ନାହିଁ । କେବଳ ସମ୍ବଲପୁର କାହିଁକି, ସମଗ୍ର ଭାରତରେ ସିପାହୀ ବିପ୍ଳବର ଅବସାନ ଘଟିଥିବା ବେଳେ ଘେଁସ ଜମିଦାର ଭ୍ରାତାଗଣ ବିପ୍ଳବକୁ ଉଜ୍ଜୀବିତ କରି ରଖିଥିଲେ । ମାତ୍ର ଦୁର୍ଭାଗ୍ୟ ବଶତଃ ସିଧିରା ଗ୍ରାମଠାରେ କୁଂଜଳ ସିଂହ, ବୈରୀ ସିଂହ, ଶାଲେଗ୍ରାମ ସିଂହ ଆଦି ଅବସ୍ଥାନ କରୁଥିବା ବେଳେ ବ୍ରିଟିଶମାନଙ୍କର ହାତରେ ଧରା ପଡ଼ିଥିଲେ ।

୧୮୬୫ ମସିହା ଜାନୁୟାରୀ ୨୦ ତାରିଖ ଦିନ ହାତୀ ସିଂହଙ୍କୁ କଳାପାଣି ଦଣ୍ଡ ଆଦେଶ ହେଲା । ୧୮୫୭ ସିପାହୀ ବିପ୍ଳବରେ ପ୍ରଥମ ଦଫାରେ ଭାରତରୁ ମାତ୍ର ୨୯ ଜଣ କଳାପାଣି ଦଣ୍ଡ ଭୋଗ କରି ଥିଲେ । ଏଥିରେ ସମଗ୍ର ଓଡ଼ିଶାରୁ କେବଳ ଘେଁସ ଜମିଦାରଙ୍କର ସନ୍ତାନ ହାତୀ ସିଂହ ଥିଲେ । ଆଣ୍ଡାମାନର ସେଲୁଲାର ଜେଲରେ ପଡ଼ି ସେ ଦେଶ ମାତୃକାର ସ୍ୱାଧୀନତା ପାଇଁ ନିଜକୁ ତିଳ ତିଳ ଜାଳି ଶହୀଦ ହୋଇଗଲେ । ଭାରତରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ତାଙ୍କର ଗସ୍ତ କାଳରେ ଆଣ୍ଡାମାନଠାରେ ହାତୀ ସିଂହଙ୍କ ବିଷୟରେ ଜାଣିବାକୁ ଚାହିଁଥିଲେ । ଏପରିକି ହାତୀ ସିଂହଙ୍କ ଦେହାବଶେଷ ଥିବା ସମ୍ବନ୍ଧରେ ପ୍ରଶ୍ନ କରିଥିଲେ । Incidentally Mrs. Indira Gandhi on her last visit to the Andaman had inquired if Hatte Singh's remains could be located. But of course the Andaman authorities of the British days were not expected to care for the former status of their prisoners. (Independent issue-86. The Heritage)

କୁଂଜଳ ସିଂହ, ଶାଲେଗ୍ରାମ ସିଂହ, ବୈରୀ ସିଂହ ଆଦିଙ୍କର ବିଚାର ଛତିଶଗଡ଼ କମିଶନରଙ୍କର ରାୟପୁରସ୍ଥିତ ଅଦାଲତରେ ହୋଇଥିଲା । ବିପ୍ଳବୀମାନଙ୍କ ତରଫରୁ କାର୍ତ୍ତିକ ବାବୁ ଓକିଲାତି କରୁଥିଲେ । ପରିଶେଷରେ କୁଂଜଳ ସିଂହଙ୍କୁ ନରହତ୍ୟା ଅପରାଧରେ ଫାଶୀ ଆଦେଶ ହେଲା । କୁଂଜଳ ସିଂହ ଫାଶୀ ପାଇ ଶହୀଦ ହୋଇଥିବା ବେଳେ ବୈରୀ ସିଂହ ଓ ଶାଲେଗ୍ରାମ ସିଂହ ଆଜୀବନ କାରାଦଣ୍ଡ ପାଇ ଜେଲ ଭିତରେ ଶହୀଦ ହୋଇଥିଲେ । କୁଂଜଳ ସିଂହଙ୍କ ସହିତ ତାଙ୍କ ଭାଇ ଗୋବିନ୍ଦ ସିଂହ ମଧ୍ୟ ଶହୀଦ ହୋଇଥିଲେ ।

ଗୋଟିଏ ପରିବାରରୁ ପିତାପୁତ୍ର ମିଶି ଏକତ୍ର ପାଞ୍ଚଜଣ ଦେଶ ପାଇଁ ଶହୀଦ ହୋଇଥିବା ସିପାହୀ ବିପ୍ଳବ ଇତିହାସରେ ଦୃଷ୍ଟାନ୍ତ ନାହିଁ । ଏଣୁ ଏହି ପରିବାରକୁ ସର୍ବଶ୍ରେଷ୍ଠ ଶହୀଦ ପରିବାର କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଘେଁସ ଜମିଦାର ବଂଶର ସ୍ୱାଧୀନତା ବିପ୍ଳବରେ ଅଂଶ ଗ୍ରହଣ କରିଥିବା ବିଷୟକୁ ନେଇ ଐତିହାସିକ ଶ୍ରୀଯୁକ୍ତ ପ୍ରଫୁଲ୍ଲ ଦାସ କହନ୍ତି—

" ମାଧୋ ସିଂହ ପରିବାରର ବାସ୍ତବ ଜୀବନାଲେଖ ଏବଂ ସ୍ୱାଧୀନତା ସଂଗ୍ରାମରେ ସେମାନଙ୍କର ଅବଦାନ ଯଦି ଲୋକଲୋଚନକୁ ଆସନ୍ତା, ମୋର ମନେ ହୁଏ ସମ୍ବଲପୁର ବା ଓଡ଼ିଶାରେ ଯେଉଁମାନଙ୍କୁ ସିପାହୀ ବିଦ୍ରୋହ ଯୁଗର ସମସ୍ତ କୃତିତ୍ୱର ଅଧିକାରୀ ବୋଲି କୁହାଯାଉଛି, ତାହାସବୁ ନିଷ୍ପ୍ରଭ ହୋଇ ଯାଆନ୍ତା । କାରଣ ମୁଁ ଜାଣେ ଯେ, ମାଧୋ ସିଂହଙ୍କର ପରିବାରର ଅବଦାନ ଭଳି ଓଡ଼ିଶା କଣ, ସାରା ଭାରତରେ ଆଉ କାହାରି ଅବଦାନ ନାହିଁ ।"

ଦୀର୍ଘ ସମୟର ଯାଏଁ ଅନାଲୋଚିତ ହୋଇ ରହିଥିବା ଏହି ଶହୀଦ ପରିବାର ଏବେ ଆଲୋକକୁ ଆସିଛନ୍ତି । ଓଡ଼ିଶା ସରକାର ଏହି ବୀରମାନଙ୍କର ବୀରତ୍ୱକୁ ସମ୍ମାନ ଦେବା ପାଇଁ ଡିସେମ୍ବର ୩୧ ତାରିଖ ଦିନ "ବୀରତା ଦିବସ" ପାଳନ କରି ଆସୁଛନ୍ତି ।

*ଘେଁସ-ବରଗଡ଼ (୭୬୮ ୦୩୪)*

## ରାଜ୍ୟରେ ସାମାଜିକ ପୋଲିସ ବ୍ୟବସ୍ଥା ପରିକଳ୍ପନାର ପ୍ରବର୍ତ୍ତନ ପାଇଁ ନିଷ୍ପତ୍ତି

ସମାଜରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଉଦ୍ଦେଶ୍ୟରେ ଆଇନର ଶାସନ ପ୍ରତିଷ୍ଠା କରିବା, ଅପରାଧର ମାତ୍ରା ହ୍ରାସ କରିବା ତଥା ଶାନ୍ତି ଶୃଂଖଳା ବଜାୟ ରଖିବା ପାଇଁ ପୋଲିସ କାର୍ଯ୍ୟରେ ସାଧାରଣ ନାଗରିକଙ୍କୁ ସହଯୋଗୀ ଭାବେ ଗ୍ରହଣ କରିବା ଉଦ୍ଦେଶ୍ୟରେ ରାଜ୍ୟରେ "ସାମାଜିକ ପୋଲିସ ବ୍ୟବସ୍ଥା" ପରିକଳ୍ପନାର ପ୍ରବର୍ତ୍ତନ କରିବା ପାଇଁ ସରକାର ନିଷ୍ପତ୍ତି କରିଛନ୍ତି ।

ଏହି ପରିକଳ୍ପନାର ଲକ୍ଷ୍ୟ ତଥା ଉଦ୍ଦେଶ୍ୟ ହେଉଛି—ସମାଜର ଆଇନ ଶୃଙ୍ଖଳା ବ୍ୟବସ୍ଥାକୁ କଡ଼ାକଡ଼ି ଭାବେ ଲାଗୁ କରି ସହରାଂଚଳ ଓ ଗ୍ରାମାଂଚଳରେ ସାମାଜିକ ସମସ୍ୟା ସମାଧାନରେ ଆଇନ ଅପରାଧ ପ୍ରବଣ ଅଂଚଳରେ ସ୍ୱେଚ୍ଛାମୂଳକ ସହଯୋଗ ଦ୍ୱାରା ରାତ୍ରିକାଳୀନ ପୋଲିସ ପ୍ରହରୀ ବ୍ୟବସ୍ଥାରେ ନିରାପତ୍ତା ଯୋଗାଇ ଦେବା, ପୋଲିସକୁ ଅପରାଧ ଓ ଅପରାଧୀ ସଂପର୍କିତ ତଥ୍ୟ ଯୋଗାଇ ଆଇନକୁ ଗତିଶୀଳ କରିବା, ସାମାନ୍ୟ କଳିଗୋଳ/ଗଣ୍ଡଗୋଳ ଆଦିକୁ ସମାଧାନ କରିବା ପାଇଁ ଚେଷ୍ଟା କରିବା ସହିତ ସମାଜରେ ଅଯଥା ଉତ୍ତେଜନା ଓ ହିଂସାକୁ ପ୍ରଶମିତ କରିବା, ସାମୂହିକ ପ୍ରଚେଷ୍ଟା ଦ୍ୱାରା ବିଭିନ୍ନ ମେଳା ମହୋତ୍ସବ ଓ ସାଧାରଣ ସଭାସ୍ଥଳମାନଙ୍କରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ସଙ୍ଗେ ସଙ୍ଗେ ପ୍ରାକୃତିକ ବିପର୍ଯ୍ୟୟ, ଅଗ୍ନିକାଣ୍ଡ, ସାଂପ୍ରଦାୟିକ ଦଙ୍ଗା ଆଦି କାଳରେ ସ୍ୱେଚ୍ଛାସେବୀଙ୍କ ଜରିଆରେ ପୀଡ଼ିତମାନଙ୍କୁ ସେବା ଓ ସାହାଯ୍ୟ ଯୋଗାଇ ଦେବା । ସେହିପରି ଶିଶୁ ଓ ମହିଳାମାନଙ୍କ ଉପରେ ଅତ୍ୟାଚାର, ନିଶା ଓ ମାଦକ ଦ୍ରବ୍ୟ ବ୍ୟବହାର ତଥା କାରବାର ଓ ଚୋରାମଦ କାରବାର ବିରୁଦ୍ଧରେ ଜନ ସଚେତନତା ସୃଷ୍ଟି କରିବା ଏବଂ ସମାଜରେ ଶାନ୍ତି ଓ ସ୍ଥିରତା ପାଇଁ ବର୍ତ୍ତମାନ କାର୍ଯ୍ୟ କରୁଥିବା ଶାନ୍ତି କମିଟି ଓ ଅନ୍ୟାନ୍ୟ ସୁରକ୍ଷା କମିଟି ସହ ସମନ୍ୱୟ ରକ୍ଷା କରିବା ମଧ୍ୟ ଏହି ପରିକଳ୍ପନାର ଅନ୍ୟତମ ଉଦ୍ଦେଶ୍ୟ । ସମାଜରେ ଅପରିଚିତ ବ୍ୟକ୍ତି ତଥା ସଂଦେହୀ ଚରିତ୍ର ସଂପନ୍ନ ବ୍ୟକ୍ତିଙ୍କୁ ଚିହ୍ନଟ କରି ଖୋଜି ବାହାର କରିବାରେ ପୋଲିସକୁ ସାହାଯ୍ୟ କରିବା ଏବଂ ବିଭିନ୍ନ ସମୟରେ ସଂପୃକ୍ତ ଅଂଚଳର ସାମାଜିକ ସ୍ୱାର୍ଥ ଦୃଷ୍ଟିରୁ ସୁରକ୍ଷା ସମିତି ଦ୍ୱାରା ନିର୍ଦ୍ଧାରିତ ଯେ କୌଣସି କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ହେଉଛି ମଧ୍ୟ ଏହି ପରିକଳ୍ପନାର ଲକ୍ଷ୍ୟ ।

ଏହି ପରିକଳ୍ପନାକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରତ୍ୟେକ ଗ୍ରାମ 'ପଞ୍ଚାୟତ ସୁରକ୍ଷା ସମିତି' ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦ/ମ୍ୟୁନିସିପାଲଟି/ନିଗମର ପ୍ରତ୍ୟେକ ୱାର୍ଡ଼ରେ 'ସହରସୁରକ୍ଷା ସମିତି' ନାମରେ ଗୋଟିଏ ଲେଖାଏଁ ସମିତି ଗଠନ କରାଯିବ । ଗ୍ରାମାଂଚଳ ଓ ସହରାଂଚଳରେ ରାଜସ୍ୱ ଗ୍ରାମ ଓ ୱାର୍ଡ଼ର ସଂଖ୍ୟାକୁ ଦୃଷ୍ଟିରେ ରଖି ସମିତିରେ ସଭ୍ୟସଂଖ୍ୟା ୧୨ ରୁ ୨୧ ମଧ୍ୟରେ ସୀମିତ ରହିବ ଏବଂ ଏହି ସମିତିର କାର୍ଯ୍ୟକାଳ ୨ ବର୍ଷ ହେବ । ସମିତିର ସଭାପତି ଓ ସଭ୍ୟମାନଙ୍କର ସେବା ସଂପୂର୍ଣ୍ଣ ରୂପେ ସ୍ୱେଚ୍ଛାକୃତ ଓ ଅବୈତନିକ ହେବ । ସର୍ବଶ୍ରେଷ୍ଠ ସଭ୍ୟମାନଙ୍କୁ ପୁରସ୍କୃତ କରିବା ପାଇଁ ଆବଶ୍ୟକମତେ 'ସୁରକ୍ଷା

ରାଜ୍ୟ ସରକାର ସର୍ବଶ୍ରେଷ୍ଠ ସୁରକ୍ଷା ସମିତି ଏବଂ ସର୍ବଶ୍ରେଷ୍ଠ ସଭ୍ୟମାନଙ୍କୁ ପୁରସ୍କୃତ କରିବା ପାଇଁ ଆବଶ୍ୟକମତେ 'ସୁରକ୍ଷା ପଦକ' ପ୍ରଦାନ କରିପାରିବେ । ଜିଲ୍ଲା ଆରକ୍ଷୀ ଅଧିକାରୀଙ୍କ ସୁପାରିଶ ମୁତାବକ ଏହି ପୁରସ୍କାର ଜିଲ୍ଲା ଓ ରାଜ୍ୟ ସ୍ତରୀୟ ଉତ୍ସବମାନଙ୍କରେ ଦିଆଯିବ । ପ୍ରତ୍ୟେକ ଜିଲ୍ଲାରୁ ତିନୋଟି ଲେଖାଏଁ ସମିତି ଓ ତିନିଜଣ ସଭ୍ୟକୁ ସେମାନଙ୍କର ସର୍ବୋତ୍କୃଷ୍ଟ କାର୍ଯ୍ୟ ତଥା ସେବା ପାଇଁ ପୁରସ୍କୃତ କରାଯିବ ।

# ବିଜ୍ଞାନ ଜଗତକୁ ପଠାଣି ସାମନ୍ତଙ୍କ ଦାନ

ଶ୍ରୀ ଗିରିଜାଶଙ୍କର ତରାସିଆ

ଆଧୁନିକ ସଭ୍ୟତା ଅଭ୍ୟୁଦୟର ବହୁପୂର୍ବରୁ ବେଦଭୂମି ଭାରତବର୍ଷରେ ବିଜ୍ଞାନର ଯାଦୁକରୀ ପ୍ରଭାବ ଚମକ ସୃଷ୍ଟି କରିପାରିଥିଲା । ଏହି ପ୍ରାଚୀନ ସଂସ୍କୃତିସଂପନ୍ନ ଦେଶରେ ବହୁ ଜ୍ଞାନୀ, ଗୁଣୀ ଜନ୍ମ ଲାଭ କରି ସମଗ୍ର ବିଶ୍ୱକୁ ଜ୍ଞାନାଲୋକରେ ଉଦ୍‌ଭାସିତ କରି ଆସିଛନ୍ତି । ଗଣିତ, ଜ୍ୟୋତିଷ, ଜ୍ୟାମିତି, ସ୍ଥପତି, ଧାତୁକର୍ମ, ରସାୟନ ଚିକିତ୍ସା, ଶଲ୍ୟତନ୍ତ୍ର ଓ ତତ୍ ସହିତ ସଂପୃକ୍ତ ସର୍ବବିଧ ଉପାଦାନ, ଉପକରଣର ଉତ୍ପାଦନ, ନିର୍ମାଣ ଆଦି ବହୁ ପ୍ରକ୍ରିୟା ପ୍ରାଚୀନ ଭାରତରେ ଉଦ୍‌ଭାବିତ ହୋଇ ଉନ୍ନତିର ଉଚ୍ଚତମ ସ୍ତରକୁ ଉଠିଥିଲା । ଭାରତବର୍ଷର ଅତୀତର ଗୌରବାବହ ସଂସ୍କୃତି ତଥା ପ୍ରାଚୀନ ବିଜ୍ଞାନର ଉଦ୍‌ଭାବନ ସମୂହକୁ ଅନୁଶୀଳନ କଲେ ଆମେ କଣ ସତରେ ଏହି ପ୍ରତିଭାଦୀପ୍ତ ଯୋଗ୍ୟ ସନ୍ତାନଙ୍କର ଦାୟାଦ, ଏହି ପ୍ରଶ୍ନ ମନକୁ ଆସିଥାଏ । ନିକୋଲସ୍ କୋପରନିକସ୍ ତାଙ୍କର ପ୍ରସିଦ୍ଧ ଗ୍ରନ୍ଥ ଡ଼ି.ରିଭୋଲ୍ୟୁସନିବସ୍ ଓରବିୟସ୍ ସେଲେଷ୍ଟିୟମ୍ ୧୫୪୩ ଖ୍ରୀଷ୍ଟାବ୍ଦରେ ପ୍ରକାଶ କରି ଭୂ-ଭ୍ରମଣବାଦ ସଂପର୍କରେ ଜଗତକୁ ଜଣାଇବାର ବହୁ ପୂର୍ବରୁ ଆର୍ଯ୍ୟଭଟ୍ଟ ତାଙ୍କ ରଚିତ ଆର୍ଯ୍ୟଭଟ୍ଟୀୟ ଗୋଳପାଦରେ ଅତି ସ୍ପଷ୍ଟ ଭାବରେ ଇଙ୍ଗିତ ଦେଇଥିଲେ । ଆର୍ଯ୍ୟଭଟ୍ଟୀୟ ଗ୍ରନ୍ଥ ଗୀତିକାପାଦ, ଗଣିତପାଦକାଳ, କ୍ରିୟାପାଦ ଓ ଗୋଳପାଦ ରୂପେ ଚାରି ଭାଗରେ ବିଭକ୍ତ । ସବୁଠାରୁ ଶ୍ରେଷ୍ଠ ଭାବେ ପରିଗଣିତ ଗୋଳପାଦ ବିଭାଗରେ ପଚାଶ ଗୋଟି ଶ୍ଳୋକ ସନ୍ନିବେଶିତ । ଏହି ବିଭାଗରେ ଉଲ୍ଲେଖିତ ଅନେକ ଧାରଣା ଏ ପର୍ଯ୍ୟନ୍ତ ସତ୍ୟ ରୂପେ ପ୍ରତିପାଦିତ ହୋଇ ଆସିଛି । ଭୂ-ଭ୍ରମଣବାଦ ସଂପର୍କରେ ଅଭିମତ ପ୍ରକାଶ କରି ଆର୍ଯ୍ୟଭଟ୍ଟ ଦର୍ଶାଇଛନ୍ତି ଯେ ଲଙ୍କାରେ ସୂର୍ଯ୍ୟୋଦୟ ବେଳେ ସିଦ୍ଧପୁରରେ ଅସ୍ତ, ଯବକୋଟିରେ ମଧ୍ୟାହ୍ନ ଓ ରୋମକରେ ଅର୍ଦ୍ଧରାତ୍ର ହୁଏ । ଏହି ଉକ୍ତିରୁ ମନେ ହୁଏ ଯେ, ପୃଥିବୀର ଆହ୍ନିକ ଗତିର ଫଳାଫଳ ତାଙ୍କୁ ସଂପୂର୍ଣ୍ଣ ରୂପେ ଜ୍ଞାତ ଥିଲା । ଭାରତର ପ୍ରଥମ ଜ୍ୟୋତିର୍ବିଜ୍ଞାନୀ ଭାବେ ଖ୍ୟାତ ଲାଗଧ ଜ୍ୟୋତିଷ ବେଦାଙ୍ଗ ନାମରେ ଏକ ଉପାଦେୟ ଗ୍ରନ୍ଥ ଖ୍ରୀ.ପୂ. ୯୦୦ ରେ କାଶ୍ମୀର ଉପତ୍ୟକାରେ ରଚନା କରିଥିଲେ । ତାଙ୍କ ଗଣନାରେ ବର୍ଷକ ୩୬୬ ଦିନ । ମାସକ ୩୦ ଦିନ । ୫ ବର୍ଷ ବା ୧୮୩୦ ଦିନରେ ଏକ ଯୁଗ ହୋଇଥାଏ । ତାଙ୍କ ମତରେ ଚାନ୍ଦ୍ରମାସ ହେଲା ୨୯ ୩୨/୬୨ ଦିନ ।

ସପ୍ତଦଶ ଶତାବ୍ଦୀରେ ଆଇଜାକ୍ ନିଉଟନ୍ ଗଛରୁ ପାଚିଲା ଫଳ ପଡ଼ିବା ନିରୀକ୍ଷଣ କରି ପୃଥିବୀର ମାଧ୍ୟାକର୍ଷଣ ତତ୍ତ୍ୱ ଆବିଷ୍କାର କରିବାର ପ୍ରାୟ ବାରଶହ ବର୍ଷ ପୂର୍ବରୁ ଭାରତୀୟ ଗଣକ ବ୍ରହ୍ମଗୁପ୍ତ ଦର୍ଶାଇ ଥିଲେ ଯେ, ପ୍ରବାହିତ ହେବା ଯେପରି ଜଳର ଏକ ଧର୍ମ, ସେହିପରି ନିଜ ଆଡ଼କୁ ଆକର୍ଷଣ କରିବା ପୃଥିବୀର ଏକ ଧର୍ମ ।

ପ୍ରାଚୀନ ଭାରତର ଗଣିତ ଏବଂ ଜ୍ୟୋତିଷ ଶାସ୍ତ୍ରଥିଲା ଅତ୍ୟନ୍ତ ସମୃଦ୍ଧଶାଳୀ । ବେଦର ଷଡ଼ ଅଙ୍ଗ ମଧ୍ୟରୁ ଜ୍ୟୋତିଷକୁ ଅନ୍ୟତମ ପ୍ରାଚୀନ ଅଙ୍ଗଭାବେ ଗ୍ରହଣ କରାଯାଇଥାଏ । ଭାରତବର୍ଷରେ ଆଦୃତ ଲାଭ କରିଥିବା ସୂର୍ଯ୍ୟ ସିଦ୍ଧାନ୍ତ, ବ୍ରହ୍ମସିଦ୍ଧାନ୍ତ, ସୋମସିଦ୍ଧାନ୍ତ, ଲୋମଶ ସିଦ୍ଧାନ୍ତ ଏବଂ ଆର୍ଯ୍ୟସିଦ୍ଧାନ୍ତ ପରି ପଞ୍ଚସିଦ୍ଧାନ୍ତ ମଧ୍ୟରେ ପ୍ରାଚୀନ ଜ୍ୟୋତିଷ ଶାସ୍ତ୍ରର ବିସ୍ତୃତ ଆଲୋଚନା କରାଯାଇଛି । ଭାରତବର୍ଷରେ ଗଣିତ ଜ୍ୟୋତିର୍ବିଦ୍ ଭାବେ ଖ୍ୟାତି ଅର୍ଜନ କରିଥିବା ମନୀଷୀଙ୍କ ମଧ୍ୟରେ ଆର୍ଯ୍ୟଭଟ୍ଟୀୟ ରଚୟିତା ଆର୍ଯ୍ୟଭଟ୍ଟ, ପଞ୍ଚସିଦ୍ଧାନ୍ତ ରଚୟିତା ବରାହ ମିହିର, ଭାସ୍କରାଚାର୍ଯ୍ୟ, ବ୍ରହ୍ମସ୍ଫୁଟ ସିଦ୍ଧାନ୍ତ ରଚୟିତା ବ୍ରହ୍ମଗୁପ୍ତ, ଗ୍ରହ ଲାଘବ ରଚୟିତା ଗଣେଶ, ସୁଧାକର ଦ୍ୱିବେଦୀ, ଶତାନନ୍ଦ, କମଲାଭଟ୍ଟ, ଲୁଟନାଚାର୍ଯ୍ୟ, ଲଲ୍ଲାଚାର୍ଯ୍ୟ, ବାସୁଦେବ ଶାସ୍ତ୍ରୀ ପ୍ରମୁଖ ଥିଲେ ଅନ୍ୟତମ ।

ଆଚାର୍ଯ୍ୟ ଗଣେଶଙ୍କ ଆବିର୍ଭାବର ଚାରିଶହ ବର୍ଷ ପରେ ଉତ୍କଳ ଭୂମିରେ ଏକ ମହାନ୍ ଜ୍ୟୋତିଷ ଉଦୟ ହୋଇଥିଲେ । ଓଡ଼ିଆ ଜାତି ନିକଟରେ ପଠାଣି ସାମନ୍ତ ନାମରେ ପରିଚିତ ଏହି ପ୍ରତିଭା ୧୮୩୫ ମସିହା ପୌଷମାସ କୃଷ୍ଣପକ୍ଷ ଅଷ୍ଟମୀତିଥିରେ ଅବିଭକ୍ତ ପୁରୀ ଜିଲ୍ଲାରେ ଖଣ୍ଡପଡ଼ା ନିବାସୀ ଶ୍ୟାମବନ୍ଧୁ ସିଂହଙ୍କର ପୁତ୍ର ରୂପେ ଜନ୍ମ ଗ୍ରହଣ କରିଥିଲେ । ଓଡ଼ିଶାରେ ଜନ୍ମଲାଭ କରିଥିବା ଶତାନନ୍ଦ, ହୀରାଦେବୀଙ୍କ ପୁତ୍ର ଗୋବିନ୍ଦ ଦାସ, ତ୍ରିଲୋଚନ ମହାନ୍ତି, ପାରଳା ଖେମୁଣ୍ଡିର ତତ୍କାଳୀନ ରାଜା ଗଜପତି ନାରାୟଣ ଦେବ, ସୂର୍ଯ୍ୟସିଦ୍ଧାନ୍ତର ସରଣୀ ସର୍ବବୋଧିନୀ ରଚୟିତା ବିପ୍ର ନିମ ଦେବ, ଜ୍ୟୋଣ୍ଡନ୍ତ୍ରୋଦୟ ରଚୟତା ଧନଞ୍ଜୟ ଆଚାର୍ଯ୍ୟ, ମାଗୁଣି ତ୍ରିପାଠୀ, ଶିଶୁବୋଧନୀ ରଚୟିତା ମହାମହୋପାଧ୍ୟାୟ ଦୟାନିଧି ନନ୍ଦ, ବାଳବୋଧରତ୍ନ କୌମୁଦୀ ରଚୟିତା ମହାମହୋପାଧ୍ୟାୟ ଛକଡ଼ି ନନ୍ଦ, ରବୀନ୍ଦ୍ର ଗ୍ରହଣମ୍ ରଚୟିତା ଗଦାଧର ପଟ୍ଟନାୟକ, ସୂର୍ଯ୍ୟସିଦ୍ଧାନ୍ତର ଓଡ଼ିଆ ଟୀକାକାର ଚୈତନ୍ୟ ରାଜଗୁରୁ, ମହୀଧର ସଂହିତା ରଚୟିତା ମହୀଧର ମିଶ୍ର, ଜ୍ୟୋତିଷ ସଂଗ୍ରହ ରଚୟିତା ଦାଶରଥି ମିଶ୍ର, କାଳସର୍ବସ୍ୱ ରଚୟିତା କୃଷ୍ଣ ମିଶ୍ର ପ୍ରମୁଖ ପଣ୍ଡିତଗଣ ଜ୍ୟୋତିଃଶାସ୍ତ୍ରରେ ଅନେକ ଉପାଦେୟ ଗ୍ରନ୍ଥ ରଚନା କରିଥିଲେ ମଧ୍ୟ ଯୋଗଜନ୍ମା ସାମନ୍ତ ଚନ୍ଦ୍ରଶେଖରଙ୍କର ଅନନ୍ୟ ସାଧନା ସମସ୍ତଙ୍କୁ ଚକିତ କରାଇ ବିଶ୍ୱ ଦରବାରରେ ତାଙ୍କୁ ଜ୍ୟୋତିଷ ବିଜ୍ଞାନର ଏକ ଶ୍ରେଷ୍ଠ ସ୍ଥାନର ଅଧିକାରୀ କରିପାରିଥିଲା ।

ବାଲ୍ୟଗୁରୁ କୃତିବାସ ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାଞ୍ଚବର୍ଷ ବୟସରୁ ଶିକ୍ଷା ଲାଭ କରି ପଠାଣି ସାମନ୍ତ ମାତ୍ର ସାତବର୍ଷ ବୟସରେ ବର୍ଣ୍ଣଶିକ୍ଷା, ପଣିକିଆ ଦଶକ, ଅମର କୋଷ ଅଭିଧାନର ପ୍ରଥମ ପାଞ୍ଚବର୍ଷ ଶିକ୍ଷା ସମାପ୍ତ କରିଥିଲେ । ମାତ୍ର ପନ୍ଦରବର୍ଷ ବୟସ ବେଳକୁ ରଘୁବଂଶ, କୁମାର ସମ୍ଭବ, କିରତାର୍ଜ୍ଜୁନୀୟ, ମେଘଦୂତ, ହଂସଦୂତ କାବ୍ୟ ସମୂହ ପଠନ କରିବା ସହିତ ନୈଷଧ କାବ୍ୟ ପଠନ ଆରମ୍ଭ କରିଥିଲେ । ୧୮୬୯ ମସିହା ଏପ୍ରିଲମାସ ୧୨ ତାରିଖରୁ ଦୀର୍ଘ କୋଡ଼ିଏ ବର୍ଷ ଦିବାରାତ୍ର ଅକ୍ଳାନ୍ତ ପରିଶ୍ରମ କରି ସିଦ୍ଧାନ୍ତ ଦର୍ପଣ ଗ୍ରନ୍ଥ ରଚନା କରି ୧୮୯୨ ମସିହା ନଭେମ୍ବର ମାସ ୧୨ ତାରିଖ ମାର୍ଗଶିର ମାସ କୃଷ୍ଣପକ୍ଷ ଶନିବାର ତିଥିରେ ସମାପ୍ତ କରିଥିଲେ । ୨୫୦୦ ଶ୍ଳୋକ ସନ୍ନିବେଶିତ ଏହି ତାଳପତ୍ର ଗ୍ରନ୍ଥରେ ସାମନ୍ତଙ୍କ ସ୍ୱରଚିତ ଶ୍ଳୋକ ସଂଖ୍ୟା ଥିଲା ୨୨୮୪ ଏବଂ ବିଭିନ୍ନ ଗ୍ରନ୍ଥରୁ ଉଦ୍ଧୃତ ଶ୍ଳୋକସଂଖ୍ୟା ଥିଲା ୨୧୬ ।

ପଠାଣି ସାମନ୍ତଙ୍କର ଏହି ମହାନ୍ କୃତିର ସ୍ୱୀକୃତି ସ୍ୱରୂପ ତତ୍କାଳୀନ ବ୍ରିଟିଶ ସରକାର ତାଙ୍କୁ ୧୮୯୩ ମସିହା ଜୁନ୍ ମାସ ୩ ତାରିଖରେ ମହାମହୋପାଧ୍ୟାୟ ଉପାଧିରେ ଭୂଷିତ କରିଥିଲେ । ତାଳପତ୍ରରେ ଲିଖିତ ସିଦ୍ଧାନ୍ତ ଦର୍ପଣର ପାଣ୍ଡୁଲିପିକୁ ଘନଶ୍ୟାମ ମିଶ୍ର ନାମକ ଜଣେ ପଣ୍ଡିତ କାଗଜକୁ ଓଡ଼ିଆ ଲିପିରେ ଉତାରିବା ପରେ ଓଡ଼ିଶା କରଦରାଜ୍ୟ ସମୂହର ଭୂତପୂର୍ବ ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ବାବୁ ସୁଦାମ ଚନ୍ଦ୍ର ନାୟକଙ୍କ ଯତ୍ନ ଏବଂ ଆଠମଲ୍ଲିକ ରାଜା ମହେନ୍ଦ୍ର ଦେଓ ତଥା ମୟୂରଭଞ୍ଜ ରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କର ଆର୍ଥିକ ସହାୟତା ଯୋଗୁଁ ୧୮୯୪ ମସିହାରେ କଲିକତାର ଗିରୀଶ ବିଦ୍ୟାରତ୍ନ ମୁଦ୍ରଣାଳୟରେ 'ସିଦ୍ଧାନ୍ତଦର୍ପଣ' ଗ୍ରନ୍ଥର ମୁଦ୍ରଣ ଆରମ୍ଭ ହୋଇ ୧୮୯୯ ମସିହାରେ ମୁଦ୍ରଣ କାର୍ଯ୍ୟ ସମାପ୍ତ ହୋଇଥିଲା । ଏହି ଗ୍ରନ୍ଥ ମୁଦ୍ରଣରେ ପ୍ରାୟ ୧୨୫୦ ଟଙ୍କା ବ୍ୟୟ ହୋଇଥିଲା ।ସିଦ୍ଧାନ୍ତ ଦର୍ପଣ ଗ୍ରନ୍ଥ ମଧ୍ୟମାଧିକାର, ସ୍ଫୁଟାଧିକାର, ତ୍ରିପ୍ରଶ୍ନାଧିକାର, ଗୋଳାଧିକାର ଓ କାଳାଧିକାର ପରି ଅଧିକାର ପଞ୍ଚକରେ ବିଭକ୍ତ ଏବଂ ଚବିଶ ପ୍ରକାଶରେ ସମାପ୍ତ ।

ଭାରତବର୍ଷର ଦ୍ୱିତୀୟ ଭାସ୍କରାଚାର୍ଯ୍ୟ ନାମରେ ଖ୍ୟାତ ଏହି ମହାନ୍ ଜ୍ୟୋତିର୍ବିଦ୍‌ଙ୍କୁ ୟୁରୋପ ମହାଦେଶର ଖ୍ୟାତନାମା ଜ୍ୟୋତିର୍ବିଦ୍ ଟିକୋବ୍ରାହେଙ୍କଠାରୁ ଉଚ୍ଚତର ସମ୍ମାନ ଦେଇ ଇଂଲଣ୍ଡର ବିଜ୍ଞାନ ପତ୍ରିକା 'ନଲେଜ' ୧୯୦୪ ମସିହାରେ ପ୍ରକାଶିତ ଏକ ପ୍ରବନ୍ଧରେ ଭୂୟସୀ ପ୍ରଶଂସା କରିଥିଲା । ୧୯୦୪ ମସିହା ଜୁନ୍ ମାସ ୧୧ ତାରିଖ ଜ୍ୟେଷ୍ଠ କୃଷ୍ଣପକ୍ଷ ଦ୍ୱାଦଶୀ ତିଥିରେ ସାମନ୍ତ ଚନ୍ଦ୍ରଶେଖରଙ୍କର ଶ୍ରୀକ୍ଷେତ୍ରରେ ମହାପ୍ରୟାଣ ଘଟିଥିଲା ।

ପଠାଣିସାମନ୍ତଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଇ ପଲ୍ଲୀକବି ନନ୍ଦ କିଶୋର ବଳ ଗାଇଥିଲେ–

''ହେ ଚନ୍ଦ୍ର ଶେଖର ନବ ଉତ୍କଳ ମଣ୍ଡନ
ନବ ଯୁଗ ଜ୍ଞାନବୀର କୁଳ ସୁନନ୍ଦନ
ଶୁଣାନ ତୁଳସୀଦେବ ତୁମେ ଏ ଉତ୍କଳେ
ତୁମ୍ଭ ପେନି ଏ ଉତ୍କଳ ଖ୍ୟାତ ଭୂମଣ୍ଡଳେ ।''

---

ସଂପାଦକ ପଠାଣିସାମନ୍ତ ମେମୋରିଆଲ ପରିଷଦ,
ଗା/ପୋ : ଖଣ୍ଡପଡ଼ାଗଡ଼,
ଜି. ନୟାଗଡ଼ - ୭୫୨୦୭୭

## ୧୬୬୬.୧୧୫ ଲକ୍ଷ ଟଙ୍କା ଗୃହ ନିର୍ମାଣ ସହାୟତା ପ୍ରଦାନ

ବାତ୍ୟା ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ପରିବାରଙ୍କୁ ଗତ ଡିସେମ୍ବର ୫ ତାରିଖ ସୁଦ୍ଧା ୧୬୬୬.୧୧୫ ଲକ୍ଷ ଟଙ୍କା ଗୃହ ନିର୍ମାଣ ସହାୟତା ବାବଦରେ ଯୋଗାଇ ଦିଆଯାଇଛି । ଜିଲ୍ଲାପାଳମାନଙ୍କ ଦ୍ୱାରା ପ୍ରଦତ୍ତ ବିବରଣୀରୁ ଜଣାଯାଇଅଛି ଯେ ମହାବାତ୍ୟା ଦ୍ୱାରା ୧୨ ଗୋଟି ଜିଲ୍ଲାରେ ୧୬,୫୦,୦୮୬ ବାସଗୃହ କ୍ଷତିଗ୍ରସ୍ତ ହୋଇଥିବା ବେଳେ ବାତ୍ୟା ଦ୍ୱାରା ଗଂଜାମ ଓ ଗଜପତି ଜିଲ୍ଲାରେ ୩,୨୨,୯୭୩ ଗୋଟି ବାସଗୃହ କ୍ଷତିଗ୍ରସ୍ତ ହୋଇଅଛି । ଓଡ଼ିଶା ରିଲିଫ୍ କୋଡ୍‌ର ବ୍ୟବସ୍ଥା ଅନୁଯାୟୀ ବାସଗୃହ ହରାଇଥିବା ପରିବାରବର୍ଗଙ୍କ ନିମନ୍ତେ ୨୮୬୩୬.୬୨ ଲକ୍ଷ ଟଙ୍କା ଆବଶ୍ୟକ ଥିବା ବେଳେ ବିଭିନ୍ନ ଜିଲ୍ଲାକୁ ଏପର୍ଯ୍ୟନ୍ତ ୧୦୯୮୦ ଲକ୍ଷ ଟଙ୍କା ଆବଣ୍ଟନ କରାଯାଇଅଛି । ୨୦ ଡିସେମ୍ବର ସୁଦ୍ଧା ସମସ୍ତ କ୍ଷତିଗ୍ରସ୍ତ ପରିବାରବର୍ଗଙ୍କୁ ଗୃହ ନିର୍ମାଣ ସହାୟତା ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ରାଜସ୍ୱ ବିଭାଗ ସୂତ୍ରରୁ ଜଣାଯାଇଛି ।

# ମହାବାତ୍ୟା ପରେ ରବି ଫସଲ

*ଶ୍ରୀ ରମେଶ ଚନ୍ଦ୍ର ମହାନ୍ତି*

ପ୍ରଳୟଙ୍କରୀ ମହାବାତ୍ୟାର ତାଣ୍ଡବଲୀଳାରେ ବିପର୍ଯ୍ୟସ୍ତ ଜନଜୀବନ । ଗଛଗୁଡ଼ିକ ଉପୁଡ଼ିଯିବା ଫଳରେ ଗ୍ରାମ ଏବଂ ସହରର ସବୁଜିମା ନଷ୍ଟ ହୋଇଯାଇଛି । ଅନେକ ଗାଁକୁ ଚିହ୍ନିବା କଷ୍ଟକର ହୋଇପଡୁଛି । ଉଜୁଡ଼ା କ୍ଷେତ ଏବଂ ଚାଳଘରକୁ ଦେଖି ଚାଷୀ ଧୈର୍ଯ୍ୟହରା ହୋଇପଡ଼ିଛି । ପୁଣି କଣ ସତେ ତାର ଥଇଥାନ ହୋଇପାରିବ?ସେ କଳ୍ପନା ବି କରି ପାରୁନାହିଁ । ଏହି ସମୟରେ ଦେଶ, ବିଦେଶରୁ ବହୁ ସ୍ୱେଚ୍ଛାସେବୀ ସଂଗଠନ, ସରକାରୀ ସଂସ୍ଥା ଆଗେଇ ଆସିଛନ୍ତି ଓଡ଼ିଶାର ବାତ୍ୟା ବିଧ୍ୱସ୍ତ ଲୋକମାନଙ୍କ ମନରେ ନୂତନ ଆଶାର ସଂଚାର କରିବାପାଇଁ । ପରବର୍ତ୍ତୀ ପର୍ଯ୍ୟାୟରେ ଲୋକେ କିପରି ନିଜର ବାସ ସଜାଡ଼ି ଚାଷ କରିପାରିବେ, ସେଥିପାଇଁ ସରକାର ଯୁଦ୍ଧକାଳୀନ ଭିତ୍ତିରେ କେତେକ ପଦକ୍ଷେପ ନେଇଥିବା ଜଣାପଡ଼ିଛି । ସାଧାରଣତଃ ଡିସେମ୍ବର ମାସରୁ ରବିଫସଲପାଇଁ ଚାଷୀ ତାର ପ୍ରସ୍ତୁତି ପର୍ବ ଆରମ୍ଭ କରିଦେଇଥାଏ । ବାତ୍ୟାଞ୍ଚଳରେ ହଳବଳଦ ଏବଂ ବିହନ ନଥିବାରୁ ଏବଂ ଅଧିକାଂଶ ବଳଦ ମୃତ୍ୟୁ ମୁଖରେ ପଡ଼ିଥିବାରୁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ସହାୟତାରେ କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଚାଷୀମାନଙ୍କୁ ଅଧାଦାମ୍‌ରେ ବିହନ ଯୋଗାଇ ଦେବା, ରିହାତି ଦରରେ କୃଷି ଯନ୍ତ୍ରପାତି ଦେବା ତଥା ଟ୍ରାକ୍ଟର ଯୋଗାଇ ଦେବା, ଆବଶ୍ୟକସ୍ଥଳେ ସାର ଯୋଗାଇ ଦେବାପାଇଁ ମଧ୍ୟ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛନ୍ତି । ସବୁ ଚାଷୀଙ୍କୁ ମାଗଣାରେ ସାର ଏବଂ ବିହନ୍ ଯୋଗାଇ ଦେବା ସମ୍ଭବପର ହେଉନଥିଲେ ମଧ୍ୟ ବିଭିନ୍ନ ସ୍ଥାନରୁ ଚାଷୀମାନଙ୍କୁ ଯୋଗାଇ ଦେବାପାଇଁ ଆସୁଥିବା ମାଗଣା ବିହନ ଏବଂ କୃଷି କିଟ୍ କେତେକ ଚାଷୀଙ୍କୁ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି । ବାତ୍ୟାବିଧ୍ୱସ୍ତ ଜିଲ୍ଲାର ୧୧ ଲକ୍ଷ ୧୩ ହଜାର ହେକ୍ଟର ଜମି ରବି ଚାଷ ପାଇଁ ଉପଯୁକ୍ତ ଥିଲେ ମଧ୍ୟ ରାଜ୍ୟ ସରକାର ମାତ୍ର ୩ ଲକ୍ଷ ୩୪ ହଜାର ହେକ୍ଟର ଜମିପାଇଁ ଅଧା ଦାମରେ ବିହନ ଯୋଗାଇ ଦେଉଛନ୍ତି । ସେଥିରୁ ଧାନ, ମୁଗ, ବିରି, ଚିନାବାଦାମ, ସୋରିଷ ଏବଂ ରାଶି ଭଳି ଶସ୍ୟ ଜାତୀୟ ଫସଲ ୨ ଲକ୍ଷ ୩୮ ହଜାର ହେକ୍ଟର ଜମିରେ ଚାଷ କରାଯିବ । ୫୧ ହଜାର ହେକ୍ଟର ଜମିରେ ପନିପରିବା ଚାଷ ସକାଶେ ସହାୟକ ମୂଲ୍ୟରେ ବିହନ ଯୋଗାଇ ଦେବା ବ୍ୟବସ୍ଥା ରାଜ୍ୟ ସରକାର କରିଛନ୍ତି । ଚାଷୀମାନଙ୍କୁ ୨ ଲକ୍ଷ ୨୪ ହଜାର କ୍ୱିଣ୍ଟାଲ ବିହନ ଯୋଗାଇ ଦେବା ଫଳରେ ବିହନର ସହାୟକ ମୂଲ୍ୟ ବାବଦକୁ ସରକାରଙ୍କୁ ୨୦ କୋଟି ଟଙ୍କା ଦେବାକୁ ପଡ଼ିବ । ସରକାରଙ୍କ ବିକ୍ରୟ କେନ୍ଦ୍ର, ଅଏଲ ଓଡ଼ିଶାର ପାଇକାରୀ ବିକ୍ରୟ କେନ୍ଦ୍ର, ରାଜ୍ୟ ବିହନ ନିଗମର ବିକ୍ରୟକେନ୍ଦ୍ରରେ ଏହି ବିହନ ବିକ୍ରୟର ବ୍ୟବସ୍ଥା କରାଯାଇଛି । ଧାନ ବିହନ କ୍ୱିଣ୍ଟାଲ ପିଛା ୫୫୭ ଟଙ୍କାରୁ ୬୩୫ ଟଙ୍କା, ମୁଗ ବିହନ କ୍ୱିଣ୍ଟାଲ ପିଛା ୧୮୫୧ ଟଙ୍କା ଏବଂ ବିରି କ୍ୱିଣ୍ଟାଲ ପିଛା ୧୮୧୩ ଟଙ୍କାରେ ବିକ୍ରୟ କରାଯିବାର ବ୍ୟବସ୍ଥା କରାଯାଇଛି । ଉନ୍ନତ ମାନର ପ୍ରାମାଣିକ ଏବଂ ପିଣ୍ଡ ବିହନ ବିକ୍ରୟ କରାଯାଉଥିବାରୁ ଚାଷୀ ଏଥିରୁ ଉପକୃତ ହେବେ ବୋଲି ରାଜ୍ୟ ସରକାର ଆଶା ପ୍ରକାଶ କରିଛନ୍ତି । ଜଣେ ଚାଷୀକୁ ଅଢ଼େଇ ଏକର ପର୍ଯ୍ୟନ୍ତ ଚାଷ ଜମି ସକାଶେ ବିହନ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି । ସହାୟକ ମୂଲ୍ୟର ବିହନ ସାଙ୍ଗକୁ ମାଗଣାରେ ବିହନ କିଟ୍ ଯୋଗାଣ ଦ୍ୱାରା ଚାଷୀ ପର୍ଯ୍ୟାପ୍ତ ପରିମାଣର ବିହନ ପାଇ ପାରିବେ ବୋଲି ଆଶା କରାଯାଉଛି । ଚାଷୀମାନଙ୍କୁ ଆବଶ୍ୟକୀୟ ବିହନ ଯୋଗାଇ ଦେବା ସକାଶେ ବିଭିନ୍ନ ବିହନ ବିକ୍ରୟ କେନ୍ଦ୍ରରେ ବିହନ ବିକ୍ରୟ ଆରମ୍ଭ ହୋଇ ଗଲାଣି । ଗତ ଡ଼ିସେମ୍ବର ୬ ତାରିଖ ସୁଦ୍ଧା ବିଭିନ୍ନ ଶସ୍ୟର ୩୦ ହଜାର କ୍ୱିଣ୍ଟାଲ ବିହନ ଏବଂ ପନିପରିବା ୮ ହଜାର କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ବିହନ ବିକ୍ରୟ ସରିଲାଣି । ଧାନ, ଚିନାବାଦାମ ଏବଂ ପନିପରିବା ଉପରେ ସରକାରଙ୍କ ପକ୍ଷରୁ ବିଶେଷ ପ୍ରାଧାନ୍ୟ ଦିଆଯାଉଥିବା ବେଳେ କୃଷି ବିଭାଗ ମୁଗ, ବିରି ଭଳି ଶସ୍ୟ ଖରାଦିନରେ ଚାଷ କରିବା ପାଇଁ ପରାମର୍ଶ ଦେଇଛନ୍ତି । ଚାଷୀମାନେ ଉପଯୁକ୍ତଭାବେ ଚାଷ କାମ କରିବା ଏବଂ ସେମାନଙ୍କୁ ଚାଷ କାର୍ଯ୍ୟ ସଂକ୍ରାନ୍ତ ସମସ୍ତ ସହାୟତା ଯୋଗାଇ ଦେବା ସକାଶେ କୃଷି ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ମଧ୍ୟ କରାଯାଇଛି । ସହାୟକ ମୂଲ୍ୟରେ ଦିଆଯାଉଥିବା ସାର, ବିହନ ଏବଂ କୃଷି ଯନ୍ତ୍ରପାତିର ସୁସମ ବଣ୍ଟନ ପାଇଁ ବାତ୍ୟା ବିପର୍ଯ୍ୟସ୍ତ ସମସ୍ତ ବ୍ଲକରେ ଦ୍ୱିତୀୟ ଶ୍ରେଣୀର ବରିଷ୍ଠ କୃଷି ଅଧିକାରୀମାନଙ୍କୁ ନିଯୁକ୍ତି ଦିଆଯାଇଛି । ଏହା ଫଳରେ ବିଭିନ୍ନ ବ୍ଲକର କୃଷି କାର୍ଯ୍ୟ ସୁଚାରୁ ରୂପେ ହୋଇପାରିବ ବୋଲି ଆଶା କରାଯାଉଛି । ରବି ଫସଲ ପାଇଁ ପାଣିର ଆବଶ୍ୟକତା ଥିବା ଦୃଷ୍ଟିରୁ ଠିକ୍ ସମୟରେ ପାଣି ଯୋଗାଇ ଦେବା ସକାଶେ କୃଷି ବିଭାଗ ପକ୍ଷରୁ ଜଳସେଚନ ବିଭାଗକୁ ଅନୁରୋଧ କରାଯାଇଥିଲା । ଜଳସେଚନ ବିଭାଗ ଡ଼ିସେମ୍ବର ପହିଲାରୁ ଏପ୍ରିଲ ଶେଷ ପର୍ଯ୍ୟନ୍ତ କେନାଲରେ ପାଣି ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଏହା ଦ୍ୱାରା ୩ ଲକ୍ଷ ହେକ୍ଟର ଜମିରେ ପାଣି ମଡ଼ାଯାଇ ପାରିବ ବୋଲି

ଜଳସେଚନ ବିଭାଗ ପକ୍ଷରୁ କୁହାଯାଉଛି । ସେହିପରି ବାତ୍ୟାଯୋଗୁଁ ବିଭିନ୍ନ ସ୍ଥାନରେ ଅଚଳ ହୋଇପଡ଼ିଥିବା ଉଠାଜଳସେଚନ ପଏଣ୍ଟଗୁଡ଼ିକୁ କାର୍ଯ୍ୟକ୍ଷମ କରି ପ୍ରାୟ ୩୫ ହଜାର ହେକ୍ଟର ଜମିରେ ଜଳସେଚନ କରିବା ପାଇଁ ନିଷ୍ପତ୍ତି ହୋଇଛି । ଡ଼ିସେମ୍ବର ମାସ ଶେଷ ସୁଦ୍ଧା ଏହି ଉଠାଜଳସେଚନ ପଏଣ୍ଟଗୁଡ଼ିକ କାର୍ଯ୍ୟକ୍ଷମ ହୋଇଯିବ ବୋଲି ରାଜ୍ୟ ସରକାର ସଂକଳ୍ପବଦ୍ଧ ।ଚୈତ୍ରମାସର ଚୈତାଳି ପବନରେ କୁଆର ଉଠି ଯେପରି ଉପକୂଳ ଅଞ୍ଚଳର ଫସଲ ନଷ୍ଟ ନହୁଏ ସେଥିପାଇଁ ସମୁଦ୍ର କୂଳରେ ଥିବା ବନ୍ଧଗୁଡ଼ିକୁ ମରାମତି କରିବା ସକାଶେ ସରକାରଙ୍କ ପକ୍ଷରୁ ବେଶ ତତ୍ପରତା ପ୍ରକାଶ ପାଉଛି । ଏଥିପାଇଁ ପ୍ରାୟ ୪୦ କୋଟି ଟଙ୍କାର ସହାୟତା କେନ୍ଦ୍ର ସରକାରଙ୍କଠାରୁ ମଗାଯାଇଥିବା ଜଣାପଡ଼ିଛି । ଉପକୂଳ ଅଞ୍ଚଳର ଜମିକୁ ସମୁଦ୍ର କୁଆରରୁ ରକ୍ଷା କରିବା ସକାଶେ ଦିଘାରୁ ହଳଦିଆ ପର୍ଯ୍ୟନ୍ତ ହୋଇଥିବା ବନ୍ଧ ଭଳି ଏଠାରେ ଗୋପାଳପୁରଠାରୁ ଧାମରା ପର୍ଯ୍ୟନ୍ତ ଏକ ସୁଦୀର୍ଘ ବନ୍ଧ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି । ଏହା ଦ୍ୱାରା ଯାତାୟତର ସୁବିଧା ହେବା ସଙ୍ଗେ ସଙ୍ଗେ ସ୍ଲୁଇସ ଗେଟ ଦେଇ ବର୍ଷାପାଣି ନିଷ୍କାସିତ ହୋଇ ପାରିବ କିନ୍ତୁ ସମୁଦ୍ର ପାଣି ପ୍ରବେଶ କରିପାରିବ ନାହିଁ ।

ଚାଷୀମାନଙ୍କୁ ସହାୟତା ଦେବା ସକାଶେ ସରକାର ଅନ୍ୟ କେତେକ ଯୋଜନା ମଧ୍ୟ ପ୍ରସ୍ତୁତ କରିଛନ୍ତି । ସେଥିମଧ୍ୟରୁ ଏରସମା ଭଳି ବାତ୍ୟା ବିଧ୍ୱସ୍ତ ଅଞ୍ଚଳରେ ଯେଉଁଠାରେ ହଳବଳଦ ନାହାନ୍ତି, ସେହିଭଳି ଅଞ୍ଚଳରେ ୯ ହଜାର ହେକ୍ଟର ଜମିରେ ସରକାର ମାଗଣାରେ ହଳ କରିବାର ବ୍ୟବସ୍ଥା କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି । ରାଜ୍ୟରେ ବହୁ ନଡ଼ିଆ ଗଛ ନଷ୍ଟ ହୋଇଯାଇଥିବାରୁ ସରକାରୀସ୍ତରରେ ୧୦ ଲକ୍ଷ ଏବଂ ବେସରକାରୀ ସ୍ତରରେ ୫ ଲକ୍ଷ ନଡ଼ିଆ ଚାରା ଲୋକଙ୍କୁ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରିଛନ୍ତି । ପାନବରଜ ପାଇଁ ସହାୟତା ଦେବା ତଥା ଅନ୍ୟାନ୍ୟ ବୃକ୍ଷ ରୋପଣ ପାଇଁ ସରକାର ସହଯୋଗ କରୁଥିବା ଜଣାପଡ଼ିଛି ।

ବେସରକାରୀ ସ୍ତରରେ ଚାଷୀମାନଙ୍କୁ ସହଯୋଗ କରିବାପାଇଁ କେୟାର ଏବଂ ଅନ୍ୟ କେତେକ ସଂସ୍ଥା ଆଗେଇ ଆସିଛନ୍ତି । ବେସରକାରୀ ସଂସ୍ଥାଗୁଡ଼ିକ ନିଜର ପରିଚାଳନାରେ ଚାଷୀମାନଙ୍କୁ ଉନ୍ନତମାନର ବିହନ, ସାର ଏବଂ କୃଷି ଯନ୍ତ୍ରପାତି ଯୋଗାଇ ଦେବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ରାଜ୍ୟର ସବୁଜିମା ଫେରାଇ ଆଣିବା ସକାଶେ ଅନେକ ସ୍ୱେଚ୍ଛାସେବୀ ସଂଗଠନ ଅଣ୍ଟାଭିଡ଼ି ଆଗେଇ ଆସିଲେଣି । ସମସ୍ତଙ୍କର ସହଯୋଗରେ ନୂତନ ଓଡ଼ିଶା ଗଠନ ହେବ । ଚାଷୀମାନେ ଦାରିଦ୍ର୍ୟ କଶାଘାତରୁ ମୁକ୍ତ ହେବେ ଏବଂ ଏକ ସୁନ୍ଦର ସମାଜ ଗଠନ ହେବ ବୋଲି ଆଶା କରାଯାଏ ।

---

ବରିଷ୍ଠ ସାମ୍ବାଦିକ
*Qr.no. VA/4/1, Unit-2*
*Bhubaneswar.*

## ବିପନ୍ନମାନଙ୍କ ସହାୟତା ମୋର ଲକ୍ଷ୍ୟ —— ମୁଖ୍ୟମନ୍ତ୍ରୀ

ସଦ୍ୟଘଟିତ ବିରଳ ବାତ୍ୟା, ଶତାବ୍ଦୀର ମହାପ୍ରଳୟ ଦେଢ଼କୋଟି ଲୋକଙ୍କ ଜୀବନ ଜୀବିକା ବିପନ୍ନ କରିଦେଇଛି । ବିପନ୍ନମାନଙ୍କୁ ସହାୟତା କରିବା ମାନବିକ ଦୃଷ୍ଟିକୋଣରୁ ସମସ୍ତଙ୍କ କର୍ତ୍ତବ୍ୟ । ମୋର ଲକ୍ଷ୍ୟ, ସେମାନଙ୍କୁ ପୁନର୍ବସତି ଯୋଗାଇ ଦେବା ବୋଲି ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ହେମାନନ୍ଦ ବିଶ୍ୱାଳ ପ୍ରକାଶ କରିଛନ୍ତି ।

ଗତ ଡ଼ିସେମ୍ବର ୧୨ ତାରିଖରେ ବାଲିଅନ୍ତା ବ୍ଲକର କୁଞ୍ଜବିହାରୀ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଏକ ଉତ୍ସବରେ ବାଲିଅନ୍ତା, ବେଣୁପୁର, ଜଗନ୍ନାଥପୁର, ବଉଁଳିଆ ଗ୍ରାମ ପଞ୍ଚାୟତର ବାତ୍ୟାକ୍ଲିଷ୍ଟ ବିପନ୍ନମାନଙ୍କୁ ଗୁରୁଦ୍ୱାରାର ରାହାତ ସମିତି ତରଫରୁ କମ୍ବଳ ବଣ୍ଟନ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ବିଭିନ୍ନ ରାଜ୍ୟସରକାର, କେନ୍ଦ୍ରସରକାର, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ବିଭିନ୍ନ ବ୍ୟାଙ୍କ ଓ ଋଣ ପ୍ରଦାନକାରୀ ସଂସ୍ଥାରୁ ଅର୍ଥ ସହାୟତା ଆଣି ଲୋକମାନଙ୍କୁ ଘର, କୃଷି ଯନ୍ତ୍ରପାତି ସର୍ବୋପରି ସେମାନଙ୍କର ପୁନଃଥଇଥାନ ପ୍ରତି ଅଧିକ ଗୁରୁତ୍ୱ ଦିଆଯିବ । ପଲିଥିନ ଏବଂ କମ୍ବଳ ବଣ୍ଟନ ସଂପର୍କରେ ପ୍ରକାଶ କରି ସେ କହିଲେ ଯେ, ଆବଶ୍ୟକତାଠାରୁ ଯଥେଷ୍ଟ କମ୍ ସଂଖ୍ୟକ ପଲିଥିନ ଓ କମ୍ବଳ ମିଳି ଥିବାରୁ ସବୁ କ୍ଷତିଗ୍ରସ୍ତ ଲୋକମାନଙ୍କୁ ଯୋଗାଇବା ସମ୍ଭବ ହୋଇପାରିନି । ସେଥିପାଇଁ ସରକାର ଚିନ୍ତିତ । ଆଶା କରାଯାଏ, ଏଇ ମାସ ଶେଷ ସୁଦ୍ଧା ପଲିଥିନ ଏବଂ କମ୍ବଳର ସମସ୍ୟା ଦୂର ହୋଇଯିବ ।

ଟାଟା କମ୍ପାନୀ ସହ ତାଙ୍କର କଥାବାର୍ତ୍ତା ବିଷୟ ଉଲ୍ଲେଖ କରି ଶ୍ରୀ ବିଶ୍ୱାଳ ପୁଣି କହିଲେ, ୨ ଲକ୍ଷରୁ ୩ ଲକ୍ଷ କମ୍ବଳ ଯୋଗାଇବାକୁ ସେ ତାଙ୍କୁ ଅନୁରୋଧ କରିଛନ୍ତି । ପଞ୍ଜାବରୁ ଆସୁଥିବା ୯ ୱାଗନ୍ ବୋଝେଇ ଚାଉଳ ଓ ରିଲିଫ ସାମଗ୍ରୀ ତୁରନ୍ତ କ୍ଷତିଗ୍ରସ୍ତ ଅଞ୍ଚଳକୁ ପଠାଇ ଦିଆଯିବାର ବ୍ୟବସ୍ଥା କରାଯାଉଛି । ସରକାର ହୁଡ୍‌କୋ ପ୍ରଭୃତି ସଂସ୍ଥାମାନଙ୍କ ସହାୟତାରେ ବିପନ୍ନମାନଙ୍କୁ ପକ୍କା ଘର ଯୋଗାଇ ଦିଆଯିବ ବୋଲି ପ୍ରକାଶ କରି ସେ କହିଲେ ରାଜ୍ୟ ଗୃହ ନିର୍ମାଣ ନିଗମର ଆଞ୍ଚଳିକ ଶାଖା ଜିଲ୍ଲାମାନଙ୍କରେ ଜିଲ୍ଲାପାଳ କାର୍ଯ୍ୟାଳୟରେ ଖୋଲାଯାଇ ବିପନ୍ନ ଅଞ୍ଚଳରେ ଗୃହ ନିର୍ମାଣକୁ ତ୍ୱରାନ୍ୱିତ କରାଯିବ ।

କେତେକ ବିପନ୍ନ ଜିଲ୍ଲାକୁ ଅନ୍ୟ ରାଜ୍ୟ ସରକାର ସହାୟତା ଯୋଗାଇ ଦେବା କଥା ସୂଚେଇ ଦେଇ ମୁଖ୍ୟମନ୍ତ୍ରୀ କହିଲେ, ଗୁରୁଦ୍ୱାର ରାହାତ ସମିତି ତରଫରୁ ଯୋଗାଇ ଦିଆଯାଇଥିବା ରିଲିଫ୍ ସାମଗ୍ରୀ ଏବଂ ପୁନଃଥଇଥାନ ନିମନ୍ତେ ସମସ୍ତ ବ୍ୟବସ୍ଥା ବାଲିଅନ୍ତା ଏବଂ ବାଲିପାଟଣା ଅଞ୍ଚଳରେ କାର୍ଯ୍ୟକାରୀ ହେବ ।

# ସହରାଞ୍ଚଳ ସ୍ୱାୟତ୍ତ ଶାସନ ସଂସ୍ଥା

ଶ୍ରୀ ସୁଧୀର ଚନ୍ଦ୍ର ନାୟକ

ସ୍ୱାୟତ୍ତ ଶାସନ ସଂସ୍ଥା ଏକ ଗଣତାନ୍ତ୍ରିକ ଅନୁଷ୍ଠାନ । ଏହି ସଂସ୍ଥା ଦୁଇଭାଗରେ ବିଭକ୍ତ ଯଥା-ଗ୍ରାମାଞ୍ଚଳ ସ୍ୱାୟତ୍ତ ଶାସନ ସଂସ୍ଥା ଏବଂ ସହରାଞ୍ଚଳ ସ୍ୱାୟତ୍ତ ଶାସନ ସଂସ୍ଥା । ପ୍ରତ୍ୟେକ ତ୍ରିସ୍ତରୀୟ ବିଶିଷ୍ଟ । ଗ୍ରାମାଞ୍ଚଳ ସ୍ୱାୟତ୍ତ ଶାସନ ସଂସ୍ଥା ପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦକୁ ନେଇ ଗଠିତ । ସେହିପରି ସହରାଞ୍ଚଳ ସ୍ୱାୟତ୍ତ ଶାସନ ସଂସ୍ଥା ବିଜ୍ଞାପିତ ଅଞ୍ଚଳ ପରିଷଦ, ପୌରପାଳିକା ଓ ପୌର ନିଗମକୁ ନେଇ ଗଠିତ । ସମ୍ବିଧାନର ୪୦ ଧାରାରେ ଏହି ସଂସ୍ଥା ଗଠନ ସମ୍ବନ୍ଧରେ ସୂଚନା ଦିଆଯାଇଅଛି ।

ପ୍ରତ୍ୟେକ ଲୋକଙ୍କୁ ସନ୍ତୋଷଜନକ ଶାସନ ଦେବା ସମ୍ଭବ ନୁହେଁ । ସେଥିପାଇଁ ଶାସନକୁ ବିକେନ୍ଦ୍ରୀକରଣ କରାଯାଇ ପ୍ରତ୍ୟେକ ନାଗରିକଙ୍କୁ ନିଜ ଅଞ୍ଚଳର ଅଭାବ ଅସୁବିଧା ଦୂର କରିବା ନିମନ୍ତେ ସରକାର ସ୍ୱାୟତ୍ତ ଶାସନ ସଂସ୍ଥାମାନଙ୍କୁ କ୍ଷମତା ହସ୍ତାନ୍ତର କରିଛନ୍ତି ।

ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ କହିଥିଲେ ଯେ ତଳସ୍ତରରେ ଗଣତନ୍ତ୍ର ପ୍ରତିଷ୍ଠିତ ନହେଲେ ଉପର ସ୍ତରରେ ଏହାର ସଫଳତା ମିଳି ପାରିବ ନାହିଁ । ସ୍ୱାୟତ୍ତ ଶାସନ ସଂସ୍ଥାମାନଙ୍କୁ ଗଣତନ୍ତ୍ରର ମୂଳଦୁଆ କହିଲେ ଅତ୍ୟୁକ୍ତି ହେବନାହିଁ । ଜୋତା ଭିତରେ କେଉଁଠି କଣ୍ଟା ଅଛି, କେବଳ ଜୋତା ପିନ୍ଧା ଲୋକହିଁ ଜାଣିପାରିବ । ସେହିପରି ସ୍ଥାନୀୟ ଲୋକେ ସେହି ସ୍ଥାନର ସମସ୍ୟା ଭଲ ଭାବରେ ଜାଣିଥାନ୍ତି । ସମସ୍ୟା ଉପୁଜିଥିବା ସ୍ଥାନରେ ଯଦି ସ୍ଥାନୀୟ ଲୋକଙ୍କୁ ନେଇ ସମାଧାନ କରାଯାଏ, ତାହା ସବୁଠାରୁ ଉତ୍ତମ ଉପାଦେୟ ନିଶ୍ଚିତ ।

ସହରାଞ୍ଚଳ ସ୍ୱାୟତ୍ତ ଶାସନ ସଂସ୍ଥା ଇଂରେଜ ଶାସନ ସମୟରୁ ଭାରତରେ ପ୍ରଚଳନ ହୋଇ ଆସୁଅଛି । ଭାଇସ୍‌ରାୟ ଲର୍ଡ଼ ରିପନ୍ ସ୍ଥାନୀୟ ଲୋକମାନଙ୍କୁ ଶାସନରେ ଭାଗ ଦେବା ପାଇଁ ବମ୍ବେ, କଲିକତା ଓ ମାନ୍ଦ୍ରାଜ ସହରରେ ପ୍ରଥମେ ସ୍ୱାୟତ୍ତ ଶାସନ ସଂସ୍ଥା ସ୍ଥାପନ କଲେ । ଭାରତ ସ୍ୱାଧୀନ ହେବା ବେଳକୁ ଆମ ରାଜ୍ୟ ଓଡ଼ିଶାରେ ଆଠଟି ସହରାଞ୍ଚଳ ସ୍ୱାୟତ୍ତ ଶାସନ ସଂସ୍ଥା ଥିଲା । ବର୍ତ୍ତମାନ ଶହେ ତିନୋଟି ସଂସ୍ଥା କାର୍ଯ୍ୟ କରୁଛି ।

ଓଡ଼ିଶା ସରକାର ଏହି ସଂସ୍ଥାମାନଙ୍କର ପରିଚାଳନା ନିମନ୍ତେ ୧୯୫୦ ମସିହାରେ ଓଡ଼ିଶା ମ୍ୟୁନିସିପାଲ ଆଇନ ପ୍ରଣୟନ କରିଥିଲେ । ବର୍ତ୍ତମାନ ଉକ୍ତ ଆଇନର ୧୧ ଧାରାକୁ ସଂଶୋଧନ କରାଯାଇ ପ୍ରତ୍ୟେକ ସ୍ୱାୟତ୍ତ ଶାସନ ସଂସ୍ଥା ଲୋକସଂଖ୍ୟା ଭିତ୍ତିରେ ୱାର୍ଡ଼ରେ ବିଭକ୍ତ କରାଯାଇଅଛି । ପ୍ରତ୍ୟେକ ୱାର୍ଡ଼କୁ ତଫସିଲଭୁକ୍ତ ଜାତି, ତଫସିଲଭୁକ୍ତ ଉପଜାତି, ମହିଳା ତଥା ସାଧାରଣ ବର୍ଗ ନିମନ୍ତେ ସଂରକ୍ଷଣ କରାଯାଇ ଦଳୀୟ ଭିତ୍ତିରେ ନିର୍ବାଚନ କରିବାକୁ ବ୍ୟବସ୍ଥା ଅଛି ।

ଜାତୀୟସ୍ତର ପରି ସଂବିଧାନର ୨୪୩ (କ) ଧାରା ଅନୁଯାୟୀ ରାଜ୍ୟସ୍ତରରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ସ୍ୱାୟତ୍ତ ଶାସନ ସଂସ୍ଥାମାନଙ୍କର ନିର୍ବାଚନ ପରିଚାଳନା କରିବା ପାଇଁ ରାଜ୍ୟପାଳ ରାଜ୍ୟ ନିର୍ବାଚନ କମିଶନର ନିଯୁକ୍ତ କରିଛନ୍ତି । ସ୍ୱାୟତ୍ତ ଶାସନ ସଂସ୍ଥାର କର୍ମଚାରୀ ଓ ଅଧିକାରୀମାନଙ୍କୁ ଉପଯୁକ୍ତ କାର୍ଯ୍ୟକ୍ଷମ କରାଇବା ନିମନ୍ତେ ରାଜ୍ୟ ସରକାର ଏକ ତାଲିମ କେନ୍ଦ୍ର ଖୋଲିଛନ୍ତି । ଏହାଛଡ଼ା ସ୍ୱାୟତ୍ତ ଶାସନ ସଂସ୍ଥାମାନଙ୍କୁ ପ୍ରତିବର୍ଷ ରାଜ୍ୟସ୍ତରରେ ଏବଂ ଜିଲ୍ଲାସ୍ତରରେ ସ୍ୱାଧୀନତା ଦିବସରେ ପ୍ରତିଯୋଗିତାମୂଳକ ପୁରସ୍କାର ସ୍ୱରୂପ ସିଲଡ୍ ପ୍ରଦାନ କରାଯାଏ ।

ଜନ ସହଯୋଗ ମିଳିଲେ ସ୍ୱାୟତ୍ତ ଶାସନ ସଂସ୍ଥାଗୁଡ଼ିକର ପରିବେଶ ନିର୍ମଳ ରହିବା ସହିତ ଅନେକ ପ୍ରଗତିମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ । ଆମ ରାଜ୍ୟର କେଉଁ ଜିଲ୍ଲାରେ କେଉଁ ସହରାଞ୍ଚଳ ସ୍ୱାୟତ୍ତ ଶାସନ ସଂସ୍ଥା ଅଛି, ତାହାର ତାଲିକା ନିମ୍ନରେ ଦିଆଗଲା ।

| ଜିଲ୍ଲାର ନାମ | ସ୍ୱାୟତ୍ତ ଶାସନ ସଂସ୍ଥାର ନାମ |
|---|---|
| ୧ - ଅନୁଗୋଳ | ତାଳଚେର ପୌର ପାଳିକା, ଅନୁଗୋଳ ବିଜ୍ଞାପିତ ଅଞ୍ଚଳ ପରିଷଦ, ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦ |
| ୨ - କଟକ | କଟକ ପୌର ନିଗମ, ଚୌଦ୍ୱାର ପୌର ପାଳିକା, ବାଙ୍କୀ ବିଜ୍ଞାପିତ ଅଞ୍ଚଳ ପରିଷଦ, ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ |
| ୩ - କଳାହାଣ୍ଡି | ଭବାନୀପାଟଣା ପୌର ପାଳିକା, କେଶିଙ୍ଗା ବିଜ୍ଞାପିତ ଅଞ୍ଚଳ ପରିଷଦ, ଜୁନାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ |
| ୪ - କେନ୍ଦୁଝର | କେନ୍ଦୁଝରଗଡ଼ ପୌର ପାଳିକା, ବଡ଼ବିଲ ପୌର ପାଳିକା, ଯୋଡ଼ା ପୌର ପାଳିକା, ଆନନ୍ଦପୁର ବିଜ୍ଞାପିତ ଅଞ୍ଚଳ ପରିଷଦ |
| ୫ - କେନ୍ଦ୍ରାପଡ଼ା | କେନ୍ଦ୍ରାପଡ଼ା ପୌର ପାଳିକା, ପଟ୍ଟାମୁଣ୍ଡାଇ ବିଜ୍ଞାପିତ ଅଞ୍ଚଳ ପରିଷଦ |
| ୬ - କୋରାପୁଟ | ଜୟପୁର ପୌର ପାଳିକା, କୋରାପୁଟ ବିଜ୍ଞାପିତ ଅଞ୍ଚଳ ପରିଷଦ, କୋଟପାଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ, ସୁନାବେଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ |

୭ - ଖୋର୍ଦ୍ଧା — ଭୁବନେଶ୍ୱର ପୌର ନିଗମ, ଜଟଣୀ ପୌର ପାଳିକା, ଖୋର୍ଦ୍ଧା ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ

୮ - ଗଞ୍ଜାମ — ବ୍ରହ୍ମପୁର ପୌର ପାଳିକା, ଛତ୍ରପୁର ବିଜ୍ଞାପିତ ଅଞ୍ଚଳ ପରିଷଦ, ଭଞ୍ଜନଗର ବିଜ୍ଞାପିତ ଅଞ୍ଚଳ ପରିଷଦ, କବିସୂର୍ଯ୍ୟନଗର ବିଜ୍ଞାପିତ ଅଞ୍ଚଳ ପରିଷଦ, ଆସ୍କା ବିଜ୍ଞାପିତ ଅଞ୍ଚଳ ପରିଷଦ, ସୋରଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ, ରମ୍ଭା ବିଜ୍ଞାପିତ ଅଞ୍ଚଳ ପରିଷଦ, ହିଞ୍ଜିଳିକାଟୁ ବିଜ୍ଞାପିତ ଅଞ୍ଚଳ ପରିଷଦ, ଗୋପାଳପୁର ବିଜ୍ଞାପିତ ଅଞ୍ଚଳ ପରିଷଦ, ବୁଗୁଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ, କୋଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ, ଦିଗପହଣ୍ଡି ବିଜ୍ଞାପିତ ଅଞ୍ଚଳ ପରିଷଦ, ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦ, ପୁରୁଷୋତ୍ତମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ, ଖଲିକୋଟ ବିଜ୍ଞାପିତ ଅଞ୍ଚଳ ପରିଷଦ, ବେଲଗୁଣ୍ଠା ବିଜ୍ଞାପିତ ଅଞ୍ଚଳ ପରିଷଦ, ଗଞ୍ଜାମ ବିଜ୍ଞାପିତ ଅଞ୍ଚଳ ପରିଷଦ

୯ - ଗଜପତି — ପାରଳାଖେମୁଣ୍ଡି ପୌର ପାଳିକା, କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦ

୧୦ - ଯାଜପୁର — ଯାଜପୁର ପୌର ପାଳିକା, ବ୍ୟାସନଗର ପୌର ପରିଷଦ

୧୧ - ଜଗତସିଂହପୁର — ଜଗତସିଂହପୁର ବିଜ୍ଞାପିତ ଅଞ୍ଚଳ ପରିଷଦ, ପାରାଦ୍ୱୀପ ବିଜ୍ଞାପିତ ଅଞ୍ଚଳ ପରିଷଦ

୧୨ - ଝାରସୁଗୁଡ଼ା — ଝାରସୁଗୁଡ଼ା ପୌର ପାଳିକା, ବ୍ରଜରାଜନଗର ପୌର ପାଳିକା, ବେଲପାହାଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ

୧୩ - ଢେଙ୍କାନାଳ — ଢେଙ୍କାନାଳ ପୌର ପାଳିକା, ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ, କାମାକ୍ଷାନଗର ବିଜ୍ଞାପିତ ଅଞ୍ଚଳ ପରିଷଦ

୧୪ - ଦେବଗଡ଼ — ଦେବଗଡ଼ ପୌରପାଳିକା

୧୫ - ନୟାଗଡ଼ — ନୟାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ, ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ

୧୬ - ନବରଙ୍ଗପୁର — ନବରଙ୍ଗପୁର ପୌରପାଳିକା, ଉମରକୋଟ ବିଜ୍ଞାପିତ ଅଞ୍ଚଳ ପରିଷଦ

୧୭ - ନୂଆପଡ଼ା — ଖଡ଼ିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦ, ଖଡ଼ିଆଳ ରୋଡ୍ ବିଜ୍ଞାପିତ ଅଞ୍ଚଳ ପରିଷଦ

୧୮ - ପୁରୀ — ପୁରୀ ପୌରପାଳିକା, ପିପିଲି ବିଜ୍ଞାପିତ ଅଞ୍ଚଳ ପରିଷଦ, ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ, କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ

୧୯ - ଫୁଲବାଣୀ — ଫୁଲବାଣୀ ବିଜ୍ଞାପିତ ଅଞ୍ଚଳ ପରିଷଦ, ଜି. ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ

୨୦ - ବଲାଙ୍ଗୀର — ବଲାଙ୍ଗୀର ପୌର ପାଳିକା, ଟିଟିଲାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ, କଣ୍ଟାବାଞ୍ଜି ବିଜ୍ଞାପିତ ଅଞ୍ଚଳ ପରିଷଦ, ପାଟଣାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ

୨୧ - ବରଗଡ଼ — ବରଗଡ଼ ପୌରପାଳିକା, ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ, ବରପାଲି ବିଜ୍ଞାପିତ ଅଞ୍ଚଳ ପରିଷଦ

୨୨ - ବାଲେଶ୍ୱର — ବାଲେଶ୍ୱର ପୌର ପାଳିକା, ଜଳେଶ୍ୱର ବିଜ୍ଞାପିତ ଅଞ୍ଚଳ ପରିଷଦ, ସୋରୋ ବିଜ୍ଞାପିତ ଅଞ୍ଚଳ ପରିଷଦ, ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ

୨୩ - ବୌଦ — ବୌଦଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ

୨୪ - ଭଦ୍ରକ — ଭଦ୍ରକ ପୌର ପାଳିକା, ବାସୁଦେବପୁର ବିଜ୍ଞାପିତ ଅଞ୍ଚଳ ପରିଷଦ

୨୫ - ମୟୂରଭଞ୍ଜ — ବାରିପଦା ପୌର ପାଳିକା, ରାଇରଙ୍ଗପୁର ବିଜ୍ଞାପିତ ଅଞ୍ଚଳ ପରିଷଦ, ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ, କରଞ୍ଜିଆ ବିଜ୍ଞାପିତ ଅଞ୍ଚଳ ପରିଷଦ

୨୬ - ମାଲକାନଗିରି — ମାଲକାନଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦ

୨୭ - ରାୟଗଡ଼ା — ରାୟଗଡ଼ା ପୌର ପାଳିକା, ଗୁଣୁପୁର ବିଜ୍ଞାପିତ ଅଞ୍ଚଳ ପରିଷଦ, ଗୁଡ଼ାରି ବିଜ୍ଞାପିତ ଅଞ୍ଚଳ ପରିଷଦ

୨୮ - ସମ୍ବଲପୁର — ସମ୍ବଲପୁର ପୌର ପାଳିକା, ହୀରାକୁଦ ବିଜ୍ଞାପିତ ଅଞ୍ଚଳ ପରିଷଦ, ରେଢ଼ାଖୋଲ ବିଜ୍ଞାପିତ ଅଞ୍ଚଳ ପରିଷଦ, ବୁର୍ଲା ବିଜ୍ଞାପିତ ଅଞ୍ଚଳ ପରିଷଦ, କୁଚିଣ୍ଡା ବିଜ୍ଞାପିତ ଅଞ୍ଚଳ ପରିଷଦ

୨୯ - ସୁବର୍ଣ୍ଣପୁର — ସୋନପୁର ପୌର ପାଳିକା, ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦ, ବିନିକା ବିଜ୍ଞାପିତ ଅଞ୍ଚଳ ପରିଷଦ

୩୦ - ସୁନ୍ଦରଗଡ଼ — ସୁନ୍ଦରଗଡ଼ ପୌର ପାଳିକା, ରାଜଗାଙ୍ଗପୁର ପୌରପାଳିକା, ବୀରମିତ୍ରପୁର ପୌର ପାଳିକା, ରାଉରକେଲା ପୌର ପାଳିକା

ସୂଚନା ଓ ଲୋକସଂପର୍କ ବିଭାଗ
ଭୁବନେଶ୍ୱର

# ଗୋଦାବରୀଶଙ୍କ କବିତାରେ ପ୍ରକୃତି ଚିତ୍ରଣ

ରାଜଲକ୍ଷ୍ମୀ ପାତ୍ର

ସତ୍ୟବାଦୀ ଜୀବନାଦର୍ଶର ଅନ୍ୟତମ ବିଶିଷ୍ଟ ସତୀର୍ଥ ପଣ୍ଡିତ ଗୋଦାବରୀଶ ମିଶ୍ର ଓଡ଼ିଆ ସାହିତ୍ୟକୁ ତାଙ୍କର ଅବଦାନ ପାଇଁ ଚିରସ୍ମରଣୀୟ ।ଓଡ଼ିଶାର ଜାତୀୟ ଜୀବନକୁ ସେ ବିଭିନ୍ନ ରୂପରେ ପରିପୁଷ୍ଟ କରିଛନ୍ତି । ଗୋଦାବରୀଶଙ୍କ ସାହିତ୍ୟାଦର୍ଶ, ଜୀବନାଦର୍ଶ ଓ ଅବଦାନ ସଂପର୍କରେ ଆଲୋଚନା କରିବାକୁ ବସିଲେ ତାଙ୍କର ସାହିତ୍ୟିକ ଜୀବନର ପୃଷ୍ଠଭୂମି ଉପରେ ଦୃଷ୍ଟିପାତ କରିବାକୁ ପଡ଼େ । ଗୋଦାବରୀଶ ତାଙ୍କ ସମସାମୟିକ ସତ୍ୟବାଦୀ ଗୋଷ୍ଠୀର ଅନ୍ୟାନ୍ୟ ବରେଣ୍ୟ କର୍ମବୀରମାନଙ୍କ ପରି ଶିକ୍ଷା, ସାହିତ୍ୟ, ଜନସେବା, ସମାଜ ସଂସ୍କାର, ଦେଶମିଶ୍ରଣ, ରାଜନୀତି ପ୍ରଭୃତି କ୍ଷେତ୍ରରେ ବିଚକ୍ଷଣ ପାରଦର୍ଶିତା ପ୍ରଦର୍ଶନ କରିଯାଇଛନ୍ତି । ବିଂଶ ଶତାବ୍ଦୀର ଦ୍ୱିତୀୟ ଦଶନ୍ଧିରେ ଉତ୍କଳମଣି ଗୋପବନ୍ଧୁଙ୍କ ତ୍ୟାଗପୂତ ନେତୃତ୍ୱରେ ସତ୍ୟବାଦୀର ବକୁଳକୁଞ୍ଜ ମଧ୍ୟରେ ଗଢ଼ିଉଠିଥିଲା ସେବା ଓ ଶିକ୍ଷାର ତୀର୍ଥ କ୍ଷେତ୍ର ବନବିଦ୍ୟାଳୟ । ଏଠାରେ ଶିକ୍ଷକତା କରିଥିଲେ କେତେ ଜଣ ଜାତୀୟବାଦୀ, ନିଃସ୍ୱାର୍ଥପର, ଜନସେବୀ, ସୁଧୀ ତଥା ସୁପୁରୁଷ । ଏହି ଶିକ୍ଷକଗଣ କେବଳ ସେବା ଓ ଶିକ୍ଷା କ୍ଷେତ୍ରରେ ଆଦର୍ଶ ନଥିଲେ । ସାରସ୍ୱତ ସାଧନାରେ ମଧ୍ୟ ଏକ ଗୌରବମୟ ଅଧ୍ୟାୟ ଉନ୍ମୋଚନ କରିଯାଇଛନ୍ତି । ସେମାନଙ୍କ ସାହିତ୍ୟ ସୃଷ୍ଟିର ମହତ୍ତ୍ୱ ଓ ବିଶେଷତ୍ୱ ସମଧିକ ହୋଇଥିବାରୁ ଏହା ଓଡ଼ିଆ ସାହିତ୍ୟରେ 'ସତ୍ୟବାଦୀ ସାହିତ୍ୟ ଯୁଗ' ଭାବରେ ଏକ ସ୍ୱାତନ୍ତ୍ର୍ୟ ଦାବିକରେ । ଏହି ସାରସ୍ୱତ ସାଧକମାନଙ୍କ ମଧ୍ୟରେ ଗୋପବନ୍ଧୁ, ଗୋଦାବରୀଶ, ନୀଳକଣ୍ଠ, କୃପାସିନ୍ଧୁ ପ୍ରମୁଖ ଅଗ୍ରଗଣ୍ୟ ଏବଂ ସେମାନେ ଉଚ୍ଚଶିକ୍ଷା ପ୍ରାପ୍ତ ଓ ଉଜ୍ଜ୍ୱଳ ବ୍ୟକ୍ତିତ୍ୱ ସମ୍ପନ୍ନ ହୋଇଥିଲେହେଁ ତତ୍କାଳୀନ ସରକାରୀ ଚାକିରିର ମୋହ ଓ ଧନମାନର ଆକର୍ଷଣକୁ ତ୍ୟାଗ କରି ଦେଶସେବାରେ ବ୍ରତୀ ହୋଇ ସମସ୍ତ ଅଭାବ ଅସୁବିଧା ଓ ଦୁଃଖକଷ୍ଟ ବରଣ କରିଥିଲେ ।

ଗୋଦାବରୀଶ ଏକ ଦରିଦ୍ର ପରିବାରରେ ଜନ୍ମ ହୋଇ ଲାଳିତ ପାଳିତ ହୋଇଥିଲେ ହେଁ, ଜଣେ ତେଜସ୍ୱୀ, ବୁଦ୍ଧିମାନ ଓ କୃତୀଛାତ୍ର ଭାବରେ ବହୁ ପ୍ରଶଂସା ଓ ସୁନାମର ଅଧିକାରୀ ହୋଇଥିଲେ । ସେତେବେଳର ଦୁର୍ଲଭ ଓ ବହୁବାଞ୍ଛିତ ଇଂରାଜୀ ଭାଷା ଓ ସାହିତ୍ୟରେ ତାଙ୍କର ଦକ୍ଷତା ଥିଲା ଅସାଧାରଣ । ସେ ଇଚ୍ଛା କରିଥିଲେ ପ୍ରସିଦ୍ଧ ଆଇନ୍‌ଜୀବୀ ହୋଇପାରିଥାନ୍ତେ । ଅମାପ ଧନ, ସମ୍ମାନ, ବିଳାସ ଓ ବ୍ୟସନରେ ସେ ଜୀବନ ନିର୍ବାହ କରିପାରିଥାନ୍ତେ । କିନ୍ତୁ ଜୀବନ ତାଙ୍କର ଭିନ୍ନ ଉପାଦାନରେ ଗଢ଼ା ହୋଇଥିଲା ଏବଂ ଦୁଃଖ -ଦାରିଦ୍ର୍ୟ ତଥା ନିରାଡ଼ମ୍ବର ଜୀବନଯାପନକୁ ସେ ଶ୍ରେୟ ବୋଲି ମନେ କରିଥିଲେ । ଏହି ଦିଗରେ ତାଙ୍କୁ ଦିଗ୍‌ଦର୍ଶନ ଓ ପ୍ରେରଣା ଦେଇଥିଲେ ପଣ୍ଡିତ ଗୋପବନ୍ଧୁ, ଯାହାଙ୍କର ତ୍ୟାଗ, ତିତିକ୍ଷା, ସ୍ୱଦେଶ ପ୍ରେମ, ସମାଜସେବା ଓ ସାଧନା ଥିଲା ତାଙ୍କ ଜୀବନର ପରମବ୍ରତ । ଗୋପବନ୍ଧୁଙ୍କ ବ୍ୟକ୍ତିତ୍ୱର ଯାଦୁକରୀ ସ୍ପର୍ଶରେ ସେ ଆକୃଷ୍ଟ ହୋଇଥିଲେ ।

ସତ୍ୟବାଦୀର ସାହିତ୍ୟ ଯୁଗରେ ଗୋଦାବରୀଶଙ୍କ ଅବଦାନ ଥିଲା ଯେତିକି ବିପୁଳ, ସେତିକି ବିଚିତ୍ର । ସେ ଏକାଧାରରେ ଥିଲେ ଜନପ୍ରିୟ ଗୀତି ଓ ଗାଥାକବି, ଜଣେ ଐତିହାସିକ, ନାଟ୍ୟକାର ଓ ସାମାଜିକ ସମସ୍ୟା ବହୁଳ ଉପନ୍ୟାସ ରଚୟିତା ତଥା ପାଣ୍ଡିତ୍ୟପୂର୍ଣ୍ଣ ପ୍ରାବନ୍ଧିକ । ସେ ଅନେକଗୁଡ଼ିଏ ଗଳ୍ପ ମଧ୍ୟ ରଚନା କରିଛନ୍ତି । କିନ୍ତୁ ଏ ସମସ୍ତ ଭିତରେ କବିତ୍ୱ ହିଁ ତାଙ୍କର ପ୍ରତିଭାରେ ସମୁଜ୍ଜ୍ୱଳ ହୋଇଉଠିଥିଲା । ସରଳ ଗୀତିମୟଛନ୍ଦ, ଲୌକିକ ଭାଷା ଓ ହୃଦୟସ୍ପର୍ଶୀ କାହାଣୀ ନେଇ ସେ କବିତା ରଚନା କରୁଥିଲେ । ସଂସାରର ନାନା ରହସ୍ୟ, ମଣିଷର ନିଗୂଢ଼ ଅନୁଭୂତି, ବହିଃପ୍ରକୃତିର ମୋହନମାଧୁରୀ ଓ ପାରିପାର୍ଶ୍ୱିକ ଜଗତର କୌତୁହଳମୟ ଘଟଣା ପ୍ରବାହ ତାଙ୍କ ହୃଦତନ୍ତ୍ରୀରେ ପ୍ରତିମୁହୂର୍ତ୍ତରେ ଝଙ୍କୃତ ହୋଇ ଉଠୁଥିଲା । ସମାଜର ଦୁଃଖ ଦେଖିଲେ ସମ୍ବେଦନଶୀଳ ହୃଦୟ ତାଙ୍କର ଯେପରି ହାହାକାର କରିଉଠୁଥିଲା. ପ୍ରକୃତିର ନୈସର୍ଗିକ ସୌନ୍ଦର୍ଯ୍ୟକୁ ଅବଲୋକନ କରି ସେହିପରି ତାଙ୍କ ପ୍ରାଣ ଆନନ୍ଦରେ ବିଭୋର ହୋଇ ଉଠୁଥିଲା । ଏହିଭଳି ଭାବରେ ଗୋଦାବରୀଶ ଥିଲେ ସହଜାତ ପ୍ରକୃତିର ଉପାସକ । କବି ଗୋଦାବରୀଶ ମିଶ୍ରଙ୍କ କାବ୍ୟାଦର୍ଶର ଉଲ୍ଲେଖଯୋଗ୍ୟ ଦିଗ ହେଉଛି ଏକ ନିଚ୍ଛକ ଆଞ୍ଚଳିକ ଜୀବନବୋଧ । ଗୋଦାବରୀଶ ତାଙ୍କର 'କଳିକା', 'କିଶଳୟ', 'ଆଲେଖ୍ୟ' ଆଦି କବିତା ଭାଗରେ ଛବିଳ ଉତ୍କଳର ବହୁଚିତ୍ରକୁ ପ୍ରାଣପୂର୍ଣ୍ଣଭାବେ ଆଙ୍କିଛନ୍ତି । କବିଙ୍କର ଶିଶୁ ଓ କିଶୋର କବିତାରେ ପ୍ରକୃତିର ସରଳରୂପ ପ୍ରତିଭାତ ହୋଇଛି । କବି ଗୋଦାବରୀଶ ଯେତେ ପ୍ରକାରର କବିତା ଲେଖିଛନ୍ତି, ତାହା କ୍ଷୁଦ୍ର ବା ବୃହତ୍ ହେଉ, ଗୀତି ହେଉ ବା ଗାଥା ହେଉ, ସେଥିରେ ସାଧାରଣ ପ୍ରତିବିଷୟକୁ ମହିମାନ୍ୱିତ କରାଯାଇଛି । କ୍ଷୁଦ୍ର ଘାସ ଫୁଲଟିର ନୀରବ ପ୍ରସ୍ଫୁଟନକୁ ବି କବି ଏକ ମହତର ଭାବର ସଂକେତ ଭିତରେ ଲେଖିଛନ୍ତି । 'ସ୍ରୋତ', 'ଫୁଲତୋଳା', 'ତାରା ଓ ଫୁଲ' ପ୍ରଭୃତି ବହୁ କବିତାରେ କବିଙ୍କର ପ୍ରକୃତିପ୍ରାଣର ପରିଚୟ ମିଳେ । ଫୁଲ କବିତାରେ କବି ଫୁଲସହିତ ଏକାତ୍ମ ହୋଇଯାଇଛନ୍ତି ।ତାଙ୍କର ଅନେକ ଗୀତି କବିତାରେ ଇଂରାଜୀ କବିତାର ଛାପ ଦେଖିବାକୁ ମିଳେ । 'Nightingle and Glow worm' ର ଅନୁସରଣରେ ସେ ରଚନା କରିଛନ୍ତି 'ପିକ ଓ ଖଦ୍ୟୋତ' । ଇଂରାଜୀ କବିତାର ଅନୁସରଣରେ ରଚିତ ହୋଇଥିଲେ ମଧ୍ୟ ସେଥିରେ ତାଙ୍କର ମୌଳିକତା ପରିଦୃଷ୍ଟ ହୁଏ । ତାଙ୍କର 'ସାୟାହ୍ନେ' କବିତାରେ ସାଂଧ

ପ୍ରକୃତି ଅପରୂପ ଭାବେ ବର୍ଣ୍ଣିତ ହୋଇଛି—

ସାୟାହ୍ନେ ଗଗନ ପଟଳ - ଭୂଷଣେ
ପ୍ରୀତି ପାଟଳିତ ଧରା,
ତରୁଲତା ଶ୍ୟାମତନୁ ପରଶନେ
ସ୍ୱର୍ଣ୍ଣସଂପଦ ଏ ଧରା ।

ଜଗତରେ ଯାହା କୁତ୍ସିତ, ତାହା ପୁଣି ବେଳେ ବେଳେ ସୌନ୍ଦର୍ଯ୍ୟର ଅନୁରଣ ସୃଷ୍ଟି କରେ । କାକଳି କବିତାରେ କାଉ- କୋକିଳ ମଧ୍ୟରେ ସମନ୍ୱୟର ମୋହନମାଧୁରୀ ଗୁଞ୍ଜରିତ —

ତରୁକୁ ତରୁ ଉଡ଼ି, ଏକାକୀ କୋଇଲି
ବନଦେଶେ ଅବିରଳ ଢ଼ାଳଇ କାକଳି,
ଉଛୁଡ଼ି ପଡ଼ୁଛି ବନନିକୁଞ୍ଜ ସକଳ
ମୃଦୁକମ୍ପେ ଦୋଳୁଅଛି ପତ୍ରଫୁଲଫଳ ।

'କିଶଳୟ'ରେ ବହୁଭାବରେ ପ୍ରକୃତି କବିତା ରଚିତ ହୋଇଛି । କେବଳ ପ୍ରାକୃତିକ ଦୃଶ୍ୟର ବର୍ଣ୍ଣନା ରହିଲେ ତାହା ନିସର୍ଗ କବିତା ହୁଏ ନାହିଁ, ସେଥିରେ ପ୍ରୟୋଜନ କବିଙ୍କର ରସଦୃଷ୍ଟି, ଦରଦ ଓ ଆବେଗଭରା ଅନୁଭୂତି । ଆପଣାମନର ମାଧୁରୀ ସ୍ପର୍ଶରେ କବି ପ୍ରକୃତିରେ ଅପୂର୍ବ ଶିହରଣ ସୃଷ୍ଟି କରିଛନ୍ତି । ନିଓକ୍ଲାସିକାଲ ଶୈଳୀର ପ୍ରଭାବରେ ପ୍ରାକୃତିକ ଜଗତରେ ମାନବିକତା ଓ ଚିରନ୍ତନ ଆତ୍ମୀୟତା ଆରୋପ କରାଯାଇଛି । ସେହିପରି ବିଶେଷ ମୁହୂର୍ତ୍ତମାନଙ୍କରେ ଗୋଦାବରୀଶଙ୍କ ମନରେ ପ୍ରକୃତିର ବହୁ କ୍ଷୁଦ୍ର ଓ ଖଣ୍ଡ ବସ୍ତୁ ଏକ ଏକ ଲାବଣ୍ୟମୟ ରୂପଚିତ୍ର ଅଙ୍କନ କରିଛି । କବି ଥରେ ଉଦାସ ମନରେ ସଂଧ୍ୟାରେ ମେଘ ତଳେ କ୍ରମେ ଅଦୃଶ୍ୟ ହୋଇଯାଉଥିବା ସେଇ ନିଃସଙ୍ଗ ତାରାଟିକୁ ଦେଖିଛନ୍ତି । କ୍ରମ ବିଲୟମାନ ତାରାଟିକୁ ବନ୍ଧୁଙ୍କୁ ଦେଖାଇ ଦେଇଛନ୍ତି । କିଶଳୟରେ 'ଉପବନ' ଓ 'ଲତା' କବିତା ଦୁଇଟିରେ ଏହିପରି କ୍ଷୁଦ୍ରରେ ବିରାଟର ପରିଚୟ ସ୍ପଷ୍ଟ । 'ଉପବନ' କବିତା ଫକୀର ମୋହନଙ୍କ ଉପବନ ସ୍ମୃତିରେ ରଚିତ । 'ସିନ୍ଧୁତୀରେ' କବିତାଟିରେ ସଂଧ୍ୟା ଦୃଶ୍ୟ ଅଙ୍କିତ—

ବୁଡ଼ିଗଲା ରବି ମହାସିନ୍ଧୁତୀରେ
ନିମିଷେ ଲୁଚାଇ କାୟା
ସାଗର ଲହରୀ ଖେଳଇ ବୁକେ ତା
ଆହରି ସାୟାହ୍ନେ ଛାୟା ।

ଜନ୍ମଭୂମିର ସାଳିଆନଦୀଠାରୁ ବିଦାୟ ନେଲା ବେଳେ ବାଷ୍ପାକୁଳ କଣ୍ଠରେ କବି ତା'ର ବର୍ଣ୍ଣନା କରିଛନ୍ତି 'ସାଳିଆ' କବିତାରେ । 'ବୈତରଣୀତୀରେ' କବିତାରେ ପ୍ରାକୃତିକ ସୁଷମାର ଅପୂର୍ବ ବର୍ଣ୍ଣନା ରହିଛି । ଚୟନିକାରେ 'ଶ୍ମଶାନ ଓ ସୁମନ', 'ସାଗର ସମାଧି', ନିର୍ଝର, 'ମଦନମାଳତୀ' ପ୍ରଭୃତି କବିତାଗୁଡ଼ିକ ପ୍ରକୃତି ଚିତ୍ରଣରେ ମଞ୍ଜୁଳ । କୁସୁମରେ 'ଗଛଫୁଲ' ଓ ପ୍ରଦୋଷ କବିତା ଦୁଇଟିରେ ପ୍ରକୃତିର ପରିଚର୍ଯ୍ୟା ଦେଖିବାକୁ ମିଳେ । ଗୀତିଗୁଚ୍ଛରେ 'ସଂଧ୍ୟାତାରା', 'ସାୟାହ୍ନଭାବନା', 'ମହେନ୍ଦ୍ରତନୟା' କବିତାଗୁଡ଼ିକ ଅତି ମନୋରମ ଓ ପ୍ରକୃତିର ସାନ୍ନିଧ୍ୟରେ ଜୀବନ୍ତ ।

ଗୋଦାବରୀଶଙ୍କ ଗୀତି କବିତାଗୁଡ଼ିକ ହେଉଛି ସମ୍ଭବତଃ ତାଙ୍କ ଜୀବନର ଅକୃତ୍ରିମ ତଥା ପ୍ରାଣପୂର୍ଣ୍ଣ ଉଚ୍ଚାରଣ । ଗାଥା କବିତାରେ ମଧ୍ୟ ସେ ପ୍ରକୃତିକୁ ଅତି ମଞ୍ଜୁଳ ରୂପପ୍ରଦାନ କରିଛନ୍ତି । ଗାଥାର ଚରିତ୍ର ଓ ପରିବେଶକୁ ରସସିକ୍ତ କରିବା ପାଇଁ ଗୋଦାବରୀଶ ପ୍ରକୃତିକୁ ପୃଷ୍ଠଭୂମିଭାବେ ଗ୍ରହଣ କରିଛନ୍ତି । ଉଦାହରଣ ସ୍ୱରୂପ 'କାଳିଜାଇ' କବିତାର କଥାବସ୍ତୁ ଓ ପରିବେଶ ଅଧିକ କରୁଣ ହୋଇଉଠିଛି । ଓଡ଼ିଶାର ସବୁଶ୍ରେଣୀର ପାଠକଙ୍କୁ କବିଙ୍କ ପ୍ରସିଦ୍ଧ 'କାଳିଜାଇ' କବିତା ସ୍ପର୍ଶ କରିଥାଏ । ଓଡ଼ିଶାର ପ୍ରତ୍ୟେକ ବର୍ଗର ପାଠକଙ୍କ ନିକଟରେ ଏକ କୈବର୍ତ୍ତକନ୍ୟାର ଦୁଃଖଦ ଜୀବନ କଥା ଲେଖିଥିବା 'କାଳିଜାଇ' କବିତା ତେଣୁ ସୁପରିଚିତ । କୈବର୍ତ୍ତକନ୍ୟା ଜାଇ ଜୀବନର କରୁଣ କାହାଣୀ ପ୍ରକୃତିର ପରିବେଶରେ ମର୍ମସ୍ପର୍ଶୀ ହୋଇପାରିଛି । କିନ୍ତୁ ପ୍ରକୃତି ଏଘଟଣାରେ ଉଦାସୀନ । ଘଟଣାର ପୂର୍ବ ପ୍ରକୃତି ଓ ପରପ୍ରକୃତି ଭିତରେ କେବଳ ପାର୍ଥକ୍ୟ ଏତେ ।

ଚିଲିକା ପାଣିରେ ଦୋଳୁଛି ଲହରୀ
ବୋହୁଛି ଶୀତଳ ବାଆ,
ସୋରି ସୋରି ଖରା ଢ଼ଳିଯାଉଛି ଲୋ
ଖେଳୁଛି ସହସ୍ର ନାଆ ।
ପାହାଡ଼ ଚଢ଼େଇ ଉଡୁଅଛି ରାବି
ମନେ କି ଅଛି ତା ଧୋକା,
ପାଣିତଳେ ଜାଇ ବୁଲିଯାଉଛି ଲୋ
ଜାଇଟି ନାହିଁଛି ଏକା ।

'କାଳିଜାଇ' ଏକ କରୁଣ ରସୋତ୍ତୀର୍ଣ୍ଣ କବିତା ଭାବରେ ଗୋଦାବରୀଶଙ୍କର ଏକ ଅନବଦ୍ୟ ସୃଷ୍ଟି । ଗୋଦାବରୀଶ ଥିଲେ ପ୍ରକୃତିର ନିପୁଣ ଚିତ୍ରକର । ପଲ୍ଲୀପ୍ରକୃତିର ଅନୁପମ ମାଧୁରୀଠାରୁ ଆରମ୍ଭ କରି ବିଶ୍ୱପ୍ରକୃତିର ଅନୁପମ ବିଭବ ତାଙ୍କ ଲେଖନୀରେ ଅପରୂପ ଲାବଣ୍ୟ ପରିଗ୍ରହ କରୁଥିଲା । ମାନବୀୟ ଗୌରବବୋଧ, ନୈତିକ ଶୃଙ୍ଖଳା ଓ ସଂକଳ୍ପ ଶକ୍ତି ସହିତ ଆପଣା ପରମ୍ପରାର ଉତ୍ତରାଧିକାର ତଥା ଆଧୁନିକ ପାଶ୍ଚାତ୍ୟ କାବ୍ୟ ସାହିତ୍ୟରୁ ରସଦ ସଂଗ୍ରହ କରି ଗୋଦାବରୀଶ ନିଜର ସାହିତ୍ୟ ସୃଷ୍ଟିକୁ ମହନୀୟ କରିଛନ୍ତି । ଓଡ଼ିଆ ସାହିତ୍ୟର କ୍ଲାସିକ୍ କବି ସାରଳାଦାସ, ବଳରାମ ଦାସ, ଜଗନ୍ନାଥ ଦାସଙ୍କଠାରୁ ଇଂରେଜୀ ରୋମାଣ୍ଟିକ୍ କବି ୱାର୍ଡ଼ସୱାର୍ଥ, ଶେଲୀ ଓ ନିଓ-କ୍ଲାସିକ୍ କବି ପ୍ପିନ୍ ବର୍ଣ୍ଣ- ଏ ସମସ୍ତଙ୍କ ସୃଷ୍ଟି ସାଫଲ୍ୟର ସୃଷ୍ଟି ସଂକେତ ଯେପରିକି ଗୋଦାବରୀଶଙ୍କ ସୃଷ୍ଟିରେ ଅଭିବ୍ୟଞ୍ଜିତ ହୋଇଛି । କବି ଗୋଦାବରୀଶଙ୍କୁ ଯଥାର୍ଥରେ ଓଡ଼ିଶାର ୱାର୍ଡ଼ସ୍ୱାର୍ଥ କୁହାଯାଇଛି । ସେ ଉତ୍କଳର ପୁରପଲ୍ଲୀ, ନଦୀହ୍ରଦ, ସାଗରପର୍ବତ ପ୍ରଭୃତି ପ୍ରାକୃତିକ ବସ୍ତୁଗୁଡ଼ିକର ଏକ ଜୀବନ୍ତ ମନୋରମ ଚିତ୍ର ପ୍ରଦାନ କରିଛନ୍ତି ।

ମାର୍ଫତ୍-ଡ଼ଃ. ମୃତ୍ୟୁଞ୍ଜୟ ପଟ୍ଟନାୟକ
ଅପର୍ଣ୍ଣାନଗର
ପୋ:- ନୟାବଜାର, ଜି:- କଟକ-୪

# କଳାହାଣ୍ଡିରେ ପଞ୍ଚମ ଚଉଷଠି ଯୋଗିନୀ ମୂର୍ତ୍ତି ଆବିଷ୍କାର

*ଶ୍ରୀ ଭବାନୀ ଶଙ୍କର ପଣ୍ଡା*

ଭାରତୀୟ ସଂସ୍କୃତିର ଗୌରବଶାଳୀ ସାହିତ୍ୟକୁ ଦୁଇଟି ଶାଖାରେ ବିଭକ୍ତ କରାଯାଇଛି । ଆଗମ ଓ ନିଗମ । ସାଧାରଣତଃ ଆଗମ ତନ୍ତ୍ର ନିମିତ୍ତ ଓ ବେଦ ନିଗମରେ ପ୍ରଯୁକ୍ତ ହୁଏ । କିନ୍ତୁ ପ୍ରାଚୀନ କାଳରେ ଆଗମ ଶବ୍ଦ ପ୍ରଥମେ ବେଦ ନିମିତ୍ତ ପ୍ରଯୁକ୍ତ ହେଉଥିଲା । ଯେତେବେଳେ ତନ୍ତ୍ରର ଆବିର୍ଭାବ ହେଲା, ବେଦ ନିଗମ ଓ ତନ୍ତ୍ର ଆଗମର ଅନ୍ତର୍ଗତ ହୋଇଗଲେ । ପାତଞ୍ଜଳିଙ୍କ ଯୋଗ ସୂତ୍ରରେ ଏହି ଆଗମ ଶବ୍ଦ ବୈଦିକ ଜ୍ଞାନ ବୋଲି ବର୍ଣ୍ଣାଯାଇଛି । ବେଦର ମତ୍ସ୍ୟ ସୂକ୍ତରେ କୁହାଯାଇଛି -

> ବିଷ୍ଣୁ ବରିଷ୍ଠୋଦେବାଁ ହ୍ରଦୟାନା ମୁଦଧିସ୍ତଥା ।
> ନଦୀନାଂଚ ଯଥା ଗଙ୍ଗା, ପର୍ବତାଂନା ହିମାଳୟଃ ।
> ତଥା ସମସ୍ତ ଶାସ୍ତ୍ରାଂଣା ତନ୍ତ୍ର ଶାସ୍ତ୍ର ମନୁତ୍ତମମ୍ ।
> ସର୍ବକାମପ୍ରଦ ପୁଣ୍ୟା ତନ୍ତ୍ରବୈ ବେଦମୁତ୍ତମମ୍ ।

ଅର୍ଥାତ ଯେପରି ଦେବତାମାନଙ୍କ ମଧ୍ୟରେ ବିଷ୍ଣୁ, ହ୍ରଦସମୂହରେ ସମୁଦ୍ର, ନଦୀମାନଙ୍କ ମଧ୍ୟରେ ଗଙ୍ଗା, ପର୍ବତମାନଙ୍କ ମଧ୍ୟରେ ହିମାଳୟ ଶ୍ରେଷ୍ଠ ଅଟେ, ସେପରି ସମସ୍ତ ଶାସ୍ତ୍ର ମଧ୍ୟରେ ତନ୍ତ୍ର ସର୍ବୋତ୍ତମ ମନେ କରାଯାଏ ।

ମହାନିର୍ବାଣ ତନ୍ତ୍ରାନୁସାରେ କଳିଯୁଗରେ ଲୋକେ ତପ, ସ୍ୱାଧ୍ୟାୟହୀନ ଏବଂ ଅଳ୍ପାୟୁ ହେବେ । ହେ ଶିବେ (ଶିବ ପାର୍ବତୀଙ୍କୁ କହୁଛନ୍ତି) କଳିଯୁଗରେ ଗୃହସ୍ଥ କେବଳ ଆଗମ ଯୋଗର ଅନୁସରଣ କରିବେ । ପାତଞ୍ଜଳି ଚିତ୍ତବୃତ୍ତି ନିରୋଧକୁ ଯୋଗ କହିଛନ୍ତି । ତନ୍ତ୍ରଶାସ୍ତ୍ର ଶାରଦା ତିଳକ (୫/୨)ରେ ବେଦାନ୍ତାନୁସାରେ ଜୀବ ଓ ଆତ୍ମାର ମିଳନ ଯୋଗ ଅଟେ । ତନ୍ତ୍ରରେ ଶିବ ଓ ଶକ୍ତିଙ୍କ ଐକ୍ୟକୁ ଯୋଗ କୁହାଯାଇଛି । ଏଠାରେ ଚେତନ ରୂପରେ କରାଯାଉଥିବା ଶକ୍ତି ଓ କ୍ୟୋତିର ଯେକୌଣସି ପ୍ରଯତ୍ନକୁ ଯୋଗ କୁହାଯାଇଛି । ଯୋଗିନୀ ତନ୍ତ୍ରାନୁଯାୟୀ ଯୋଗର ଶକ୍ତିକୁ ଯୋଗିନୀ କୁହାଯାଏ (୧) ମାତୃ ଶକ୍ତି ରୂପେ ପରିଚିତ ମହାମାୟା ଦୁର୍ଗାହିଁ ଏକରୁ ଏକାଧିକ ସ୍ୱରୂପ ଗ୍ରହଣ କରିଛନ୍ତି । ସେଥିପାଇଁ କାଳିକା ପୁରାଣରେ କୁହାଯାଇଛି - ଏକୈବତୁ ମହାମାୟା କାର୍ଯ୍ୟାର୍ଥଂ ଭିନ୍ନତାଂଗଣ । କାଳକ୍ରମେ ତ୍ରିଶକ୍ତି, ଷଣ୍ମାତୃକା, ଅଷ୍ଟ ଶକ୍ତି, ଦଶ ମହାବିଦ୍ୟା, ଷୋଡ଼ଶ ମାତୃକା, ପଂଚାଶତ୍, କର୍ଣ୍ଣଶକ୍ତି, ଚତୁଃଷଷ୍ଠି ଯୋଗିନୀ ରୂପରେ ଯୋଷିତା ଉପାସିତା ହୋଇଛନ୍ତି । ଆଲୋଚ୍ୟ ଯୋଗିନୀଗଣ ଆଦ୍ୟାଶକ୍ତିର ସହଚାରିଣୀ ଭାବେ ପରିଚିତା ହୋଇଛନ୍ତି ।

ଯୋଗିନୀଙ୍କର ସଂଖ୍ୟା ଅସଂଖ୍ୟ । ମାତ୍ରତାନ୍ତ୍ରିକମାନେ ମୁଖ୍ୟତଃ ଚତୁଃଷଷ୍ଠି ଯୋଗିନୀଙ୍କୁ ହିଁ ଉପାସନା କରୁଥିବାର ଜଣାଯାଏ ନିମ୍ନ ଶ୍ଳୋକରୁ -

> ମହାଚାବୈଶ୍ଚ ଚତୁର୍ଦ୍ଦିକ୍ଷୁ ଯତୋ ଘୋର ପରକ୍ରମୈଃ ।
> ରଶ୍ମିବୃଂଦ ସମୁଦ୍‌ଭୂତା ଯୋଗନାଃ କୋଟି କୋଟିଶଃ ।

ଚଉଷଠି ଯୋଗିନୀ ଚଉଷଠି କଳା, ଚଉଷଠି କାଳ; ଚଉଷଠି କାମ ବଂଧ, ଚଉଷଠି ବିଦ୍ୟାଦି ପ୍ରତୀକ ଭାବେ ଗୃହୀତା । ଯୋଗ ନାରୀହିଁ ଯୋଗିନୀ ଭାବେ ସାଧାରଣତଃ ପରିଚିତ କିନ୍ତୁ ବସ୍ତୁତଃ ଯୋଗର ଶକ୍ତିକୁ ତନ୍ତ୍ରଶାସ୍ତ୍ରରେ ଯୋଗିନୀ କୁହାଯାଇଛି ।

ଭାରତରେ ବହୁ ଯୋଗିନୀ ପୀଠ ଥିବାର ସୂଚନା ମିଳୁଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ମୁଖ୍ୟତଃ ହିରାପୁର, ରାଣୀପୁର, ଝରିଆଲ, ଖଜୁରାହୋ ଓ ଭେରାଘାଟ ନାମରେ ଚାରୋଟି ପୀଠ ଆବିଷ୍କୃତ ହୋଇଛି । ତନ୍ମଧ୍ୟରୁ ପ୍ରଥମ ଦୁଇଟି ଓଡ଼ିଶାର ପୁରୀ ଓ ବଲାଂଗୀର ଜିଲ୍ଲାରେ ଏବଂ ଅନ୍ୟ ଦୁଇଟି ଓଡ଼ିଶାର ପଡ଼ୋଶୀ ରାଜ୍ୟ ମଧ୍ୟପ୍ରଦେଶରେ ଅବସ୍ଥିତ । ପ୍ରତ୍ନତତ୍ତ୍ୱବିଦ୍‌ମାନଙ୍କ ଅନୁଯାୟୀ ପ୍ରଥମେ ହୀରାପୁର, ଦ୍ୱିତୀୟରେ ରାଣୀପୁର ଝରିଆଲ, ତୃତୀୟରେ ଖଜୁରାହୋ ଓ ଚତୁର୍ଥରେ ଭେରାଘାଟ ଯୋଗିନୀ ପୀଠ ଅଷ୍ଟମ-ନବମ ଶତାବ୍ଦୀରୁ ଦଶମ-ଏକାଦଶ ଶତାବ୍ଦୀ ମଧ୍ୟରେ ପ୍ରତିଷ୍ଠିତ ହୋଇଥିଲା । ଖଜୁରାହୋ ବ୍ୟତୀତ ଅନ୍ୟ ତିନୋଟି ସ୍ଥାନରେ ଯଥାକ୍ରମେ ୬୩, ୫୩ ଓ ୫୭ ଟି ଯୋଗିନୀ ମୂର୍ତ୍ତି ଅଦ୍ୟାବଧି ସୁରକ୍ଷିତ ଅଛନ୍ତି (୨) ବର୍ତ୍ତମାନ କଳାହାଣ୍ଡି ଇତିହାସର ଗବେଷକ (ଏହି ସନ୍ଦର୍ଭର ଲେଖକ) କଳାହାଣ୍ଡିର ଆଧୁନିକ ରାଜଧାନୀ ଭବାନୀପାଟଣାର ଦକ୍ଷିଣ ପୂର୍ବ ଦିଗ (ଆଗ୍ନେୟକୋଣ)ରେ ଅବସ୍ଥିତ ଭଣ୍ଡେଶ୍ୱର ମନ୍ଦିର ଗାତ୍ରରେ ଚଉଷଠି ଯୋଗିନୀ ମୂର୍ତ୍ତି ଆବିଷ୍କାର କରିଛନ୍ତି । ଏହା ପ୍ରତ୍ନତାତ୍ତ୍ୱିକ ସିଦ୍ଧାନ୍ତରେ ପ୍ରମାଣିତ ହେଲେ ଏହା ହେବ ଭାରତର ପଂଚମ ଚଉଷଠି ଯୋଗିନୀ ମନ୍ଦିର (୩) ।

କଳାହାଣ୍ଡିର ବେଲଖଣ୍ଡି ରାଜପଦରର ବେଳେଶ୍ୱର ମନ୍ଦିର ହତାରୁ ମିଳିଥିବା ସପ୍ତମାତୃକା ମୂର୍ତ୍ତି, ତାନ୍ତ୍ରିକ ବୌଦ୍ଧ ଧର୍ମର ବଜ୍ର ଯୋଗିନୀ ମୂର୍ତ୍ତି ଓ ସର୍ବୋପରି କଳାହାଣ୍ଡି ଜିଲ୍ଲାର ଅସୁରଗଡ଼ ଅଂଚଳରୁ ମିଳିଥିବା କୁରୁକୁଲା ମୂର୍ତ୍ତିରୁ ସ୍ପଷ୍ଟ ଜଣାଯାଇଛି ଯେ କଳାହାଣ୍ଡି ଅଂଚଳର ନୈତିକିକ ଜନପଦ ଚଉଷଠି ଯୋଗ୍ନୀ ଓ ସପ୍ତ ମାତୃକା ଉପାସନାର ଧାରା ସହିତ ସମତାଳ ଦେଇ ଏକ ବଳିଷ୍ଠ ଶାକ୍ତ ପୀଠ ଭାବେ ଆତ୍ମ ପ୍ରକାଶ

କରିଥିଲା । ତିବ୍ବତୀୟ ତନ୍ତ୍ରର କାଞ୍ଚିଁଣ ମଣ୍ଡଳ ଉଡ୍ଡୀୟାନରେ ଅବସ୍ଥିତ ଥିଲା ବୋଲି ତିବ୍ବତୀୟ ଐତିହାସିକମାନଙ୍କର ମତ । ଏହି ଉଡ୍ଡୀୟାନ ଏକ ସାମ୍ରାଜ୍ୟ ଥିଲା । ଓଡ଼ିଶା ଇତିହାସର ବିଭିନ୍ନ ପର୍ଯ୍ୟାୟରେ ବିଭିନ୍ନ ରୂପରେ ଏହାର ଭୌଗୋଳିକ ଅବସ୍ଥିତି ନିରୂପିତ ହୋଇଥିଲେ ହେଁ ବିରଜା ପୀଠରୁ ଆରମ୍ଭ କରି କଳାହାଣ୍ଡି ଜିଲ୍ଲା ପର୍ଯ୍ୟନ୍ତ ଉଡ୍ଡୀୟାନ ସାମ୍ରାଜ୍ୟ ରୂପେ କଥିତ ଥିଲା । ତିବ୍ବତୀୟ ସାହିତ୍ୟରେ କାଞ୍ଚିଁରୀ ମଣ୍ଡଳ ସମ୍ଭବତଃ ଅବିଭକ୍ତ କଳାହାଣ୍ଡି ଜିଲ୍ଲାର ଖଡ଼ିଆଳ ଅଂଚଳ ବ୍ୟତୀତ ଆଉ କିଛି ନୁହେଁ । ଚୈତନ୍ୟ ଦାସଂକର ନିର୍ଗୁଣ ମହାତ୍ମ୍ୟରେ ବଡ଼ମୂଳ ଅଂଚଳକୁ କେନ୍ଦ୍ର କରି ଓ ଖଡ଼ିଆଳକୁ ଯୁକ୍ତ କରି ଚିହ୍ନିତ ହେଉଥିବା କାଞ୍ଚିଁଣ ପାଟଣାହିଁ ପ୍ରୋକ୍ତ ତିବ୍ବତୀୟ କାଞ୍ଚିଁରୀ ମଣ୍ଡଳର ପରବର୍ତ୍ତୀ ରୂପ (୪) ।

କଳାହାଣ୍ଡିର ନିବିଡ଼ ଅରଣ୍ୟ ମଧ୍ୟରେ ଏକ ଚଉଷଠୀ ଯୋଗିନୀ ମନ୍ଦିର ଅଦ୍ୟାପି ଭୂଗର୍ଭରେ ରହିଅଛି ବୋଲି ମେଜର୍ ଜେନେରାଲ କେଂମ୍ପବେଲ୍ ସାହେବ My thirteen years in Kandhisthan ଶୀର୍ଷକ ପୁସ୍ତକରେ ଲେଖିଛନ୍ତି । It is well known that it is the work of the Archeologist to trace the Chousathi yogini site, lost in the jungle of the old Kalchudistan (୫) ସମ୍ଭବତଃ ଭବାନୀପାଟଣାସ୍ଥିତ ଭଣ୍ଡେଶ୍ୱର ମନ୍ଦିର ଗାତ୍ରସ୍ଥ ଚଉଷଠି ଯୋଗିନୀ ମୂର୍ତ୍ତି କ୍ୟାମ୍ପବେଲ୍ ସାହେବଙ୍କ ଗବେଷଣାର ଦୃଷ୍ଟି ଆକର୍ଷଣ କରି ପାରିନଥିଲା । ଏହି ସନ୍ଦର୍ଭର ଲେଖକ କୌଣସି କାର୍ଯ୍ୟରେ ଭବାନୀପାଟଣାର ଏହି ମନ୍ଦିର ଅଂଚଳକୁ ଯାଉଥିବା ସମୟରେ ଏହି ପ୍ରାଚୀନ ମନ୍ଦିର (ନିଜ ଶୈଶବ କାଳରେ ପ୍ରାୟ ପଚାଶ ବର୍ଷ ତଳେ ଜୀର୍ଣ୍ଣ ଶୀର୍ଣ୍ଣ ଅବସ୍ଥାରେ ଏହି ମନ୍ଦିରକୁ ଦେଖିଥିବା ସ୍ଥଳେ ଆଜି ମରାମତି ହୋଇ ନବଯୌବନ ଲାଭ କଲା ପରି ଦିଶୁଛି) କୁ ଦର୍ଶନ କରିବାର ଅଭିଳାଷ ନେଇ ଯାଇଥିଲା ଏବଂ ମନ୍ଦିର ବେଢ଼ା ପରିକ୍ରମା ସମୟରେ ଚତୁର୍ମୁଖୀ ବ୍ରହ୍ମାଣୀ ସହ ଚଉଷଠୀ ମୂର୍ତ୍ତି ଗଣିବାର ସୌଭାଗ୍ୟ ଲାଭ କରିଥିଲା । ଏଠାରେ ଉଲ୍ଲେଖଯୋଗ୍ୟ କି ଭବାନୀପାଟଣାର ନାମକରଣ ଥୁଆମୂଳ ରାମପୁରର ବିଂଦେଶ୍ୱରୀ ଦେବୀଙ୍କୁ ନେଇ ହୋଇଛି ବୋଲି କଳାହାଣ୍ଡିର ବରପୁତ୍ର ('ମୂଳିଆପିଲା' ଆଦି ଉପନ୍ୟାସର ସ୍ୱନାମଧନ୍ୟ ଲେଖକ) ସ୍ୱର୍ଗତ ପରଶୁରାମ ମୁଣ୍ଡଙ୍କର ମତ (୬) । କଳାହାଣ୍ଡିର ଇତିହାସରୁ ଜଣାଯାଏ ଯେ ନବମ ଦଶମ ଶତାବ୍ଦୀରେ ଇନ୍ଦ୍ରାବତୀ ନଦୀ ଉପତ୍ୟକାରେ ଗଠିତ ଚକ୍ରକୋଟ ମଣ୍ଡଳରେ ୧୦୬୦ ମସିହାରେ ଛିନ୍ଦକ ନାଗ ବଂଶୀୟ ରାଜା ଧରାବର୍ଷ ଜାଗଦେକ ଜଗଦେକ ଭୂଷଣ ରାଜତ୍ୱ କରୁଥିଲେ । ଏହାଙ୍କୁ ମଧୁରାନ୍ତକ ନାମକ ଅନ୍ୟ ଜଣେ ରାଜା ରାଜଗାଦୀରୁ ବିତାଡ଼ିତ କରି ଚକ୍ରକୋଟ ମଣ୍ଡଳର ରାଜା ହୋଇଥିଲେ । ୧୦୬୯ ମସିହାରେ ଧରାବର୍ଷଙ୍କ ପୁତ୍ର ସୋମେଶ୍ୱର ଦେଓ ପ୍ରଥମ ମଧୁରାନ୍ତକଙ୍କୁ ଯୁଦ୍ଧରେ ନିହତ କରି ଚକ୍ରକୋଟ ମଣ୍ଡଳର ରାଜଗାଦି ପୁନଃ ଅଧିକାର କରିଥିଲେ ବୋଲି କୁରୁସ୍ପାଳ ଶିଳାଲେଖରୁ ଜଣାଯାଏ । ଏହି ଶିଳାଲେଖରେ ବିନ୍ଧ୍ୟବାସିନୀଙ୍କ କୃପାରୁ ମଧୁରାନ୍ତକଙ୍କୁ ବିତାଡ଼ିତ କରିଥିବାର ବର୍ଣ୍ଣନା କରାଯାଇଛି । ଏହି ଶିଳାଲେଖ ପୂର୍ବରୁ ବସ୍ତର ଶିଳାଲେଖ (୧୦୬୦ ମସିହା) ଓ ଅନ୍ୟାନ୍ୟ ଶିଳାଲେଖରେ ଛିନ୍ଦକ ନାଗରାଜାମାନେ ମାଣିକ୍ୟ

ଦେବୀଙ୍କର ପାଦଭକ୍ତ ବୋଲି ଉଲ୍ଲେଖ କରାଯାଇଛି । ଏଣୁ ବିଂଧ୍ୟବାସିନୀଙ୍କର ପାଦ ଭକ୍ତ ଦାକ୍ଷିଣାତ୍ୟର ଚାଲୁକ୍ୟ ରାଜା, ଚକ୍ରକୋଟ ମଣ୍ଡଳର ରାଜା ସୋମେଶ୍ୱର ଦେବଙ୍କୁ ସାହାଯ୍ୟ କରିଥିବା ମନେହୁଏ । କାରଣ ଦାକ୍ଷିଣାତ୍ୟର ଚୋଳ ଓ ଚାଲୁକ୍ୟ କୃତୀୟ ଚକ୍ରକୋଟ ମଣ୍ଡଳ ଆକ୍ରମଣ କରି ଏହାର ରାଜଧାନୀ ଚକ୍ରକୋଟ ନଗରୀ (ଆଧୁନିକ ମଧ୍ୟପ୍ରଦେଶ ଅନ୍ତର୍ଗତ ବସ୍ତର) କୁ ପୋଡ଼ି ପକାଇଥିଲେ ଏବଂ ଛିନ୍ଦକ ନାଗ ରାଜାଙ୍କୁ ଯୁଦ୍ଧରେ ସାହାଯ୍ୟ କରିଥିବା ଓଡ଼ିଶାର ସୋମବଂଶୀ ରାଜା ମହାଶିବ ଗୁପ୍ତ ଜନ୍ମେଜୟ ପ୍ରଥମ (୮୫୦-୮୫).ଙ୍କର ହାତୀମାନଙ୍କୁ ଧରି ନେଇଥିଲେ । ଏହି ବିଷୟ ମହାକୋଶଳ ଐତିହାସିକ ସମିତି ତାମ୍ରଶାସନରେ ଲେଖାଅଛି । ଏଣୁ ଚାଲୁକ୍ୟମାନଙ୍କର ବିରୋଧୀ ଚୋଳରାଜା ରାଜେନ୍ଦ୍ର ଚୋଳ ଏକାଦଶ ଶତାବ୍ଦୀ ( ଏପର୍ଯ୍ୟନ୍ତ ଚକ୍ରକୋଟ ମଣ୍ଡଳ ଚାଲୁକ୍ୟମାନଙ୍କର ଅଧୀନସ୍ଥ ଥିବାପରି ମନେ ହୁଏ)ରେ ଚକ୍ରକୋଟ ମଣ୍ଡଳ ଆକ୍ରମଣ କରି ଅଧିକାର କରିଥିଲେ ଓ ସିହି ଅନୁଯାୟୀ ଛିନ୍ଦକ ନାଗରାଜା ଚୋଳମାନଙ୍କର ବଶ୍ୟତା ସ୍ୱୀକାର କରିଥିଲେ । ଏଣୁ ଛିନ୍ଦକ ନାଗରାଜାଙ୍କୁ ନିଜ ପକ୍ଷକୁ ଆଣିବା ପାଇଁ ଚାଲୁକ୍ୟ ରାଜା ସାହାଯ୍ୟ କରିଥାଇ ପାରନ୍ତି । ପ୍ରାଚୀନ ପରମ୍ପରା ଅନୁସାରେ ବିଜୟୀ ରାଜାମାନେ ବିଜିତ ରାଜାମାନଙ୍କ ରାଜ୍ୟରେ ନିଜ ଇଷ୍ଟଦେବୀଙ୍କୁ ସ୍ଥାପନ କରି ନିଜ ସାମ୍ରାଜ୍ୟର ଦୃଢ଼ୀକରଣ କରୁଥିଲେ । ଏଣୁ ଥୁଆମୂଳ ରାମପୁର ଅଂଚଳରେ ଚାଲୁକ୍ୟ ଇଷ୍ଟ ଦେବୀ ବିଂଦେଶ୍ୱରୀ ଦେବୀ ଏକାଦଶ ଶତାବ୍ଦୀରୁ ପୂଜିତ ହେଉଥିବା ଜଣାଯାଏ । ଏହି ବିଂଦେଶ୍ୱରୀ ମନ୍ଦିରର ଅବସ୍ଥିତି ଏପର୍ଯ୍ୟନ୍ତ ଜଣାପଡ଼ି ନଥିଲେ ମଧ୍ୟ ଭବାନୀପାଟଣାର ନାମ ଏହା ପୂର୍ବରୁ ଏକାଦଶ ଶତାବ୍ଦୀରେ ବିଂଦେଶ୍ୱରୀ ପାଟଣା ଥିବାର ଜଣାଯାଏ । ସ୍ୱର୍ଗତ ପରଶୁରାମ ମୁଣ୍ଡ କଳାହାଣ୍ଡିର ଦେବଦେବୀ ଶୀର୍ଷକ ପ୍ରବନ୍ଧରେ ଲେଖିଛନ୍ତି - ୧୦୬୦-୭୦ ମସିହାରୁ ପୂଜିତା ବିଂଦେଶ୍ୱରୀ କଥିତ ଅଛି ମହାରାଜା ସୋମେଶ୍ୱରଦେବଙ୍କ ଦ୍ୱାରା ଅଧିଷ୍ଠିତା ହୋଇଥିଲେ । ବିଶ୍ୱାସ କରାଯାଏ ଯେ ଭବାନୀପାଟଣାର ନାମ ଥୁଆମୂଳ ରାମପୁର ବିଂଦେଶ୍ୱରୀଙ୍କୁ ନେଇ ହୋଇଛି । (୭) କଳାହାଣ୍ଡି ମହାରାଜା ଶ୍ରୀଯୁକ୍ତ ପ୍ରତାପକେଶରୀ ଦେଓଙ୍କ ମତ ଅନୁସାରେ । Bhawanipatna's old name was Bhandeshwar named after Bhandeswar Mahadev when the Capital was shifted from Junagarh to Bhawanipatna in 1841 A.D. The town was renamed after Bhawani which is another name of mother Goddess. (୮)ଭଣ୍ଡେଶ୍ୱର ମହାଦେବଙ୍କ ନାମାନୁସାରେ ୧୮୪୯ ମସିହା ପରେ ତଥା ଦେବୀ ଭବାନୀଙ୍କ ନାମାନୁସାରେ ନାମିତ ହୋଇଛି ଭବାନୀପାଟଣା । ଏଣୁ ସ୍ୱର୍ଗତ ପରଶୁରାମ ମୁଣ୍ଡଙ୍କ ମତକୁ ଶ୍ରୀଯୁକ୍ତ ଦେଓ ପରେ ପରେ ସମର୍ଥନ କରିଛନ୍ତି । ବର୍ତ୍ତମାନ ଭଣ୍ଡେଶ୍ୱର ମହାଦେବ ମନ୍ଦିରରେ ଏହି ସନ୍ଦର୍ଭର ଲେଖକ ଦ୍ୱାରା ଚଉଷଠୀ ଯୋଗିନୀ ମୂର୍ତ୍ତିମାନ ଆବିଷ୍କୃତ ହୋଇଥିବାରୁ 'ଭଣ୍ଡେଶ୍ୱର' ଶବ୍ଦ ବିଂଦେଶ୍ୱରୀ ଶବ୍ଦର ଅପଭ୍ରଂଶ (ବିଂଦେଶ୍ୱରୀ-ଭିଣ୍ଡେଶ୍ୱରୀ-ଭଣ୍ଡେଶ୍ୱର) କ୍ରମରେ ପରି ମନେ ହୁଏ ଏବଂ ଏକାଦଶ ଶତାବ୍ଦୀରେ ଏହି ମନ୍ଦିର ବିଂଦେଶ୍ୱରୀ ମନ୍ଦିର ରୂପେ ଖ୍ୟାତ ଥିବା ଜଣାଯାଏ । କାରଣ କୌଣସି ପୁରାଣରେ ଶିବଙ୍କର ଭଣ୍ଡେଶ୍ୱର ରୂପେ

ବର୍ଣ୍ଣନା ନାହିଁ । ଭବାନୀପାଟଣା ଜଗନ୍ନାଥ ମନ୍ଦିରର ବର୍ଷୀୟାନ ପୂଜକ ଶ୍ରୀଯୁକ୍ତ ହରେକୃଷ୍ଣ ମହାପାତ୍ର ଜଣେ ତନ୍ତ୍ରଜ୍ଞ ରୂପେ କଳାହାଣ୍ଡିରେ ସମ୍ମାନିତ । ସେ କହନ୍ତି, ଭଣ୍ଡେଶ୍ୱର ମନ୍ଦିରର ଲିଙ୍ଗ ସ୍ୱୟଂଭୂ ନୁହଁନ୍ତି । ପରବର୍ତ୍ତୀ କାଳରେ ସ୍ଥାପିତ । ଏହି ମନ୍ଦିରର ଦଶ ମହାବିଦ୍ୟାର ତନ୍ତ୍ର ପୂଜକ ପୂଜାରୀ ଉପଲବ୍ଧ ନ ହେବାରୁ ଲିଙ୍ଗ ସ୍ଥାପନ କରାଯାଇ 'ଭଣ୍ଡେଶ୍ୱର' ରୂପେ ପୂଜା କରାଯାଉଥିବାର ଐତିହାସିକ ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ । ଦାକ୍ଷିଣାତ୍ୟର ବିଂଦେଶ୍ୱରୀ ମନ୍ଦିରରେ ଦଶମହାବିଦ୍ୟାର 'ମହାପୂଜା' (ପଂଚମକାରର ବଳିପ୍ରଥା ଆଦି) ର ବିଧିନହିଁ । ଏଣୁ ଏହି ମନ୍ଦିରରେ ଦଶମହାବିଦ୍ୟାନ୍ତର୍ଗତ ଯୋଗିନୀ ମୂର୍ତ୍ତିଥାଇ ମଧ୍ୟ ମହାପୂଜାର ବ୍ୟବସ୍ଥା ନାହିଁ । ପୁନଶ୍ଚ ଥୁଆମୂଳ ରାମପୁର ଜେନାଖାଲ ଯେଉଁଠି ନରବଳି ପୂର୍ବେ ଦିଆଯାଉଥିଲା ଆଜି କାଲି ନାହିଁ, ସେଠାରେ ଏକ ଅଷ୍ଟଧାତୁ ନିର୍ମିତ ମୂର୍ତ୍ତି ଖଣ୍ଡୁଆଳ ବାବା ନାମରେ ଦୃଷ୍ଟିଗୋଚର ହୁଅନ୍ତି । ବେଳେ ବେଳେ ଉଭେଇ ଯାନ୍ତି ବୋଲି ସ୍ଥାନୀୟ ଲୋକକଥା ପ୍ରଚଳିତ । ଏହି ମୂର୍ତ୍ତିର ବାହୁରେ ନାଗ ସର୍ପର ଫଣା । ମୁଣ୍ଡରେ ଜଟ ଏବଂ ଅଷ୍ଟଦଳ ପଦ୍ମରେ ଆସୀନା । ଅନ୍ୟ ହସ୍ତରେ ଧାରଣ କରିଛନ୍ତି ଏକ କମଣ୍ଡଳକୁ (୯) ଏହି ମୂର୍ତ୍ତିର ଫଟୋ ଚିତ୍ରକୁ ଦେଖିଲେ ମନେ ହୁଏ ଜନୈକ ବୀର ପୁରୁଷ ଡାହାଣ ହାତରେ ଏକ ଖଣ୍ଡା ଧାରଣ କରିଛନ୍ତି । ବର୍ତ୍ତମାନ ଖଣ୍ଡାଟି ନ ଥିଲେ ମଧ୍ୟ ଡ଼ାହାଣ ହାତଟି ଖଣ୍ଡା ଧାରଣ ମୁଦ୍ରାରେ ନିର୍ମିତ । ଏଠାରେ ଉଲ୍ଲେଖଯୋଗ୍ୟ କି ଭବାନୀପାଟଣାର ଭଣ୍ଡେଶ୍ୱର ମନ୍ଦିରର ସମ୍ମୁଖ ଭାଗରେ ଦୁଇଟି ପଥର ମୂର୍ତ୍ତି ମନ୍ଦିର ଗାତ୍ରରେ ଖୋଦିତ । ଗୋଟିଏ ମୂର୍ତ୍ତିରେ ଜଣେ ବୀର ପୁରୁଷ ଖଣ୍ଡା ଧାରଣ କରି ଅଶ୍ୱ ପୃଷ୍ଠରେ ଆସୀନ । ଅନ୍ୟ ମୂର୍ତ୍ତିରେ ଅନ୍ୟ ଜଣେ ବୀର ପୁରୁଷ ଡ଼ାହାଣ ହାତରେ ଖଣ୍ଡା ଧରି କରି ହସ୍ତୀ ପୃଷ୍ଠରେ ଆସୀନ । ଏହି ମୂର୍ତ୍ତିଦ୍ୱୟ ଓ ଖଣ୍ଡୁଆଳ ମୂର୍ତ୍ତି ଚକ୍ରକୋଟ ମଣ୍ଡଳର ପୂର୍ବୋକ୍ତ ନାଗରାଜା (ହସ୍ତୀପୃଷ୍ଠାସୀନ)କୁ ଚାଲୁକ୍ୟ ରାଜା (ଅଶ୍ୱପୃଷ୍ଠାସୀନ) ସାହାଯ୍ୟ କରିଥିବା ଐତିହାସିକ ବିବରଣୀ ସହ ମେଳ ଖାଉଛି । ଥୁଆମୂଳ ରାମପୁରର ଖଣ୍ଡୁଆଳ ମୂର୍ତ୍ତି ସମ୍ମୁଖରେ ବଳି ଦିଆଯାଉଥିବା ବେଳେ ଭବାନୀପାଟଣା ଖଣ୍ଡାଧାରୀ ଅଶ୍ୱ ପୃଷ୍ଠାସୀନ ମୂର୍ତ୍ତିକୁ ତିନିଦେବତା ରୂପେ ପୂଜା କରାଯାଉଥିବା ବିଷୟ ବର୍ତ୍ତମାନର ପୂଜାରୀ ଶ୍ରୀ ରମାମୁନୀ କହନ୍ତି । ଖଣ୍ଡୁଆଳ ଶବ୍ଦ କୌଣସି ଦେବୀଙ୍କର ବର୍ଣ୍ଣନା ସହ ଓ ଉକ୍ତ ମୂର୍ତ୍ତିଦ୍ୱୟ ଶକ୍ତି ଦେବତାଙ୍କ ଶାସ୍ତ୍ର ବର୍ଣ୍ଣନା ସହ ମେଳ ଖାଉ ନଥିବାରୁ ଉଭୟ ମୂର୍ତ୍ତିର ଐତିହାସିକ ପୃଷ୍ଠଭୂମି ରହିଛି ଏଥିରେ ସଂଦେହ ନାହିଁ । ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ଗଚ୍ଛିତ ଥିବା ସାରଳାଦାସଙ୍କ ଦ୍ୱାରା ରଚିତ୍ ଚଣ୍ଡୀ ପୁରାଣ ପୋଥିରେ ଚାଳିଶ ଯୋଗିନୀମାନଙ୍କର ମୂର୍ତ୍ତି ବିଷୟରେ ସୂଚନା ଦିଆଯାଇଛି । (୧୦) ଏହି ସୂଚନା ଅନୁଯାୟୀ ରୁଦ୍ରାଣୀ ବୃଷଭବାହିନୀ, ଚତୁର୍ମୁଖୀ ବ୍ରହ୍ମାଣୀ - ହଂସ ବାହିନୀ ତାରିଣୀ, କାଳରାତ୍ରି, ଉଲୂକ ବାହିନୀ, ବିମଳା ସିଂହବାହିନୀ, ବାରାହୀ-ଶ୍ୱାନ ବା ମହିଷବାହିନୀ, ବେତାଳୀ ବାଳିଆ କୁକୁର ବାହିନୀ, ହିଂଦୋଳ ବାହିନୀ, ତ୍ରିପୁରା ସମ୍ବର ବାହିନୀ, ବ୍ରହ୍ମାଣୀ-ମରାଳ ବାହିନୀ, ଚର୍ଚ୍ଚିକା-ଶବବାହିନୀ, ମରାଟୀ ଉଷ୍ଟ୍ର ବାହିନୀ, ଚଣ୍ଡୀ- ବିରାଳ ବାହିନୀ, ମାତଙ୍ଗୀ କାମାକ୍ଷୀ, କୁକୁଟଲ ଶକଟ ବାହିନୀ, ବାସେଳୀ-କୁଠାରଧାରିଣୀ, ଇନ୍ଦ୍ରାଣୀ ହସ୍ତୀ ବାହିନୀ, ଉଗ୍ରତାରା ବିସ୍ତୃତ ଭୁଜା, ବଲେହାର-ଧାରୁଡ଼ା ବାଉତୀ-ମେଷ ବାବାରହ ବାହିନୀ । ଏତଦ୍ ବ୍ୟତୀତ ଦେବୀ ପୁରାଣର ପଚାଶ ଅଧ୍ୟାୟରେ ବର୍ଣ୍ଣିତ ଧୃତି ଦର୍ପଣ ଧାରିଣୀ ପୃଷ୍ଟି ଅଶ୍ୱାସ୍ୱତା ଶକ୍ତି ଗଜବାହିନୀ, ଅଜିତା ମକର ବାହିନୀ, ବହୁରୂପା- ନରବାହିନୀ ମୂର୍ତ୍ତିମାନ ଭଣ୍ଡେଶ୍ୱର ମହାଦେବ ମନ୍ଦିରରେ ଆବିଷ୍କୃତ ଚଉଷଠୀ ଯୋଗିନୀ ମୂର୍ତ୍ତିମାନଙ୍କ ମଧ୍ୟରେ ଚିହ୍ନିତ କରାଯାଇ ପାରିଛି । ଏହି ମନ୍ଦିର ମରାମତି ପରେ ଅନ୍ୟ ଯୋଗିନୀ ମୂର୍ତ୍ତିମାନଙ୍କର ବାହାନ ସିମେଣ୍ଟ ଦ୍ୱାରା ଲୁପ୍ତ ହୋଇଯାଇ ଥିବାରୁ ଚିହ୍ନିତ କରାଯାଇପାରୁନାହିଁ । ପୁନଶ୍ଚ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଯୋଗଯୁକ୍ତା ନାରୀ ମୂର୍ତ୍ତି ଯୋଗିନୀ ଭାବେ ପରିଚିତ । ସେମାନେ ଭଗବତୀଙ୍କର ଅମରଣ ଦେବତା ରୂପେ ମଧ୍ୟ ଉପାସିତା (ଯଥା- ଆକାଶଲିଂଗ ମିତ୍ୟାହୁ ପୃଥିବୀ ତସ୍ୟ ପୀଠିକା) ଅଷ୍ଟଦଳ ପଦ୍ମ ମଣ୍ଡଳ ମଧ୍ୟରେ ଏମାନଙ୍କୁ ମୂଳ ମାତୃକା ସହ ପୂଜା କରାଯାଏ । (୧୧) ଏଣୁ ଅଷ୍ଟଦଳ ପଦ୍ମାସୀନ ଖଣ୍ଡଧ୍ୟାନ ମୂର୍ତ୍ତିରେ ଦେବୀତତ୍ତ୍ୱ ଆରୋପିତ କଲେ କୌଣସି ଶାସ୍ତ୍ରୀୟ ତ୍ରୁଟି ହେବ ନାହିଁ (୧୨) ।

***ସହାୟକ - ଗ୍ରନ୍ଥସୂଚୀ***


(ହିଂଦି) ତନ୍ତ୍ରକେ ସିଦ୍ଧାନ୍ତୋଁକା ବୈଜ୍ଞାନିକ ନିରୂପଣ)

୧. ତନ୍ତ୍ର ବିଜ୍ଞାନ ପଣ୍ଡିତ ଶ୍ରୀ ରାମଶର୍ମା ଆଚାର୍ଯ୍ୟ (ଚାରିବେଦ, ୧୦୮ ଉପନିଷଦ, ଷଟ୍ ଦର୍ଶନ, ୧୦୮ ପୁରାଣର ପ୍ରସିଦ୍ଧ ଭାଷ୍ୟକାର) ସଂପାଦକ ଡକ୍ଟର ଚମନଲାଲ ଗୌତମ- ପ୍ରକାଶକ ସଂସ୍କୃତି ସଂସ୍ଥାନ, ଖ୍ୱାଜା କୁତୁବ (ବେଦନଗର) ବାରେଲୀ ୨୪୩୦୦୧ (ଉ.ପ୍ର) ଦ୍ୱିତୀୟ ସଂସ୍କରଣ- ୧୯୭୭-ପୃଷ୍ଠା ୨୬

୨. ''ଚତୁଃଷଷ୍ଟି ଯୋଗିନୀ'' ଶ୍ରୀ ଭଗବାନ ପଣ୍ଡା- ଓଡ଼ିଶାର ଦେବଦେବୀ ପ୍ରକାଶକ ଉତ୍କଳପାଠକ ସଂସଦ ଆନୁକୂଲ୍ୟରେ ଓଡ଼ିଶା ବୁକ୍‌ଷ୍ଟୋର, ବିନୋଦ ବିହାରୀ କଟକ, ୭୫୩୦୦୨, ୧୯୮୧, ପୃଷ୍ଠା ୧୮ପରିଶିଷ୍ଟ (ଖ)

୩. ସାପ୍ତାହିକ 'ଅର୍ଚ୍ଚି' ପ୍ରଥମ ବର୍ଷ ସଂଖ୍ୟା ତା.୧୫.୮.୯୯ ପୃଷ୍ଠା ୭ ।

୪. ''କଳାହାଣ୍ଡି ଜିଲ୍ଲାର ଐତିହାସିକ ପୃଷ୍ଠଭୂମି ଓ ତହିଁରେ ଆଦିବାସୀ ଗନ୍ଧ ଜାତିର ଭୂମିକା''- ଅଧ୍ୟାପକ ଡକ୍ଟର ବୋକ ଗୋବିନ୍ଦ ବିଶି, କଳାହାଣ୍ଡି କଳା ଓ ସଂସ୍କୃତି ମୁଖ୍ୟ ସଂପାଦକ ପ୍ରଫେସର ଡକ୍ଟର ଭୁବନେଶ୍ୱର ବେହେରା, ସୌଜନ୍ୟ ସଂପାଦକ ଡକ୍ଟର ମହେନ୍ଦ୍ର କୁମାର ମିଶ୍ର, ପ୍ରକାଶକ ମହାବୀର ସାଂସ୍କୃତିକ ଅନୁଷ୍ଠାନ, ଭବାନୀପାଟଣା, କଳାହାଣ୍ଡି ୧୯୮୯ ପୃଷ୍ଠା ୧୩୩ ।

୫. Orissa District Gazetters, Kalahandi Page 49.

୬. ''କଳାହାଣ୍ଡିର ଦେବଦେବୀ'' ଶ୍ରୀପରଶୁରାମ ମୁଣ୍ଡ ଓ ଶ୍ରୀ ଶୁଭେନ୍ଦୁ ମୁଣ୍ଡ, ଓଡ଼ିଶାର ଦେବ ଦେବୀ ପୃଷ୍ଠା ୧୪୪

୭. ଏଜନ

୮. "Manikya & Ma Mnikeswari" P.K.Deo, Bhawanipatna 1991 page 15.

୯. ଶ୍ରୀ ରାମକୃଷ୍ଣ ନିଆଲ, ଥୁଆମୂଳ ରାମପୁର ଆଦିବାସୀ ଐତିହ୍ୟ ଓ ସଂଗୀତମୟ ଡାବନୃତ୍ୟ'' ସ୍ମରଣିକା ୯୮ ପ୍ରକାଶକ ମାଁ ମାଣିକେଶ୍ୱରୀ ପଂଚାୟତ ସମିତି ମହାବିଦ୍ୟାଳୟ, ଥୁଆମୂଳ ରାମପୁର- ୧୯୯୮ ପୃଷ୍ଠା ୨୬

୧୦. ଏଜନ୍ କ୍ରମାଙ୍କ (୨) ଦ୍ରଷ୍ଟବ୍ୟ- ପୃଷ୍ଠା ୨୧

୧୧. ଏଜନ୍ ପୃଷ୍ଠା ୨୫

୧୨. ଏଜନ୍ କ୍ରମାଙ୍କ (୩) ଅର୍ଚ୍ଚିତା ୨୫.୮.୯୯ ପୃଷ୍ଠା ୪



*ଗାୟତ୍ରୀ ଜ୍ଞାନ ମନ୍ଦିର, ମହାବୀରପଡ଼ା*
*ଭବାନୀପାଟଣା, କଳାହାଣ୍ଡି - ୭୬୬୦୦୧*

# ଆଦିବାସୀ 'କୋୟା'ର ପରିଚୟ

ଶ୍ରୀ ସଚ୍ଚିଦାନନ୍ଦ ବେହେରା

ସମଗ୍ର ଭାରତବର୍ଷରେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳମାନଙ୍କ ମଧ୍ୟରେ ମଧ୍ୟପ୍ରଦେଶ ପ୍ରଥମ ଥିବା ସ୍ଥଳେ, ଓଡ଼ିଶା ଦ୍ୱିତୀୟ ଆଦିବାସୀ ରାଜ୍ୟଭାବେ ପରିଚିତ । ବର୍ତ୍ତମାନ ରାଜ୍ୟରେ ଯେଉଁ ୬୨ ପ୍ରକାର ଆଦିବାସୀ ସମ୍ପ୍ରଦାୟ ବସବାସ କରୁଅଛନ୍ତି, ତନ୍ମଧ୍ୟରୁ କୋୟା ଅଧିବାସୀମାନଙ୍କର ଚାଲିଚଳଣିରେ କେତେକ ଭିନ୍ନରୁଚି ରହିଛି । ଆଦିବାସୀଙ୍କୁ ଚିହ୍ନିବାକୁ ହେଲେ ତା'ର ଐତିହ୍ୟ, ପରମ୍ପରା ଓ ସଂସ୍କୃତିକୁ ଜାଣିବା ନିତାନ୍ତ ଆବଶ୍ୟକ । ଅଧୁନା ସମାଜରେ ବିଜ୍ଞାନ, କଳା, ଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ, ଧର୍ମ, ଅର୍ଥନୀତି ଆଦି ବିକାଶ ଦୃଷ୍ଟିରୁ ଆଦିବାସୀ ସମାଜ ପଛରେ ପଡ଼ିଥିଲେ ହେଁ ସେମାନଙ୍କର ସଂସ୍କୃତିରେ କେତେକ ବୈଶିଷ୍ଟ୍ୟ ଓ ସ୍ୱାତନ୍ତ୍ର୍ୟ ରହିଅଛି । ସେମାନେ ସେମାନଙ୍କର ପରିବାର ପ୍ରତି ଅନୁରକ୍ତି ଏବଂ ଏହା ସହିତ ମାନସିକ ସ୍ତରରେ ଅପେକ୍ଷାକୃତ କପଟହୀନ ସରଳତା ଓ ନିସ୍ୱାର୍ଥପରତା, ଜୀବନପ୍ରତି ଶ୍ରଦ୍ଧା, ପରସ୍ପରପ୍ରତି ଆଗ୍ରହ, ପାରିପାର୍ଶ୍ୱ ପ୍ରକୃତି ପ୍ରତି ଆସକ୍ତି, ନଦନଦୀ, ବଣଜଙ୍ଗଲ ପାହାଡ଼କୁ ଜୀବନର ଦେବତା ମନେ କରି ତା ନିକଟରେ ପୂଜା ଉପଚାର ବାଢ଼ି ଦିଅନ୍ତି ।

ଏହି ଆଦିବାସୀମାନଙ୍କ ମଧ୍ୟରେ ମାଲକାନଗିରିର କୋୟା ଅଧିବାସୀଙ୍କ ଦୈନନ୍ଦିନ ଜୀବନ କାହାଣୀ ଏକ ସ୍ୱତନ୍ତ୍ର ଅଧ୍ୟାୟ । କୋୟା ଜନଜାତିର କିମ୍ବଦନ୍ତୀ କହେ, ଭୀମ ବଣକୁ ଶିକାର କରିବା ପାଇଁ ଆସୁଥିବା ସମୟରେ ଗୋଟିଏ ଜଙ୍ଗଲୀ ସ୍ତ୍ରୀକୁ ଭେଟି ତାଙ୍କର ପ୍ରେମରେ ଆବଦ୍ଧ ହୋଇଥିଲେ ଏବଂ ତାକୁ ବିବାହ କରିଥିଲେ । ସେମାନଙ୍କଠାରୁ ଜନ୍ମିତ ଉଭର ପୁରୁଷମାନେ କୋୟା ଅଧିବାସୀ । ଏହି କିମ୍ବଦନ୍ତୀର ସ୍ମରଣାର୍ଥେ କୋୟା ସମାଜରେ ଶିକାର ପର୍ବ ପ୍ରତିବର୍ଷ ଚୈତ୍ର, ବୈଶାଖ ମାସରେ ପାଳିତ ହୁଏ । ଏହି ପର୍ବ ''ଓ୍ୱାକା ପାଣ୍ଡୁମ'' ନାମରେ ପରିଚିତ । ଏହି ପର୍ବରେ ଗାଁର ସମସ୍ତ ଯୁବତୀ ଓ ରମଣୀମାନେ ନୃତ୍ୟ, ଗୀତ ଗାନକରି ଶେଷରେ ସମସ୍ତ ପୁରୁଷ ଲୋକଙ୍କୁ ଶିକାର କରିବା ପାଇଁ ଜଙ୍ଗଲକୁ ପଠାଇ ଦିଅନ୍ତି । ଏହି ପର୍ବ ପାଳନ ଅବସରରେ କୋୟା ଅଧିବାସୀମାନେ ''ଲେ ଏଲେ'' (ଶିକାର କରିବା ପାଇଁ ସ୍ମରଣ କରୁଥିବା ଦେବତାଙ୍କୁ) ସ୍ମରଣ କରି ଶିକାର କରିଥାନ୍ତି । ଶିକାର କରିବାର ମୁଖ୍ୟ ଅସ୍ତ୍ର ଧନୁଶର । ଏହା ବ୍ୟତୀତ ଟାଙ୍ଗିଆ, ବନ୍ଧୁକ ମଧ୍ୟ ବ୍ୟବହାର କରିଥାନ୍ତି । ବଣର ସମସ୍ତ ପଶୁପକ୍ଷୀ ଏମାନଙ୍କର ଖାଦ୍ୟ । ଏପରିକି ମୂଷା ଓ ସାପ ଖାଇବାର ମଧ୍ୟ ଦେଖାଯାଏ । ଏମାନଙ୍କ ମଧ୍ୟରେ କେତେକ ଜାଲ ଏବଂ ଧନୁ ତୀରରେ ମାଛ ଶିକାର କରିଥାନ୍ତି । କାହାର ଶିକାର କରିବାର ଭଲନାମ ଥିଲେ ତାକୁ ବିବାହ କରିବା ପାଇଁ ଅନେକ ଯୁବତୀ ଆଗ୍ରହ ପ୍ରକାଶ କରିଥାନ୍ତି ।

କୋୟାମାନଙ୍କର ମୁଖ୍ୟକର୍ମ ପଶୁପାଳନ । କୋୟା ରମଣୀମାନେ ଘର ଏବଂ ବାହାରେ ସମସ୍ତ ଦୈନନ୍ଦିନ କାର୍ଯ୍ୟ ତୁଲାନ୍ତି । ପୁରୁଷମାନେ ଗୋରୁ, ମଇଁଷି ପ୍ରାଣୀମାନଙ୍କୁ ଚରାବୁଲା କରିବାକୁ ଜଙ୍ଗଲକୁ ନିଅନ୍ତି । ଗୋଟିଏ ଗୋଟିଏ କୋୟା ପରିବାରରେ ୩ ଶତରୁ ୪ ଶତ ପର୍ଯ୍ୟନ୍ତ ଗୋରୁ, ଗାଈ ଯାହାର ଯେତେ ଅଧିକ ଥାଏ, ସେ କୋୟା ସମାଜରେ ସେହି ତୁଳନାରେ ଧନୀ ଏବଂ ଆଭିଜାତ୍ୟ ସମ୍ପନ୍ନ । ଯଦି କୌଣସି କୋୟାର ଗୋରୁ, ଗାଈ ନାହିଁ, ତାହେଲେ ସେ ବିବାହ କରିପାରିବ ନାହିଁ । ଗାଈଗୋରୁମାନଙ୍କୁ ଏମାନେ ମୃତାହ ଆଦି କ୍ରିୟା, ପର୍ବରେ ବଳି ଦେଇଥାନ୍ତି । ଅଣ୍ଡିରା ବାଛୁରୀମାନଙ୍କୁ ଚପାଇ ବଳଦ କରିବାର ବ୍ୟବସ୍ଥା ଏମାନଙ୍କଠାରେ ଦେଖାଯାଏ ନାହିଁ । ସବୁ ଅଣ୍ଡିରା ବାଛୁରୀ ଷଣ୍ଢ ହୋଇଥାନ୍ତି । ଏହି ପରମ୍ପରା ଏବେ ମଧ୍ୟ ଅକ୍ଷୁଣ୍ଣ ରହିଛି । କୋୟାମାନଙ୍କୁ ରୋଗ ହେଲେ ବୈଦମାନଙ୍କଠାରୁ ଚେର ମୂଳ ଖାଇବା ସହିତ ବିଭିନ୍ନ ମନ୍ତ୍ରର ଆଶ୍ରୟ ନେଇଥାନ୍ତି । ଯାହା ଫଳରେ ବହୁ ଲୋକ ଅକାଳରେ ମୃତ୍ୟୁ ବରଣ କରନ୍ତି । ସେମାନଙ୍କର ମଦ୍ୟପାନ ଏକ ମହାନ୍ ପରମ୍ପରା । ପର୍ବପର୍ବାଣୀ, ବିବାହ ଆଦି ଦିନମାନଙ୍କରେ ମୁଣ୍ଡରେ ଗୋରୁ ମଇଁଷିର ଶିଙ୍ଗ ଓ ଫୁଲ ଗୁଚ୍ଛ ବାନ୍ଧି ଢୋଲର ତାଳେ ତାଳେ ଜୀବନର କ୍ଳାନ୍ତିକୁ ହଜେଇ ଦିଅନ୍ତି ।

ଏହି ସମାଜରେ ଏକାଧିକ ସ୍ୱାମୀ, ସ୍ତ୍ରୀ ଗ୍ରହଣ ଯୋଗୁ ନାରୀ ଓ ପୁରୁଷମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଦିନକୁ ଦିନ ହ୍ରାସ ପାଉଥିବା ବେଳେ ସେମାନଙ୍କ ଔରସରୁ ଜନ୍ମ ଗ୍ରହଣ କରୁଥିବା ଶିଶୁମାନେ ମଧ୍ୟ ମାତୃତ୍ୱର ସ୍ନେହ ମମତାରୁ ବଞ୍ଚିତ । ଅଭିଭାବକମାନଙ୍କ ଉପଯୁକ୍ତ ପ୍ରେରଣା ଅଭାବରୁ ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ, ପାରିବାରିକ ମନସ୍ତତ୍ତ୍ୱ ବିପର୍ଯ୍ୟସ୍ତ ହୋଇଥାଏ । ସେମାନେ ଶିକ୍ଷାରୁ ବଞ୍ଚିତ ହେବା ଫଳରେ ତାଙ୍କ ପରିବାର ଗଠନ କରିବା ଦିଗରେ ବହୁ ପ୍ରତିବନ୍ଧକ ସୃଷ୍ଟି ହୋଇଥାଏ । ଏଥିପ୍ରତି ପ୍ରଶାସନ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳବାସୀଙ୍କୁ ଆଲୋକକୁ ନ ଆଣିଲେ ସେମାନେ ସେହିପରି ଦାରିଦ୍ର୍ୟ, ଅନାଟନ ମଧ୍ୟରେ ସଢୁଥିବେ । ଯେଉଁ ଅନ୍ଧାର ବଣ ପାହାଡ଼ ଖୋଲରେ ଥିଲେ, ସେହିଠାରେ ସବୁଦିନେ ରହିଥିବେ । ଓଡ଼ିଶାର ବିରାଟ ପ୍ରାକୃତିକ ସମ୍ପଦକୁ ପ୍ରକୃତ ରୂପେ ହୃଦୟଙ୍ଗମ ନକରି ବହୁ ଯୁବକ ଏବେବି ଓଡ଼ିଶାରେ କିଛି ନହୋଇ ପାରିବାର ସମ୍ଭାବନା ନେଇ ହତାଶ ଭାବ ଦେଖାଇଥାନ୍ତି । ଓଡ଼ିଶାର ଖଣିଜ ସମ୍ପଦ, ବନ୍ୟ ସମ୍ପଦ, କୃଷି ସମ୍ପଦ, ସାଗର ସମ୍ପଦ ଅତୁଳନୀୟ । ପ୍ରାକୃତିକ ସମ୍ପଦରେ ଭରପୂର ଓଡ଼ିଶା ଏଭଳି ଏବେ ଦୀନହୀନ ଅବସ୍ଥାରେ ଯେ ପଡ଼ିରହିପାରେ, ତାହା ଧାରଣା କରିବା ଅସମ୍ଭବ ।


ସହ ସୂଚନା ଅଧିକାରୀ
ଲୋକ ସମ୍ପର୍କ ଭବନ, ଭୁବନେଶ୍ୱର

# ସଫଳ କାହାଣୀ

## ରାଜ୍ୟର ଅଗ୍ରଣୀ କୃଷକ ଗୋପାଳ ସାମନ୍ତରାୟ

ସରକାର କୃଷି ଓ କୃଷକଙ୍କର ସର୍ବବିଧ କଲ୍ୟାଣ ପାଇଁ ବହୁ ପଦକ୍ଷେପ ଗ୍ରହଣ କରିଛନ୍ତି । ନୂତନ କୃଷି ନୀତି କୃଷକମାନଙ୍କ ମନରେ ନୂତନ ଆଶା ସଂଚାର କରି ପାରିଛି ।

ଉଚ୍ଚ ଶିକ୍ଷା ପରେ କୃଷିକୁ ଜୀବିକା ରୂପେ ଗ୍ରହଣ କରିଥିବା ଭଞ୍ଜନଗର ବ୍ଲକ୍ ବାରୁଡ଼ା ଗ୍ରାମ ପଞ୍ଚାୟତ ବାସିନ୍ଦା ଶ୍ରୀ ଗୋପାଳ



ସାମନ୍ତରାୟ ରାଜ୍ୟର ଜଣେ ଅଗ୍ରଣୀ କୃଷକ ରୂପେ ପ୍ରତିଷ୍ଠା ଲାଭ କରିଛନ୍ତି । ସରକାରଙ୍କ ନୂତନ କୃଷିନୀତିକୁ ଯୁଗାନ୍ତକାରୀ ବୋଲି ବର୍ଣ୍ଣନା କରି ଏହି କୃଷିକୁ ଜୀବିକା ରୂପେ ଗ୍ରହଣ କରିବା ନିମିତ୍ତ ଅଗଣିତ ଶିକ୍ଷିତ ବ୍ୟକ୍ତିଙ୍କୁ ପ୍ରେରଣା ଯୋଗାଉଛି ବୋଲି ମତ ପ୍ରକାଶ କରନ୍ତି ।

ବିଗତ ବର୍ଷ ସେ ୧୦ ଏକର ଜମିରେ ବୈଜ୍ଞାନିକ ପ୍ରଣାଳୀ ଅବଲମ୍ବନ କରି ଆଖୁଚାଷ କରିଥିଲେ । ସାଧାରଣତଃ ଏକର ପ୍ରତି ୩୫ ଟନ୍ ଆଖୁ ଫସଲ ଆଦାୟ ହୋଇ ପାରୁଥିବା ସ୍ଥଳେ ସେ ଏକର ପ୍ରତି ୪୫ ଟନ୍ ଆଦାୟ କରି ପାରିଛନ୍ତି । ପୁନଶ୍ଚ ୩ ଏକର ଜମିରେ ସୂର୍ଯ୍ୟମୁଖୀ ଫୁଲ ଚାଷ କରି ଏକର ପ୍ରତି ୨୦ ବସ୍ତା (ପ୍ରତି ବସ୍ତା ପ୍ରାୟ ୫୨ କେଜି) ମଞ୍ଜି ଅମଳ କରି ଏକ ରେକର୍ଡ଼ ସୃଷ୍ଟି କରିଛନ୍ତି । ତାଙ୍କର ଉନ୍ନତ ଏବଂ ଉତ୍କୃଷ୍ଟ ଧରଣର ସୂର୍ଯ୍ୟମୁଖୀ ଫୁଲ ଜିଲ୍ଲା ସ୍ତରରେ ପ୍ରଥମ ବିବେଚିତ ହୋଇ ପୁରସ୍କୃତ ହୋଇଛି । କୃଷି କ୍ଷେତ୍ରରେ ତାଙ୍କର ବିଶେଷ ଜ୍ଞାନ କୃଷି ବିଜ୍ଞାନୀମାନଙ୍କର ଦୃଷ୍ଟି ଆକର୍ଷଣ କରିଛି । ସେ ନିଜ ଫାର୍ମରେ ଉଦ୍ୟାନ କୃଷି, ପୁଷ୍ପଚାଷ ପ୍ରଭୃତି ସହ କୁକୁଡ଼ା ପାଳନ ଫାର୍ମ କରିଛନ୍ତି ଏବଂ କୁକୁଡ଼ା ମଳ କୃଷି କ୍ଷେତ୍ରରେ ଉପଯୋଗ କରି ଅଧିକ ଅମଳ ପାଇ ପାରିଛନ୍ତି ।

ପର୍ଯ୍ୟାୟକ୍ରମେ ଧାନ, ଆଖୁ, ମକା, ଭେଣ୍ଡି ସହ ବିଭିନ୍ନ ପନିପରିବା ବୈଜ୍ଞାନିକ ପ୍ରଣାଳୀରେ ଚାଷ କରି ଶ୍ରୀ ସାମନ୍ତରାୟ ଜଣେ ସଫଳ କୃଷକ ରୂପେ ସମ୍ମାନିତ ହୋଇ ପାରିଛନ୍ତି ।

*ଶ୍ରୀ ଭୁଜଙ୍ଗ ରାଓ*
*ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ*, ଭଞ୍ଜନଗର

## 'ସନ୍ତୋଷ' ହୃଦୟରେ ସନ୍ତୋଷ

ଗ୍ରାମାଞ୍ଚଳର ଦରିଦ୍ର ବ୍ୟକ୍ତିମାନଙ୍କୁ ଆତ୍ମନିର୍ଭରଶୀଳ କରିବା ନିମିତ୍ତ ସରକାରଙ୍କ ସମନ୍ୱିତ ଗ୍ରାମ୍ୟ ବିକାଶ ଯୋଜନା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ହିତାଧିକାରୀ ଚୟନରେ ନିରପେକ୍ଷତା, ବ୍ୟାଙ୍କ ଏବଂ ସରକାରୀ ଅଧିକାରୀଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ଏବଂ ହିତାଧିକାରୀମାନଙ୍କ ଋଣ ଶୁଝିବା ମନୋବୃତ୍ତିର ବିକାଶ ଘଟିଲେ ଏହି ଯୋଜନା ନିଶ୍ଚିତ ଭାବରେ ଅଧିକ ସଫଳ ହେବ ଏବଂ ସମାଜରୁ ଦାରିଦ୍ର୍ୟ ଦୂରୀକରଣ ଦିଗରେ ସହାୟକ ହେବ, ଏହା ନିଶ୍ଚିତ ।

ଜଗନ୍ନାଥ ପ୍ରସାଦ ବ୍ଲକ୍ ଖମାରପଲ୍ଲୀ ଗ୍ରାମର ୩୦ ବର୍ଷ ବୟସ୍କ ସନ୍ତୋଷ କୁମାର ସାହୁ ଏହି ଯୋଜନାର ଜଣେ ସଫଳ ହିତାଧିକାରୀ । ମାତ୍ର ଷଷ୍ଠ ଶ୍ରେଣୀ ପାସ୍ କରିଥିବା ସନ୍ତୋଷଙ୍କର ୨ ଏକର ଜମି ବ୍ୟତୀତ ଅନ୍ୟ କିଛି ସମ୍ବଳ ନ ଥିଲା । ଘରେ ମା, ବାପା, ଭାଇ, ଭଉଣୀ ସମେତ ୮ ଜଣ ତାଙ୍କ ଉପରେ ନିର୍ଭରଶୀଳ । ଜମିଗୁଡ଼ିକ ପ୍ରକୃତି ଆଶ୍ରିତ । କେଉଁ ବର୍ଷ ମରୁଡ଼ି ତ କେଉଁ ବର୍ଷ ବନ୍ୟାରେ ଫସଲ ନଷ୍ଟ ହୋଇଯାଏ । ବର୍ଷକୁ ଦାନା ପାଇବା ମୁସ୍କିଲ । ପରିବାର କିପରି ଚଳାଇବେ ଏହି ଚିନ୍ତା ତାଙ୍କୁ ସବୁବେଳେ ଘାରୁ ଥିଲା । ଗ୍ରାମର ସରପଞ୍ଚ ଅଭିମନ୍ୟୁ ଆଚାର୍ଯ୍ୟଙ୍କ ସହ ଏ ବିଷୟରେ ଆଲୋଚନା କରି ବ୍ଲକକୁ ଗଲେ

ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ପରାମର୍ଶ କ୍ରମେ ସମନ୍ୱିତ ଗ୍ରାମ୍ୟ ବିକାଶ ଯୋଜନାରେ ଏକ କଂସାବାସନ ଦୋକାନ ଖୋଲିବା ପାଇଁ ଦରଖାସ୍ତ ଦେଲେ । ବ୍ଲକ୍ କର୍ତ୍ତୃପକ୍ଷଙ୍କ ସୁପାରିଶକ୍ରମେ ସ୍ଥାନୀୟ ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ବିଜୟ ଧନଞ୍ଜୟପୁର ଶାଖାରୁ ୧୯୯୮ ମେ ମାସରେ ୧୫,୫୦୦ ଟଙ୍କା ଋଣ ପାଇଲେ । ପ୍ରବଳ ଉତ୍ସାହ ଓ ନିଷ୍ଠାର ସହ ସେ ଦୋକାନ ଚଳାଇଲେ । ଅଳ୍ପ ଦିନ ମଧ୍ୟରେ ତାଙ୍କର ସମସ୍ତ ଚିନ୍ତା, ବିଷାଦ ହର୍ଷ ଆନନ୍ଦରେ ରୂପାନ୍ତରିତ ହେଲା । ଦିନକୁ ୧୦୦ ଟଙ୍କାରୁ ୧୫୦ ଟଙ୍କା ପର୍ଯ୍ୟନ୍ତ ଲାଭ ପାଇପାରୁଥିବା ସନ୍ତୋଷ ଏ ମଧ୍ୟରେ ଅର୍ଦ୍ଧାଧିକ ବ୍ୟାଙ୍କ ଋଣ ପରିଶୋଧ କରିପାରିଛନ୍ତି ।

ଏକ ସାକ୍ଷାତକାରରେ ସନ୍ତୋଷ ପ୍ରକାଶ କରନ୍ତି "ସରକାରଙ୍କ ଏହି ଯୋଜନା ମୋତେ ମଣିଷ କରି ଦେଇଛି, ନ ହେଲେ ହୁଏତ ମୁଁ ଦାଦନ ଖଟିବାକୁ ଚାଲିଯାଇଥାନ୍ତି । ଯଦି ଆମେ ଋଣ ନ ଶୁଝିବା, ଆମେ ମହାପାତକରେ ପଡ଼ିବା, ଭଗବାନ ଆମ ଗୁହାରୀ କେବେ ହେଲେ ଶୁଣିବେ ନାହିଁ" ।

ସନ୍ତୋଷ ଭଳି ସମସ୍ତ ହିତାଧିକାରୀ ଯଦି ଏ ମନୋବୃତ୍ତି ରଖନ୍ତି, ତେବେ ଏହି ଯୋଜନାର ସଫଳ ରୂପାୟନ ହେବା ସହ ଅଧିକରୁ ଅଧିକ ହିତାଧିକାରୀ ଉପକୃତ ହୋଇପାରିବେ ।

*ଶ୍ରୀ ଭୁଜଙ୍ଗ ରାଓ*

*ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ, ଭଞ୍ଜନଗର*

## ଏକ ସଫଳ ଜଳ ଅମଳ ପ୍ରକଳ୍ପ

ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ୍ ଅନ୍ତର୍ଗତ ଭୁର୍ଣ୍ଣମୁଣ୍ଡିଆ (ନିରାକାର ପୁର) କେସିଆପଲ୍ଲୀର ପଶ୍ଚିମ ଦିଗରେ ଥିବା ୯୦ ଏକର ପରିମିତ ପାହାଡ଼ରୁ ବର୍ଷାଜଳ ଏକାଧିକ ଛୋଟ ନାଳରେ ପ୍ରବାହିତ ହୋଇ ବଡ଼ ଆକାର ଧାରଣ କରି ପାଦଦେଶରେ ବହିଯାଇ ନିମ୍ନରେ ଥିବା ଚାଷ ଜମିଗୁଡ଼ିକୁ ବାଲିଚର ତଥା ମୃତ୍ତିକା କ୍ଷୟ କରି ନଷ୍ଟ କରୁଥିଲା । ଏହା ରଣପୁରଠାରୁ ଯାଉଥିବା ସୁନାଖଳା ରାସ୍ତାର ଠିକ୍ ୮ କି.ମି. ଦୂରତାର ପୂର୍ବ ଦିଗରେ ଏକ ଗ୍ରାମ୍ୟ ରାସ୍ତା ସହ ସଂଯୁକ୍ତ ହୋଇଅଛି । ସେହି ରାସ୍ତାରୁ ଦୁଇ କି.ମି. ପୂର୍ବ ଦିଗକୁ ଗଲାବେଳେ ତାର ଉତ୍ତର ଦିଗରେ ଏହା ଅବସ୍ଥିତ । ଏହାର ଦକ୍ଷିଣ ଦିଗରେ ଛୋଟ କୁଆଁରି ଏବଂ ଦୁଇ ଦିଗରେ ଚାଷ ଜମି ଅବସ୍ଥିତ ।

ଗତ ୧୯୯୬-୯୭ ଆର୍ଥିକ ବର୍ଷରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଦ୍ୱାରା ଅନୁମୋଦିତ ହୋଇ ନୟାଗଡ଼ ମୃତ୍ତିକା ସଂରକ୍ଷଣ ବିଭାଗ ଦ୍ୱାରା ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୨.୮୮ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଏକ ଜଳଅମଳ ପ୍ରକଳ୍ପ ଏହି ଯାଗାରେ ନିର୍ମାଣ କରାଯାଇଅଛି ।

ଏହା ଦ୍ୱାରା ଆଖପାଖ ଗ୍ରାମ ଯଥା : ଅରଖପଲ୍ଲୀ, କୁଜାସର, କେସିଆପଲ୍ଲୀ, ନୀଳପଲ୍ଲୀ ଓ କୋଟପୋଖରୀ ଆଦି ଗ୍ରାମର ଅଧିବାସୀମାନଙ୍କ ପାଇଁ ୫୫୬୬ ଶ୍ରମଦିବସ ସୃଷ୍ଟି କରି ନିଯୁକ୍ତି ଦିଆଯାଇଛି । ପ୍ରାୟ ୨ ଏକର ଜମିରେ ଗଚ୍ଛିତ ଏହାର ଜଳରାଶିରେ ୭୦ ଏକର ପର୍ଯ୍ୟନ୍ତ ଜମିରେ ଖରିଫ ଫସଲ ପାଇଁ ଜଳସେଚନ ହୋଇପାରିଛି । ରବି ଋତୁରେ ମଧ୍ୟ ୧୫ ଏକର ଜମିରେ ଫସଲ ହୋଇପାରିବାର ଆଶା ଅଛି । ୧୨ ଏକର ଜମି ବାଲିଚରରୁ ରକ୍ଷାପାଇଅଛି । ଏହାର ଜଳରାଶିରେ ଆଖପାଖ ମୌଜାର ପ୍ରାୟ ୫୦୦୦ ଗୃହପାଳିତ ପଶୁ ଉପକୃତ ହୋଇ ପାରୁଛନ୍ତି ।

*ଶ୍ରୀ ବରଦା ପ୍ରସନ୍ନ ଦାସ*

*ଡି.ପି.ଆର.ଓ., ନୟାଗଡ଼*

## ଆର୍ଥିକ ବିକାଶ ପଥରେ ଇଟାମାଟି ଜଗତି ପାଟଣା ସାହି

ଇଟାମାଟି ଗ୍ରା. ପ. ଟି ଜିଲ୍ଲା ସଦର ମହକୁମା ନୟାଗଡ଼ଠାରୁ ଭୁବନେଶ୍ୱର ଯିବା ରାସ୍ତାରେ ୫ କି.ମି. ଦୂରରେ ଅବସ୍ଥିତ । ଏହି ଗ୍ରାମର ଜଗତିପାଟଣା ସାହି ଏକ ପଡ଼ାଗ୍ରାମ । ପଞ୍ଚାୟତଟି ଏକ କ୍ଷୁଦ୍ର ଶିଳ୍ପ କେନ୍ଦ୍ର କହିଲେ ଅତ୍ୟୁକ୍ତି ହେବନାହିଁ । ପଞ୍ଚାୟତର ପ୍ରତ୍ୟେକ ପଡ଼ାସାହିରେ କିଛି ନା କିଛି ଘରୋଇ ଶିଳ୍ପ ପ୍ରତିଷ୍ଠା କରାଯାଇଛି । ଜଗତି ପାଟଣାଟି ପଡ଼ାସାହିମାନଙ୍କ ମଧ୍ୟରେ ଏକ ଉନ୍ନତ ମାନର ସାହି । ଉକ୍ତ ସାହିରେ ମହିଳାମାନେ ନିଜର ଅବସରକାଳୀନ ସମୟକୁ ସଦୁପଯୋଗ କରିବା ସହିତ ନିଜ ପରିବାରର ଭରଣ ପୋଷଣ ପାଇଁ ଆର୍ଥିକ ମାନଦଣ୍ଡକୁ ବଜାୟ ରଖି ଅଛନ୍ତି । ଏହି ପଡ଼ାର ଶ୍ରୀମତୀ ସରୋଜିନୀ ମଲ୍ଲିକ ଗତ ତା ୫.୬.୯୫ ରିଖରେ ପଞ୍ଚାୟତ ସମିତିକୁ ଆସି, ନିଜେ ଓ ସହଯୋଗୀମାନଙ୍କ ଦ୍ୱାରା ପାଂପଡ଼ ଓ ବଡ଼ି ପ୍ରସ୍ତୁତ କରି ନିଜ ନିଜ ପରିବାର ପ୍ରତିପୋଷଣରେ ବହୁ କଷ୍ଟ ଉପଲବ୍ଧି କରୁଥିବା ଦର୍ଶାଇଥିଲେ । ସେମାନଙ୍କର କଥା ଶୁଣିଲା ପରେ ଉକ୍ତ ସାହିରେ ଡ୍ୱାକ୍ରା ଦଳ ଗଠନ ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଶ୍ରୀମତୀ ସରୋଜିନୀ ମଲ୍ଲିକ ଓ ସହଯୋଗୀ ଏଗାର ଜଣ ସଭ୍ୟା ଉପସ୍ଥିତ ଥିଲେ । ବୈଠକରେ ପାଂପଡ଼ ଓ ବଡ଼ି ପ୍ରସ୍ତୁତି ସଂପର୍କରେ ବିଶେଷ ଭାବେ ଆଲୋଚନା କରାଯାଇଥିଲା । ଉକ୍ତ ଡ୍ୱାକ୍ରା ଦଳ ନିଜର ଅବସର କାଳୀନ ସମୟକୁ ବ୍ୟବହାର କରି ପାଂପଡ଼ ଓ ବଡ଼ି ପ୍ରସ୍ତୁତ କରି ତନ୍ମଧ୍ୟରୁ ଟ୩୦୦.୦୦ ସ୍ଥାନୀୟ "ଉଦ୍‌କୋବ୍ୟାଙ୍କ" ଇଟାମାଟି ଶାଖାରେ ନ. ୪୬୯୩/୨୧ନର ସଂଚୟ ଅମାନତ ଦ୍ୱାରା ଜମା ଥିବା ଦର୍ଶାଇ ଥିଲେ ଓ ଅଧିକ କାର୍ଯ୍ୟକାରୀ ଧନ ପାଇବା ପାଇଁ ନିଜର ଅସହାୟତା ଦର୍ଶାଇଥିଲେ । ବୈଠକରେ ଉପସ୍ଥିତ ଥିବା ପଦାଧିକାରୀମାନେ ଉକ୍ତ ଦଳର ମହିଳାମାନଙ୍କର ଇଚ୍ଛା ଶକ୍ତି ଓ ଆର୍ଥିକ ସମ୍ବଳ ଦେବାରେ ଅସହାୟତାକୁ ଉପଲବ୍ଧି କରିଥିଲେ । ଏଣୁ ଉକ୍ତ ଦଳକୁ ଆର୍ଥିକ ଟଙ୍କି ପାଣ୍ଠି ପାଇଁ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ଅଧିକାରୀ, ସହକାରୀ ପ୍ରକଳ୍ପ ଅଧିକାରୀ (ମହିଳା) ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଥମ ଦଫାରେ ଟ.୧୫,୦୦୦/- ଯୋଗାଇ ଦେଇଥିଲେ । ଦଳର ସଭ୍ୟାମାନେ ପଦାଧିକାରୀମାନଙ୍କ ଉପଦେଶକୁ ପାଳନ କରି କ୍ରମାଗତ ଭାବେ ଏହି କାର୍ଯ୍ୟକାରୀ ମୂଳଧନକୁ ଛଅମାସରେ ଟ.୧୭,୦୦୦/-କୁ ବୃଦ୍ଧି କରି ନିଜର ପାରଦର୍ଶିତା ପ୍ରଦର୍ଶନ କରିଥିଲେ । ଏକ କ୍ଷୁଦ୍ର ଶିଳ୍ପ ପରିବେଶ ମଧ୍ୟରେ ମୂଳଧନ ଖଟାଇବାରେ ଅସୁବିଧା ଉପଲବ୍ଧି କରାଯାଇ ଏହି ଦଳକୁ ଦ୍ୱିତୀୟ ଦଫା କାର୍ଯ୍ୟକାରୀ ମୂଳଧନ ଦେବାପାଇଁ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ଅଧିକାରୀଙ୍କୁ ସୁପାରିଶ କରାଯାଇଥିଲା । ପ୍ରକଳ୍ପ ଅଧିକାରୀ ଉକ୍ତ ଦଳର ଇଚ୍ଛାଶକ୍ତି ଓ କାର୍ଯ୍ୟକାରୀ ମୂଳଧନକୁ ବିଚାର କରି ଦ୍ୱିତୀୟ କିସ୍ତି ମୂଳଧନ ଟ.୧୦,୦୦୦/- ଦେଇଥିଲେ । ସମସ୍ତ ମୂଳଧନ ଖଟାଇ ଏହି ଦଳଟି ନିଜର ଅବସର ସମୟର ଅପବ୍ୟବହାର ନକରି, ନିଜ ପରିବାର ଭରଣ ପୋଷଣ ସହିତ ଡ୍ୱାକ୍ରା ଦଳ ପାଇଁ ଟ.୩୬,୦୦୦/-ରୁ ଊର୍ଦ୍ଧ୍ୱ ଟଙ୍କା ସଂଚୟ କରିପାରିଛନ୍ତି । ଡ୍ୱାକ୍ରା ଦଳ

ଦ୍ୱାରା ପ୍ରସ୍ତୁତ ସାମଗ୍ରୀକୁ ବିକ୍ରୟ କରିବା ପାଇଁ ବଜାରର ବିଶେଷ ସୁବିଧା କରାଯାଇଅଛି । ଜିଲ୍ଲା ପ୍ରଶାସନ ଓ ମଣ୍ଡଳ ସ୍ତରରେ ବୈଷୟିକ ସହାୟତା ସହିତ ଯଥେଷ୍ଟ ପ୍ରୋତ୍ସାହନ ଯୋଗାଇ ଦିଆଯାଇଅଛି । ଏହି ଦଳର ଆଦର୍ଶ ଚିନ୍ତାଧାରା ଆଖ ପାଖ ଗ୍ରାମର ମହିଳାମାନଙ୍କ ପାଇଁ ଏକ ଶିକ୍ଷଣୀୟ ବିଷୟ । ମହିଳାମାନେ ମଧ୍ୟ ଏହାଦ୍ୱାରା ବିଶେଷ ଭାବେ ପ୍ରଭାବିତ ହେଉଅଛନ୍ତି ।

***ଶ୍ରୀ ବରଦା ପ୍ରସନ୍ନ ଦାସ,***
*ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ, ନୟାଗଡ଼*

## ରାଜେଶ ପଥାଳଙ୍କ ସ୍ୱପ୍ନ ସଫଳ

ଶ୍ରୀ ରାଜେଶ ପଥାଳ ୧୯୯୭ ମସିହାରେ ସ୍ନାତକ ଶିକ୍ଷା ହାସଲ କରିଥିଲେ । ତାଙ୍କର ଅନେକ କଳ୍ପନା । ସରକାରୀ ଚାକିରି ପଛରେ ନ ଗୋଡ଼େଇ ନିଜେ କିପରି ଆତ୍ମ ନିର୍ଭରଶୀଳ ହେବେ, ସେଥି ପାଇଁ ସେ ଜିଲ୍ଲାଶିଳ୍ପକେନ୍ଦ୍ରର ମୁଖ୍ୟ ପରିଚାଳକଙ୍କ ସହ ସାକ୍ଷାତ କରିଥିଲେ । ସେଠାରୁ ପ୍ରେରଣା ପାଇବା ପରେ ନିଜେ କିଛି ଗୋଟେ କରିବେ, ମନରେ ଦୃଢ଼ ସଂକଳ୍ପ ନେଇ ସେ ପ୍ରଧାନମନ୍ତ୍ରୀଙ୍କ ଆତ୍ମନିଯୁକ୍ତି ଯୋଜନାରେ (ପି.ଏମ.ଆର.) ସାମିଲ ହେବା ନିମନ୍ତେ ଆବେଦନ କରିଥିଲେ । ମନୋନୟନ କମିଟିର ସାକ୍ଷାତକାରରେ ସଫଳତା ପରେ ପ୍ରଧାନମନ୍ତ୍ରୀଙ୍କ ରୋଜଗାର ଯୋଜନାର ଆର୍ଥିକ ଅନୁଦାନ ପାଇବା ନିମନ୍ତେ ମନୋନୀତ ହେଲେ । ସେଦିନ ତାଙ୍କ ପାଇଁ ଥିଲା ଏକ ନୂଆ ଜୀବନ ଗଢ଼ି ତୋଳିବାର ସ୍ୱପ୍ନ । ସେ ସ୍ୱପ୍ନକୁ ସାକାରରେ ପରିଣତ କଲେ ଗତବର୍ଷ ଶ୍ରୀଗୁଣ୍ଡିଚାଦିନ ।

ବରୋଦ । ବ୍ୟାଙ୍କରୁ ଏକ ଲକ୍ଷ ଟଙ୍କା ଆର୍ଥିକ ସହାୟତାରେ ସେ ତାଙ୍କର "ମା ଜାହ୍ନୁଆଣୀ ଟେଣ୍ଟ ହାଉସ" ଆରମ୍ଭ କରିଥିଲେ । ଋଣ ନେବାର ଏକ ବର୍ଷ ନ ପୂରୁଣୁ ସେ ଋଣ ନେଇଥିବା ଟଙ୍କାରୁ ୧୩ ହଜାର ଟଙ୍କା ପୈଠ କରିବା ସହିତ ପରିବାର ଭରଣ ପୋଷଣ ଓ ଯିବା ଆସିବା କରିବା ପାଇଁ ଏକ ସ୍କୁଟର ମଧ୍ୟ କ୍ରୟ କରିଛନ୍ତି ।

ଏଥି ସହିତ ଟେଣ୍ଟ ହାଉସ ପାଇଁ ଆବଶ୍ୟକ ହେଉଥିବା ସମସ୍ତ ସାମଗ୍ରୀ, ଚୌକି, ବିଦ୍ୟୁତ୍ ଉପକରଣ, ଗ୍ୟାସ, ହଣ୍ଡାହାଣ୍ଡି, ଡାଇନିଙ୍ଗ ଭଳି ବେଂଚ ଓ ଟେବୁଲ, ପାଲ, ଦରି ଆଦି ଆସବାବପତ୍ର ବୃଦ୍ଧି କରିପାରିଛନ୍ତି ।

**ଶ୍ରୀ ବିଧୁ ଭୂଷଣ ମାନସିଂହ**
ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ, ପୁରୀ

## ତ୍ରିନାଥ ହନ୍ତାଳର କଦଳୀ ଚାଷ

ଶ୍ରୀ ତ୍ରିନାଥ ହନ୍ତାଳ, ପି—ଜୟରାମ ହନ୍ତାଳ, ଗ୍ରାମ—ଚିଲିଗୁଡ଼ା, ବ୍ଲକ—ମାଥିଲି, ୧୯୯୫-୯୬ ରେ ଉଦ୍ୟାନ ବିଭାଗର ଅଧିକାରୀଙ୍କ ଦ୍ୱାରା ପ୍ରଭାବିତ ହୋଇ କଦଳୀ ଚାଷ କରିବା ନିମନ୍ତେ ଆଗେଇ ଆସିଥିଲେ । ମାଲକାନଗିରି ଉଦ୍ୟାନ ବିଭାଗ ତରଫରୁ ମାଗଣାରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାରୁ ୬୦୦ ଗୋଟି କଦଳୀ ପୁଆ, ୟୁରିଆ ସାର—୧୫୦ କେ.ଜି., ସୁପର ସାର—୧୫୦ କି.ଗ୍ରା., ପଟାସ ସାର—୧୫୦ କି.ଗ୍ରା., ମିଥାଇଲ ପାରାଥିୟନ ୧୦୦ ଗ୍ରାମ, ବଭିଷ୍ଟିନ୍ ୧୦୦ ଗ୍ରାମ, ଡ଼ି.ଏମ. ୪୫—୨୫୦ ଗ୍ରାମ, ମେଟାସିସ୍ ଟକ୍ସ ୧୦୦ମି.ଲି. ଯୋଗାଇ ଦିଆଯାଇଥିଲା । ତାର ଉପଯୁକ୍ତ ରକ୍ଷଣା ବେକ୍ଷଣ କରି ସେ କଦଳୀ ଚାଷକୁ ପରବର୍ତ୍ତୀ ବର୍ଷମାନଙ୍କରେ ବ୍ୟାପକ କରିଥିଲେ । ସେଥିରୁ ବର୍ଷକୁ ହାରାହାରି ଟ: ୫୦୦୦/- ରୁ ୬୦୦୦/- ଟଙ୍କା ରୋଜଗାର କରି ନିଜର ଗୁଜୁରାଣ ମେଣ୍ଟାଇ ପାରୁଛନ୍ତି । ଏହା ଛଡ଼ା କଦଳୀ ଚାଷ ମଝିରେ ଖାଲି ଜାଗାରେ ଅଦା, ହଳଦୀ ଚାଷ ପାଇଁ ତାଙ୍କୁ ପ୍ରବର୍ତ୍ତା ଯାଇଥିଲା । ଏଥି ପାଇଁ ୧୯୯୭—୯୮ ବର୍ଷରେ କେନ୍ଦ୍ରୀୟ ଯୋଜନା ଅନ୍ତର୍ଗତ ଅଦା ଚାଷର ସଂପ୍ରସାରଣରେ ଅଦା ବିହନ (ସୁପ୍ରଭା), ୪୦ କିଗ୍ରା ନ୍ୟୁଟ୍ରାମିଲ, ୨୫ କିଗ୍ରା ପ୍ଲାନଟାବ ଭାଇଟଲ ୧୦୦ମିଲି ମାଗଣାରେ ଯୋଗାଇ ଦିଆଯାଇଥିଲା ।ସେ ଏହି ଚାଷ ପ୍ରତିବର୍ଷ କରି ଆସୁଛନ୍ତି ଏବଂ ବର୍ଷକୁ ହାରାହାରି ୫ କ୍ୱିଣ୍ଟାଲ ଆଦାୟ କରି ପ୍ରାୟ ୨୦୦୦/- ଟଙ୍କା ରୋଜଗାର କରି ପାରୁଛନ୍ତି ।



ଉଦ୍ୟାନବିତ୍, ମାଲକାନଗିରି

# କୃଷି ଉତ୍ପାଦନ ବୃଦ୍ଧିରେ କିଶାନ କ୍ରେଡିଟ କାର୍ଡ

ଡଃ. ଯୋଗେଶ ଚନ୍ଦ୍ର ରାଉତ

୧୯୯୧ ଜନସୁମାରୀ ଅନୁଯାୟୀ ଭାରତରେ ୧୪ କୋଟି ୧୦ ଲକ୍ଷ ହେକ୍ଟର ଚାଷ ଜମି ଓ ୧୧ କୋଟି ଚାଷୀ ପରିବାର ଥିଲେ ।

ଓଡ଼ିଶାରେ ବର୍ତ୍ତମାନ ୬୦ ଲକ୍ଷ ହେକ୍ଟର ଚାଷ ଜମି ଅଛି ଏବଂ ୩୯ ଲକ୍ଷ ଚାଷୀ ପରିବାର ଅଛନ୍ତି । ୧୯୯୮-୯୯ ବର୍ଷରେ ବାଣିଜ୍ୟ, ଗ୍ରାମ୍ୟ ଓ ସମବାୟ ବ୍ୟାଙ୍କମାନେ ଓଡ଼ିଶାର ଚାଷୀମାନଙ୍କୁ ୪୬୩ କୋଟି ଟଙ୍କା ଋଣ ଦେଇଥିଲେ । କେବଳ କୃଷି ଋଣ ସମବାୟ ସମିତିମାନେ ୩୨୯ କୋଟି ଟଙ୍କା କୃଷି ଋଣ ଦେଇଥିଲେ । ତଥାପି ଓଡ଼ିଶାର ମାତ୍ର ୨୦ ଭାଗ ଚାଷୀ ପରିବାର ବ୍ୟାଙ୍କମାନଙ୍କରୁ କୃଷି ଋଣ ନେଇଥିଲେ । ଅଥଚ ପଞ୍ଜାବ ଓ ହରିୟାନା ଉଭୟର ଚାଷ ଜମି ଓଡ଼ିଶା ସହିତ ସମାନ ଥିଲେ ହେଁ ଚାଷୀମାନେ ଏହି ଦୁଇଟି ରାଜ୍ୟରେ କିଶାନ କ୍ରେଡିଟ କାର୍ଡ଼ ଜରିଆରେ ୧୯୯୭-୯୮ ରେ ୨୫୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କୃଷି ଋଣ ନେଇ ଆଶାତୀତ କୃଷି ଉତ୍ପାଦନ କରିଥିଲେ । ଅର୍ଥାତ ଭାରତର ସମୁଦାୟ ଖାଦ୍ୟ ଶସ୍ୟ ଉତ୍ପାଦନର ପଞ୍ଜାବ ଓ ହରିୟାନା ୧୮ ଭାଗ ଉତ୍ପାଦନ କରୁଥିଲେ ହେଁ ଓଡ଼ିଶା ମାତ୍ର ଶତକଡ଼ା ୪ ଭାଗ ଉତ୍ପାଦନ କରୁଛି । ସେହିପରି ଭାରତରେ ଖାଦ୍ୟ ଶସ୍ୟ ଉତ୍ପାଦନ ୧୯୫୦-୫୧ ତୁଳନାରେ ୧୯୯୮-୯୯ ରେ ୫୦୦ ଲକ୍ଷ ଟନରୁ ୨୦୦୩ ଲକ୍ଷ ଟନକୁ ଅର୍ଥାତ ୪ ଗୁଣକୁ ବୃଦ୍ଧି ପାଇଥିଲେ ହେଁ ଓଡ଼ିଶାରେ ୨୬ ଲକ୍ଷ ଟନରୁ ୧୯୯୭-୯୮ ରେ ୭୩ ଲକ୍ଷ ଟନକୁ ଅର୍ଥାତ ପ୍ରାୟ ୩ ଗୁଣ ବୃଦ୍ଧି ପାଇଛି । ଏହି ପରିପ୍ରେକ୍ଷୀରେ କୃଷି ଋଣର ସଦ୍ ବିନିଯୋଗ ଓ ଉତ୍ପାଦନ ବୃଦ୍ଧି ପାଇଁ କିଶାନ କ୍ରେଡ଼ିଟ କାର୍ଡ଼ ପ୍ରଚଳନ ଉପରେ ଗୁରୁତ୍ୱ ଦିଆଯାଉଛି ।

ସ୍ୱାଧୀନତା ପୂର୍ବରୁ ଚାଷୀମାନେ ଫସଲ ନିର୍ବିଶେଷରେ ଜମି ବନ୍ଧକୀ ଦେଇ ବାର୍ଷିକ ଶତକଡ଼ା ଟ. ୧୨.୫୦ ପଇସା ସୁଧରେ ସମବାୟ ସମିତିମାନଙ୍କଠାରୁ କୃଷି ଋଣ କରଜ ନେଇ ବାର୍ଷିକ ସୁଧ ପଇଠ କଲେ ସମିତିମାନେ ମୂଳଧନ ଅସୁଲରେ ଜୋର ଦେଉ ନଥିଲେ । ଦେଶ ସ୍ୱାଧୀନ ହେବା ପରେ ଗ୍ରାମ୍ୟ କୃଷି ଋଣ ତନଖି କମିଟିର ସୁପାରିଶ ମତେ ଚାଷୀମାନେ ଜମି ବନ୍ଧକୀ ପଦ୍ଧତି ବଦଳରେ ବିଭିନ୍ନ ଫସଲ ବନ୍ଧକୀ ଋଣ ପଦ୍ଧତିରେ କୃଷି ଋଣ ପାଇଲେ । ଜିଲ୍ଲା କୃଷି ବିଶେଷଜ୍ଞ କମିଟି ଦ୍ୱାରା ବିଭିନ୍ନ ଫସଲର ବେଉଷଣ ଖର୍ଚ୍ଚକୁ ଭିତ୍ତି କରି ସ୍ଥିରୀକୃତ ହେଉଥିବା ଏକର ପ୍ରତି ଋଣ ହାର ସୁପାରିଶରେ ସମବାୟ ସମିତିମାନେ ଚାଷୀମାନଙ୍କୁ କୃଷି ଋଣ ଦେଲେ ଏବଂ ଫସଲ ଅମଳ ପରେ ଚାଷୀମାନେ ଏକାବେଳକେ ମୂଳ ଓ ସୁଧ ଶୁଝିବାକୁ ନିର୍ଦ୍ଦେଶ ପାଇଲେ । ଉଦାହରଣ ସ୍ୱରୂପ, ଚାଷୀମାନେ ବର୍ଷର ଅପ୍ରେଲଠାରୁ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ଖରିଫ ଧାନ ଫସଲ ଓ ଅକ୍ଟୋବରଠାରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ରବି ଧାନ ଫସଲ ଉତ୍ପାଦନ କରିବା ପାଇଁ କୃଷି ଋଣ ପାଇଲେ । ସାଧାରଣତଃ ଖରିଫ ଧାନ ଜାନୁୟାରୀ ୧୫ ତାରିଖ ଭିତରେ ଅମଳ ସରିଯାଏ ଏବଂ ଚାଷୀମାନେ ଧାନ ଅମଳ କରି ବଳକା ଧାନ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ପ୍ରାୟ ଶତକଡ଼ା ୯୦ ଭାଗ ବିକ୍ରି କରିଥାନ୍ତି । ଏଣୁ ଚାଷୀ ସୁଧ ସହ କୃଷି ଋଣ ମାର୍ଚ୍ଚ ୩୧ ତାରିଖ ମଧ୍ୟରେ ଶୁଝିଲେ ସମିତିମାନେ କେନ୍ଦ୍ର ସମବାୟ ବ୍ୟାଙ୍କମାନଙ୍କ ଋଣ ପରିଶୋଧ କରି ପାରିବେ । ଋଣ ନ ଶୁଝିଲେ ଚାଷୀ ଋଣ ଖିଲାପିଦାର ହୋଇ ଦଣ୍ଡ ସୁଧ ଦେବାକୁ ପଡ଼େ ଏବଂ ନୂତନ ଖରିଫ ଫସଲ ପାଇଁ ତାଙ୍କୁ କୃଷି ଋଣ ଦିଆଯାଏ ନାହିଁ । ଏହିପରି ଭାବରେ ଅମଳ ଭିତ୍ତିରେ ବିଭିନ୍ନ ଫସଲ ପାଇଁ ଋଣ ପରିଶୋଧ ନିମିତ୍ତ ବିଭିନ୍ନ କିସ୍ତି ତାରିଖ ଧାର୍ଯ୍ୟ ହୋଇଥାଏ । ଆଖୁ, ପରିବା ପ୍ରଭୃତି ଅର୍ଥକରୀ ଫସଲରେ ଅଧିକ ବେଉଷଣ ଖର୍ଚ୍ଚ ହେତୁ ଧାନ ତୁଳନାରେ ଅଧିକ କୃଷି ଋଣ ଦିଆଯାଇଥାଏ । ଫସଲ ଖର୍ଚ୍ଚ ଭିତ୍ତିରେ ପ୍ରତିବର୍ଷ ସମବାୟ ବ୍ୟାଙ୍କମାନେ କୃଷକର ଜମି ପରିମାଣ ଓ ଫସଲ ଭିତ୍ତିରେ ଋଣ ସୀମା ମଞ୍ଜୁର କରିଥାନ୍ତି । କଥାରେ ଅଛି “ ଚାଷ ଉପରେ ବଣିକ ମଠ” । କୃଷକ ବେଉଷଣ ଖର୍ଚ୍ଚ ପାଇଁ ଠିକ ସମୟରେ ଋଣ ନ ପାଇଲେ ଫସଲ ଉତ୍ପାଦନ ବ୍ୟାହତ ହେବ । କିନ୍ତୁ ପୂର୍ବ ପ୍ରଚଳିତ ଫସଲ ଋଣ ପଦ୍ଧତିରେ ଚାଷୀ ସମସ୍ତ ଋଣ ଏକାବେଳକେ ଶୁଝିବା କଷ୍ଟକର ହେଉଥିଲା ଏବଂ ଆବଶ୍ୟକ ସମୟରେ ନୂଆ ଋଣ ମିଳିବା ଆଦୌ ସମ୍ଭବପର ନ ଥିଲା । ପରନ୍ତୁ ସମିତି ସମ୍ପାଦକ ଏକତ୍ର ବହୁ ଚାଷୀଙ୍କର ଋଣ ସୀମା ଓ ଋଣ ଉଠାଣ ଦରଖାସ୍ତ ପ୍ରସ୍ତୁତି ଓ ମଞ୍ଜୁରୀ ପ୍ରକ୍ରିୟାରେ ବିଳମ୍ବକୁ ଏଡ଼ାଇ ପାରୁ ନ ଥିଲେ । ପୁନଶ୍ଚ ଋଣ ପ୍ରଦାନରେ ମଧ୍ୟ ବହୁ ତ୍ରୁଟି ବିଚ୍ୟୁତ ପରିଲକ୍ଷିତ ହେଉଥିଲା । କେତେକ ସମିତିର ଅସାଧୁ କର୍ମକର୍ତ୍ତା ନିରକ୍ଷର ଚାଷୀଙ୍କ ଠାରୁ ଯାହା ଋଣ ଅସୁଲ କରନ୍ତି, ତା'ଠାରୁ କମ ଖାତାରେ ଦେଖାନ୍ତି କିମ୍ବା ବେଶୀ ଋଣ ଆଣି ଚାଷୀକୁ କମ ପରିମାଣ ଋଣ ଦିଅନ୍ତି । ନିୟମିତ ଭାବରେ ଚାଷୀଙ୍କୁ କୃଷି ଋଣ ବହି ଦିଅନ୍ତି ନାହିଁ । ଋତୁ ଭିତ୍ତିକ ଫସଲ ଋଣ ପଦ୍ଧତି ପରିବର୍ତ୍ତେ ଚାଷୀକୁ ଠିକ ସମୟରେ ଋଣ ଦେବା, ଗଲତି କାଗଜ ପତ୍ର ଓ ଋଣ ଦେଣ ନେଣ ଠକାମିକୁ ଏଡ଼ାଇବା ପାଇଁ ପଞ୍ଜାବ, ହରିୟାନା ପ୍ରଦେଶରେ ସମବାୟ ବ୍ୟାଙ୍କମାନେ ୧୯୮୨ ମସିହାରୁ “କିଶାନ କ୍ୟାସ କ୍ରେଡିଟ” ବା ନଗଦ କୃଷି ଋଣ ପଦ୍ଧତି ପ୍ରଚଳନ କରିଛନ୍ତି । ୧୯୯୮-୯୯ ବର୍ଷରେ କେନ୍ଦ୍ର ସରକାର କୃଷି ଋଣ ପ୍ରଦାନ ବ୍ୟବସ୍ଥାକୁ ସରଳୀକରଣ କରି କିଶାନ କ୍ରେଡିଟ କାର୍ଡ଼ ପ୍ରବର୍ତ୍ତନ କରିବା ପାଇଁ ବ୍ୟାଙ୍କମାନଙ୍କୁ ପରାମର୍ଶ ଦେଇଛନ୍ତି । ବାଣିଜ୍ୟ ବ୍ୟାଙ୍କ, ଗ୍ରାମ୍ୟ ବ୍ୟାଙ୍କ ଓ ସମବାୟ ବ୍ୟାଙ୍କମାନଙ୍କ ଜରିଆରେ କୃଷକମାନଙ୍କୁ କିଶାନ କ୍ରେଡିଟ କାର୍ଡ଼ (କୃଷକ ଋଣ ବହି) ଯୋଗାଇ ଦିଆଯାଉଛି । ୧୯୯୮-୯୯ ମସିହାରେ ୨୦ ଲକ୍ଷ ଚାଷୀଙ୍କୁ କିଶାନ କ୍ରେଡିଟ କାର୍ଡ଼ ଯୋଗାଇ ଦେବାକୁ

ଘୋଷଣା କରାଯାଇଥିଲା । ୧୯୯୯-୨୦୦୦ ରେ ସମଗ୍ର ଭାରତବର୍ଷରେ ଏକ କୋଟି କିଶାନ କ୍ରେଡ଼ିଟ କାର୍ଡ଼ ଦିଆଯିବାର ଲକ୍ଷ୍ୟ ରଖାଯାଇଛି । ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ବିଗତ ୧୯୯୮-୯୯ ରବିଋତୁରେ କିଶାନ କ୍ରେଡ଼ିଟ କାର୍ଡ଼ ମାଧ୍ୟମରେ କୃଷି ଋଣ ପ୍ରଚଳନ କରି ୪୨୭୩୮ ଚାଷୀଙ୍କୁ ୨୫ କୋଟି ଟଙ୍କା ଦେଇଥିଲେ । ୧୯୯୯ ଖରିଫ ଋତୁରେ ୬ ଲକ୍ଷ କୃଷକଙ୍କୁ କିଶାନ କ୍ରେଡ଼ିଟ କାର୍ଡ଼ ମାଧ୍ୟମରେ କୃଷି ଋଣ ଯୋଗାଇବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ଏବଂ ୧୫.୭.୯୯ ତାରିଖ ସୁଦ୍ଧା ୪.୧୦ ଲକ୍ଷ ଚାଷୀଙ୍କୁ କିଶାନ କ୍ରେଡ଼ିଟ କାର୍ଡ଼ ଦେଇ ସାରିଛନ୍ତି । ଏମାନଙ୍କ ମଧ୍ୟରୁ ୩୦.୬.୯୯ ତାରିଖ ସୁଦ୍ଧା ୨ ଲକ୍ଷ ୧୦ ହଜାର ଚାଷୀ ୧୧୭ କୋଟି ୧୬ ଲକ୍ଷ ୮୨ ହଜାର ଟଙ୍କା କୃଷି ଋଣ ନେଇ ସାରିଲେଣି ।

ଉକ୍ତ ପଦ୍ଧତି ଅନୁଯାୟୀ କୃଷକର ଜମି ପରିମାଣ ଓ ବିଭିନ୍ନ ଫସଲ ଖସଡ଼ାକୁ ବିଚାରକୁ ନେଇ ୩ ବର୍ଷ ପାଇଁ ଖରିଫ ଓ ରବି ଫସଲ ନିମିତ୍ତ ଋଣ ସୀମା ଧାର୍ଯ୍ୟ କରାଯାଉଛି । ଉକ୍ତ କିଶାନ କ୍ରେଡ଼ିଟ କାର୍ଡ଼ରେ ଚାଷୀର ଜମି ପରିମାଣ, ବେଉଷଣ ଖର୍ଚ୍ଚ ପାଇଁ ନଗଦ ଟଙ୍କା ପରିମାଣ ଓ ଜଳସେଚନ କର, କୃଷି ଯନ୍ତ୍ରପାତି ଭଡ଼ା, ବିହନ, ସାର, କୀଟନାଶକ ଔଷଧ ଇତ୍ୟାଦି ଖର୍ଚ୍ଚ ପାଇଁ ଋଣ ପରିମାଣ ଓ ଋଣ ଅସୁଲ ତାରିଖ ଉଲ୍ଲେଖ କରାଯାଉଛି । ଉକ୍ତ ଋଣ ବହିରେ ଚାଷୀର ଫଟୋ ରଖାଯାଉଛି । କିଶାନ କାର୍ଡ଼ ନେଉଥିବା ପ୍ରତ୍ୟେକ ସଭ୍ୟଙ୍କ ପାଇଁ ତାଙ୍କ ନମୁନା ଦସ୍ତଖତ ଓ ଫଟୋ ଥାଇ ଗୋଟିଏ ''ପରିଚୟ ପତ୍ର '' କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖାରେ ଓ ଅନ୍ୟଟି ସମିତିରେ ରହୁଛି । ବେଉଷଣ ଖର୍ଚ୍ଚ ପାଇଁ ଚାଷୀକୁ ଋଣ ସୀମା ମଞ୍ଜୁରୀ ଭିତ୍ତିରେ ଋଣ ଉଠାଣ ପାଇଁ ଖାଲି ବା ସାଧା ଚେକ ବହି ଯୋଗାଯାଉଛି । ଚାଷୀ ତାର ବେଉଷଣ ଖର୍ଚ୍ଚ ପାଇଁ ବ୍ୟାଙ୍କରୁ ଚେକ ଭଙ୍ଗାଇ ଆବଶ୍ୟକ ନଗଦ ଟଙ୍କା ଏବଂ ସମିତିରୁ ସାର ଇତ୍ୟାଦି ଆଣୁଛି । ସମବାୟ ସମିତି ବା ବାଣିଜ୍ୟ ସମିତି ଉକ୍ତ ଚେକ ଭଙ୍ଗାଇ ବ୍ୟାଙ୍କରୁ ଟଙ୍କା ଆଣୁଛନ୍ତି । ସମବାୟ ସମିତି ଉକ୍ତ ଚେକ୍ ବ୍ୟାଙ୍କରେ ଦାଖଲ କରି ଦ୍ରବ୍ୟ ଋଣ ହିସାବରେ ମଞ୍ଜୁରା କରୁଛନ୍ତି । ଏହି ପରିବର୍ତ୍ତିତ ନିୟମରେ ଚାଷୀମାନେ ଋଣର ସଦ୍ ବିନିଯୋଗ କରି ପାରୁଛନ୍ତି ଓ ଉତ୍ପାଦିତ ଫସଲକୁ ଲାଭଜନକ ଦରରେ ବିକ୍ରୟ କରି ଋଣ ପରିଶୋଧ କରି ପାରୁଛନ୍ତି । ଏହା ଫଳରେ ବର୍ଷ ସାରା ଋଣ ବାକି ରଖିବାର ଆବଶ୍ୟକତା ନାହିଁ । ଫଳରେ ଚାଷୀର ସୁଧ ଦେୟ ପରିମାଣ ମଧ୍ୟ କମ୍ ପଡ଼ିବ । ପୂର୍ବରୁ ଗୋଟିଏ ଚାଷ ଋଣ ପାଇଁ ପୁନରାୟ ଋଣ ମିଳିବାର ସୁବିଧା ନଥିଲା । ବର୍ତ୍ତମାନ ଉକ୍ତ ଚେକ ପଦ୍ଧତିରେ ଥରକୁଥର ଋଣ ମିଳିବାର ସୁବିଧା ପାଉଛି । ଅର୍ଥାତ ଥରକୁଥର ଋଣ ଉଠାଇବା ଓ ଶୁଝିବା ସମ୍ଭବ ହୋଇ ପାରିଛି, ଯାହା ଫଳରେ କି ଋଣ ଆଦାୟରେ ମଧ୍ୟ ଉନ୍ନତି ହେବା ଆଶା ଉଜ୍ଜ୍ୱଳ ହୋଇଛି । ଏହା ବ୍ୟତୀତ ସମ୍ମାନର ସହ ଋଣ ଦେଣ ନେଣ ଓ ହିସାବ ପତ୍ର ରଖିବାର ସ୍ୱଚ୍ଛତା ରକ୍ଷା କରାଯାଇ ପାରୁଛି । ଏହା ବ୍ୟତୀତ ସମିତିରେ କାଗଜ ପତ୍ର କାମ କମି ଯିବାରୁ ସମବାୟ ସମିତିର କର୍ମଚାରୀମାନେ ସମିତିର ବ୍ୟବସାୟ ବଢ଼ାଇବା, ଜମା ସଂଗ୍ରହ କରିବା ଓ ଅଧିକ ସଭ୍ୟଙ୍କୁ ଉନ୍ନତ ସେବା ଯୋଗାଇ ଦେବାକୁ ସୁଯୋଗ ପାଇବେ ।

ଏଣିକି ଚାଷୀମାନେ ଫସଲ ଅମଳ ପରେ ବିକ୍ରୀରୁ ମିଳୁଥିବା ଟଙ୍କା ଅନ୍ୟାନ୍ୟ ଖର୍ଚ୍ଚରେ ବ୍ୟୟ ନ କରି ଋଣ ଶୁଝି ଚାଷ ପାଇଁ ପୁନରାୟ ଋଣ ନେବାରେ କୌଣସି ପ୍ରତିବନ୍ଧକ ନାହିଁ । ଋଣ ଖିଲାପି କଲେ କେବଳ ଯେ ଋଣ ମିଳିବ ନାହିଁ ସେତିକି ନୁହେଁ, ସେଥିଯୋଗୁଁ ଚାଷୀ ଫସଲ ବୀମା ସୁବିଧାରୁ ମଧ୍ୟ ବଞ୍ଚିତ ହେବ । ୧୯୮୫ରୁ ପ୍ରଚଳିତ ଶସ୍ୟ ବୀମା ଯୋଜନା ପରିବର୍ତ୍ତେ ଆଗାମୀ ରବି ଋତୁ ଠାରୁ କୃଷି ଋଣ ନେଉଥିବା ସଭ୍ୟମାନଙ୍କ ସହିତ ସମସ୍ତ କୃଷକ ଜାତୀୟ ସ୍ତରରେ ୧୯୯୮-୯୯ରେ ଘୋଷିତ ରାଷ୍ଟ୍ରୀୟ କୃଷି ବୀମା ଯୋଜନାର ସୁବିଧା ପାଇବେ, ଯାହା ଫଳରେ କି ସେମାନେ ଧାନ, ଗହମ, ମାଣ୍ଡିଆ, ଚିନାବାଦାମ, ସୋରିଷ, ରାଶି ପରି ୬ଟି ଫସଲ ସହିତ ଆଉ ୬ଟି ଫସଲ ଯଥା ଆଖୁ, ଆଳୁ, କପା, ସେଓ ଫଳ ଇତ୍ୟାଦି ୧୨ଟି ଫସଲକୁ ବୀମାଭୁକ୍ତ କରିପାରିବେ । ଏହାଛଡ଼ା ଫସଲ କ୍ଷତିର ପୂର୍ବ ନିର୍ଦ୍ଧାରିତ ଋଣ ସୀମା (ଟ.୧୦,୦୦୦/-)କୁ ପରିବର୍ତ୍ତନ କରାଯାଉଛି । ଏହା ଫଳରେ ଚାଷୀ ଯେତେ ପରିମାଣ ଋଣ ନେବେ, ତାହା ବୀମାଭୁକ୍ତ କରି ପାରିବେ । ଏହା ବ୍ୟତୀତ ବନ୍ୟା ଓ କରକାପାତ ଭଳି ସ୍ଥାନୀୟ ଦୁର୍ବିପାକ ପାଇଁ ସ୍ୱତନ୍ତ୍ର ବୀମା ବ୍ୟବସ୍ଥା କରାଯାଇଛି । କିଶାନ କ୍ରେଡ଼ିଟ ଧାରକମାନେ ସମବାୟ ସମିତିର ଋଣ ଖିଲାପି ନ କଲେ ଏହି ସୁବିଧା ପାଇ ପାରିବେ । ତେଣୁ ପୂର୍ବ ଅଭ୍ୟାସ ପରିବର୍ତ୍ତନ ନ କଲେ କିଶାନ କ୍ରେଡ଼ିଟ ଚାଷୀର ସହାୟକ ହେବନାହିଁ ଏବଂ ସେମାନେ ଯେଉଁ ତିମିରରେ ସେହି ତିମିରରେ ରହିବେ । ଏଣୁ ସମବାୟ ବ୍ୟାଙ୍କ ଓ ସମିତିର କର୍ମଚାରୀମାନେ କୃଷି ଋଣର ସଦ୍ ବିନିଯୋଗ ଓ ଫସଲ ଅମଳ ପରେ ଋଣ ଆଦାୟ ଉପରେ ସତର୍କ ଦୃଷ୍ଟି ଦେବାକୁ ହେବ । କିଶାନ କ୍ରେଡ଼ିଟକାର୍ଡ଼ର ସଫଳତା ପାଇଁ ଆଲୋଚନାଚକ୍ର ମାଧ୍ୟମରେ ସମିତି ସଭ୍ୟ,କୃଷକ ତଥା ଜନ ସାଧାରଣଙ୍କୁ ସଚେତନ କରିବାକୁ ହେବ ।

ସମିତିର ସମ୍ପାଦକମାନେ ଚାଷୀକୁ ସମିତି ଅଫିସରେ କୃଷି ଋଣ ଦେଉଥିଲେ । କିନ୍ତୁ କିଶାନ କ୍ରେଡ଼ିଟ କାର୍ଡ଼ ପଦ୍ଧତିରେ କୃଷି ଋଣୀମାନେ କେନ୍ଦ୍ର ସମବାୟ ବ୍ୟାଙ୍କ ବା ତାର ଶାଖାମାନଙ୍କରୁ ଚେକ୍ ଭଙ୍ଗାଇ ନଗଦ ଟଙ୍କା ଋଣ ଆଣିବାକୁ ପଡ଼ିବ । ଏଣୁ କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ଦୂରରେ ହେଲେ ଋଣ ଆଣିବା ପାଇଁ ଚାଷୀକୁ ବହୁତ ସମୟ ଦେବାକୁ ପଡ଼ିବ । ଏଣୁ ପରବର୍ତ୍ତୀ ପର୍ଯ୍ୟାୟରେ ମିନି ବ୍ୟାଙ୍କରେ ଚାଷୀମାନଙ୍କୁ ଋଣ ଦେବାର ବ୍ୟବସ୍ଥା ହେବା ଉଚିତ୍ । ଠିକ୍ ସମୟରେ ଆବଶ୍ୟକୀୟ ଋଣ ଦେବା ପାଇଁ ସମବାୟ ଶାଖା ବ୍ୟାଙ୍କ ଓ ମିନି ବ୍ୟାଙ୍କରେ ପର୍ଯ୍ୟାପ୍ତ ନଗଦ ଅର୍ଥ ରଖାଯିବା ଆବଶ୍ୟକ । ନଚେତ ଚାଷୀକୁ ବହୁଥର ବ୍ୟାଙ୍କକୁ ଯିବାକୁ ପଡ଼ିବ ।

ଏ ସମସ୍ତ ବିଷୟକୁ ଦୃଷ୍ଟିରେ ରଖି ସମାଧାନ ପନ୍ଥା ନିରୂପଣ କଲେ ଚାଷୀମାନେ କିଶାନ କ୍ରେଡ଼ିଟ କାର୍ଡ଼ରୁ ସୁଫଳ ପାଇବେ ଓ ରାଜ୍ୟର କୃଷି ଉତ୍ପାଦନ ବୃଦ୍ଧି ପାଇବ । ଏହା ବ୍ୟତୀତ ସମିତି ମଧ୍ୟ ଚାଷୀମାନଙ୍କର ଆସ୍ଥାଭାଜନ ହେବ । କିଶାନ କ୍ରେଡ଼ିଟ କାର୍ଡ଼ ପ୍ରଚଳନ ଫଳରେ ସମବାୟ ସମିତିମାନେ ଅଧିକ ବ୍ୟବସାୟ କରିବାର ସୁବିଧା ପାଇବା ସଙ୍ଗେ ସଙ୍ଗେ ଚାଷୀମାନଙ୍କୁ ଶୋଷଣରୁ ରକ୍ଷା କରି ପାରିବେ ।

ପୁର୍ବତନ ମନ୍ତ୍ରୀ,
ଚାନ୍ଦୀ, କଟକ

# ଚାଷୀଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ପଦକ୍ଷେପ

ଶ୍ରୀ ଭିକାରୀ ଚରଣ ମିଶ୍ର

କଥିତ ଅଛି ଯେ ଭାରତୀୟ କୃଷକ ଜନ୍ମ ନିଏ ଏକ ଋଣଗ୍ରସ୍ତ ପରିବାରରେ । ନିଜର ଜୀବଦ୍ଦଶାରେ ସେ ପୂର୍ବରୁ ଥିବା ଋଣକୁ ପରିଶୋଧ କରିବା ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ଖର୍ଚ୍ଚ ତୁଲାଇବାରେ ସକ୍ଷମ ନହୋଇ, ଆହୁରି ଋଣ କରେ । ଶେଷରେ ଋଣଗ୍ରସ୍ତ ଅବସ୍ଥାରେ ପ୍ରାଣ ତ୍ୟାଗ କରିଥାଏ । ଫଳରେ ତାଙ୍କର ପିଲାମାନଙ୍କ ମୁଣ୍ଡରେ ଋଣର ବୋଝ ରହିଯାଏ । ବାସ୍ତବିକ ଏବେ ମଧ୍ୟ ଏହି ଅବସ୍ଥା ଅନେକ କୃଷକ ପରିବାରରେ ଦେଖିବାକୁ ମିଳେ । ଆମ ସମାଜରେ ଦାନା ଜଳାର ଦାୟିତ୍ୱ ଯେଉଁ କୃଷକ ବହନ କରିଥାନ୍ତି, ସେମାନେ ଯଦି ଦାରିଦ୍ର୍ୟ ସୀମାତଳେ ଜୀବନ ଯାପନ କରନ୍ତି, ତାହେଲେ ଦେଶର ଏକ ଶହ କୋଟି ଲୋକଙ୍କୁ ଏବଂ ପରବର୍ତ୍ତୀ ଅବସ୍ଥାରେ ବର୍ତ୍ତମାନ ଲୋକ ସଂଖ୍ୟାକୁ ଦାନା ଜଳା ଯୋଗାଇବାରେ ଚାଷୀକୁଳ ସମର୍ଥ ହୋଇ ପାରିବେକି ?

କାହିଁ କେଉଁ ଅତୀତ କାଳରୁ ପ୍ରଚଳିତ ପ୍ରବାଦ ଋଣଗ୍ରସ୍ତ କୃଷକ ସମାଜର ଅବସ୍ଥାରେ, ଅର୍ଥାତ ସ୍ୱାଧୀନତା ପରବର୍ତ୍ତୀ କାଳରେ ମଧ୍ୟ ଆର୍ଥିକ ସ୍ୱଚ୍ଛଳତା ନ ଆସିବାର କାରଣ ଖୋଜିଲେ ଜାଣିବାକୁ ମିଳେ ଯେ ପାଣିପାଗର ଅନିଶ୍ଚିତତା ବା ପ୍ରତିକୂଳ ପାଣିପାଗ ଏଥିପାଇଁ ମୁଖ୍ୟତଃ ଦାୟୀ । ବନ୍ୟା, ମରୁଡ଼ି, ଘଡ଼ଘଡ଼ି, କୁଆ ପଥର ବୃଷ୍ଟି ଏବଂ ରୋଗ ପୋକର ଆକ୍ରମଣ ଆଦି ପ୍ରାକୃତିକ ବିପତ୍ତି ମୁହଁରୁ ଫସଲକୁ ରକ୍ଷା କରିବା ହୁଏତ ଅସମ୍ଭବ ବ୍ୟାପାର । ଯେତେ ବୈଜ୍ଞାନିକ ପଦ୍ଧତି ରହିଛି, ତଦ୍ୱାରା କିଛି ପରିମାଣରେ ଫସଲର କ୍ଷୟକ୍ଷତି ସିନା ରୋକାଯାଇ ପାରିବ, ମାତ୍ର ପୂର୍ଣ୍ଣ ମାତ୍ରାରେ ଫସଲର ସୁରକ୍ଷା ନିଶ୍ଚିତ ଭାବରେ କରାଯାଇ ପାରିବ ନାହିଁ । ଏହାଛଡ଼ା ମାନବିକ ବିପତ୍ତି ମଧ୍ୟ ରହିଛି । ଯେପରିକି ଅବିଚାରିତ ଗୋଚାରଣ ଏବଂ ଅମଳ ଉପଯୋଗୀ ଫସଲ କିଆରୀରୁ ଚୋରି ହୋଇଯିବା ।

ଦୈବୀ ଦୁର୍ବିପାକ, ମାନବିକ ବିପତ୍ତି ପରେ ଚାଷୀ ପକ୍ଷେ ଆଉ ଯେଉଁ ସମସ୍ୟାମାନ ରହିଛି, ତନ୍ମଧ୍ୟରୁ ଉତ୍ପାଦିତ ଫସଲର ବିକ୍ରିବଟା ଅନ୍ୟତମ । ଫସଲ ଅମଳ ପରେ ପରେ କୃଷିଜାତ ଶସ୍ୟର ଦରଦାମ କମିଯିବା ଫଳରେ ଚାଷୀଙ୍କୁ ପ୍ରାୟ ଆମଦାନୀ ଏବଂ ଚାଷ ଖର୍ଚ୍ଚଠାରୁ କମ୍ ଦରରେ ଫସଲକୁ ବିକି ଦେବା ପାଇଁ ପଡ଼ିଥାଏ । ଚାଷୀଙ୍କର ଏଭଳି ଶୋଚନୀୟ ଅବସ୍ଥା ବିଚାରକୁ ନେଇ ଗତବର୍ଷ ସରକାର ଜାତୀୟ ଶସ୍ୟବୀମା ଯୋଜନା ପ୍ରଚଳନ ପାଇଁ ଘୋଷଣା କରିଥିଲେ । ତଦନୁସାରେ ନିକଟ ଅତୀତରେ ଏହି ଯୋଜନାକୁ ସାରା ଦେଶରେ ପ୍ରଚଳନ କରାଯାଇଛି । ଏହାଦ୍ୱାରା ଚାଷୀ କୁଳକୁ କେତେକ ପରିମାଣରେ ପ୍ରାକୃତିକ ବିପର୍ଯ୍ୟୟ ଜନିତ ଘଟୁଥିବା ଫସଲର କ୍ଷୟକ୍ଷତିକୁ ଶସ୍ୟ ବୀମା ଯୋଜନା ମାଧ୍ୟମରେ ପୂରଣ କରାଯାଇପାରିବ । ପୂର୍ବରୁ ପ୍ରଚଳିତ ସୀମିତ ଶସ୍ୟବୀମାକୁ ଚଳିତ ଯୋଜନାରେ ବ୍ୟାପକ କରାଯିବା ସଙ୍ଗେ ସଙ୍ଗେ ସବୁ ପ୍ରକାର ଫସଲକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି ।

ଏହା ପୂର୍ବରୁ ପ୍ରଚଳିତ ଶସ୍ୟ ବୀମାରେ ଯଦିଓ ଧାନ, ଗହମ, ବାଜରା, କୁଆଁର ଆଦି ଖାଦ୍ୟ ଶସ୍ୟ ଜାତୀୟ ଫସଲ ପ୍ରତି ଲାଗୁ ହୋଇଥିଲା, ଏଥର ପ୍ରଚଳିତ ଜାତୀୟ କୃଷି ବୀମା ଯୋଜନାରେ ପ୍ରାୟ ସବୁ ପ୍ରକାର ଫସଲ ସହ କପା, ଆଖୁ ପ୍ରଭୃତି ଅର୍ଥକରୀ ଫସଲ ଏପରିକି ପନିପରିବା ଆଦି ଉଦ୍ୟାନ କୃଷି କ୍ଷେତ୍ରକୁ ସଂପ୍ରସାରିତ କରାଯାଇଛି । ତାଛଡ଼ା ଶସ୍ୟ ବୀମାକୁ କେବଳ ଟ.୧୦୦୦୦ ମୂଲ୍ୟ ମଧ୍ୟରେ ସୀମିତ ନରଖି ତଦୁର୍ଦ୍ଧ୍ୱ ମୂଲ୍ୟର ଫସଲକୁ ମଧ୍ୟ ଲାଗୁ କରାଯାଇଛି । କହିବାକୁ ଗଲେ ପୂର୍ବର ଶସ୍ୟ ବୀମା ଯୋଜନାରେ ରହିଥିବା କେତେକ ଜଟିଳ ସର୍ତ୍ତକୁ ଚାଷୀଙ୍କର ହିତ ଦୃଷ୍ଟିରୁ ବ୍ୟାପକ ଏବଂ ସରଳ କରାଯାଇଛି । ଜୀବନ ବୀମା, ସାଧାରଣ ବୀମା ନିଗମ ପରି ଭାରତୀୟ କୃଷିବୀମା ନିଗମ ଗଢ଼ାଯାଇ ଏହି ଜାତୀୟ କୃଷି ବୀମା ଯୋଜନାକୁ ତାହାରି ଦ୍ୱାରା କାର୍ଯ୍ୟକାରୀ କରାଯିବାର ପରିକଳ୍ପନା ରହିଛି । ଏହି କୃଷି ବୀମା ନିଗମ ଗଢ଼ାଯିବା ପର୍ଯ୍ୟନ୍ତ ଏଉ ନୂତନ ଜାତୀୟ କୃଷି ବୀମା ଯୋଜନାକୁ ସାଧାରଣ ବୀମା ନିଗମ (General Insurance Corporation) ମାଧ୍ୟମରେ କାର୍ଯ୍ୟକାରୀ କରିବାର ନିଷ୍ପତ୍ତି ନିଆଯାଇଛି । ଏଥିରେ କ୍ଷୁଦ୍ର ଚାଷୀଙ୍କ ଠାରୁ ଆରମ୍ଭ କରି ସବୁ ପ୍ରକାରର ଚାଷୀ ଏପରିକି ବଡ଼ ଚାଷୀମାନଙ୍କୁ ମଧ୍ୟ ନୂତନ ଶସ୍ୟ ବୀମା ସାହାଯ୍ୟ କରିପାରିବ । ଯେଉଁ ମହତ୍ ଉଦ୍ଦେଶ୍ୟ ନେଇ ଜାତୀୟ କୃଷି ବୀମା ପ୍ରଚଳନ କରାଯାଇଛି, ତାହା ଯଦି ବାସ୍ତବ କ୍ଷେତ୍ରରେ ଠିକ୍ ଠିକ୍ ଭାବରେ କାର୍ଯ୍ୟରେ ପରିଣତ କରାଯିବ, ତାହେଲେ ଏହା ଦ୍ୱାରା ଚାଷୀକୁଳର ମହୋପକାର ସାଧିତ ହୋଇପାରିବ । ଚାଷୀମାନେ ଯେଉଁ ସବୁ ବାଧାବିଘ୍ନର ସମ୍ମୁଖୀନ ହୋଇ ଫସଲ ଚାଷ କରି ଆର୍ଥିକ ଅନଟନ ମଧ୍ୟରେ ଗତି କରୁଛନ୍ତି, ଜାତୀୟ କୃଷି ବୀମା ପ୍ରଚଳନ ହେବା ଦ୍ୱାରା ସେମାନେ ଅନେକାଂଶରେ ଶୋଷଣ ଓ କ୍ଷୟକ୍ଷତିରୁ ରକ୍ଷା ପାଇ ପାରିବେ ।

ସେହି ପରି ଚାଷୀମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ପୂର୍ବ ପ୍ରଚଳିତ ସହାୟକ ମୂଲ୍ୟ ନିର୍ଦ୍ଧାରଣ ନୀତିରେ କେତେକ ପରିବର୍ତ୍ତନ କରାଯାଇଛି । ପୂର୍ବ ବର୍ଷମାନଙ୍କରେ ଫସଲ ଅମଳ ବେଳକୁ ଉତ୍ପାଦିତ ଫସଲର ମୂଲ୍ୟ ନିର୍ଦ୍ଧାରଣ କରାଯାଉଥିବା ବେଳେ ଚଳିତ ବର୍ଷ ତାହାର ଯଥେଷ୍ଟ ପୂର୍ବରୁ ଫସଲମାନଙ୍କର ସହାୟକ ଶସ୍ୟ ମୂଲ୍ୟ ନିର୍ଦ୍ଧାରଣ କରାଯାଇଛି । ଏହି ମୂଲ୍ୟ ନିର୍ଦ୍ଧାରଣରେ ସମସ୍ତ ବିଷୟକୁ ବିଚାରକୁ ନିଆଯାଇ ଗତବର୍ଷର ନିର୍ଦ୍ଧାରିତ ମୂଲ୍ୟଠାରୁ ହାରାହାରି ଶତକଡ଼ା ୧୦ ଭାଗ ସରକାର ବୃଦ୍ଧି କରିଛନ୍ତି ।

ଚାଷୀଙ୍କ ହିତ ଦୃଷ୍ଟିରୁ ସରକାର ନେଇଥିବା ପଦକ୍ଷେପମାନଙ୍କ ମଧ୍ୟରୁ କ୍ରେଡ଼ିଟ କାର୍ଡ଼ର ପ୍ରଚଳନ ମଧ୍ୟ ଆଉ ଏକ ଯୁଗାନ୍ତକାରୀ ପଦକ୍ଷେପ । ଏହା ଦ୍ୱାରା ଚାଷୀ ତାଙ୍କର ଚାହିଦା ମୁତାବକ ବିହନ, ସାର ଆଦି କିଣିବା ବେଳକୁ ଯେପରି ସମିତି ବା ବ୍ୟାଙ୍କରୁ ଋଣ ପାଇବାରେ ଅସୁବିଧା ଭୋଗୁଥିଲେ, ସେଥିରୁ ମୁକ୍ତି ମିଳିଛି । ଚାଷୀମାନେ ଏହି କ୍ରେଡ଼ିଟ କାର୍ଡ଼ ପାଇବା ଫଳରେ ତାଙ୍କର ନିର୍ଦ୍ଧାରିତ ଋଣ ସୀମା ଅନୁସାରେ ସଙ୍ଗେ ସଙ୍ଗେ ଋଣ ଟଙ୍କା ବ୍ୟାଙ୍କରୁ ପାଇ ପାରୁଛନ୍ତି ଏବଂ ତଦ୍ୱାରା କୃଷି ସରଞ୍ଜାମ କ୍ରୟ ଏବଂ ଚାଷ ଖର୍ଚ୍ଚ ଠିକ୍ ସମୟରେ ତୁଲାଇ ପାରୁଛନ୍ତି ।

ମୋଟାମୋଟି ଭାବରେ କହିବାକୁ ଗଲେ ଏସବୁ ପ୍ରକାରର ସୁବିଧା ସୁଯୋଗ ସୃଷ୍ଟି କରିବା ଦ୍ୱାରା କୃଷି କ୍ଷେତ୍ରରେ ରହିଥିବା ସମସ୍ୟାମାନ ଦୂର କରି ଚାଷୀଙ୍କୁ ସାହାଯ୍ୟ ଯୋଗାଇ ଦେବା ଦିଗରେ ସରକାର ଉଚିତ ପଦକ୍ଷେପ ନେଇଛନ୍ତି ।

ଆକାଶ ବାଣୀ କଟକ କେନ୍ଦ୍ରର
ଅବସରପ୍ରାପ୍ତ ଫାର୍ମ ରେଡ଼ିଓ ଅଫିସର,
ବାଦାମ ବାଡ଼ି, କଟକ

# ସାମାଜିକ ନ୍ୟାୟ ପ୍ରଦାନରେ ଗଞ୍ଜାମ ଜିଲ୍ଲାର ବୈପ୍ଳବିକ ଭୂମିକା

*ଶ୍ରୀ ଦାମୋଦର ପାତ୍ରୀ*

ପ୍ରତ୍ୟେକ ବର୍ଗର ଲୋକଙ୍କୁ ସାମାଜିକ ନ୍ୟାୟ ପ୍ରଦାନ ପାଇଁ ଓଡ଼ିଶା ସରକାର ବିଭିନ୍ନ କଲ୍ୟାଣମୂଳକ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି । ଏହାକୁ ସଫଳଭାବେ ରୂପାୟନ କରିବା ନିମନ୍ତେ ଗଞ୍ଜାମ ଜିଲ୍ଲା ପ୍ରଶାସନ ତରଫରୁ ସକ୍ରିୟ ପଦକ୍ଷେପ ନିଆଯାଇଛି । ଦଳିତ, ଅବହେଳିତ, ଅକର୍ମଣ୍ୟ, ନିଃସହାୟ ପୁରୁଷ–ମହିଳା–ଶିଶୁମାନଙ୍କୁ ବିଭିନ୍ନ ମାର୍ଗରେ ସହାୟତା ଦେବାକୁ ବିଭିନ୍ନ କାର୍ଯ୍ୟକ୍ରମ ସଫଳଭାବେ ଚାଲୁ ରଖାଯାଇଛି । ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଏଥିରେ ମୁଖ୍ୟ ଭୂମିକା ନେଇଛି ।

### ସାମାଜିକ କଲ୍ୟାଣ ଦିବସ

ଗଞ୍ଜାମ ଜିଲ୍ଲାରେ ପ୍ରତ୍ୟେକ ମାସର ୧୫ ତାରିଖକୁ ସାମାଜିକ କଲ୍ୟାଣ ଦିବସ ରୂପେ ଗତ ଅକ୍ଟୋବର ୧୯୯୮, ୧୫ ତାରିଖରୁ ପାଳନ କରାଯାଉଛି । ଏହି ଦିନ ଜିଲ୍ଲାର ୪୪୪ଟି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ସେହି ପଞ୍ଚାୟତରେ ପାଉଥିବା ବାର୍ଦ୍ଧକ୍ୟ ଭତ୍ତା, ବିକଳାଙ୍ଗ ଭତ୍ତା, ବିଧବା ଓ ନିଃସହାୟ ଭତ୍ତା, ବୃଦ୍ଧ–ବୃଦ୍ଧାଙ୍କୁ ମାସିକ ଭତ୍ତା ବଣ୍ଟନ କରାଯିବା ସଙ୍ଗେ ସଙ୍ଗେ ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ପରିବାରଙ୍କୁ ଚିହ୍ନଟ କରି ଦିଆଯାଇଥିବା ପରିଚୟ ପତ୍ରରେ ଚାଉଳ ଓ ଗହମ ମଧ୍ୟ ବଣ୍ଟନ କରାଯାଉଛି । ଏହା ବ୍ୟତୀତ ମଧ୍ୟାହ୍ନ ଭୋଜନ ନିମନ୍ତେ ନିଯୁକ୍ତ ପାଚିକା ଓ ସହାୟିକାମାନଙ୍କୁ ପ୍ରୋତ୍ସାହନ ଭତ୍ତା ମଧ୍ୟ ବଣ୍ଟନ କରାଯାଉଛି । ଏହି ଦିନ ଜିଲ୍ଲାର ୩୮,୮୯୩ ଜଣଙ୍କୁ ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ମାସିକ ୧୦୦ ଟଙ୍କା ଲେଖାଏଁ ବଣ୍ଟନ କରାଯାଉଥିବା ବେଳେ ୨୪୨୦୩ ଜଣଙ୍କୁ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା, ୬୩୭୯ ଜଣଙ୍କୁ ବିକଳାଙ୍ଗ ଭତ୍ତା ପ୍ରଦାନ କରାଯାଉଛି । ଜାତୀୟ ମାତୃମଙ୍ଗଳ ଯୋଜନାରେ ୫୦୬୪ ଜଣଙ୍କୁ ଏକକାଳୀନ ୫୦୦ ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯାଉଛି । ଅସ୍ଥିଗତ୍ୟଗତ ବିକଳାଙ୍ଗମାନଙ୍କୁ ତିନିଚକିଆ ଗାଡ଼ି, ବଧିରମାନଙ୍କୁ ଶ୍ରବଣ ଯନ୍ତ୍ର, ଦୃଷ୍ଟିହୀନମାନଙ୍କୁ ଆଖିବାଡ଼ି ଯୋଗାଇ ଦିଆଯାଉଛି ।

### ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ

ଗଞ୍ଜାମ ଜିଲ୍ଲାର ୨୨ଟି ବ୍ଲକ ମଧ୍ୟରୁ ୮ଟି ପଛୁଆ ବ୍ଲକରେ ସମନ୍ୱିତ ଶିଶୁ ବିକାଶ ଯୋଜନାର ପ୍ରକଳ୍ପ ଖୋଲାଯାଇଛି । ବ୍ରହ୍ମପୁର ପୌରପାଳିକାର ବସ୍ତି ଅଞ୍ଚଳରେ ମଧ୍ୟ ଏହା କାର୍ଯ୍ୟକାରୀ ହେଉଛି । ୯୪୩ଟି ଅଙ୍ଗନବାଡ଼ି କେନ୍ଦ୍ରରେ ୧,୧୪,୯୫୦ ଜଣ ଶିଶୁ, ୨୨୦୫୦ ଜଣ ମହିଳାଙ୍କୁ ପରିପୂରକ ସୁଷମ ଖାଦ୍ୟ ଯୋଗାଇ ଦିଆଯାଉଛି । ୩ ବର୍ଷରୁ ୬ ବର୍ଷ ବୟସ ମଧ୍ୟସ୍ଥ ୩୦୭୩୭ ଜଣ ଶିଶୁ ଅଣଆନୁଷ୍ଠାନିକ ପ୍ରାକ୍ ବିଦ୍ୟାଳୟରେ ଶିକ୍ଷା ପାଉଛନ୍ତି । ଏହା ବ୍ୟତୀତ ସ୍ୱାସ୍ଥ୍ୟଗତ ତଥା ପୁଷ୍ଟିଗତ ଶିକ୍ଷା ମହିଳା/ଗୃହିଣୀମାନଙ୍କୁ ଦିଆଯାଉଛି ।

### ମଧ୍ୟାହ୍ନ ଭୋଜନ

. ଗରିବ, କୃଷିଜୀବୀ ତଥା ପଛୁଆ ବର୍ଗର ଶିଶୁମାନେ ସାମାଜିକ ସ୍ଥିତିର କଶାଘାତରେ ଅଧାପଢ଼ାରୁ ଶିକ୍ଷାରୁ ବଞ୍ଚିତ ହେଉଥିଲେ । ସେମାନଙ୍କୁ ଆକର୍ଷିତ କରି ଶିକ୍ଷାଦାନ ଅବ୍ୟାହତ ରଖିବାକୁ ଜିଲ୍ଲାରେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଚାଲୁ ରଖାଯାଇଛି । ଜିଲ୍ଲାର ୨୬୫୪ଟି ଗ୍ରାମାଞ୍ଚଳ ବିଦ୍ୟାଳୟ, ୬ଗୋଟି ଆବାସିକ ସେବାଶ୍ରମ ଓ ୧୫ ଗୋଟି ଶିଶୁ ଶ୍ରମିକ ବିଦ୍ୟାଳୟର କାର୍ଯ୍ୟରତ ଛାତ୍ର-ଛାତ୍ରୀଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମ ୧୯୯୫ ରୁ କାର୍ଯ୍ୟକାରୀ ହେଉଛି । ତତ୍ ସଙ୍ଗେ ସଙ୍ଗେ ୧୭୩ଟି ସହରାଞ୍ଚଳ ବିଦ୍ୟାଳୟ, ବ୍ରହ୍ମପୁର ବସ୍ତି ଅଞ୍ଚଳର ୨୧ ଗୋଟି ବିଦ୍ୟାଳୟ ସହ ଏହି ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଚାଲୁ ରହିଛି । ଏଥିରେ ଗଞ୍ଜାମ ଜିଲ୍ଲାର ୩,୬୮,୮୬୬ ଜଣ ଛାତ୍ରଛାତ୍ରୀ ଉପକୃତ ହେଉଛନ୍ତି । ଆବାସିକ ସେବାଶ୍ରମ ଓ ଶିଶୁଶ୍ରମିକ ବିଦ୍ୟାଳୟର କାର୍ଯ୍ୟରତ ଛାତ୍ରଛାତ୍ରୀଙ୍କୁ ଯୋଗାଇ ଦିଆଯାଉଛି । ଏହାଦ୍ୱାରା ପରିବାରର ଅନ୍ୟ ଶିଶୁମାନେ ବିଦ୍ୟାଳୟ ଶିକ୍ଷା ପ୍ରତି ଆକୃଷ୍ଟ ହୋଇଛନ୍ତି ।

### 'ଜାଗରଣ ମହିଳା ସମସ୍ୟା ସମାଧାନ ମଞ୍ଚ'

ଜିଲ୍ଲାର ନିର୍ଯ୍ୟାତିତା, ନ୍ୟାୟରୁ ବଞ୍ଚିତା, ନିଃସହାୟା ମହିଳାମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ଗଞ୍ଜାମ ଜିଲ୍ଲା ପ୍ରଶାସନ ଏକ ମହିଳା ସମସ୍ୟା ସମାଧାନ ମଞ୍ଚ ସେପ୍ଟେମ୍ବର ୨୧ ତାରିଖ, ୧୯୯୮ରୁ ଖୋଲିଛନ୍ତି । ବର୍ତ୍ତମାନ ସୁଦ୍ଧା ୫୧ଟି ମାମଲା ଏହି ମଞ୍ଚକୁ ନ୍ୟାୟ ପ୍ରଦାନ ପାଇଁ ଆସିଛି । ଏ ମଧ୍ୟରୁ ୨୯ଟି ମାମଲାର ସମାଧାନ କରାଗଲାଣି । ଏହାକୁ 'ଜାଗରଣ' ନାମରେ ନାମିତ କରାଯାଇ ପ୍ରତ୍ୟେକ ସପ୍ତାହର ଶୁକ୍ରବାର ଦିନ ଏହି ବିଚାରଣ ମଞ୍ଚ କାର୍ଯ୍ୟକାରୀ ହେଉଛି । ସାମାନ୍ୟ ମତାନ୍ତରରେ ପତି-ପତ୍ନୀ ବିଚ୍ଛେଦ ହେଉଥିବା ସମସ୍ୟାକୁ ଜାଗରଣ ସମାଧାନ କରି ଏହି ମଞ୍ଚରେ ସେମାନଙ୍କର ପୁନର୍ମିଳନ କରାଉଛନ୍ତି ।

### "ଜାଗରଣ ଶିଶୁ ମନ୍ଦିର"

ସମାଜର ଅଭାବଗ୍ରସ୍ତ, ଅନାଥ ଶିଶୁମାନଙ୍କ ଥଇଥାନ ଏବଂ ସେମାନଙ୍କୁ ସୁନାଗରିକ କରିବା ଲକ୍ଷ୍ୟରେ ଗଞ୍ଜାମ ଜିଲ୍ଲା ପ୍ରଶାସନ ଦ୍ୱାରା ଛତ୍ରପୁରଠାରେ ଜାଗରଣ ଶିଶୁ ମନ୍ଦିର ଖୋଲାଯାଇଛି । ଏମାନଙ୍କୁ ସୁରକ୍ଷିତ ଭାବେ ରହିବା ବ୍ୟବସ୍ଥା ସହ ଉପଯୁକ୍ତ ଶିକ୍ଷାଦାନ ନିମନ୍ତେ ପବ୍ଲିକ ସ୍କୁଲରେ ଭର୍ତ୍ତି କରାଯାଇଛି । ପ୍ରାରମ୍ଭିକଭାବେ ୧୦ ଜଣଙ୍କୁ ସ୍ଥାନ ଦିଆଯାଇଛି । ବର୍ତ୍ତମାନ ସେମାନଙ୍କ ଜୀବନଧାରାରେ ବିରାଟ ପରିବର୍ତ୍ତନ ଦେଖାଯାଉଛି । ସେମାନେ ନିଜକୁ ଆଉ ଅନାଥ, ନିଃସହାୟ ମନେ କରୁନାହାନ୍ତି ।

ଏହା ବ୍ୟତୀତ ଦୃଷ୍ଟିହୀନ, ମୂକ-ବଧିରଙ୍କ ନିମନ୍ତେ ଜିଲ୍ଲା ପ୍ରଶାସନର ପୃଷ୍ଠପୋଷକତା ଏବଂ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆବାସିକ ବିଦ୍ୟାଳୟ ଚାଲିଛି । ରାଜ୍ୟ ସରକାରଙ୍କର ମହିଳା ଓ ଶିଶୁ ବିକାଶ ବିଭାଗର ଅନୁଦାନ ସହ ଜିଲ୍ଲା ସମାଜ ମଙ୍ଗଳ ବିଭାଗ, ଜିଲ୍ଲା ରେଡ୍‌କ୍ରସ ଏହାର ପରିଚାଳନାରେ ମୁଖ୍ୟ ସହାୟକ ହୋଇପାରିଛନ୍ତି । ଏହିପରି ଗଞ୍ଜାମ ଜିଲ୍ଲାରେ ୧୬ ଗୋଟି ଅନୁଷ୍ଠାନ କାର୍ଯ୍ୟ କରୁଛନ୍ତି । ସେ ମଧ୍ୟରୁ ୫ଟି ସ୍ୱତନ୍ତ୍ର ବିଦ୍ୟାଳୟ, ୭ଟି ଅନାଥାଶ୍ରମ, ୨ଟି ବୃଦ୍ଧ-ବୃଦ୍ଧାଙ୍କ ଆବାସ, ଗୋଟିଏ ସ୍ୱଳ୍ପକାଳୀନ ଆଶ୍ରାଘର ନିଃସହାୟ ମହିଳାଙ୍କ ନିମନ୍ତେ ଉଦ୍ଦିଷ୍ଟ ଅନ୍ୟଏକ କର୍ମସଂସ୍ଥାନ ତାଲିମ କେନ୍ଦ୍ର । ଏ ମଧ୍ୟରୁ ଅଧିକାଂଶ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ପରିଚାଳିତ ହେଉଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ନିୟନ୍ତ୍ରଣ ତଦାରଖ କରିଥାନ୍ତି । ସେମାନେ ଜିଲ୍ଲାପାଳଙ୍କ ସୁପାରିଶକ୍ରମେ ରାଜ୍ୟ ସରକାରଙ୍କଠାରୁ ସହାୟତା ଅନୁଦାନ ଲାଭ କରୁଛନ୍ତି ।

**ହେଲେନ କେଲର ରେଡ୍‌କ୍ରସ ମୂକ ବିଦ୍ୟାଳୟ**

ବ୍ରହ୍ମପୁରଠାରେ ୧୯୮୧ ମସିହା ଅଗଷ୍ଟ, ୧୫ ତାରିଖ ଦିନ ଏହି ବିଦ୍ୟାଳୟ ଜନ୍ମ ନେଇଥିଲା । ଏହାକୁ ଜିଲ୍ଲା ରେଡ୍‌କ୍ରସ ସୋସାଇଟ୍ ପରିଚାଳନା କରୁଛନ୍ତି । ଓଡ଼ିଶା ସରକାରଙ୍କର ମହିଳା ଓ ଶିଶୁ ବିକାଶ ବିଭାଗ ସ୍ୱୀକୃତି ପ୍ରଦାନ କରିଛି । ଏହି ବିଭାଗ ଆବାସିକ ବିଦ୍ୟାଳୟକୁ ପୂର୍ଣ୍ଣମାତ୍ରାରେ ଆର୍ଥିକ ଅନୁଦାନ ପ୍ରଦାନ କରୁଥିବା ବେଳେ ଏହାର ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ଦରମା ଓ ପରିଚାଳନା ଖର୍ଚ୍ଚ ବହନ କରୁଛନ୍ତି । ୧.୧.୮୯ ରୁ ୧୩ ଟି କ୍ଲାସ ବିଶିଷ୍ଟ ଏହି ହାଇସ୍କୁଲରେ ତିନୋଟି ପ୍ରାକ ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀ ଓ ପ୍ରଥମ ଶ୍ରେଣୀଠାରୁ ଦଶମଶ୍ରେଣୀ ଯାଏଁ ହାଇସ୍କୁଲ ରହିଛି । କାମଧନ୍ଦା ତାଲିମ ଶିକ୍ଷା ସହ ଚିତ୍ରାଙ୍କନ, ସିଲେଇ ଶିକ୍ଷା ମଧ୍ୟ ପ୍ରଦାନ କରାଯାଉଛି । ଜିଲ୍ଲା ପ୍ରଶାସନ ଦ୍ୱାରା ୨.୮୦ ଏକର ଜମି ପଲ୍ଲୀଗୁମୁକାଠାରେ ବିଦ୍ୟାଳୟ ଓ ଛାତ୍ରାବାସ ନିର୍ମାଣ ପାଇଁ ଜମି ଯୋଗାଇ ଦିଆଯାଇଛି । ବର୍ତ୍ତମାନ ଏହା ରେଲୱେ ଷ୍ଟେସନ ନିକଟସ୍ଥ ଜି.ଭି.ଭି.ସି. ଚାଉଳ୍ଟ୍ରୀରେ ଚାଲିଛି । ଜିଲ୍ଲାପାଳ ଏହାର ପରିଚାଳନା କମିଟିର ଅଧ୍ୟକ୍ଷ ରହିଛନ୍ତି । ମୋଟ ୩୦,୦୦୦ ଟଙ୍କା ଜିଲ୍ଲା ରେଡ୍‌କ୍ରସ ସହାୟତା ଦେଉଥିବା ବେଳେ ଅନ୍ୟାନ୍ୟ ଦିଗରୁ ୨୫୫୨୫ ଟଙ୍କା ଅନୁଦାନ ମିଳିଥାଏ । ରାଜ୍ୟ ସରକାର ୫,୦୩,୦୯୬ ଟଙ୍କାର ଅନୁଦାନ ପ୍ରତିବର୍ଷ ଦେଉଛନ୍ତି । ଏଥିରେ ୯୫ ଜଣ ଛାତ୍ରଛାତ୍ରୀ ଛାତ୍ରାବାସରେ ରହୁଛନ୍ତି । ୧୬୫ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି । ମୋଟ ୨୭ ଜଣ ଶିକ୍ଷକ -ଶିକ୍ଷୟିତ୍ରୀ ଓ କର୍ମଚାରୀ ଏଥିରେ ନିଯୁକ୍ତି ପାଇଛନ୍ତି । ମୂକ ବିଦ୍ୟାଳୟ ନିମନ୍ତେ ଜିଲ୍ଲା ପ୍ରଶାସନ ଦ୍ୱାରା ସମାଜ ମଙ୍ଗଳ ବିଭାଗ ଶ୍ରବଣ ଯନ୍ତ୍ର ଯୋଗାଇଥାନ୍ତି ।

**ରେଡ୍‌କ୍ରସ ଦୃଷ୍ଟିହୀନ ବିଦ୍ୟାଳୟ, ଆମ୍ବପୁଆ, ବ୍ରହ୍ମପୁର**

ମେ, ୨୪ ତାରିଖ, ୧୯୭୪ରେ ରେଡ୍‌କ୍ରସ ଦୃଷ୍ଟିହୀନ ବିଦ୍ୟାଳୟ, ବ୍ରହ୍ମପୁରଠାରେ ଜିଲ୍ଲା ରେଡ୍‌କ୍ରସ ଶାଖା ଦ୍ୱାରା ପ୍ରତିଷ୍ଠା କରାଯାଇଥିଲା । ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀ ଯାଏଁ ୯୬ ଜଣ ଛାତ୍ର-ଛାତ୍ରୀ ଏଥିରେ ଅଧ୍ୟୟନ କରନ୍ତି । ପାଠ୍ୟ ପୁସ୍ତକ, ପରୀକ୍ଷାଗାର ସୁବିଧା ବିନାମୂଲ୍ୟରେ ଛାତ୍ରଛାତ୍ରୀଙ୍କୁ ଯୋଗାଇ ଦିଆଯାଉଛି । ଆବାସିକ ବିଦ୍ୟାଳୟରୁ ବର୍ତ୍ତମାନ ସୁଦ୍ଧା ୧୬ ଟି ଦଳ ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଏହାର ଛାତ୍ରଛାତ୍ରୀମାନେ ବର୍ତ୍ତମାନ ବିଭିନ୍ନ ସରକାରୀ ମହାବିଦ୍ୟାଳୟର ଅଧ୍ୟାପକ ଭାବେ କାର୍ଯ୍ୟ କରନ୍ତି । ୨୪ ଜଣ କର୍ମଚାରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଏହି ଆବାସିକ ବିଦ୍ୟାଳୟରେ କାର୍ଯ୍ୟ କରନ୍ତି । ରାଜ୍ୟ ସରକାର ବର୍ଷକୁ ୩୨୦୮୨୬ ଟଙ୍କା ଅନୁଦାନ, ଜିଲ୍ଲା ରେଡ୍‌କ୍ରସ ୪୦,୦୦୦ଟଙ୍କା ସହାୟତା ଦେଇଥାନ୍ତି ।

**ମାନସିକ ଅନଗ୍ରସର ଅନୁଷ୍ଠାନ - ମନୋବିକାଶ**

ମାନସିକ ଅନଗ୍ରସର ପିଲାମାନଙ୍କ ନିମନ୍ତେ ବ୍ରହ୍ମପୁରଠାରେ 'ମନୋବିକାଶ' ନାମରେ ଏକ ଅନୁଷ୍ଠାନ ଅଖିଳ ଭାରତୀୟ ମହିଳା ସମ୍ମେଳନ ଦକ୍ଷିଣ-ପଶ୍ଚିମ ଓଡ଼ିଶାର ସହାୟତାରେ ୧୯୮୯ ରୁ ପ୍ରତିଷ୍ଠା କରାଯାଇଛି । ମାନସିକ ଅନଗ୍ରସର ପିଲାଙ୍କୁ ଥଇଥାନ କରି ସେମାନଙ୍କୁ ମୁଖ୍ୟ ସ୍ରୋତରେ ମିଶାଇବା ପାଇଁ ଉଦ୍ୟମ ହେଉଛି । ରାଜ୍ୟ ସରକାର ୩୬୪୫୦ ଟଙ୍କା ଓ କେନ୍ଦ୍ର ସରକାର ୪,୮୭୪୫୭ ଟଙ୍କା ୮୮ ଜଣ ଅନ୍ତେବାସୀଙ୍କ ପାଇଁ ଅନୁଦାନ ପ୍ରଦାନ କରୁଛନ୍ତି ।

**ଓଡ଼ିଶା ବିକଳାଙ୍ଗ କଲ୍ୟାଣ ଓ ଗ୍ରାମାଞ୍ଚଳ ଉନ୍ନୟନ ସଙ୍ଗଠନ**

୧୯୯୬ ସେପ୍ଟେମ୍ବର ମାସରେ ଏହି ଅନୁଷ୍ଠାନ ଗଞ୍ଜାରିଗୁଡ଼ାରେ ଆରମ୍ଭ ହୋଇଥିଲା । ଏହା ଦୃଷ୍ଟିହୀନ, ମୂକ ଓ ବଧିର ଛାତ୍ରଛାତ୍ରୀଙ୍କ ସେବା କରୁଛି । ବର୍ତ୍ତମାନ ୫୨ ଜଣ ଦୃଷ୍ଟିହୀନ ଓ ୩୫ ଜଣ ମୂକ ବଧିର ଛାତ୍ରଛାତ୍ରୀ ଏଠାରେ ଅଧ୍ୟୟନରତ ।

**ଅନାଥ ଓ ନିଃସହାୟଙ୍କ ସେବା ଅନୁଷ୍ଠାନ**

୧୯୮୦ ରେ ଟିକିଟି ଦିବ୍ୟଜୀବନ ସଂଘ, ଖଜୁରିଆ ଶାଖା ଦ୍ୱାରା ଅନାଥଶ୍ରମ ଆରମ୍ଭ ହୋଇଥିଲା । ବର୍ତ୍ତମାନ ୫୦ ଜଣ ଛାତ୍ର-ଛାତ୍ରୀ ଏଠାରେ ରହନ୍ତି । ଉତ୍ତର ପ୍ରଦେଶ ଶିବାନନ୍ଦ ଦିବ୍ୟଜୀବନ ଶାଖା ସହ ଏହା ପ୍ରତିବନ୍ଧନ ସ୍ଥାପନ କରିଛି । ରାଜ୍ୟ ସରକାର ବାର୍ଷିକ ୮୬୦୧୬ ଟଙ୍କା ଅନୁଦାନ ପ୍ରଦାନ କରୁଛନ୍ତି ।

**ଶ୍ରୀବସ୍ତ ବାଳାଶ୍ରମ, ଡନରଡ଼ା**

ହିନ୍ଦୁ କୁଷ୍ଠ ନିବାରଣ ସଂଘ, ଭୁବନେଶ୍ୱର ଦ୍ୱାରା ଏହା ପରିଚାଳିତ । ଏହା ୨୪.୪.୧୯୭୭ ରେ ଆରମ୍ଭ ହୋଇଛି । କୁଷ୍ଠାକ୍ରାନ୍ତ ଲୋକମାନଙ୍କର ପିଲାଙ୍କୁ ଏହି ଆଶ୍ରମ ସ୍ଥାନ ଦେଇ ଲାଳନ ପାଳନ କରୁଛି । ୫୦ ଜଣ ଅନାଥ ପିଲା ଏଠାରେ ରହିଛନ୍ତି । ଭଞ୍ଜନଗର ଉପଜିଲ୍ଲାପାଳ ଏହାର ସଭାପତି ଓ ବେଲଗୁଣ୍ଠା ବି.ଡି.ଓ. ସଂପାଦକ ଅଛନ୍ତି । ୮୮୩୭୨ ଟଙ୍କା ରାଜ୍ୟ ସରକାର ଅନୁଦାନ ଦେଇଥାନ୍ତି ।

**ଠକ୍କରବାପା ଆଶ୍ରମ, ନିମଖଣ୍ଡି**

୧୧.୧୧.୧୯୫୨ରେ ପଦ୍ମଶ୍ରୀ ସ୍ୱର୍ଗତ ମୋହନ ନାୟକଙ୍କ ଦ୍ୱାରା ଏହା ସ୍ଥାପିତ । ହରିଜନ ଓ ଆଦିବାସୀ ଗରିବ ପିଲାମାନଙ୍କୁ ଏଠାରେ ଆଶ୍ରୟ ଦିଆଯାଇ ଶିକ୍ଷାଦାନର ବ୍ୟବସ୍ଥା ହୋଇଛି । ୩୬ ଜଣ ପିଲା ଏଠାରେ ରହନ୍ତି । ଜିଲ୍ଲାପାଳ ଏହାର ସଭାପତି । ବର୍ଷକୁ ୭୨୦୦୦ଟଙ୍କା ଅନୁଦାନ ରାଜ୍ୟ ସରକାର ପ୍ରଦାନ କରନ୍ତି ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,
ଗଞ୍ଜାମ, ବ୍ରହ୍ମପୁର

# ଆତ୍ମ ନିଯୁକ୍ତି ଯୋଜନା

ଇଂ ଶିତିକାନ୍ତ ଷଡଙ୍ଗୀ

ଭାରତବର୍ଷରେ ବେକାରୀ ସମସ୍ୟା ଉତ୍କଟ ଆକାର ଧାରଣ କରିଛି । ଆମ ରାଜ୍ୟରେ ମଧ୍ୟ ଏହା କମ୍ ନୁହେଁ । ଓଡ଼ିଶାରେ ରେଜେଷ୍ଟ୍ରିଭୁକ୍ତ ଶିକ୍ଷିତ ବେକାରଙ୍କ ସଂଖ୍ୟା ପ୍ରାୟ ୧୦ ଲକ୍ଷରୁ ଟପିଲାଣି । ଏହି ପରିପ୍ରେକ୍ଷୀରେ କର୍ମନିଯୁକ୍ତି ଯୋଗାଇ ଦେବା ସରକାରଙ୍କ ପକ୍ଷେ ସଂପୂର୍ଣ୍ଣ ଅସମ୍ଭବ । ଏହି ସମସ୍ୟା ସମାଧାନର ଏକମାତ୍ର ଉପାୟ ହେଲା ଆତ୍ମ ନିଯୁକ୍ତି କ୍ଷେତ୍ର ।

ସରକାରଙ୍କର ଅନେକ ଗୁଡ଼ିଏ ଆତ୍ମନିଯୁକ୍ତି ଯୋଜନା ରହିଛି । ସେଥିମଧ୍ୟରୁ ପ୍ରଧାନମନ୍ତ୍ରୀ ରୋଜଗାର ଯୋଜନା ଅନ୍ୟତମ । ଏହି ଯୋଜନା ଭାରତ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଛି । ୧୯୯୩ ମସିହାଠାରୁ ଏହି ଯୋଜନା କାର୍ଯ୍ୟକାରୀ ହେଉଛି । ଓଡିଶାରେ ଏପର୍ଯ୍ୟନ୍ତ ୨୧୦୦୦ ଜଣରୁ ଅଧିକ ହିତାଧିକାରୀ ଏହି ଯୋଜନା ମାଧ୍ୟମରେ ଆତ୍ମ ନିଯୁକ୍ତି ପାଇପାରିଛନ୍ତି ।

ଏହି ଯୋଜନାରେ ହିତାଧିକାରୀଙ୍କୁ ସହଜ କିସ୍ତିରେ ଋଣ ଯୋଗାଇ ଦିଆଯାଏ । ଯେ କୌଣସି ବ୍ୟବସାୟିକ ଅଥବା ଘରୋଇ ବ୍ୟାଙ୍କ ଋଣ ମଂଜୁର କରିଥାନ୍ତି । ହିତାଧିକାରୀ ନିଜେ ଯେକୌଣସି ଶିଳ୍ପ ପ୍ରତିଷ୍ଠା କରିବା ପାଇଁ, ସେବା ବ୍ୟବସାୟ କିମ୍ୱା ବ୍ୟବସାୟ କରିବା ପାଇଁ ଆବେଦନ କରିପାରିବେ । ଜିଲ୍ଲା ଶିଳ୍ପ କେନ୍ଦ୍ରଗୁଡ଼ିକ ଜିଲ୍ଲାସ୍ତରରେ ଏହି ଯୋଜନା ପ୍ରଣୟନ କରିବା ପାଇଁ ଅଧିକାର ପ୍ରାପ୍ତ ହୋଇଛନ୍ତି । ଯଦି ହିତାଧିକାରୀ ନିଜେ କୌଣସି ଶିଳ୍ପ, ସେବା ଅଥବା ବ୍ୟବସାୟ ଚୟନ କରି ନପାରିବେ, ସେମାନେ ଜିଲ୍ଲା ଶିଳ୍ପ କେନ୍ଦ୍ରର ସହାୟତା ଲୋଡିଲେ ତାଙ୍କୁ ଯୋଜନା ଚୟନ କରିବା ନିମନ୍ତେ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯାଏ ।

ଏହି ଯୋଜନାରେ ଶିଳ୍ପ ପ୍ରତିଷ୍ଠା ପାଇଁ ସର୍ବାଧିକ ୨ ଲକ୍ଷ ଟଙ୍କା ଏବଂ ବ୍ୟବସାୟ ନିମିତ୍ତ ସର୍ବାଧିକ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦେବାର ବ୍ୟବସ୍ଥା ରହିଛି । ହିତାଧିକାରୀଙ୍କୁ ଶତକଡ଼ା ୫ ଭାଗରୁ ୧୬ ଭାଗ ପର୍ଯ୍ୟନ୍ତ ମାର୍ଜିନ ଟଙ୍କା ଖଟାଇବାକୁ ହୋଇଥାଏ । ଏଥିପାଇଁ ସରକାରଙ୍କ ତରଫରୁ ଶତକଡ଼ା ୧୫ ଭାଗ ଏବଂ ସର୍ବାଧିକ ୭୫୦୦ଟଙ୍କା ପର୍ଯ୍ୟନ୍ତ ସବ୍ ସିଡ଼ି ଦିଆଯାଇଥାଏ । ଋଣ ନେଇଥିବା ଅର୍ଥ ଉପରେ ଶତକଡ଼ା ୧୩.୫ ଭାଗ ସୁଧ ଦେବାକୁ ପଡ଼ିଥାଏ । ହିତାଧିକାରୀଙ୍କୁ ୫ ରୁ ୭ ବର୍ଷ ମଧ୍ୟରେ କିସ୍ତିରେ ଋଣ ପରିଶୋଧ କରିବାକୁ ପଡ଼େ ।

ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ହିତାଧିକାରୀ ଅତି କମ୍‌ରେ ଅଷ୍ଟମ ଶ୍ରେଣୀ ପାଶ୍ କରିଥିବା ଆବଶ୍ୟକ । ବୈଷୟିକ ତାଲିମପ୍ରାପ୍ତ ଶିକ୍ଷିତ ବେକାରଙ୍କୁ ଅଧିକ ସୁଯୋଗ ଦିଆଯାଏ । ହିତାଧିକାରୀଙ୍କ ବୟସ ୧୮ ବର୍ଷରୁ ୩୫ ବର୍ଷ ମଧ୍ୟରେ ହେବା ଦରକାର ଏବଂ ପାରିବାରିକ ମୋଟ ଆୟ ବାର୍ଷିକ ୨୪୦୦୦ ଟଙ୍କାରୁ ଅଧିକ ହୋଇନଥିବା ଆବଶ୍ୟକ । ହିତାଧିକାରୀ ଆବେଦନ ପତ୍ର ଦାଖଲ କରିଥିବା ସ୍ଥାନରେ (ଜିଲ୍ଲାଓ୍ୱାରୀ) ୩ ବର୍ଷରୁ ଅଧିକ କାଳ ସ୍ଥାୟୀ ବାସିନ୍ଦା ଭାବରେ ବାସ କରୁଥିବା ଦରକାର । ତଫସିଲଭୁକ୍ତ ଜାତି, ଉପଜାତି, ମହିଳା, ପୂର୍ବତନ ସାମରିକ କର୍ମଚାରୀ ଓ ଶାରୀରିକ ବିକଳାଙ୍ଗ ବ୍ୟକ୍ତିଙ୍କ ପାଇଁ ବୟସ ସୀମା ୧୦ ବର୍ଷ ପର୍ଯ୍ୟନ୍ତ କୋହଳ କରାଯାଇ ପାରିବ । ଏହି ଯୋଜନାରେ ତଫସିଲଭୁକ୍ତ ଜାତି, ଉପଜାତି ଏବଂ ପଛୁଆବର୍ଗ ହିତାଧିକାରୀମାନଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ମଧ୍ୟ ରହିଛି । ଏହି ଯୋଜନାର ଅନ୍ତର୍ଭୁକ୍ତ ହେବା ପାଇଁ ପ୍ରତିବର୍ଷ ଅପ୍ରେଲ ଓ ମଇ ମାସରେ ଆବେଦନ ପତ୍ର ଗ୍ରହଣ କରାଯାଏ । ଜିଲ୍ଲା ଶିଳ୍ପ କେନ୍ଦ୍ର ଏବଂ ଜାତୀୟକରଣ ବ୍ୟାଙ୍କର ଶାଖା କାର୍ଯ୍ୟାଳୟରେ ଆବେଦନ ପତ୍ର ଦାଖଲ କରାଯାଏ । ଜିଲ୍ଲା ସ୍ତରୀୟ କମିଟି ଆବେଦନ ପତ୍ରଗୁଡ଼ିକୁ ଯାଞ୍ଚ କରି ଜାତୀୟକରଣ ବ୍ୟାଙ୍କମାନଙ୍କୁ ସୁପାରିଶ କରିଥାନ୍ତି । ବ୍ୟାଙ୍କଗୁଡ଼ିକ ଋଣ ମଞ୍ଜୁର କରିବା ପରେ ଜିଲ୍ଲା ଶିଳ୍ପ କେନ୍ଦ୍ର ହିତାଧିକାରୀମାନଙ୍କୁ ଟ୍ରେନିଂ ପ୍ରଦାନ କରିଥାନ୍ତି । ଟ୍ରେନିଂ ସମାପ୍ତି ହେବା ପରେ ଋଣ ବଣ୍ଟନ ହୋଇଥାଏ ।

ରାଜ୍ୟର ଶିକ୍ଷିତ ବେକାର ଯୁବକ/ଯୁବତୀ ଇଚ୍ଛା କଲେ ଏହି ଯୋଜନାର ସୁଫଳ ଲାଭ କରିପାରିବେ । ନିଜେ ଆତ୍ମ ନିଯୁକ୍ତି ପାଇବା ସଙ୍ଗେ ସଙ୍ଗେ ଦୁଇ ତିନି ଜଣଙ୍କୁ ନିଯୁକ୍ତି ମଧ୍ୟ ଦେଇପାରିବେ ।

ପରିଚାଳକ (ଋଣ)
ଜିଲ୍ଲା ଶିଳ୍ପ କେନ୍ଦ୍ର
ରସୁଲଗଡ଼, ଭୁବନେଶ୍ୱର

# ସମ୍ବାଦ ପରିକ୍ରମା

## ରାଜ୍ୟରେ ଖୁବ୍ ଶୀଘ୍ର ସୂଚନା ନୀତି ପ୍ରଣୀତ ହେବ

*ମନ୍ତ୍ରୀ ଶ୍ରୀ ସିଂହ*

ଗତ ଡିସେମ୍ବର ୧୦ ତାରିଖରେ ସ୍ଥାନୀୟ ଲୋକ ସଂପର୍କ ଭବନର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ରାଜ୍ୟ ସୂଚନା ଓ ଲୋକ ସଂପର୍କ ବିଭାଗ ଅଡ଼ିଓ-ଭିଜୁଆଲ କର୍ମଚାରୀ ସଂଘର ଷଷ୍ଠ ବାର୍ଷିକ ଉତ୍ସବର ଦ୍ୱିତୀୟ ଦିବସରେ ରାଜ୍ୟ ନଗର ଉନ୍ନୟନ ତଥା ସୂଚନା ଓ ଲୋକ ସଂପର୍କ ମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂହ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କହିଲେ ଯେ ଏକ ବିଂଶ ଶତାବ୍ଦୀରେ ଯେଉଁ ଦେଶ ସୂଚନା ଓ ଯୋଗାଯୋଗର ପ୍ରସାର ଘଟାଇ ପାରିବ, ସେ ସମୃଦ୍ଧ ଦେଶରେ ପରିଣତ ହୋଇପାରିବ । ସାମ୍ବାଦିକ ଓ ସମ୍ବାଦପତ୍ର ଆମ ଦେଶର ଚତୁର୍ଥ ସ୍ତମ୍ଭ ।ରାଜ୍ୟରେ ନୂତନ ସୂଚନା ନୀତି ପ୍ରଣୟନ କରାଗଲେ, ସମ୍ବାଦପତ୍ର ଓ ସାମ୍ବାଦିକମାନଙ୍କ କାର୍ଯ୍ୟଧାରା, ସୂଚନା ସଂଗ୍ରହ ଓ ସମ୍ବାଦପତ୍ରର ମାନ ଉନ୍ନତ ହୋଇପାରିବ । ରାଜ୍ୟରେ ସୂଚନା ନୀତି ପ୍ରଣୟନର ସମସ୍ତ କାର୍ଯ୍ୟ ଶୀଘ୍ର ସଂପାଦନ କରିବା ପାଇଁ ମନ୍ତ୍ରୀ ଶ୍ରୀ ସିଂହ ବିଭାଗୀୟ ନିର୍ଦ୍ଦେଶକଙ୍କୁ ପରାମର୍ଶ ଦେଇଥିଲେ । ଅଡ଼ିଓ-ଭିଜୁଆଲ୍ ସଂଘର ଦାବିଗୁଡ଼ିକ ସହାନୁଭୂତିର ସହ ବିଚାର କରିବା ପାଇଁ ମନ୍ତ୍ରୀ ଶ୍ରୀ ସିଂହ କହିଥିଲେ ।

ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସୂଚନା ଓ ଲୋକ ସଂପର୍କ ବିଭାଗ ନିର୍ଦ୍ଦେଶକ ଶ୍ରୀ ଦୁର୍ଗା ମାଧବ ଦାଶ କହିଲେ ଯେ ଅଡ଼ିଓ—ଭିଜୁଆଲ୍ ସଂଘର କର୍ମଚାରୀମାନେ ଜିଲ୍ଲା, ସବ୍‌ଡିଭିଜନ୍‌ରେ କାର୍ଯ୍ୟ କଲା ବେଳେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିଲେ ମଧ୍ୟ ବିଭାଗର ସମ୍ମାନ ରକ୍ଷା କରିବା ଦିଗରେ ସର୍ବଦା ଚେଷ୍ଟିତ । ସଂଘର ବିଭିନ୍ନ ସମସ୍ୟା ଉପରେ ସେ ଆଲୋଚନା କରି ଯୁକ୍ତିଯୁକ୍ତ ଦାବିଗୁଡ଼ିକ ପୂରଣ କରିବା ପାଇଁ କହିଥିଲେ ।

ସାମ୍ବାଦିକ ଶ୍ରୀ ସନତ ମିଶ୍ର ମୁଖ୍ୟବକ୍ତା ଭାବରେ ଯୋଗଦାନ କରି ଉଦ୍‌ବୋଧନ ଦେଇଥିଲେ । ସଂଘର ସଭାପତି ଶ୍ରୀ ତାରାପଦ ସରକାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ସଂଘର ଉପ ସଭାପତି ଶ୍ରୀ ପଦ୍ମଚରଣ ବେହେରା ପ୍ରାରମ୍ଭିକ ସୂଚନା ଦେଇଥିଲେ ଏବଂ ସାଧାରଣ ସଂପାଦକ ଶ୍ରୀ ଭଗବାନ ପ୍ରଧାନ ସଂପାଦକୀୟ ବିବରଣୀ ପାଠ କରିଥିଲେ ।

ଏହି ଅବସରରେ ଗତ ପ୍ରଳୟଙ୍କରୀ ବାତ୍ୟାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା ।

ଶ୍ରୀ ପ୍ରତାପ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ ।

## କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀ ଉତ୍ସବ

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ୧୧୧ ତମ ଜୟନ୍ତୀ ଗତ ଡିସେମ୍ବର ୯ ତାରିଖ ସଂଧ୍ୟାରେ ଓଡ଼ିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ସ୍ଥାନୀୟ କେଦାରନାଥ ଗବେଷଣା ପ୍ରତିଷ୍ଠାନରେ ଅନୁଷ୍ଠିତ ହୋଇଯାଇଛି ।

ଏଥିରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ବିଶିଷ୍ଟ ସାହିତ୍ୟିକ ତଥା ସମାଲୋଚକ ଡକ୍ଟର ଭାବଗ୍ରାହୀ ମିଶ୍ର କହିଲେ ଯେ କାନ୍ତକବି ଉତ୍କଳୀୟ ସଂସ୍କୃତି ପ୍ରାଣ ସାହିତ୍ୟିକ ଭାବେ କବିତା, ନାଟକ, ଗଳ୍ପ ଓ ଉପନ୍ୟାସ ଜଗତରେ ଯେପରି ଉଚ୍ଚସ୍ତରର ଭାବ ସୃଷ୍ଟି କରି ପାଠକ ପ୍ରାଣକୁ ଆକୃଷ୍ଟ କରିଛନ୍ତି, ତାହା ଓଡ଼ିଆ ବାଣୀ ଭଣ୍ଡାରକୁ ସମୃଦ୍ଧ କରି ରଖିଛି । କାନ୍ତକବିଙ୍କ ଗ୍ରନ୍ଥାବଳୀଗୁଡ଼ିକର ଇଂରାଜୀ ଅନୁବାଦ ଓ ଦୁଷ୍ପ୍ରାପ୍ୟ ରଚନାବଳୀଗୁଡ଼ିକୁ ପୁନଃ ପ୍ରକାଶନ କରିବା ପାଇଁ ସାହିତ୍ୟ ଏକାଡେମୀ ଓ ସଂସ୍କୃତିପ୍ରେମୀ ବ୍ୟକ୍ତିମାନଙ୍କୁ ସେ ପ୍ରସ୍ତାବ ଦେଇଥିଲେ ।

ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରଫେସର ଡଃ. କୃଷ୍ଣ ଚରଣ ବେହେରା କହିଲେ ଯେ କାନ୍ତକବି ଏକାଧାରରେ ଜଣେ ବ୍ୟଙ୍ଗକବି, ନାଟ୍ୟକାର, ସମାଜ ସଂସ୍କାରକ ଓ ସଂଗୀତଜ୍ଞ ଥିଲେ । ତାଙ୍କ ରଚିତ 'ବଂଦେ ଉତ୍କଳ ଜନନୀ' ଆଜି ଏକ ପ୍ରକାରର ଓଡ଼ିଆ ଜାତୀୟ ସଂଗୀତର ସ୍ୱରୂପ ଗ୍ରହଣ କରିଛି । ସାହିତ୍ୟରେ ରଂଗରସର ପ୍ରୟୋଗରେ କାନ୍ତକବି ଅଦ୍ୱିତୀୟ ଥିଲେ । କାନ୍ତକବି ଫକୀର ମୋହନଙ୍କଠାରୁ ବାଲେଶ୍ୱରରୁ ଯେଉଁ ହ୍ୟାଣ୍ଡପ୍ରେସ୍ ଆଣି 'ଡଗର ପତ୍ରିକା' ର ଛପା କାର୍ଯ୍ୟରେ ବ୍ୟବହାର କରିଥିଲେ, ତାକୁ ରାଜ୍ୟ ସଂଗ୍ରହାଳୟରେ ରଖିବା ପାଇଁ ଡଃ. ବେହେରା ପ୍ରସ୍ତାବ ଦେଇଥିଲେ ।

ସମ୍ମାନିତ ଅତିଥି ରୂପେ କବି ଶ୍ରୀ ଅମରେଶ ପଟ୍ଟନାୟକ କହିଲେ ଯେ ପ୍ରାଚୀନ ସାହିତ୍ୟ, ଛନ୍ଦ, ତାଳ ଓ ଲୟକୁ ସାଂପ୍ରତିକ ପାଠକମାନେ ଭୁଲି ଯାଉଛନ୍ତି । ଯେଉଁ ସମୟରେ ଯେଉଁ ସାହିତ୍ୟ ସୃଷ୍ଟି ହେଉଛି, ତା'ର ମୌଳିକତା ରକ୍ଷା କରିବାକୁ ସେ ପରାମର୍ଶ ଦେଇଥିଲେ ।

ଏଥିରେ ଅଧ୍ୟକ୍ଷତା କରି ଓଡ଼ିଶା ସାହିତ୍ୟ ଏକାଡେମୀର ଉପ ସଭାପତି କବି ରବି ସିଂ ବର୍ତ୍ତମାନର ଇଲେକ୍ଟ୍ରୋନିକ୍ ଗଣ ମାଧ୍ୟମ ଓ ବିଦେଶୀ ଭାଷାର ପ୍ରଭାବ ପରିପ୍ରେକ୍ଷୀରେ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିବା ପାଇଁ ଆଜିର ସାହିତ୍ୟିକମାନଙ୍କ ଦାୟିତ୍ୱ ବିଷୟରେ ଆଲୋଚନା କରିଥିଲେ ।

ଏଥିରେ କାନ୍ତକବିଙ୍କ ସୁଯୋଗ୍ୟ ସନ୍ତାନ ଶ୍ରୀଯୁକ୍ତ ନିତ୍ୟାନନ୍ଦ ମହାପାତ୍ର ଯୋଗ ଦେଇ ପିତାଙ୍କ ସହିତ ତାଙ୍କର ଅନ୍ତରଙ୍ଗ ଜୀବନର ମଧୁର—ତିକ୍ତ ଅନୁଭୂତିର ସ୍ମୃତି ଚାରଣ କରିଥିଲେ ।

ଏକାଡେମୀର ସଂପାଦକ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ଭାଷଣ ଦେଇଥିଲେ ଏବଂ ଶ୍ରୀ ଭବାନୀ ସିଂ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାତ୍ୟା ବିଧ୍ୱସ୍ତ ଓଡ଼ିଶାର ପୁନର୍ଗଠନ ନିମନ୍ତେ ଚିକାଗୋସ୍ଥିତ ଭାରତୀୟମାନଙ୍କ ସାହାଯ୍ୟ

ମହାବାତ୍ୟାରେ ଧ୍ୱସ୍ତ ବିଧ୍ୱସ୍ତ ହୋଇଯାଇଥିବା ଓଡ଼ିଶାକୁ ପୃଥିବୀର ସମସ୍ତ ସ୍ଥାନରୁ ସାହାଯ୍ୟ ସହଯୋଗର ସ୍ରୋତ ଛୁଟିଛି । ବିଶେଷ କରି ବିଦେଶରେ ଥିବା ଭାରତୀୟମାନେ ଏହି ବିପର୍ଯ୍ୟୟ ସମୟରେ ଓଡ଼ିଶା ପାଇଁ ସମଦୁଃଖୀ ହୋଇ ଯଥାସମ୍ଭବ ଅନୁଦାନର ବ୍ୟବସ୍ଥା କରୁଛନ୍ତି । ଗତ ଡିସେମ୍ବର ୫ ତାରିଖ ଦିନ ଚିକାଗୋସ୍ଥିତ ଭାରତୀୟମାନେ ଭାରତର କନସୁଲ୍ ଜେନେରାଲ (ଚିକାଗୋ) ଙ୍କ ବିଦାୟକାଳୀନ ରାତ୍ରି ଭୋଜନ ସମୟରେ ଏକତ୍ରିତ ହୋଇ ଓଡ଼ିଶାର ବାତ୍ୟା କ୍ଷତିଗ୍ରସ୍ତ ଅଂଚଳର ପୁନର୍ଗଠନ ପାଇଁ ଏକ ଅର୍ଥ ସଂଗ୍ରହ କାର୍ଯ୍ୟକ୍ରମ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରାୟ ୨୦୦ ଭାରତୀୟ ଯୋଗ ଦେଇ ୪୫ ହଜାର ଆମେରିକୀୟ ଡ଼ଲାର (୧୮ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ) ମୂଲ୍ୟର ଅର୍ଥ ସଂଗ୍ରହ କରିଥିଲେ । ଏଥିମଧ୍ୟରୁ ଭାରତରେ ଅର୍ଥନୈତିକ ଓ ସାମାଜିକ କାର୍ଯ୍ୟକ୍ରମକୁ ସହାୟତା ପ୍ରଦାନ କରୁଥିବା ଚିକାଗୋସ୍ଥିତ 'ଇଣ୍ଡିଆନ ଡେଭଲପମେଣ୍ଟ ସର୍ଭିସ'ନାମକ ସଂସ୍ଥା ୧୦ ହଜାର ଆମେରିକୀୟ ଡ଼ଲାର ପ୍ରଦାନ କରିଛି ।

ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ବ୍ୟକ୍ତିମାନେ ଓଡ଼ିଶାର ବାତ୍ୟା କ୍ଷତିଗ୍ରସ୍ତ ଅଂଚଳର ଅଡ଼ିଓ—ଭିଜୁଆଲ ଚିତ୍ର ଦେଖି ଏହି ଦୁଃଖଦାୟକ ଘଟଣାର ବାସ୍ତବତା ହୃଦୟଙ୍ଗମ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏଥିରେ 'ଆମେରିକାନ୍ ଆସୋସିଏସନ୍ ଅଫ୍ ଫିଜିସିଆନ୍ସ ଅଫ ଇଣ୍ଡିଆ'ର ଅଧ୍ୟକ୍ଷ ଡଃ. ସତ୍ୟ ଆହୁଜା, ଶିଳ୍ପପତି ଶ୍ରୀ ନିରଂଜନ ସାହା ଓ ଶିଳ୍ପପତି ଜନ୍ କପୁର ପ୍ରମୁଖ ଉପସ୍ଥିତ ଥିଲେ ।

## 'ପ୍ରଶାସନିକ ସ୍ତରରେ ସ୍ୱଚ୍ଛତା ଏବଂ ସାଧୁତା ଏକାନ୍ତ ଅପରିହାର୍ଯ୍ୟ

ମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱାଳ

ମହାପ୍ରଳୟର ବିଭୀଷିକା ଓଡ଼ିଶାର ଅର୍ଥନୈତିକ ମେରୁଦଣ୍ଡକୁ ଦୋହଲାଇ ଦେଇଛି ଏବଂ ରାଜ୍ୟ ଏକ ଆର୍ଥିକ ସଂକଟ ଦେଇ ଗତି କରୁଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଶ୍ରୀ ହେମାନନ୍ଦ ବିଶ୍ୱାଳ ପ୍ରଶାସନିକ ସ୍ତରରେ ସ୍ୱଚ୍ଛତା, ସାଧୁତା ଏବଂ ଏକତା ପ୍ରକଟ କରିବା ପାଇଁ ବିଭିନ୍ନ ବିଭାଗୀୟ ଶାସନ ସଚିବମାନଙ୍କୁ ପରାମର୍ଶ ଦେଇଛନ୍ତି ।

ଗତ ଡିସେମ୍ବର ୬ ତାରିଖରେ ନୂତନ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବା ପରେ ରାଜ୍ୟ ସଚିବାଳୟଠାରେ ଆୟୋଜିତ ରିଲିଫ୍ ବଣ୍ଟନର ଅଗ୍ରଗତି ସଂପର୍କୀୟ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଯୋଗଦେଇ ସେ ଏହା ପ୍ରକାଶ କରିଛନ୍ତି ।

ମୁଖ୍ୟ ଶାସନ ସଚିବଙ୍କ ସମେତ ସମସ୍ତ ବିଭାଗର ଶାସନ ସଚିବମାନଙ୍କୁ ଆହ୍ୱାନ ଜଣାଇ ମୁଖ୍ୟମନ୍ତ୍ରୀ କହିଲେ , ଆପଣମାନେ ଜଣେ ଜଣେ ଅଭିଜ୍ଞ ପ୍ରଶାସକ । ଗତ ଅଭୂତପୂର୍ବ ଏବଂ ଅଶ୍ରୁତପୂର୍ବ ପ୍ରଳୟଙ୍କରୀ ବାତ୍ୟା ଲକ୍ଷ ଲକ୍ଷ ଲୋକଙ୍କୁ ବାସହୀନ କରିଦେଇଛି ଏବଂ ବିପନ୍ନ ଲୋକମାନେ ଅକଥନୀୟ ଦୁଃଖଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି । ରାଜ୍ୟର ଏହି ସନ୍ଧିସଂଧି ମୁହୂର୍ତ୍ତରେ ଆପଣମାନଙ୍କ ସହଯୋଗ ଏବଂ ଗଠନମୂଳକ ଚିନ୍ତାଧାରା ନିତାନ୍ତ ଆବଶ୍ୟକ । ଏହି ମହାପ୍ରଳୟକୁ କେନ୍ଦ୍ର ଜାତୀୟ ବିପତ୍ତି ଭାବେ ଘୋଷଣା ନ କରିଥିଲେ ମଧ୍ୟ ଆମେ ଏହାକୁ ଜାତୀୟ ବିପତ୍ତି ଭାବେ ଗ୍ରହଣ କରି ଏକ ମନଧ୍ୟାନ ଦେଇ କାର୍ଯ୍ୟ କରିପାରିଲେ ଆଗାମୀ ଦିନରେ ରାଜ୍ୟ ଅଗ୍ରଗତି କରିବା ସଙ୍ଗେ ସଙ୍ଗେ ମହାପ୍ରଳୟଜନିତ ଆହ୍ୱାନର ଦୃଢ଼ ମୁକାବିଲା କରିବାରେ ସକ୍ଷମ ହୋଇ ପାରିବା ।

ଦୀର୍ଘମିଆଦୀ ଯୋଜନାରେ କ୍ଷତିଗ୍ରସ୍ତ ବିପନ୍ନମାନଙ୍କ ପୁନଃଥଇଥାନ ଏବଂ ଉପକୂଳର ପୁନଃନିର୍ମାଣ କାର୍ଯ୍ୟ ବର୍ତ୍ତମାନଠାରୁ ଆରମ୍ଭ କରିବାକୁ ପରାମର୍ଶ ଦେବା ସଙ୍ଗେ ସଙ୍ଗେ ବାତ୍ୟାକ୍ଲିଷ୍ଟମାନଙ୍କୁ ରିଲିଫ୍ ବଣ୍ଟନ ଯଥା— କମ୍ବଳ, ପଲିଥିନ୍ ଇତ୍ୟାଦି ବଣ୍ଟନରେ ପ୍ରାଥମିକତା ଦେଇ ସ୍କୁଲ, ହାସପାତାଳ ଗୃହଗୁଡ଼ିକ ମରାମତି, ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ ।

ଏହି ସମୀକ୍ଷା ବୈଠକରେ ବରିଷ୍ଠ ମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ, ଶ୍ରୀ ଜଗନ୍ନାଥ ପଟ୍ଟନାୟକ ସମେତ ମୁଖ୍ୟ ଶାସନ ସଚିବ ଏବଂ ବିଭିନ୍ନ ବିଭାଗର ଶାସନ ସଚିବ ଓ ବରିଷ୍ଠ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ ।

## ବାତ୍ୟା କ୍ଷତିଗ୍ରସ୍ତ ଜିଲ୍ଲାରେ ଡିସେମ୍ବର ମାସରେ ବଣ୍ଟନ ପାଇଁ ୫୯,୪୪୮ ମେଟ୍ରିକ୍ ଟନ୍ ସ୍ୱତନ୍ତ୍ର ବି.ପି.ଏଲ୍ ଚାଉଳ

ରାଜ୍ୟରେ ବାତ୍ୟା ପ୍ରପୀଡ଼ିତ ୧୪ ଗୋଟି ଜିଲ୍ଲାର ଜନସାଧାରଣଙ୍କୁ ଡିସେମ୍ବର ମାସରେ ସାଧାରଣ ବଣ୍ଟନ ବ୍ୟବସ୍ଥା ମାଧ୍ୟମରେ ବିତରଣ କରିବା ପାଇଁ ୫୯,୪୪୮ ମେଟ୍ରିକ୍ ଟନ୍ ସ୍ୱତନ୍ତ୍ର ବି.ପି.ଏଲ୍. ଚାଉଳ ଯୋଗାଇ ଦିଆଯାଇଛି । ତନ୍ମଧ୍ୟରୁ ପୁରୀ ଜିଲ୍ଲା ପାଇଁ ୬୦୦୦ ମେଟ୍ରିକ୍ ଟନ୍, କଟକ ଜିଲ୍ଲାକୁ ୯୪୩୦ ମେଟ୍ରିକ୍ ଟନ୍ , କେନ୍ଦ୍ରାପଡ଼ା ଜିଲ୍ଲାକୁ ୫୬୦୦ ମେଟ୍ରିକ୍ ଟନ୍, ନୟାଗଡ଼ ଜିଲ୍ଲାକୁ ୬୦୦ ମେଟ୍ରିକ୍ ଟନ୍, ଖୋର୍ଦ୍ଧା ଜିଲ୍ଲାକୁ ୫୨୪୪ ମେଟ୍ରିକ୍ ଟନ୍, ଭଦ୍ରକ ଜିଲ୍ଲାକୁ ୫୩୮୮ ମେଟ୍ରିକ୍ ଟନ୍, କେନ୍ଦୁଝର ଜିଲ୍ଲାକୁ ୧୦୦୦ ମେଟ୍ରିକ୍ ଟନ୍, ଢେଙ୍କାନାଳ ଜିଲ୍ଲାକୁ ୨୮୦ ମେଟ୍ରିକ୍ ଟନ୍, ଜଗତସିଂହପୁର ଜିଲ୍ଲାକୁ ୪୮୦୦ ମେଟ୍ରିକ୍ ଟନ୍,ଯାଜପୁର ଜିଲ୍ଲାକୁ ୬୨୦୦ ମେଟ୍ରିକ୍ ଟନ୍, ବାଲେଶ୍ୱର ଜିଲ୍ଲାକୁ ୪୯୦୪ ମେଟ୍ରିକ୍ ଟନ୍, ମୟୂରଭଞ୍ଜ ଜିଲ୍ଲାକୁ ୭୯୨ ମେଟ୍ରିକ୍ ଟନ୍, ଗଞ୍ଜାମ ଜିଲ୍ଲାକୁ ୮୬୪୦ ମେଟ୍ରିକ୍ ଟନ୍ ଏବଂ ଗଜପତି ଜିଲ୍ଲାକୁ ୫୬୪ ମେଟ୍ରିକ୍ ଟନ୍ ସ୍ୱତନ୍ତ୍ର ବି.ପି.ଏଲ୍. ଚାଉଳ ଆବଣ୍ଟନ କରାଯାଇଛି ।

ଗତ ୪ ଓ ୫ ତାରିଖ ସୁଦ୍ଧା ମିଳିଥିବା ରିପୋର୍ଟରୁ ଜଣାପଡ଼ିଛି ଯେ ବାତ୍ୟା କ୍ଷତିଗ୍ରସ୍ତ ଜଗତସିଂହପୁର, ଯାଜପୁର ଏବଂ କେନ୍ଦ୍ରାପଡ଼ା ଜିଲ୍ଲାରେ ୬୮୯ ଗୋଟି ମାଗଣା ଭୋଜନ କେନ୍ଦ୍ର ଜରିଆରେ ୪,୧୪,୭୯୯ ଜଣ ଲୋକଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଛି । ଜଗତସିଂହପୁର ଜିଲ୍ଲାର ୧୧ ଗୋଟି ମାଗଣା ଭୋଜନ କେନ୍ଦ୍ରରେ ୫୫୦୦ ଜଣଙ୍କୁ ରନ୍ଧାଖାଦ୍ୟ ଦିଆଯାଇଥିବା ବେଳେ ଯାଜପୁର ଜିଲ୍ଲାର ୨୭୭ଟି ମାଗଣା ଭୋଜନ କେନ୍ଦ୍ରରେ ୬୮, ୬୮୯ ଜଣଙ୍କୁ ଏବଂ କେନ୍ଦ୍ରାପଡ଼ା ଜିଲ୍ଲାର ୩,୪୦,୬୧୦ ଜଣଙ୍କୁ ୪୦୧ଟି ମାଗଣା ଭୋଜନ କେନ୍ଦ୍ର ଜରିଆରେ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି ।

## ବାତ୍ୟା କ୍ଷତିଗ୍ରସ୍ତ ୧୨,୩୯୭ ଟି ଗ୍ରାମରେ ବିଦ୍ୟୁତ୍ ପୁନଃସଂଯୋଗ

ମହାବାତ୍ୟା ଦ୍ୱାରା ୧୭,୦୩୨ ଟି ଗ୍ରାମରେ ବିଦ୍ୟୁତ୍ ଯୋଗାଣ ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ବେଳେ ଗ୍ରୀଡ୍‌କୋର ନିଷ୍ଠାପର ଉଦ୍ୟମ ଦ୍ୱାରା ୧୨,୩୯୭ ଟି ଗ୍ରାମରେ ପୁନଃ ବିଦ୍ୟୁତ୍ ସଂଯୋଗ କରାଯାଇପାରିଛି । ଜଗତସିଂହପୁର ଜିଲ୍ଲାର ଏରସମା ଓ ନାଉଗାଁ ବ୍ଲକ୍ ବ୍ୟତୀତ କ୍ଷତିଗ୍ରସ୍ତ ସମସ୍ତ ବ୍ଲକ୍ ଓ ପୌରାଞ୍ଚଳରେ ବିଦ୍ୟୁତ୍ ସଂଯୋଗ

ପୁନଃ ପ୍ରତିଷ୍ଠା କରାଯାଇ ପାରିଛି । ନାଉଗାଁ ଓ ଏରସମା ବ୍ଲକ୍‌ରେ ଖୁବ୍‌ଶୀଘ୍ର ବିଦ୍ୟୁତ୍ ସଂଯୋଗ ପ୍ରତିଷ୍ଠା କରାଯିବ ବୋଲି ଜଣାଯାଇଛି ।

## ଇମ୍ରାତ ସାରିଆ ପ୍ରତିନିଧି ଦଳଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା

ଗତ ଡ଼ିସେମ୍ବର ୧୨ ତାରିଖରେ ଇମାରତ ସାରିଆ ପ୍ରତିନିଧି ଦଳ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ସହ ସାକ୍ଷାତ କରି ଅନୁଷ୍ଠାନ ତରଫରୁ ଗ୍ରହଣ କରାଯାଇଥିବା ରିଲିଫ୍ ଏବଂ ପୁନର୍ଗଠନ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କରିଥିଲେ ।

ଆଲୋଚନା ସମୟରେ ଏହି ପ୍ରତିନିଧି ଦଳ ବାତ୍ୟାକ୍ଲିଷ୍ଟ ଅଞ୍ଚଳରେ ଗ୍ରହଣ କରାଯାଇଥିବା କାର୍ଯ୍ୟକ୍ରମ ସଂପର୍କରେ ପ୍ରକାଶ କରି କହିଲେ ଯେ, କାକଟପୁର, ରସୁଲପୁର, ଫକୀରପଡ଼ା, ଗୋପ ପ୍ରଭୃତି ଅଂଚଳରେ ସେମାନେ ୪୦୦ଟି ମାଟି ଗୃହ ନିର୍ମାଣ କରି ବିପନ୍ନମାନଙ୍କୁ ଯୋଗାଇ ଦେଇଛନ୍ତି । ତତ୍ ସଙ୍ଗେ ସଙ୍ଗେ ବିପନ୍ନମାନଙ୍କୁ ସଂସ୍ଥା ତରଫରୁ ସାମଗ୍ରୀ ଯୋଗାଣ ଇତ୍ୟାଦି କାର୍ଯ୍ୟକ୍ରମ ଚାଲୁରଖିବା ପ୍ରକାଶ କରି ଏହି ପ୍ରତିନିଧି ଦଳ ଆଗାମୀ ଦିନରେ ସେମାନଙ୍କର ସାହାଯ୍ୟ ଓ ସହଯୋଗ ଅବ୍ୟାହତ ରଖିବେ ବୋଲି ମୁଖ୍ୟମନ୍ତ୍ରୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ ।

## ବାତ୍ୟାବିପନ୍ନ ଅଞ୍ଚଳରେ ପୁନରୁଦ୍ଧାର କାର୍ଯ୍ୟକ୍ରମ ତ୍ୱରାନ୍ୱିତ ପାଇଁ ପଦକ୍ଷେପ

ବାତ୍ୟାକ୍ଲିଷ୍ଟ ଅଞ୍ଚଳରେ ପୁନରୁଦ୍ଧାର କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବା ପାଇଁ ଗତ ଡ଼ିସେମ୍ବର ୧୫ ତାରିଖରେ ମୁଖ୍ୟମନ୍ତ୍ରୀ ଶ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି ।

ଏହି ବୈଠକରେ ମୁଖ୍ୟତଃ ବିପନ୍ନମାନଙ୍କ ଗୃହଯୋଗାଣ, ବିଦ୍ୟୁତ୍ ସଂଯୋଗର ପୁନରୁଦ୍ଧାର ଏବଂ କ୍ଷତିଗ୍ରସ୍ତ ଉଠାଜଳସେଚନ ପଏଣ୍ଟଗୁଡ଼ିକୁ ପୁନଃସଚଳ ସଂପର୍କରେ ଆଲୋଚନା ହୋଇଥିଲା ।

ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ପୁନର୍ଗଠନ କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପାଇ ଆଉ ବେଶୀ ସମୟ ନ ନେଇ ତୁରନ୍ତ ଯୋଜନାବଦ୍ଧ ଭାବେ କାର୍ଯ୍ୟ କରିବାକୁ ପଡ଼ିବ । ହୁଡ୍‌କୋ ତରଫରୁ ଲୋକମାନଙ୍କୁ ଯୋଗାଇ ଦିଆଯିବାକୁ ଥିବା ଆବାସସ୍ଥଳୀଗୁଡ଼ିକ କି ପ୍ରକାର ହେବା ଆବଶ୍ୟକ ତାହାର ନମୁନା, ଏହା କେତୋଟି ଗୃହ ବିଶିଷ୍ଟ ହେବା ଦରକାର ଏବଂ ସେଗୁଡ଼ିକର ଆବଣ୍ଟନର ପଦ୍ଧତି କିଭଳି ହେବା ଦରକାର ଏଥିନିମନ୍ତେ ଏକ ପୂର୍ଣ୍ଣାଙ୍ଗ ଯୋଜନା ପ୍ରସ୍ତୁତ କରି ବାତ୍ୟାକ୍ଲିଷ୍ଟ ଅଞ୍ଚଳରେ କାର୍ଯ୍ୟ ଆରମ୍ଭ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ହୁଡ୍‌କୋ ତରଫରୁ ଜିଲ୍ଲାମାନଙ୍କରେ ମାଗଣାରେ ବିପନ୍ନମାନଙ୍କୁ ଫର୍ମ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ହୁଡ୍‌କୋ ବ୍ୟତୀତ ୟୁନିସେଫ୍, ରୋଟାରୀ ଇଣ୍ଟରନେସ୍‌ନାଲ୍ ଏବଂ ଅନ୍ୟାନ୍ୟ ରାଜ୍ୟ ସରକାର ଓ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିଶ୍ରୁତି ସଂପର୍କରେ ଆଲୋଚନା କରି ମୁଖ୍ୟମନ୍ତ୍ରୀ କହିଲେ ଯେ ସବୁର ଏକ ପୂର୍ଣ୍ଣ ଆକଳନ କରାଯାଇ ଗୃହ ନିର୍ମାଣ ଯୋଜନାକୁ ତ୍ୱରାନ୍ୱିତ କରାଯିବା ଆବଶ୍ୟକ ।

ହୁଡ୍‌କୋ ତରଫରୁ ଘର ଆବଣ୍ଟନର ପଦ୍ଧତି ସଂପର୍କରେ ଆଲୋଚନା ହେବା ସଙ୍ଗେ ସଙ୍ଗେ ସଂପୂର୍ଣ୍ଣ ଧୋଇ ଯାଇଥିବା ଏବଂ ସଂପୂର୍ଣ୍ଣ ଭାଙ୍ଗି ଯାଇଥିବା ଗୃହଗୁଡ଼ିକୁ ଏହି ଯୋଜନାର ଅନ୍ତର୍ଭୁକ୍ତ କରାଯାଇ ବିପନ୍ନମାନଙ୍କୁ ଗୃହ ଆବଣ୍ଟନ କରାଯିବ ବୋଲି ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା । ଘର ତିଆରି ପାଇଁ ମଡ଼େଲ ପ୍ଲାନ ଏବଂ ଆବଶ୍ୟକୀୟ ଟେକ୍‌ନିକାଲ ଗାଇଡ୍ ଲାଇନ୍‌ସ ମଧ୍ୟ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।

ବିଦ୍ୟୁତକରଣର ପୁନରୁଦ୍ଧାର ସଂପର୍କରେ ସ୍ଥିର ହୋଇଥିଲା ଯେ, ଆସନ୍ତା ଜାନୁଆରୀ ଶେଷ ସୁଦ୍ଧା କ୍ଷତିଗ୍ରସ୍ତ ଗ୍ରାମାଞ୍ଚଳରେ ବିଦ୍ୟୁତ୍ ସଂଯୋଗ କରାଯିବ ।

କୃଷି କାର୍ଯ୍ୟକ୍ରମର ପୁନରୁଦ୍ଧାର ଏବଂ ସର୍ବୋପରି ପୁନର୍ଗଠନ କାର୍ଯ୍ୟକ୍ରମକୁ ଅଗ୍ରାଧିକାର ଦେଇ କାର୍ଯ୍ୟ ଆରମ୍ଭ କରିବାକୁ ମୁଖ୍ୟମନ୍ତ୍ରୀ ବିଭାଗୀୟ କର୍ମକର୍ତ୍ତାମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ଏହି ବୈଠକରେ ଶକ୍ତିମନ୍ତ୍ରୀ ଶ୍ରୀ ନିରଂଜନ ପଟ୍ଟନାୟକ, ପୂର୍ତ୍ତ ଓ ଗୃହନିର୍ମାଣ ମନ୍ତ୍ରୀ ଶ୍ରୀ ଜୟଦେବ ଜେନା, ମନ୍ତ୍ରୀ ଶ୍ରୀ ରିପୁନାଥ ସେଠ, ମୁଖ୍ୟ ଶାସନ ସଚିବ ଶ୍ରୀ ସୁଧାଂଶୁ ମିଶ୍ର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ପି.କେ. ମିଶ୍ର, ସଚିବ ଶ୍ରୀ ଶ୍ରୀନିବାସ ରଥ, ଶ୍ରୀ ରାଜେନ୍ଦ୍ର କିଶୋର ପଣ୍ଡା, ଶ୍ରୀ ଏମ୍.ରାମମଣି, ଗ୍ରୀଡ୍‌କୋର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ବି.ପି.ଜେନା ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ଏରସମା ବ୍ଲକ୍‌ରେ ହଳ,ବଳଦ କିଣିବା ପାଇଁ ଋଣ ପ୍ରଦାନ

ଏରସମା ବ୍ଲକ୍‌ରେ ହଳ, ବଳଦ କିଣିବା ପାଇଁ ଚାଷୀମାନଙ୍କୁ ସ୍ୱର୍ଣ୍ଣ ଜୟନ୍ତୀ ଆତ୍ମ ନିଯୁକ୍ତି ଯୋଜନା ଜରିଆରେ ବ୍ୟାଙ୍କ ଋଣ ଯୋଗାଇ ଦିଆଯିବ । ଏହି ଯୋଜନା ଅନୁଯାୟୀ ପ୍ରତ୍ୟେକ ଗ୍ରାମ ପଞ୍ଚାୟତର ଆଗ୍ରହୀ ବ୍ୟକ୍ତିମାନଙ୍କୁ ଉଚାଭାବେ ତଥା ୩ ଗୋଟି ପାୱାର୍ ଟିଲର ଏବଂ ଟ୍ରାକ୍ଟର ନିମନ୍ତେ ଋଣ ଯୋଗାଇ ଦିଆଯିବା ସହିତ ପାନ ବରଜ ନିମନ୍ତେ ମଧ୍ୟ ଋଣ ଦିଆଯିବ । ଏଥିନିମନ୍ତେ ଭଦ୍ରକ ଓ ବାଲେଶ୍ୱରରୁ ପାନ ଚାରା ଅଣାଯିବ ।

ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ମହିଳା ସମିତିର ମିଳିତ ସହଯୋଗରେ ନର୍ସରୀ ପ୍ରତିଷ୍ଠା କରି ବର୍ଷାଋତୁ ପୂର୍ବରୁ ବୃକ୍ଷ ରୋପଣ ନିମନ୍ତେ ଜନସାଧାରଣଙ୍କୁ ଦିଆଯିବ । ସେହିପରି ଚାଷୀମାନଙ୍କୁ ଉତ୍ସାହିତ କରିବା ନିମନ୍ତେ କୃଷି ଶିଳ୍ପ ନିଗମ ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ଏକ ଏକର ଜମିରେ ମାଗଣାରେ ଚାଷ କରିବା ନିମନ୍ତେ ସ୍ଥିର କରିଛି । ଏହି ନିଗମ ପକ୍ଷରୁ କ୍ଷତିଗ୍ରସ୍ତ ହରିଜନମାନଙ୍କୁ ୫୦ ଟି ଡ଼ିଜେଲ୍ ପମ୍ପ ଯୋଗାଇବା ପାଇଁ ନିଷ୍ପତ୍ତି କରାଯାଇଛି । ବି.ପି.ଏଲ୍. ତାଲିକାଭୁକ୍ତ ମତ୍ସ୍ୟଜୀବୀମାନଙ୍କୁ ମାଛଧରା ଜାଲ ଓ ଡଙ୍ଗା କିଣିବା ନିମନ୍ତେ ଋଣ ଦେବାର ବ୍ୟବସ୍ଥା ଗ୍ରହଣ କରାଯାଇଛି । ବ୍ୟାଙ୍କ ଋଣ ନିମନ୍ତେ ଆବେଦନ କରିଥିବା ୧୧୬ ଜଣ ହିତାଧିକାରୀଙ୍କ ମଧ୍ୟରୁ ୯୦ ଜଣଙ୍କ ଋଣ ଆବେଦନ ଉପରେ କାର୍ଯ୍ୟ ଆରମ୍ଭ ହୋଇ ଗଲାଣି ।

ହାଇଦ୍ରାବାଦ ସ୍ଥିତ ସ୍ୱେଚ୍ଛାସେବୀ ସଂଗଠନ 'ଆୱାର୍' (Aware) ନଭେମ୍ବର ୧୦ ତାରିଖଠାରୁ ଆମ୍ବିକିଠାରେ ଏକ ଅସ୍ଥାୟୀ ଡାକ୍ତରଖାନା କାର୍ଯ୍ୟ କରୁଛି । ଏରସମା ବ୍ଲକ୍‌ରେ ଜବାହର ଗ୍ରାମ୍ୟ ଆତ୍ମ ନିଯୁକ୍ତି ଯୋଜନା ମାଧ୍ୟମରେ ପଞ୍ଚାୟତ ସ୍ତରୀୟ ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ସମାପ୍ତ ହୋଇ ଗଲାଣି ।

ଏରସମା ବ୍ଲକର କ୍ଷତିଗ୍ରସ୍ତ ଅଞ୍ଚଳରେ ବିପନ୍ନ ଜନସାଧାରଣଙ୍କୁ ପାନୀୟ ଜଳ ଯୋଗାଇବା ପାଇଁ ୨୦୦ଟି ଅଗଭୀର ନଳକୂପ ସ୍ଥାପନ ନିମନ୍ତେ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ବେଳେ ୧୫୦ ଗୋଟିର କାର୍ଯ୍ୟ

ସଂପୂର୍ଣ୍ଣ ହୋଇଛି । ସୂଚନାଯୋଗ୍ୟ ଯେ ପୂର୍ବରୁ ଏହି ବ୍ଲକ୍‌ରେ ୫୫୫ଟି ନଳକୂପ ଥିଲା । ଲୁଥରାନ୍ ୱାର୍ଲଡ୍ ସର୍ଭିସ୍ ସହଯୋଗରେ ଏହି ବ୍ଲକ୍‌ର କ୍ଷତିଗ୍ରସ୍ତ ଅଂଚଳରେ ୧୨ ଗୋଟି ଗଭୀର ନଳକୂପ ଖନନ କାର୍ଯ୍ୟ ଚାଲିଛି । ଗୋଡ଼ା ପଞ୍ଚାୟତରେ ପାନୀୟ ଜଳ ଯୋଗାଣ ନିମନ୍ତେ ଟ୍ୟାଙ୍କରକୁ ନିୟୋଜିତ କରାଯାଇଛି ।

## ବିପନ୍ନଙ୍କ ସହାୟତା ନିମନ୍ତେ କ୍ଷୁଦ୍ର ଜଳସେଚନ କର୍ମଚାରୀଙ୍କ ଏକ ଦିନର ଦରମା ଦାନ

କ୍ଷୁଦ୍ର ଜଳସେଚନ ବିଭାଗର କର୍ମଚାରୀମାନେ ସେମାନଙ୍କର ଏକ ଦିନର ଦରମା ଏକ ଲକ୍ଷ  ୨ହଜାର ୬୩୨ ଟଙ୍କା ବାତ୍ୟାକ୍ଲିଷ୍ଟ ବିପନ୍ନଙ୍କ ସହାୟତା ନିମନ୍ତେ ଦାନ କରିଛନ୍ତି ।

କ୍ଷୁଦ୍ର ଜଳସେଚନ ବିଭାଗର ମୁଖ୍ୟଯନ୍ତ୍ରୀ ଶ୍ରୀ ପ୍ରିୟ ରଂଜନ ପଟ୍ଟନାୟକ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ହେମାନନ୍ଦ ବିଶ୍ୱାଳଙ୍କୁ ଭେଟି ଏହି ଅର୍ଥରାଶି ଡ୍ରାଫ୍ଟ ଆକାରରେ ପ୍ରଦାନ କରିଛନ୍ତି ।

## ମହାବାତ୍ୟା ଅଞ୍ଚଳରେ କାର୍ଯ୍ୟ କରୁଥିବା ସଂସ୍ଥାମାନଙ୍କଠାରୁ ପ୍ରବେଶ ଶୁଳ୍କ ଓ ବିକ୍ରୟ ଶୁଳ୍କ ଛାଡ଼ କରାଯିବ

ରାଜ୍ୟର ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କରେ ସଂଘଟିତ ପ୍ରଳୟଙ୍କରୀ ମହାବାତ୍ୟାରେ ହୋଇଥିବା କ୍ଷୟକ୍ଷତିର ଭରଣା କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ତତ୍ପର ରହିଥିବା ମନ୍ତ୍ରୀ ଶ୍ରୀ ଭାଗବତ ପ୍ରସାଦ ମହାନ୍ତି ପ୍ରକାଶ କରିଛନ୍ତି । ପୁନଃନିର୍ମାଣ ତଥା ଥଇଥାନ କାର୍ଯ୍ୟରେ ନିୟୋଜିତ ରାଜ୍ୟ ସରକାର କିମ୍ବା କେନ୍ଦ୍ର ସରକାରଙ୍କ ବିଭିନ୍ନ ସଂସ୍ଥାମାନଙ୍କ ସହିତ ଆଲୋଚନା କରି ଏହି କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଆଗାମୀ ୨୦୦୦ ମସିହା ମାର୍ଚ୍ଚ ମାସ ୩୧ ତାରିଖ ପର୍ଯ୍ୟନ୍ତ ବିକ୍ରୀକର ଓ ପ୍ରବେଶ କର ଛାଡ଼ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

ମହାବାତ୍ୟା ଅଞ୍ଚଳରେ ଜନ ମଙ୍ଗଳ କାର୍ଯ୍ୟରେ ନିୟୋଜିତ ସଂସ୍ଥାମାନଙ୍କଠାରୁ ପ୍ରବେଶ କର ଛାଡ଼ କରି ଯାନବାହନରେ ଥଇଥାନ ସାମଗ୍ରୀ ନେବା ଆଣିବା କରିବା ପାଇଁ ସରକାର ପ୍ରବେଶ କର ଛାଡ଼ କରିଛନ୍ତି ।

ଏହା ବ୍ୟତୀତ ରାଜ୍ୟ ସରକାର ହୁଅନ୍ତୁ କିମ୍ବା କେନ୍ଦ୍ର ସରକାରଙ୍କ ସଂସ୍ଥା ହେଉ, ମହାବାତ୍ୟାଅଞ୍ଚଳରେ ଜନମଙ୍ଗଳ କାର୍ଯ୍ୟ, ଯଥା— ବାତ୍ୟା ନିରୋଧକ ଗୃହ ନିର୍ମାଣ, ନଳକୂପ ଖନନ କିମ୍ବା ଜନସାଧାରଣଙ୍କ ମଧ୍ୟରେ ଅତ୍ୟାବଶ୍ୟକୀୟ ସାମଗ୍ରୀ ବଣ୍ଟନ କରିବା ଲକ୍ଷ୍ୟରେ ନିୟୋଜିତ ଯାନବାହନ ତଥା ବ୍ୟକ୍ତି ବିଶେଷଙ୍କଠାରୁ ପ୍ରବେଶ କର ସହିତ ବିକ୍ରୀ କର ମଧ୍ୟ ଛାଡ଼ କରାଯାଇଛି । ଏଥିପାଇଁ ସଂପୃକ୍ତ ସଂସ୍ଥା ହେଉ କି ରାଜ୍ୟ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନମାନେ ସେମାନଙ୍କର କାର୍ଯ୍ୟ ବିବରଣୀ ସହିତ ବ୍ୟବହାର କରିବାକୁ ଥିବା ସାମଗ୍ରୀମାନଙ୍କର ବିବରଣୀର କାଗଜପତ୍ର ବିକ୍ରୀ କର କମିଶନରଙ୍କଠାରୁ ଅନୁମୋଦନ ଲାଭ କରିବା ବିଧେୟ । ସ୍ୱତନ୍ତ୍ର ରିଲିଫ୍ କମିଶନର କିମ୍ବା ଜିଲ୍ଲାପାଳମାନଙ୍କଠାରୁ ଅନୁମତିପତ୍ର ଲାଭ କରି ନିୟୋଜିତ ସଂସ୍ଥାମାନେ ଜନ ମଙ୍ଗଳ କାର୍ଯ୍ୟର ବିବରଣୀ ଏବଂ ଏଥିନିମନ୍ତେ ଆବଶ୍ୟକ ସାମଗ୍ରୀର ବିବରଣୀ ସହିତ ପ୍ରତି ମାସରେ ଯୋଗ୍ୟତା ପ୍ରମାଣ ପତ୍ର ପାଇଁ ସେଲ୍ସଟ୍ୟାକ୍ସ କମିଶନରଙ୍କୁ ଆବେଦନ କରି ପରବର୍ତ୍ତୀ ମାସର ୭ ତାରିଖ ସୁଦ୍ଧା ଜିନିଷ ପତ୍ର କ୍ରୟ କରିପାରିବେ । ବିକ୍ରୀ କର ଛାଡ଼ ସୁବିଧା ଜନ ମଙ୍ଗଳ କାର୍ଯ୍ୟରେ ଜନ ମଙ୍ଗଳକାରୀ ସଂସ୍ଥାମାନଙ୍କୁ ଆସନ୍ତା ବର୍ଷ ମାର୍ଚ୍ଚ ମାସ ୩୧ ତାରିଖ ପର୍ଯ୍ୟନ୍ତ ପ୍ରଦାନ କରାଯିବ ।

ଯେ କୌଣସି ସମୟରେ ଏହି କାର୍ଯ୍ୟରେ ନିୟୋଜିତ ସଂସ୍ଥାମାନଙ୍କର କାର୍ଯ୍ୟାବଳୀରେ ଅନିୟମିତତା ପରିଲକ୍ଷିତ ହେଲେ, ବିକ୍ରୀ କର କମିଶନର ଏହି ଅନୁମୋଦନପତ୍ରକୁ ନାକଚ କରିପାରିବେ ।

## ଏରସମା ବ୍ଲକ୍‌ରେ ୨୬ ଗୋଟି ମମତା ଗୃହ ସ୍ଥାପିତ

ଗତ ପ୍ରଳୟଙ୍କରୀ ବାତ୍ୟାରେ ପିତାମାତାଙ୍କୁ ହରାଇ ଅନାଥ ହୋଇଥିବା ଶିଶୁ ତଥା ବିଧବା ଏବଂ ନିରାଶ୍ରୟା ମହିଳାମାନଙ୍କ ନିମନ୍ତେ ଜଗତସିଂହପୁର ଜିଲ୍ଲାର ଏରସମା ବ୍ଲକ୍‌ର ଆମ୍ବିକି, ପଦ୍ମପୁର, ଗଡ଼ ବିଷ୍ଣୁପୁର, ଜନକଦେଇପୁର, ଜପା, କୁଂଜକୋଠି, ତଡ଼ୁଆ ଓ ଗଡ଼କୁଜଂଗ ଗ୍ରାମପଞ୍ଚାୟତର ବିଭିନ୍ନ ସ୍ଥାନରେ ୨୬ ଗୋଟି ମମତା ଗୃହ ସ୍ଥାପନ କରାଯାଇଛି । ପ୍ରତ୍ୟେକ ମମତା ଗୃହରେ ପ୍ରାୟ ୨୦ ଜଣ ବ୍ୟକ୍ତିଙ୍କ ଥଇଥାନ ନିମନ୍ତେ ବ୍ୟବସ୍ଥା କରାଯାଇଛି ।

ଗୋଡ଼ା ପଞ୍ଚାୟତର ଓଲାରାଠାରେ ଜଗତସିଂହପୁର ସ୍କୁଲ ସମୂହର ମଣ୍ଡଳ ନିରୀକ୍ଷକ ତଥା ସ୍ୱେଚ୍ଛାସେବୀ ସଂସ୍ଥା ସି.ସି.ଡବ୍ଲ୍ୟୁ.ଡି.ର ମିଳିତ ତତ୍ତ୍ୱାବଧାନରେ ଏକ ଅସ୍ଥାୟୀ ଅନାଥାଶ୍ରମ ପରିଚାଳିତ ହେଉଛି ଏବଂ ସେଠାରେ ୨୧ ଜଣ ଅନାଥଙ୍କୁ ଥଇଥାନ କରାଯାଉଛି ।

ବାତ୍ୟା କ୍ଷତିଗ୍ରସ୍ତ ଗୋଡ଼ା ବଂଗାଳୀ ସାହିଠାରେ ପିଲାମାନଙ୍କ ପାଠପଢ଼ା ପୁଣି ଆରମ୍ଭ କରିବା ନିମନ୍ତେ ସ୍ୱେଚ୍ଛାସେବୀ ସଂଗଠନ ଏସ୍.ୟୁ.ସି.ଆଇ. ତରଫରୁ ଏକ ନନ୍ ଫରମାଲ୍ ସ୍କୁଲ ଆରମ୍ଭ କରାଯାଇଛି । ଗତ ନଭେମ୍ବର ୧୧ ତାରିଖଠାରୁ ସେଠାରେ ଏକ ମାଗଣା ଭୋଜନ କେନ୍ଦ୍ର ମଧ୍ୟ ଚାଲୁଛି । ଯେଉଁଠାରେ ସ୍କୁଲଗୃହଗୁଡ଼ିକ ସଂପୂର୍ଣ୍ଣ ଭାବରେ ଭାଙ୍ଗି ଯାଇଛି, ସେଠାରେ ପାଠପଢ଼ା ଆରମ୍ଭ କରିବା ନିମନ୍ତେ ଅସ୍ଥାୟୀ ଗୃହ ଯୋଗାଇ ଦିଆଯାଇଥିବା ବେଳେ ଛାତ ନଥିବା ସ୍କୁଲଗୁଡ଼ିକୁ ତାର୍ପୋଲିନ୍ ଯୋଗାଇ ଦିଆଯାଇଛି ଏବଂ ୩୪ ଗୋଟି ୟୁ.ପି. / ଏମ୍.ଇ. ଓ ହାଇସ୍କୁଲକୁ ଆସ୍‌ବେଷ୍ଟସ୍ ଦିଆଯାଇଛି ।

ଏରସମା ବ୍ଲକ୍ ସହିତ ସଂଯୋଗ କରୁଥିବା ସମସ୍ତ ଗ୍ରାମ ପଞ୍ଚାୟତ ରାସ୍ତାର ମରାମତି କାର୍ଯ୍ୟ ଶତକଡ଼ା ୫୦ ଭାଗ ସଂପୂର୍ଣ୍ଣ ହୋଇଛି । ଗତ ନଭେମ୍ବର ୩୦ ତାରିଖଠାରୁ ୨ ଏକର ଅଞ୍ଚଳ ପରିମିତ ୨୪ ଗୋଟି ପୋଖରୀର ଖନନ କାର୍ଯ୍ୟ ଆରମ୍ଭ ହୋଇଛି । ଏହି କାର୍ଯ୍ୟ ପାଇଁ ଦୈନିକ ୪୦ ଟଙ୍କା ମଜୁରୀରେ ଶ୍ରମିକମାନଙ୍କୁ ନିୟୋଜିତ କରାଯାଇଛି । ନୂଆଡ଼ିହ ଗ୍ରାମ ପଞ୍ଚାୟତରେ ମହିଳା ଶ୍ରମିକମାନଙ୍କୁ ଖାଦ୍ୟ ପାଇଁ କାର୍ଯ୍ୟରେ ନିୟୋଜିତ କରାଯାଇଛି । ଏରସମା ବ୍ଲକ୍‌ର ସମସ୍ତ ସରକାରୀ କୋଠା ବାଡ଼ିର ମରାମତି କାର୍ଯ୍ୟ ଜୋରସୋରରେ ଚାଲିଛି ।

ଏରସମା ବ୍ଲକ୍‌ର କ୍ଷତିଗ୍ରସ୍ତ ସ୍କୁଲଗୁଡ଼ିକର ପୁନରୁଦ୍ଧାର ନିମନ୍ତେ ଭେଲ (BHEL) ଏକ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିଛି । ତଦନୁଯାୟୀ ଗଡ଼ କୁଜଂଗ ପର୍ଯ୍ୟନ୍ତ ୧୨ ଗୋଟି ଗ୍ରାମ ପଞ୍ଚାୟତର ୩୦ ଗୋଟି ସ୍କୁଲକୁ ଆଲୁମିନିୟମ୍ ଏବଂ ଆସ୍‌ବେଷ୍ଟସ୍ ଓ ତାର୍ପୋଲିନ୍ ଭେଲ୍ ତରଫରୁ ଯୋଗାଇ ଦିଆଯାଉଛି ବୋଲି ଜଣାଯାଇଛି ।

ଏରସମା ବ୍ଲକ୍‌ରେ ଚାଷୀମାନଙ୍କୁ ଅଧା ମୂଲ୍ୟରେ ବିହନ ଦେବା କାର୍ଯ୍ୟ ଗତ ୫ ତାରିଖରୁ ଆରମ୍ଭ କରାଯାଇଛି । ଏହି ଅଞ୍ଚଳରେ ୫୫୫ଟି ଅଗଭୀର ନଳକୂପ ଥିବା ସ୍ଥଳେ ଆଉ ଅଧିକ ୧୨୦ଟି ନଳକୂପ ଏ ମଧ୍ୟରେ ବସାଯାଇ-ସାରିଲାଣି । ଆଗ୍ରୋ ଇଣ୍ଡଷ୍ଟ୍ରିଜ୍ ସଂସ୍ଥା ୫୦ ଟି ପମ୍ପସେଟ୍ ଯୋଗାଇ ଦେଇଛନ୍ତି । ଗୋଡ଼ା ଗ୍ରାମପଞ୍ଚାୟତରେ ପ୍ରତ୍ୟହ

ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଟ୍ୟାଙ୍କର ଯୋଗେ କରାଯାଉଛି । 'ଲୁଥେରାନ୍ ବିଶ୍ୱସେବା' ସ୍ୱେଚ୍ଛାସେବୀ ସଂସ୍ଥା ସହଯୋଗରେ ୧୨ ଟି ଗଭୀର ନଳକୂପ ବସାଇବା କାର୍ଯ୍ୟ ଆରମ୍ଭ କରାଯାଉଛି ।

## ମୁଖ୍ୟମନ୍ତ୍ରୀଙ୍କ ଜଗତସିଂହପୁର ବାତ୍ୟାଞ୍ଚଳ ଗସ୍ତ ଏବଂ ରିଲିଫ୍ ଓ ଥଇଥାନ କାର୍ଯ୍ୟ ସମୀକ୍ଷା

ଗତ ଡିସେମ୍ବର ୭ ତାରିଖରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ହେମାନନ୍ଦ ବିଶ୍ୱାଳ ଜଗତସିଂହପୁର ଜିଲ୍ଲା ଗସ୍ତରେ ଆସି ବାଲିକୁଦା ବ୍ଲକ୍‌ର କେତେକ ବାତ୍ୟାଞ୍ଚଳ ପରିଦର୍ଶନ କରିବା ସହିତ ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ରିଲିଫ୍ ଓ ଥଇଥାନ କାର୍ଯ୍ୟକ୍ରମ ସଂପର୍କରେ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଜିଲ୍ଲାପାଳ ଶ୍ରୀ ଜିତେନ୍ ଚନ୍ଦ୍ର ବାତ୍ୟାର କ୍ଷୟକ୍ଷତି, ରିଲିଫ୍ ଯୋଗାଣ, ଥଇଥାନ ସଂପର୍କରେ ସୂଚନା ଦେଇଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ହେମାନନ୍ଦ ବିଶ୍ୱାଳ ଏହି ସମୀକ୍ଷା ବୈଠକରେ କ୍ଷୟକ୍ଷତିର ଭରଣା ପାଇଁ ସଂକଳ୍ପବଦ୍ଧ ଭାବରେ କାର୍ଯ୍ୟ କରିବାକୁ ସମସ୍ତ ସରକାରୀ ଓ ବେସରକାରୀ ଅଧିକାରୀମାନଙ୍କୁ ଆହ୍ୱାନ ଜଣାଇଥିଲେ । ବର୍ତ୍ତମାନ ସୁଦ୍ଧା ୮ ଲକ୍ଷ ବିପନ୍ନ ପରିବାରଙ୍କୁ ପଲିଥିନ୍ ଯୋଗାଇ ଦିଆଯାଇଛି ଓ ଚାଷପାଇଁ ଟ୍ରାକ୍ଟର ଭଡ଼ା ସୂତ୍ରରେ ଯୋଗାଇ ଦେବା ପାଇଁ ସରକାର ପଦକ୍ଷେପ ନେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ । ଆସନ୍ତା ୩୧ ଡିସେମ୍ବର ସୁଦ୍ଧା ସମସ୍ତ ସ୍କୁଲ, କଲେଜ, ଡାକ୍ତରଖାନା ମରାମତି ଶେଷ ହେବ । ବାତ୍ୟା ଓ ବନ୍ୟା ପ୍ରପୀଡ଼ିତ ଅଞ୍ଚଳରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଆବଶ୍ୟକ ପଡୁଥିବା ଇଂଜିନିୟରମାନଙ୍କୁ ଯୋଗ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଥିଲେ ।

ଏହି ବୈଠକରେ ମନ୍ତ୍ରୀ ଶ୍ରୀ । ବସନ୍ତ କୁମାର ବିଶ୍ୱାଳ ଯୋଗ ଦେଇ କହିଲେ ଯେ ବାତ୍ୟା ପ୍ରପୀଡ଼ିତ ଅଞ୍ଚଳରେ ଘର ଯୋଗାଣ, ପଲିଥିନ୍ ଯୋଗାଣ, କେନାଲ ମରାମତି ଓ ରବିଚାଷ ପାଇଁ ସମସ୍ତ ବିହନ ତୁରନ୍ତ ଯୋଗାଇ ଦିଆଯିବ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜଗତସିଂହପୁର ବିଧାୟକ ଶ୍ରୀ ବିଷ୍ଣୁ ଦାସ, ବାଲିକୁଦା ବିଧାୟକ ଡଃ. ଇନ୍ଦୁ ମହାପାତ୍ର, ଏରସମା ବିଧାୟକ ଶ୍ରୀ ବିଜୟ କୁମାର ନାୟକ, ଜିଲ୍ଲା ପରିଷଦ ସଭାପତି ଶ୍ରୀ ଲକ୍ଷ୍ମଣ ମଲ୍ଲିକ, ସ୍ୱତନ୍ତ୍ର ରିଲିଫ୍ କମିଶନର ଶ୍ରୀ ସଂଜୀବ ଚନ୍ଦ୍ର ହୋତା, ଡ଼ି. ଆଇ.ଜି. ଶ୍ରୀ ଗୌରାଙ୍ଗ କିଙ୍କର ଦାସ, ଏସ୍.ପି. ଶ୍ରୀ ଲଳିତ ଦାସ ଓ ଜିଲ୍ଲାସ୍ତରୀୟ ସମସ୍ତ ଅଧିକାରୀ, ପଞ୍ଚାୟତ ସମିତିର ଅଧ୍ୟକ୍ଷ ଓ ଅଧ୍ୟକ୍ଷା, ଜିଲ୍ଲା ପରିଷଦର ସଭ୍ୟ ଓ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରମୋଦ କୁମାର ପାଣି ଧନ୍ୟବାଦ ଅର୍ପଣ କରିଥିଲେ ।

## ମୁଖ୍ୟମନ୍ତ୍ରୀଙ୍କ ସହ ରୋଟାରୀ ଇଣ୍ଟରନେସ୍‌ନାଲର ବିଶ୍ୱ ସଭାପତିଙ୍କ ଆଲୋଚନା

ଗତ ଡ଼ିସେମ୍ବର ୧୪ ତାରିଖରେ ରୋଟାରୀ ଇଣ୍ଟରନେସ୍‌ନାଲ୍‌ର ବିଶ୍ୱ-ସଭାପତି ମିଃ. ଫ୍ରାଙ୍କ୍ ଜେ. ଡ଼େଭଲିନ୍‌ଙ୍କ ନେତୃତ୍ୱରେ ଏକ ରୋଟାରୀ ଇଣ୍ଟରନେସ୍‌ନାଲର ପ୍ରତିନିଧି ଦଳ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ସହ ସାକ୍ଷାତ କରି ବାତ୍ୟାକ୍ଳିଷ୍ଟ ବିପନ୍ନମାନଙ୍କ ଥଇଥାନ ସଂପର୍କରେ ଆଲୋଚନା କରିଥିଲେ ।

ରୋଟାରୀ ଇଣ୍ଟରନେସ୍‌ନାଲ୍ ଦୁର୍ଗତମାନଙ୍କୁ ସାଧ୍ୟମତେ ସେବା ଯୋଗାଇ ଦେବାକୁ ଇଚ୍ଛୁକ । ବାତ୍ୟାବିପନ୍ନମାନଙ୍କ ନିମନ୍ତେ କମ୍ ଖର୍ଚ୍ଚରେ ଉନ୍ନତମାନର ଗୃହ ନିର୍ମାଣ, ସ୍କୁଲ ତଥା ଆଶ୍ରୟସ୍ଥଳ ନିର୍ମାଣ, ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ବିପନ୍ନ ଅଂଚଳରେ ନଳକୂପ ଖନନ ଏବଂ ଦୁର୍ଗତମାନଙ୍କୁ ବସ୍ତ୍ର ଯୋଗାଣ ଇତ୍ୟାଦି କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ସିଦ୍ଧାନ୍ତ ନିଆଯାଇଥିବା ବିଷୟ ପ୍ରକାଶ କରି ମିଃ. ଫ୍ରାଙ୍କ୍ କହିଲେ ଯେ, କୃଷିର ବିକାଶ ନିମନ୍ତେ କୃଷକମାନଙ୍କୁ ତାଲିମ, ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇବା ପାଇଁ ଆବଶ୍ୟକୀୟ ପ୍ରଶିକ୍ଷଣ ଇତ୍ୟାଦି ରୋଟାରୀ ଇଣ୍ଟରନେସ୍‌ନାଲ୍ କାର୍ଯ୍ୟକ୍ରମର ଅଂଶବିଶେଷ ।

ରୋଟାରୀ ଇଣ୍ଟରନେସ୍‌ନାଲ୍‌ର ପ୍ରତିନିଧିଦଳ ଏବଂ ସେମାନଙ୍କର ଆଭିମୁଖ୍ୟକୁ ସ୍ୱାଗତ ଜଣାଇ ମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱାଳ ସେମାନଙ୍କର ଯୋଜନାଗୁଡ଼ିକର ସଫଳ ରୂପାୟନ ନିମନ୍ତେ ସରକାରଙ୍କ ତରଫରୁ ଏବଂ ନିଜ ତରଫରୁ ସମସ୍ତ ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

ପ୍ରତିନିଧି ଦଳ ରୋଟାରୀ ଇଣ୍ଟରନେସ୍‌ନାଲ୍‌ର ସାହାଯ୍ୟ ଯେପରି ପ୍ରକୃତ ଲୋକଙ୍କ ନିକଟରେ ପହଞ୍ଚେ ସେଥିପ୍ରତି ଆବଶ୍ୟକୀୟ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ ।

## ହାଇଦ୍ରାବାଦ କର୍ମଚାରୀମାନଙ୍କ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଦାନ

ହାଇଦ୍ରାବାଦର ନେସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ରୁରାଲ ଡେଭଲପମେଣ୍ଟର କର୍ମଚାରୀମାନେ ସେମାନଙ୍କର ଏକ ଦିନର ଦରମା ୯୧ ହଜାର ୧୦୪ ଟଙ୍କା ବାତ୍ୟାକ୍ଳିଷ୍ଟ ବିପନ୍ନମାନଙ୍କ ସହାୟତା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଦାନ କରିଛନ୍ତି ।

ଗତ ଡ଼ିସେମ୍ବର ୧୫ ତାରିଖରେ ନେସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ରୁରାଲ ଡେଭଲପମେଣ୍ଟର ଜେନେରାଲ ମ୍ୟାନେଜର ଶ୍ରୀ ଆର.ସି. ଚୌଧୁରୀଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ହେମାନନ୍ଦ ବିଶ୍ୱାଳଙ୍କୁ ଏହି ଅର୍ଥରାଶି ଡ୍ରାଫ୍ଟ ଆକାରରେ ପ୍ରଦାନ କରି କହିଲେ ଯେ ସେମାନେ ବାତ୍ୟାବିପନ୍ନ ଅଞ୍ଚଳକୁ ପରିଦର୍ଶନରେ ଯାଇ ଗ୍ରାମାଞ୍ଚଳରେ ଗୃହ ନିର୍ମାଣ, ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ଗ୍ରାମ୍ୟ ଯୋଗାଯୋଗ, ସ୍ୱାସ୍ଥ୍ୟ ଏବଂ ଗ୍ରାମ୍ୟ ଜୀବିକା ନିର୍ବାହ ସଂକ୍ରାନ୍ତରେ ଅନୁଧ୍ୟାନ କରିବେ । ବାତ୍ୟାକ୍ଳିଷ୍ଟ ଗ୍ରାମାଞ୍ଚଳରେ ସ୍ୱାଭାବିକ ଜୀବନ କିପରି ଯଥାଶୀଘ୍ର ଫେରାଇ ଅଣାଯାଇ ପାରିବ, ତାହା ହିଁ ତାଙ୍କ ଗସ୍ତର ମୂଳ ଆଭିମୁଖ୍ୟ ।

ମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱାଳ ସଂସ୍ଥାର କର୍ମକର୍ତ୍ତା ଏବଂ କର୍ମଚାରୀମାନଙ୍କ ସାଧୁ ଉଦ୍ୟମକୁ ପ୍ରଶଂସା କରିବା ସଙ୍ଗେ ସଙ୍ଗେ ଏକ ତଥ୍ୟ ଏବଂ ଯୋଜନା ଭିତ୍ତିକ ରିପୋର୍ଟ ପ୍ରଦାନ କରିବାକୁ ପ୍ରତିନିଧି ଦଳକୁ ଅନୁରୋଧ କରିଥିଲେ ।

ବାତ୍ୟା ବିପନ୍ନଙ୍କ ସାହାଯ୍ୟାର୍ଥେ ଡେକ୍ସଟାଇଲ୍‌ର ସହନିର୍ଦ୍ଦେଶକ ୬,୨୦୦ ଟଙ୍କା ଦାନ କରିଛନ୍ତି ।

## ବାତ୍ୟାରେ ଜଗତସିଂହପୁର ଜିଲ୍ଲାରେ ୧୬୨.୮୦ କୋଟି ଟଙ୍କାର ଫସଲ ହାନୀ

ଗତ ଅକ୍ଟୋବର ମାସରେ ଘଟିଯାଇଥିବା ପ୍ରଳୟଙ୍କରୀ ବାତ୍ୟାରେ ଜଗତସିଂହପୁର ଜିଲ୍ଲାର ୧,୧୬,୪୫୮ ଟି କୃଷିଜୀବି ପରିବାର କ୍ଷତିଗ୍ରସ୍ତ ହୋଇଥିବା ବେଳେ ୧୬୨.୮୦ କୋଟି ଟଙ୍କା ମୂଲ୍ୟର ୨,୨୯,୧୫୧ ମେଟ୍ରିକ ଟନ୍ ଖାଦ୍ୟ ଶସ୍ୟ ନଷ୍ଟ ହୋଇଅଛି ବୋଲି ଜଣାଯାଇଛି ।

ଏହି ମହାବାତ୍ୟାରେ ଜଗତସିଂହପୁର ଜିଲ୍ଲାର ଏରସମା କୋନ୍‌ର ବାଲିକୁଦା ବ୍ଲକ୍‌ର ୫୩ ଟି ଗ୍ରାମପଞ୍ଚାୟତର ୪୨୮ ଟି ଗ୍ରାମର ୪୪,୪୭୩ ହେକ୍ଟର ଜମିରେ ଲୁଣିପାଣି ମାଡ଼ି ଯାଇଅଛି । ଏରସମା ବ୍ଲକ୍‌ର ୨୪ ଟି ଗ୍ରାମପଞ୍ଚାୟତର ୨୦୮ ଟି ଗ୍ରାମର ୨୩,୨୮୪ ହେକ୍ଟର ଜମି ଲୁଣିପାଣି ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବାବେଳେ କୁଜଙ୍ଗ ବ୍ଲକ୍‌ର ୧୮ଟି ଗ୍ରାମପଞ୍ଚାୟତ ଅଧୀନସ୍ଥ ୧୪୨ଟି ଗ୍ରାମର ୧୨,୯୪୫ ହେକ୍ଟର ଜମି ଏବଂ ବାଲିକୁଦା ବ୍ଲକ୍‌ର ୧୧ ଟି ଗ୍ରାମପଞ୍ଚାୟତ ଅଧୀନସ୍ଥ ୭୮ ଟି ଗ୍ରାମର ୮,୨୪୪ ହେକ୍ଟର ଜମି ଲୁଣିପାଣି ଦ୍ୱାରା କ୍ଷତିଗ୍ରସ୍ତ ହୋଇଅଛି ।

ମିଳିଥିବା ସୂଚନାରୁ ଜଣାଯାଇଛି ଯେ ଏହି ବାତ୍ୟାରେ ଜଗତସିଂହପୁର ଜିଲ୍ଲାର ୪ଟି ବ୍ଲକ୍ ଅନ୍ତର୍ଗତ ୨୪ ଟି ଗ୍ରାମପଞ୍ଚାୟତ ଅଧୀନସ୍ଥ ୧୦୬ ଟି ଗ୍ରାମର ୮୦୫୦ ହେକ୍ଟର ଜମି ବାଲିଚର ହୋଇଯାଇଅଛି । ଏରସମା ବ୍ଲକ୍‌ର ୧୨ଟି ଗ୍ରାମପଞ୍ଚାୟତ ଅଧୀନସ୍ଥ ୪୯ଟି ଗ୍ରାମର ୪୮୮୫ ହେକ୍ଟର ଜମି ବାଲିଚର ହୋଇଥିବା ବେଳେ କୁଜଙ୍ଗ ବ୍ଲକ୍‌ର ୫୬୦ ହେକ୍ଟର ଜମି, ବାଲିକୁଦା ବ୍ଲକ୍‌ର ୭ଟି ଗ୍ରାମପଞ୍ଚାୟତ ଅଧୀନସ୍ଥ ୩୮ ଟି ଗାଁର ୨୦୨୦ ହେକ୍ଟର ଜମି ଏବଂ ନାଉଗାଁ ବ୍ଲକ୍‌ର ୫ ଟି ଗ୍ରାମ ପଞ୍ଚାୟତ ଅଧୀନସ୍ଥ ୧୯ ଟି ଗାଁର ୫୮୫ ହେକ୍ଟର ଜମି ବାଲିଚର ଦ୍ୱାରା କ୍ଷତିଗ୍ରସ୍ତ ହୋଇଅଛି ।

ଜିଲ୍ଲାରେ ଚଳିତ ରବି ଚାଷ କାର୍ଯ୍ୟକ୍ରମ ନିମନ୍ତେ ୭୪୯୨ ମେଟ୍ରିକ୍ ଟନ୍ ରାସାୟନିକ ସାରର ଆବଶ୍ୟକତା ରହିଛି ବୋଲି ଜଣାଯାଇଅଛି ।

ବାତ୍ୟା ପରେ ବର୍ତ୍ତମାନ ଜଗତସିଂହପୁର ଜିଲ୍ଲାର ସମସ୍ତ ଏଲ୍.ପି./ୟୁ.ପି./ଏମ୍.ଇ./ହାଇସ୍କୁଲ ସ୍ୱାଭାବିକ ଭାବରେ କାର୍ଯ୍ୟ ଆରମ୍ଭ କଲେଣି । ଦିବ୍ୟଜୀବନ ସଂଘ ପକ୍ଷରୁ ଗୋଡ଼ା ପଞ୍ଚାୟତ ଅନ୍ତର୍ଗତ ଉଜାଖିଆଠାରେ ଏକ ଦୁଇ ମହଲା ବିଶିଷ୍ଟ ସ୍କୁଲର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇ କାର୍ଯ୍ୟ ଆରମ୍ଭ କରାଯାଇଅଛି । ଏତଦ୍ ବ୍ୟତୀତ ଏହି ସଂଘ ପକ୍ଷରୁ ଜିଲ୍ଲାରେ ୫ ଟି ସ୍ୱଳ୍ପ ମୂଲ୍ୟର ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଅଛି । ଏହି କାର୍ଯ୍ୟ ଆସନ୍ତା ଡ଼ିସେମ୍ବର ୨୬ ତାରିଖ ସୁଦ୍ଧା ଶେଷ କରାଯିବ ବୋଲି ଜଣାଯାଇଅଛି ।

ମହାବାତ୍ୟାକ୍ଲିଷ୍ଟ ଅନ୍ୟାନ୍ୟ ଜିଲ୍ଲା ସମେତ ଜଗତସିଂହପୁର ଜିଲ୍ଲାର କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ସେମାନଙ୍କର ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବା ପାଇଁ ସର୍ବୋଚ୍ଚ ୨୦୦୦ ଟଙ୍କା ଋଣ ଦିଆଯିବ ବୋଲି ରିଜର୍ଭବ୍ୟାଙ୍କର ଅନୁମୋଦନକ୍ରମେ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି ।

## ରାଜ୍ୟରେ ଆଉ ଏକ ଏସ୍.ଓ.ଏସ୍. ଶିଶୁ ଗ୍ରାମ ସ୍ଥାପିତ ହେବ

ରାଜ୍ୟରେ ବାତ୍ୟା ବିପନ୍ନ ଅନାଥ ଶିଶୁମାନଙ୍କ ସମେତ ଅନ୍ୟାନ୍ୟ ଅନାଥ ଶିଶୁମାନଙ୍କ ସ୍ଥାୟୀ ଥଇଥାନ ପାଇଁ ଖୁବ୍ ଶୀଘ୍ର ଆଉ ଏକ ଏସ୍.ଓ.ଏସ୍. ଶିଶୁ ଗ୍ରାମ ପ୍ରତିଷ୍ଠା ହେବାକୁ ଯାଉଛି ବୋଲି ଏସ୍.ଓ.ଏସ୍. ଶିଶୁ ଗ୍ରାମର ସର୍ବଭାରତୀୟ ଅଧ୍ୟକ୍ଷ ଶ୍ରୀ ଟିନ୍ କାଉଲ ସୂଚନା ଦେଇଛନ୍ତି । ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କ ସହ ଆଲୋଚନା ସମୟରେ ଏହି ଶିଶୁଗ୍ରାମ ପାଇଁ ଭୂମି ତଥା ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ଶ୍ରୀ କାଉଲ୍ ମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଥିଲେ । ଆବଶ୍ୟକ ଭୂମି ଯୋଗାଇ ଦେବା ପାଇଁ ମନ୍ତ୍ରୀ ଶ୍ରୀମତୀ ହେମ୍ବ୍ରମ୍ ପ୍ରତିଶ୍ରୁତି ଦେଇଥିଲେ । ଏହି ପ୍ରସ୍ତାବିତ ଶିଶୁଗ୍ରାମ ଗଂଜାମ ବା କଟକ ଜିଲ୍ଲାରେ ସ୍ଥାପିତ ହେବ ବୋଲି ଶ୍ରୀ କାଉଲ୍ ସୂଚନା ଦେଇଥିଲେ । ଆଉ ଏକ ଶିଶୁଗ୍ରାମ ସ୍ଥାପିତ କରିବା ପାଇଁ ମଧ୍ୟ ମନ୍ତ୍ରୀ ଶ୍ରୀମତୀ ହେମ୍ବ୍ରମ୍ ଶ୍ରୀ କାଉଲ୍‌ଙ୍କୁ ଅନୁରୋଧ କରିଥିଲେ । ଏହା ଫଳରେ ପ୍ରତ୍ୟେକ ଶିଶୁ ଗ୍ରାମରେ ୨୦୦ ଜଣ ଲେଖାଏଁ ଅନାଥ ଶିଶୁ ସ୍ଥାୟୀ ଭାବରେ ଥଇଥାନ ହୋଇପାରିବେ ।

ପ୍ରଳୟଙ୍କରୀ ବାତ୍ୟାରେ ଖଣ୍ଡଗିରିସ୍ଥ ଏସ୍.ଓ.ଏସ୍. ଶିଶୁ ଗ୍ରାମ ୩୦୦ ରୁ ୫୦୦ ଜଣ ପିତୃ ମାତୃ ହରା ଅନାଥ ଶିଶୁଙ୍କୁ ସାମୟିକ ଭାବରେ ଥଇଥାନ ଗ୍ରହଣ କରିବା ପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହି ଥଇଥାନ କାର୍ଯ୍ୟକ୍ରମ ଜିଲ୍ଲାସ୍ତରୀୟ ଶିଶୁ କଲ୍ୟାଣ ଅଧିକାରୀଙ୍କ ଦ୍ୱାରା ଚିହ୍ନଟ ହେବା ପରେ ଅନାଥ ଶିଶୁମାନଙ୍କୁ ଏସ୍.ଓ.ଏସ୍. ଶିଶୁ ଗ୍ରାମକୁ ସ୍ଥାନାନ୍ତରିତ କରାଯାଇ ସାମୟିକ ଭାବେ ଥଇଥାନ କରାଯାଉଛି ।

## ବିପନ୍ନଙ୍କ ସହାୟତା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା

ଗତ ଡ଼ିସେମ୍ବର ୧୬ ତାରିଖରେ ହରିଆନା ସମାଜ ମଙ୍ଗଳ ବିଭାଗ ମନ୍ତ୍ରୀ ଶ୍ରୀମତୀ କ୍ରିଷ୍ଣା ଗହଲଓ୍ୱାଟ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ସହ ବାତ୍ୟାକ୍ଲିଷ୍ଟ ବିପନ୍ନମାନଙ୍କ ସହାୟତା ସଂପର୍କରେ ଆଲୋଚନା କରିଥିଲେ ।

ବାତ୍ୟାବିପନ୍ନମାନଙ୍କ ସହାୟତା ଦେବାକୁ ହରିଆନା ସରକାର ସିଦ୍ଧାନ୍ତ ଗ୍ରହଣ କରିଛନ୍ତି ବୋଲି ପ୍ରକାଶ କରି ଶ୍ରୀମତୀ ଗହଲ୍ଓ୍ୱାଟ ଏଥିପାଇଁ ଓଡ଼ିଶା ସରକାରଙ୍କ ସହଯୋଗ କାମନା କରିଥିଲେ । ରିଲିଫ୍ ସାମଗ୍ରୀ ବ୍ୟତୀତ ଆଉ କି ପ୍ରକାର ସାହାଯ୍ୟ ବିପନ୍ନମାନଙ୍କ ନିମନ୍ତେ ଆବଶ୍ୟକତା ରହିଛି ତାହା ମୁଖ୍ୟମନ୍ତ୍ରୀଙ୍କଠାରୁ ଜାଣିବା ପରେ ସେ ହରିଆନାର ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବେ ବୋଲି ମଧ୍ୟ ପ୍ରକାଶ କରିଥିଲେ ।

ମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱାଳ ହରିଆନା ସରକାରଙ୍କ ଆନ୍ତରିକତାକୁ ସାଧୁବାଦ ଜଣାଇ କହିଲେ ଯେ ସାଂପ୍ରତିକ ପରିସ୍ଥିତିରେ କମ୍ବଳ ଏବଂ ପଲିଥିନ୍‌ର ଆବଶ୍ୟକତା ରହିଛି । ଏଥିପାଇଁ ହରିଆନା ସରକାରଙ୍କ ସହଯୋଗ କାମନା କରି ଶ୍ରୀ ବିଶ୍ୱାଳ ବାତ୍ୟାକ୍ଲିଷ୍ଟ ଅଞ୍ଚଳରେ ସ୍ଥାୟୀ ବାତ୍ୟା ଓ ବନ୍ୟା ନିରୋଧକ ଗୃହ ନିର୍ମାଣ ଉପରେ ଗୁରୁତ୍ୱାରୋପ କରିଥିଲେ ।

ମନ୍ତ୍ରୀ ଶ୍ରୀମତୀ ଗହଲ୍ଓ୍ୱାଟ ଏ ସଂପର୍କରେ ତାଙ୍କ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ଡ଼ିସେମ୍ବର ୩୧ ତାରିଖ ସୁଦ୍ଧା ପଲିଥିନ୍ ଓ କମ୍ବଳ ଯଥାସମ୍ଭବ ଯୋଗାଇ ଦେବେ ବୋଲି ପ୍ରକାଶ କରିବା ସଙ୍ଗେ ସଙ୍ଗେ ଗୃହ ନିର୍ମାଣ ସଂପର୍କରେ ଗୃହନିର୍ମାଣ ସଂସ୍ଥାମାନଙ୍କ ସହ ଆଲୋଚନା କରି ଯେତେ ସଂଖ୍ୟକ ଗୃହ ନିର୍ମାଣ ସମ୍ଭବ ହୋଇ ପାରିବ ସେଥିପାଇଁ ଧ୍ୟାନ ଦେବେ ବୋଲି ମୁଖ୍ୟମନ୍ତ୍ରୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ ।

ଏହି ଆଲୋଚନା ବୈଠକରେ ରାଜସ୍ୱମନ୍ତ୍ରୀ ଶ୍ରୀ ଜଗନ୍ନାଥ ପଟ୍ଟନାୟକ, ସ୍ୱତନ୍ତ୍ର ରିଲିଫ୍ କମିଶନର ଶ୍ରୀ ସଂଜୀବ ଚନ୍ଦ୍ର ହୋତା, ରାଜସ୍ୱ ବିଭାଗ ଶାସନ ସଚିବ ଶ୍ରୀ ଯୁଗଳ କିଶୋର ମହାପାତ୍ର ଓ ହରିଆନା ରେସିଡ଼େଣ୍ଟ କମିଶନର ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ହରିଆନା ସମାଜ କଲ୍ୟାଣ ମନ୍ତ୍ରୀଙ୍କ ବାତ୍ୟା ସହାୟତା ସଂପର୍କରେ ଆଲୋଚନା

ହରିଆନାର ସମାଜ କଲ୍ୟାଣ ମନ୍ତ୍ରୀ ଶ୍ରୀମତୀ କ୍ରିଷ୍ଣା ଗହଲଓ୍ୱାଟ୍, ଓଡ଼ିଶା ଗସ୍ତରେ ଆସି ଗତ ଡ଼ିସେମ୍ବର ୧୬ ତାରିଖରେ ରାଜ୍ୟ ବିଧାନସଭାଠାରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ସରସ୍ୱତୀ

ହେଷ୍ଟମ୍‌ଙ୍କ ସହିତ ଓଡ଼ିଶାର ବାତ୍ୟାଜନିତ ପରିସ୍ଥିତି ଓ ସମ୍ଭାବ୍ୟ ସହାୟତା ସଂପର୍କରେ ଆଲୋଚନା କରିଛନ୍ତି । ଆଲୋଚନା ସମୟରେ ଶ୍ରୀମତୀ ଗହଲୋଟ୍ ଓଡ଼ିଶାର ବାତ୍ୟାଞ୍ଚଳରେ ଅନାଥ ଶିଶୁମାନଙ୍କ ପାଇଁ ପ୍ରତିଷ୍ଠା ହେବାକୁ ଥିବା ତିନୋଟି କେନ୍ଦ୍ର ମଧ୍ୟରୁ ଗୋଟିଏ କେନ୍ଦ୍ର ନିମନ୍ତେ ଏକବର୍ଷ ପାଇଁ ସମସ୍ତ ଖର୍ଚ୍ଚ ବହନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଏତଦ୍ ବ୍ୟତୀତ ଅଂଗନବାଡ଼ି କେନ୍ଦ୍ରମାନଙ୍କରେ ପାନୀୟ ଜଳ ଯୋଗାଣ ଓ ଅକ୍ଷମ ଶିଶୁମାନଙ୍କ ନିମନ୍ତେ ଥିବା ସ୍ୱତନ୍ତ୍ର ବିଦ୍ୟାଳୟଗୁଡ଼ିକର ଛାତ୍ରଛାତ୍ରୀମାନଙ୍କ ପାଇଁ ବର୍ଷକର ପାଠ୍ୟୋପକରଣ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦେବା ନିମନ୍ତେ ସେ ଆଗ୍ରହ ପ୍ରକାଶ କରିଛନ୍ତି । ଓଡ଼ିଶାର ମହାବାତ୍ୟା ଯୋଗୁଁ ଅନାଥ ହୋଇଯାଇଥିବା ଶିଶୁମାନଙ୍କ ପ୍ରତି ଶ୍ରୀମତୀ ଗହଲୋଟ୍ ଗଭୀର ସମବେଦନା ପ୍ରକାଶ କରିଥିଲେ ।

## ଉପକୂଳବର୍ତ୍ତୀ ଅଞ୍ଚଳରେ ବ୍ୟାପକ ବୃକ୍ଷରୋପଣ କରାଯିବ

*ମୁଖ୍ୟ ଶାସନ ସଚିବ ଶ୍ରୀ ମିଶ୍ର*

ମହାବାତ୍ୟାରେ ଉପକୂଳବର୍ତ୍ତୀ ଅଞ୍ଚଳରେ ଜଙ୍ଗଲ ସଂପଦର ବ୍ୟାପକ କ୍ଷତି ଘଟିଥିବାରୁ ପ୍ରାକୃତିକ ଭାରସାମ୍ୟ ରକ୍ଷା ତଥା ପ୍ରଦୂଷଣ ମୁକ୍ତ ପାଇଁ ବ୍ୟାପକ ବୃକ୍ଷରୋପଣ କରାଯିବା ଉପରେ ମୁଖ୍ୟ ଶାସନ ସଚିବ ଶ୍ରୀ ସୁଧାଂଶୁ ଭୂଷଣ ମିଶ୍ର ଗୁରୁତ୍ୱ ଆରୋପ କରିଛନ୍ତି ।

ଗତ ଡିସେମ୍ବର ୭ ତାରିଖରେ ସଚିବାଳୟଠାରେ ଏକ ଉଚ୍ଚସ୍ତରୀୟ ଆଲୋଚନା ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟ ଶାସନ ସଚିବ ଶ୍ରୀ ମିଶ୍ର କହିଲେ ଯେ ଉପକୂଳବର୍ତ୍ତୀ ଅଞ୍ଚଳରେ ଜଙ୍ଗଲ ବିଭାଗର ପ୍ରାୟ ୧୮ ହଜାର ହେକ୍ଟର ଜଙ୍ଗଲ ପ୍ରଳୟଙ୍କରୀ ବାତ୍ୟାରେ ଧ୍ୱଂସ ହେବା ସହିତ ଗ୍ରାମାଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି ।

ଏହି କ୍ଷୟକ୍ଷତିର ଭରଣା ନିମିତ୍ତ ଜଙ୍ଗଲ ବିଭାଗ ତରଫରୁ ବ୍ୟାପକ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ବନ ନିଗମ ଉପୁଡ଼ି ପଡ଼ିଥିବା ଗଛଗୁଡ଼ିକୁ ସଂଗ୍ରହ କରି ତା'ର ବିକ୍ରୟ ବ୍ୟବସ୍ଥା କରିବା ସହିତ ରାସ୍ତା କଡ଼ରେ ବୃକ୍ଷରୋପଣ କରିବେ । ବ୍ୟାପକ ଚାରା ଉତ୍ପାଦନ କରିବା ପାଇଁ ଜଙ୍ଗଲ ବିଭାଗର ୧୮ କୋଟି ଟଙ୍କାର ଆବଶ୍ୟକତା ଥିବାର ଆଲୋଚନାରୁ ଜଣାପଡ଼ିଥିଲା । ଜଙ୍ଗଲ ବିଭାଗ ପ୍ରଚୁର ଚାରା ଉତ୍ପାଦନ କରି ବ୍ୟାପକ ବୃକ୍ଷରୋପଣ କରିବାକୁ ସ୍ଥିର କରିଛନ୍ତି । ପ୍ରଚୁର ବୃକ୍ଷ ଚାରା ଆବଶ୍ୟକତା ଦୃଷ୍ଟିରୁ ଘରୋଇ ଚାରା ଉତ୍ପାଦନ କେନ୍ଦ୍ରଗୁଡ଼ିକୁ ପ୍ରୋତ୍ସାହନ ଦେବା ପାଇଁ ସ୍ଥିର କରାଯାଇଛି । ଭୁବନେଶ୍ୱର ସହରରେ ଚାରା ଉତ୍ପାଦନ ଓ ବୃକ୍ଷରୋପଣ ପାଇଁ ଏକ 'ଟାସ୍କଫୋର୍ସ' ଗଠନ ନିମନ୍ତେ ସ୍ଥିର କରାଯାଇଛି । ବର୍ଷାଋତୁ ପୂର୍ବରୁ ପ୍ରଚୁର ପରିମାଣ ଚାରା ଉତ୍ପାଦନ କରିବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ମିଶ୍ର ଜଙ୍ଗଲ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ ।

ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କୃଷି ଉତ୍ପାଦନ କମିଶନର ଶ୍ରୀ ରବୀନ୍ଦ୍ର ମୋହନ ସେନାପତି, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ପ୍ରସନ୍ନ କୁମାର ମିଶ୍ର, ଜଙ୍ଗଲ ବିଭାଗ ଶାସନ ସଚିବ ଶ୍ରୀ ବିଜୟ କୁମାର ପଟ୍ଟନାୟକଙ୍କ ସମେତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ସ୍ୱେଚ୍ଛାସେବୀ ସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା ପାଇଁ 'ଟାସ୍କଫୋର୍ସ' ଗଠନ କରାଯିବ

ମହାବାତ୍ୟା ପ୍ରପୀଡ଼ିତ ଅଞ୍ଚଳରେ ପ୍ରାୟ ଶହେ ଗୋଟି ସ୍ୱେଚ୍ଛାସେବୀ ସଂସ୍ଥା ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟରେ ନିୟୋଜିତ ଥିବାର ଜଣାଯାଇଛି । ଗତ ଡିସେମ୍ବର ୭ ତାରିଖରେ ସଚିବାଳୟଠାରେ ମୁଖ୍ୟ ଶାସନ ସଚିବ ଶ୍ରୀ ସୁଧାଂଶୁ ଭୂଷଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ସ୍ୱେଚ୍ଛାସେବୀ ସଂସ୍ଥାମାନଙ୍କର ସେବା ଓ ରିଲିଫ୍ କାର୍ଯ୍ୟକୁ ପ୍ରଶଂସା କରାଯାଇଥିଲା । କେତେକ ସ୍ୱେଚ୍ଛାସେବୀ ସଂସ୍ଥା ବର୍ତ୍ତମାନ ପୁନଃନିର୍ମାଣ ଓ ପୁନରୁଦ୍ଧାର କାର୍ଯ୍ୟରେ ସଂପୃକ୍ତ ହେବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି ବୋଲି ଆଲୋଚନାରୁ ଜଣାପଡ଼ିଥିଲା । ଉକ୍ତ ସଂସ୍ଥାମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷାକରି କେଉଁ ସଂସ୍ଥା କେଉଁ ବ୍ଲକ୍‌ରେ କାର୍ଯ୍ୟ କରିବେ ତାହା ସ୍ଥିର କରାଗଲେ, ସେମାନଙ୍କର କାର୍ଯ୍ୟ ପରିସର ନିର୍ଦ୍ଦିଷ୍ଟ ହେବା ସହିତ କାର୍ଯ୍ୟଶୈଳୀ ସୁଗମ ହେବ । ସ୍ୱେଚ୍ଛାସେବୀ ସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା କରିବାର ଆବଶ୍ୟକତା ଥିବା ଦୃଷ୍ଟିରୁ ଏକ 'ଟାସ୍କଫୋର୍ସ' ଗଠନ କରିବାକୁ ମୁଖ୍ୟ ଶାସନ ସଚିବ ଶ୍ରୀ ମିଶ୍ର ପରାମର୍ଶ ଦେଇଛନ୍ତି । ତଦନୁଯାୟୀ ପଞ୍ଚାୟତିରାଜ ବିଭାଗ ଶାସନ ସଚିବ ଶ୍ରୀ ଚିନ୍ମୟ ବସୁ, ମହିଳା ଓ ଶିଶୁ ବିକାଶ ଶାସନ ସଚିବ ଶ୍ରୀ ତରୁଣକାନ୍ତି ମିଶ୍ର, ରାଜସ୍ୱ ବିଭାଗ ଶାସନସଚିବ ଶ୍ରୀ ଯୁଗଳ କିଶୋର ମହାପାତ୍ର ଏବଂ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଶାସନ ସଚିବ ଶ୍ରୀ ଅରବିନ୍ଦ ବେହେରା ଓ ସ୍ୱେଚ୍ଛାସେବୀ ସଂସ୍ଥାରୁ ୩ ଜଣ ମନୋନୀତ ପ୍ରତିନିଧିଙ୍କୁ ନେଇ ଏହି 'ଟାସ୍କଫୋର୍ସ' ଗଠନ କରାଯିବାକୁ ସ୍ଥିର ହୋଇଛି । ଏହି 'ଟାସ୍କଫୋର୍ସ' ବାତ୍ୟାଞ୍ଚଳରେ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ସଂସ୍ଥାମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବେ ।

ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ଶ୍ରୀ ସୁଧାଂଶୁ ମୋହନ ପଟ୍ଟନାୟକ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ପ୍ରସନ୍ନ କୁମାର ମିଶ୍ର, ସ୍ୱାସ୍ଥ୍ୟ ବିଭାଗ ପ୍ରମୁଖ ଶାସନ ସଚିବ ସୁଶ୍ରୀ ମୀନା ଗୁପ୍ତା, ରାଜସ୍ୱ ବିଭାଗ ସଚିବ ଶ୍ରୀ ଯୁଗଳ କିଶୋର ମହାପାତ୍ର, ପଞ୍ଚାୟତିରାଜ ବିଭାଗ ସଚିବ ଶ୍ରୀ ଚିନ୍ମୟ ବସୁ, ମହିଳା ଓ ଶିଶୁ ବିକାଶ ବିଭାଗ ସଚିବ ଶ୍ରୀ ତରୁଣକାନ୍ତି ମିଶ୍ର, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ସଚିବ ଶ୍ରୀ ଅରବିନ୍ଦ ବେହେରା, ସାଧାରଣ ଉଦ୍ୟୋଗ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ସିଦ୍ଧାର୍ଥ ପ୍ରଧାନ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ଉପକୂଳବର୍ତ୍ତୀ ଅଞ୍ଚଳରେ ବାତ୍ୟା ପ୍ରତିରୋଧକ ଗୃହ ନିର୍ମାଣ କରାଯିବ

ପ୍ରଳୟଙ୍କରୀ ବାତ୍ୟାରେ ରାଜ୍ୟର ଉପକୂଳବର୍ତ୍ତୀ ଅଞ୍ଚଳର ଅଧିକାଂଶ ଗୃହ ଧ୍ୱଂସ ପାଇଥିବା ଦୃଷ୍ଟିରୁ ଲୋକମାନେ ବାସହରା ହୋଇପଡ଼ିଛନ୍ତି । ତେଣୁ ଅଗ୍ରାଧିକାର ଭିତ୍ତିରେ ଗ୍ରାମାଞ୍ଚଳରେ ଗୃହ ନିର୍ମାଣ କରିବା ପାଇଁ ଡିସେମ୍ବର ୮ ତାରିଖରେ ସଚିବାଳୟଠାରେ ମୁଖ୍ୟ ଶାସନ ସଚିବ ଶ୍ରୀ ସୁଧାଂଶୁ ଭୂଷଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ବାସହୀନ ଲୋକଙ୍କୁ ଯଥାଶୀଘ୍ର ଗୃହ ନିର୍ମାଣ ପାଇଁ ଗ୍ରାମାଞ୍ଚଳ ଗୃହ ନିର୍ମାଣ ନିଗମ, ହାଉସିଂ ବୋର୍ଡ ଓ ପଞ୍ଚାୟତିରାଜ ବିଭାଗ ମାଧ୍ୟମରେ ଋଣ ଯୋଗାଇ ଦେବା ସହିତ ନିମ୍ନଆୟକାରୀ ଓ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକମାନେ ଯେପରି ଘର କରିପାରିବେ, ସେ ସଂପର୍କରେ ଆଲୋଚନା କରାଯାଇଥିଲା । ପ୍ରତି ଘରର ମୂଲ୍ୟ ୩୫ ହଜାରରୁ ୪୦ ହଜାର ଟଙ୍କା ମଧ୍ୟରେ ଉନ୍ନତ ପ୍ରଯୁକ୍ତି ବିଦ୍ୟା ଓ ସ୍ଥାନ କୌଶଳ ପ୍ରୟୋଗ କରି ବାତ୍ୟା ପ୍ରତିରୋଧକ ଗୃହ ନିର୍ମାଣ କରାଯିବା ପାଇଁ ସ୍ଥିର ହୋଇଛି । ଏଥିପାଇଁ ସଂପୃକ୍ତ ଜିଲ୍ଲାପାଳମାନଙ୍କୁ ୩୦୦ କୋଟି ଟଙ୍କା ଯୋଗାଇ ଦେବାକୁ ନିଷ୍ପତ୍ତି ହୋଇଛି । ଏହା ବ୍ୟତୀତ ସରକାରୀ କର୍ମଚାରୀଙ୍କୁ ଗୃହ ନିର୍ମାଣ

ଋଣ ବାବଦରେ ୩୦୦ କୋଟି ଟଙ୍କା ଯୋଗାଇ ଦେବା ପାଇଁ ସ୍ଥିର ହୋଇଛି । ଗ୍ରାମାଞ୍ଚଳ ଗୃହ ନିର୍ମାଣ ନିଗମ ମାଧ୍ୟମରେ ୨ ଲକ୍ଷ ୩୫ ହଜାର ଗୃହ ନିର୍ମାଣ ପାଇଁ ଲକ୍ଷ୍ୟ ରଖାଯାଇଛି ।

କେନ୍ଦ୍ର ସରକାରଙ୍କ ଅନୁରୋଧକ୍ରମେ ପିଲାନୀଠାରେ ଅବସ୍ଥିତ ବିରଳା ଇଂଜିନିୟରିଂ ପ୍ରତିଷ୍ଠାନର ପ୍ରଫେସର ଏସ୍. ଗୁପ୍ତା ବାତ୍ୟାଞ୍ଚଳ ଗସ୍ତକରି ସୀମିତ ସମ୍ବଳ ଓ ଉପକରଣ ଦ୍ୱାରା ଉନ୍ନତ ଜ୍ଞାନ କୌଶଳ ପ୍ରୟୋଗ କରି ବାତ୍ୟା ପ୍ରତିରୋଧକ ଗୃହ ନିର୍ମାଣ ସଂପର୍କରେ ଅବଗତ କରାଇଥିଲେ । ନିର୍ମାଣ କାର୍ଯ୍ୟରେ ନିୟୋଜିତ ସଂସ୍ଥାମାନଙ୍କର, ଯଥା— ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ସ୍ୱେଚ୍ଛାସେବୀ ସଂସ୍ଥାର ୫ ଜଣ କରି ଇଂଜିନିୟରଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ସେ ପରାମର୍ଶ ଦେଇଥିଲେ । ଯଦ୍ୱାରା ଏହି ପ୍ରଶିକ୍ଷିତ ଇଂଜିନିୟରମାନେ ଗ୍ରାମାଞ୍ଚଳରେ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିବା ଇଂଜିନିୟର, ମିସ୍ତ୍ରୀ ପ୍ରଭୃତିଙ୍କୁ ପ୍ରଶିକ୍ଷଣ ଦେବେ । ଖୁବ୍‌ଶୀଘ୍ର ପ୍ରଫେସର ଗୁପ୍ତା ଓଡ଼ିଶା ଆସି ପ୍ରଶିକ୍ଷଣ ଦେବାକୁ ଆଲୋଚନାରେ ସ୍ଥିର କରାଯାଇଛି । କେତେଗୁଡ଼ିଏ ଗ୍ରାମକୁ ନେଇ ବାତ୍ୟା ଆଶ୍ରୟ ସ୍ଥଳୀ ନିର୍ମାଣ କରିବା ପାଇଁ ବୈଠକରେ ସ୍ଥିର ହୋଇଛି ।

ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ଶ୍ରୀ ସୁଧାଂଶୁ ମୋହନ ପଟ୍ଟନାୟକ , ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ପ୍ରସନ୍ନ କୁମାର ମିଶ୍ର ଓ ଶ୍ରୀ ରାଜେନ୍ଦ୍ର କିଶୋର ପଣ୍ଡା, ରାଜସ୍ୱ ବିଭାଗ ସଚିବ ଶ୍ରୀ ଯୁଗଳ କିଶୋର ମହାପାତ୍ର, ପଞ୍ଚାୟତିରାଜ ବିଭାଗ ସଚିବ ଶ୍ରୀ ଚିନ୍ମୟ ବସୁ ପ୍ରମୁଖ ଉଚ୍ଚ ପଦାଧିକାରୀମାନେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ବିଶ୍ୱବ୍ୟାଙ୍କ ପ୍ରତିନିଧି ଦଳ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା

ଗତ ଡ଼ିସେମ୍ବର ୪ ତାରିଖରେ ବିଶ୍ୱବ୍ୟାଙ୍କ, ଡ଼ି.ଏଫ୍.ଆଇ.ଡ଼ି. ଓ ୟୁ.ଏସ୍.ଏଡ୍. ର ପ୍ରତିନିଧି ଦଳ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ସଚିବାଳୟଠାରେ ଭେଟି ଓଡ଼ିଶାର ବାତ୍ୟାକ୍ଳିଷ୍ଟ ଅଞ୍ଚଳରେ ପୁନରୁଦ୍ଧାର ଓ ଥଇଥାନ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କରିଛନ୍ତି ।

ତୁରନ୍ତ ସହାୟତା ଯୋଗାଇ ଦେବା ପାଇଁ ଆଗ୍ରହ ପ୍ରକାଶ କରି ବିଶ୍ୱବ୍ୟାଙ୍କର ପ୍ରତିନିଧି ଦଳ କହିଲେ ଯେ, ବିଦ୍ୟୁତ୍ ସଂଯୋଗ ଏବଂ ପାନୀୟ ଜଳଯୋଗାଣର ପୁନରୁଦ୍ଧାର ନିମନ୍ତେ ପ୍ରଚଳିତ ଚୁକ୍ତି ଅନୁସାରେ ସେମାନେ ଆର୍ଥିକ ସହାୟତା ଦେବାକୁ ପ୍ରସ୍ତୁତ । ପରେ ସେମାନେ ସ୍ୱଳ୍ପମିଆଦି ଏବଂ ମଧ୍ୟମ ମିଆଦି ଯୋଜନାରେ ଅନ୍ୟାନ୍ୟ କାର୍ଯ୍ୟକ୍ରମ ନିମନ୍ତେ ଆର୍ଥିକ ସହାୟତା କରିବେ । ଡ଼ି.ଏଫ୍.ଆଇ.ଡ଼ି. ର କର୍ମକର୍ତ୍ତାମାନେ ସ୍କୁଲ ଏବଂ ହସ୍ପିଟାଲ ଗୃହର ପୁନରୁଦ୍ଧାର ଏବଂ ନିର୍ମାଣରେ ସହାୟତା କରିବା ସଙ୍ଗେ ସଙ୍ଗେ ଜନସାଧାରଣ କିପରି ଜୀବିକା ନିର୍ବାହ କରିପାରିବେ, ସେଥିପାଇଁ ସେମାନେ ସହାୟତା କରିବେ ବୋଲି ଆଗ୍ରହ ପ୍ରକାଶ କରିଥିଲେ । ସେହିପରି ୟୁ.ଏସ୍.ଏଡ୍. ର କର୍ମକର୍ତ୍ତାମାନେ ସେମାନଙ୍କର ସ୍ୱଳ୍ପ ସମ୍ବଳ ସତ୍ତ୍ୱେ ଆଇ.ସି.ଡ଼ି.ଏସ୍. ତରଫରୁ ଗ୍ରହଣ କରାଯାଉଥିବା କାର୍ଯ୍ୟକ୍ରମ ଯଥା – ପୁଷ୍ଟିହୀନତା ଦୂରୀକରଣ ଇତ୍ୟାଦି କାର୍ଯ୍ୟକ୍ରମରେ ସହାୟତା କରିବେ ବୋଲି ପ୍ରକାଶ କରିଥିଲେ ।

## ପୁନଃନିର୍ମାଣ ପାଇଁ ବିଶ୍ୱବ୍ୟାଙ୍କ ଓ ବିଭିନ୍ନ ସଂସ୍ଥା ଆର୍ଥିକ ସହାୟତା ଦେବେ

ବିଶ୍ୱବ୍ୟାଙ୍କ, ଡ଼ି.ଏଫ୍.ଆଇ.ଡ଼ି. ଓ ୟୁ.ଏସ୍.ଏଡ୍. ସଂସ୍ଥାର ପ୍ରତିନିଧି ଦଳ ଓଡ଼ିଶା ଗସ୍ତରେ ଆସି ମହାବାତ୍ୟାରେ ବିଧ୍ୱସ୍ତ ୧୪ ଟି ଜିଲ୍ଲା ଗସ୍ତ କରି କ୍ଷୟକ୍ଷତିର ଆକଳନ କରିଥିଲେ । ଗତ ଡ଼ିସେମ୍ବର ୪ ତାରିଖରେ ମୁଖ୍ୟ ଶାସନ ସଚିବ ଶ୍ରୀ ସୁଧାଂଶୁ ଭୂଷଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ପ୍ରତିନିଧି ଦଳଙ୍କ ସହିତ ବାତ୍ୟା କ୍ଷୟକ୍ଷତି ସଂପର୍କରେ ଆଲୋଚନା କରାଯାଇଥିଲା ।

ଏହି ବାତ୍ୟାରେ କୃଷି, ଜଳସେଚନ, ବିଦ୍ୟୁତ୍ ସରବରାହ, ସ୍ୱାସ୍ଥ୍ୟ, ଶିକ୍ଷା, ବାସଗୃହ ପ୍ରଭୃତି ପ୍ରକଳ୍ପଗୁଡ଼ିକ ଭୟଙ୍କର ଭାବରେ କ୍ଷତିଗ୍ରସ୍ତ ହୋଇଥିବାରୁ ଜରୁରୀ ଭିତ୍ତିରେ ଏହି ପ୍ରକଳ୍ପଗୁଡ଼ିକ ପୁନଃନିର୍ମାଣ ଓ ଆବଶ୍ୟକ ସ୍ଥଳେ ପୁନରୁଦ୍ଧାରର ଆବଶ୍ୟକତା ରହିଛି । ପ୍ରାୟ ୩୦୧ ନିୟୁତ ଆମେରିକୀୟ ଡ଼ଲାର ଆବଶ୍ୟକତା ଥିବା ଅର୍ଥ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ପ୍ରସନ୍ନ କୁମାର ମିଶ୍ର ପ୍ରତିନିଧି ଦଳଙ୍କୁ ଜଣାଇଥିଲେ । ବାତ୍ୟାଞ୍ଚଳରେ ୨୦୦୦ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ସହିତ ଗୃହ ନିର୍ମାଣ ପାଇଁ ଆବଶ୍ୟକ ହେଉଥିବା ବସ୍ତୁର ଉପଲବ୍ଧ ପାଇଁ ୨୦୦ ବିଲ୍‌ଡ଼ିଂ ସେଣ୍ଟର ନିର୍ମାଣ, ବୃକ୍ଷରୋପଣ, ଚାରା ଉତ୍ପାଦନ କେନ୍ଦ୍ର, ସ୍କୁଲ, ଡ଼ାକ୍ତରଖାନା ତଥା ସରକାରୀ ଉଦ୍ୟୋଗଗୁଡ଼ିକର ମରାମତି ଓ ପୁନଃନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଶୀଘ୍ର ଆର୍ଥିକ ସହାୟତା ପ୍ରଦାନ ନିମିତ୍ତ ସେ ଏହି ପ୍ରତିନିଧି ଦଳଙ୍କୁ ଅନୁରୋଧ କରିଥିଲେ । ଏହି ପ୍ରତିନିଧି ଦଳ ସମ୍ଭାବ୍ୟ ଆର୍ଥିକ ସହାୟତା ପ୍ରଦାନ ପାଇଁ ସମ୍ମତି ପ୍ରକାଶ କରିଥିଲେ ।

ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ମୁଖ୍ୟ ଶାସନ ସଚିବ ଶ୍ରୀ ରବୀନ୍ଦ୍ର ମୋହନ ସେନାପତି, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ରାଜେନ୍ଦ୍ର କିଶୋର ପଣ୍ଡା, ସ୍ୱତନ୍ତ୍ର ରିଲିଫ୍ କମିଶନର ଶ୍ରୀ ସଂଜୀବ ଚନ୍ଦ୍ର ହୋତା, କୃଷି ସଚିବ ଶ୍ରୀ ରାଜମଣି, ଅର୍ଥ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ଉପେନ୍ଦ୍ର ନାଥ ବେହେରା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ଦୁଧିଆଳି ଗାଈ ଓ ଚାଷ ପାଇଁ ବଳଦ ଯୋଗାଇ ଦିଆଯିବ

ମହାବାତ୍ୟାରେ ପଶୁ ସଂପଦର ବ୍ୟାପକ କ୍ଷତି ଯୋଗୁଁ କ୍ଷତିଗ୍ରସ୍ତ ଲୋକମାନଙ୍କୁ ରିହାତି ଦରରେ ଦୁଧିଆଳି ଗାଈ ଓ ଚାଷ ପାଇଁ ବଳଦ ଯୋଗାଇ ଦିଆଯିବା ସକାଶେ ଗତ ଡ଼ିସେମ୍ବର ୨ ତାରିଖରେ ମୁଖ୍ୟ ଶାସନ ସଚିବ ଶ୍ରୀ ସୁଧାଂଶୁ ଭୂଷଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଓମ୍‌ଫେଡ୍ ମାଧ୍ୟମରେ ୨୫୦୦, ଉତ୍କଳ ଗୋ–ମଂଗଳ ସମିତି ମାଧ୍ୟମରେ ୨୫୦୦, କୃଷି ଶିଳ୍ପ ନିଗମ ମାଧ୍ୟମରେ ୧୦୦୦ ଗାଈ ହିତାଧିକାରୀମାନଙ୍କୁ ରିହାତି ଦରରେ ଯୋଗାଇ ଦେବା ପାଇଁ ସ୍ଥିର ହୋଇଛି । ଉତ୍କଳ ଗୋମଙ୍ଗଳ ସମିତି ଦ୍ୱାରା ଚାଷୀମାନଙ୍କୁ ବଳଦ ଯୋଗାଇ ଦେବା ପାଇଁ ସ୍ଥିର କରାଯାଇଛି । ଏହାବ୍ୟତୀତ ମହାବାତ୍ୟାରେ ମୃତ୍ୟୁବରଣ କରିଥିବା ଗୋରୁଗାଈଙ୍କ ବଦଳରେ ଆଉ ୫୦ ହଜାର ଗାଈ, ବଳଦର ଆବଶ୍ୟକତା ସମ୍ବନ୍ଧରେ କେନ୍ଦ୍ର ସରକାରଙ୍କୁ ଜଣାଇ ଦେବା ପାଇଁ ସ୍ଥିର ହୋଇଛି ।

ବାତ୍ୟା କ୍ଷତିଗ୍ରସ୍ତ ୩୫ଟି ବ୍ଲକ୍‌ରେ ୫ ହଜାର ଟନ୍ ପଶୁଖାଦ୍ୟ ରିଲିଫ୍ ଆକାରରେ ଲୋକମାନଙ୍କୁ ଯୋଗାଇ ଦେବା ପାଇଁ ସ୍ଥିର କରାଯାଇଛି । ବାତ୍ୟା ଅଂଚଳରେ ପଶୁମାନଙ୍କ ଚିକିତ୍ସା ପାଇଁ ଔଷଧ ଓ

ପ୍ରତିଷେଧକ ଟୀକା ପାଇଁ ପଶୁପାଳନ ବିଭାଗର୍ ୨ କୋଟି ୩୦ ଲକ୍ଷ ଟଙ୍କା ମଂଜୁର କରାଯିବା ସହିତ ଡ଼ିସେମ୍ବର ୧୫ ତାରିଖ ସୁଦ୍ଧା ବାତ୍ୟା ଅଂଚଳରେ ପଶୁମାନଙ୍କୁ ପ୍ରତିଷେଧକ ଟୀକା ପ୍ରଦାନ ଶେଷ କରିବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି ।

ବାତ୍ୟାରେ ମୃତ୍ୟୁବରଣ କରିଥିବା ବୀମାଭୁକ୍ତ ଗାଈଗୁଡ଼ିକ ସମ୍ବନ୍ଧରେ ସଂପୃକ୍ତ ଅଂଚଳର ପଶୁ ଡ଼ାକ୍ତରମାନେ ହିତାଧିକାରୀମାନଙ୍କୁ ତୁରନ୍ତ ପ୍ରମାଣପତ୍ର ଦେଲେ, ସେମାନେ ବୀମା କଂପାନୀଠାରୁ କ୍ଷତିପୂରଣ ପାଇବେ । ପଶୁ ପାଳନ ନିର୍ଦ୍ଦେଶକ ସଂପୃକ୍ତ ପଶୁ ଡ଼ାକ୍ତରଙ୍କୁ ତୁରନ୍ତ ନିର୍ଦ୍ଦେଶ ଦେବା ପାଇଁ ମୁଖ୍ୟ ଶାସନ ସଚିବ କହିଥିଲେ ।

ମହାବାତ୍ୟାରେ କ୍ଷତିଗ୍ରସ୍ତ ମତ୍ସ୍ୟଜୀବୀମାନଙ୍କୁ ଡ଼ଂଗା ଓ ଜାଲ ସାହାଯ୍ୟ ଦେବା ପାଇଁ ଆବଶ୍ୟକ ହେଉଥିବା ଅର୍ଥ ସମ୍ବନ୍ଧରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଜଣାଇବା ପାଇଁ ସ୍ଥିର କରାଯାଇଛି ।

## ବାତ୍ୟାଞ୍ଚଳରେ ବନ ନିଗମ ତରଫରୁ ଗୃହ ନିର୍ମାଣ ପାଇଁ ୧୦୦ଟି ବାଉଁଶ ବିକ୍ରୟ କେନ୍ଦ୍ର

ମହାବାତ୍ୟାରେ ବିଶେଷ କ୍ଷତିଗ୍ରସ୍ତ ଜିଲ୍ଲାମାନଙ୍କରେ ଗୃହ ନିର୍ମାଣ ପାଇଁ ଲୋକମାନଙ୍କୁ ସୁଲଭ ଦରରେ କାଠ, ବାଉଁଶ ଯୋଗାଇ ଦେବା ସଂପର୍କରେ ସଚିବାଳୟଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଶ୍ରୀ ସୁଧାଂଶୁ ଭୂଷଣ ମିଶ୍ର ଅଧ୍ୟକ୍ଷତା କରି ବାତ୍ୟାରେ ଭାଙ୍ଗିଯାଇଥିବା ଗୃହଗୁଡ଼ିକର ନିର୍ମାଣ ଓ ମରାମତି ପାଇଁ ସୁଲଭ ମୂଲ୍ୟରେ କାଠ ଓ ବାଉଁଶ ଯୋଗାଇ ଦେବାକୁ ବନ ନିଗମକୁ ନିର୍ଦ୍ଦେଶ ଦେଇଥିଲେ । ବନ ନିଗମ ତରଫରୁ ବାତ୍ୟାଞ୍ଚଳରେ ୧୦୦ ଟି କେନ୍ଦ୍ର ଖୋଲାଯାଇ ତା'ମାଧ୍ୟମରେ ବାଉଁଶ, ଶାଳ ଓ ଅଣ-ଶାଳ କାଠ ଗଚ୍ଛିତ ଥିବାର ନିଗମର କର୍ମକର୍ତ୍ତା ପ୍ରକାଶ କରିଥିଲେ । ଏହା ବ୍ୟତୀତ ମଧ୍ୟପ୍ରଦେଶରୁ ୫ ଲକ୍ଷ ବାଉଁଶ ଆଣି ଲୋକମାନଙ୍କୁ ଯୋଗାଇ ଦେବା ପାଇଁ ବ୍ୟବସ୍ଥା ହୋଇଛି ବୋଲି ଆଲୋଚନାରୁ ଜଣାପଡ଼ିଛି । ଜନସାଧାରଣ ଯେପରି କାଠ ଓ ବାଉଁଶ ପାଇବାରେ ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ସେଥିପ୍ରତି ସତର୍କ ଦୃଷ୍ଟି ଦେବାକୁ ମୁଖ୍ୟ ଶାସନ ସଚିବ ଶ୍ରୀ ମିଶ୍ର ବନ ନିଗମକୁ ନିର୍ଦ୍ଦେଶ ଦେଇଥିଲେ ।

ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜଙ୍ଗଲ ବିଭାଗ ଶାସନ ସଚିବ ଶ୍ରୀ ବିଜୟ କୁମାର ପଟ୍ଟନାୟକ , ରାଜସ୍ୱ ବିଭାଗ ଶାସନ ସଚିବ ଶ୍ରୀ ଯୁଗଳ କିଶୋର ମହାପାତ୍ର, ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ ଓ ଅନ୍ୟାନ୍ୟ ଉଚ୍ଚ ପଦାଧିକାରୀ ଯୋଗ ଦେଇଥିଲେ ।

## ବାତ୍ୟା ବିପନ୍ନଙ୍କ ଥଇଥାନ ପାଇଁ ରାଜ୍ୟପାଳଙ୍କ ଗୁରୁତ୍ୱ ଆରୋପ

ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଶ୍ରୀ ଏମ୍.ଏମ୍.ରାଜେନ୍ଦ୍ରନ୍ ଗଂଜାମ ଜିଲ୍ଲାର ବାତ୍ୟା କ୍ଷତିଗ୍ରସ୍ତ ଅଂଚଳରେ ପୁନର୍ବାସ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି । ଗତ ଡିସେମ୍ବର ୨ ତାରିଖରେ ରାଜ୍ୟପାଳ ଗଂଜାମ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କର ରିଲିଫ୍ ଏବଂ ଥଇଥାନ ପଦକ୍ଷେପ ସଂପର୍କିତ ଏକ ସମୀକ୍ଷା ବୈଠକରେ ଯୋଗ ଦେଇ ବିଧ୍ୱସ୍ତ ଗୃହଗୁଡ଼ିକୁ ପୁନଃନିର୍ମାଣ କରିବା ପ୍ରତି ସର୍ବାଧିକ ପ୍ରାଧାନ୍ୟ ଦେବାକୁ ସେ କହିଥିଲେ ।

ଏହି ସମୀକ୍ଷା ବୈଠକ ପୂର୍ବରୁ ରାଜ୍ୟପାଳ ବାତ୍ୟା କ୍ଷତିଗ୍ରସ୍ତ ଗଂଜାମ ଜିଲ୍ଲାର ରଘୁନାଥପୁର, କରୁଣା, ଏ.ତୋଟାପଲ୍ଲୀ, ମାଟିଖାଲ, ବଡ଼ ଅର୍ଜିପଲ୍ଲୀ, କାତୁରୁ ଓ ତରାଇ ପାଟପୁର ଗ୍ରାମ ପରିଦର୍ଶନ କରିଥିଲେ ।

ଏହି ପରିଦର୍ଶନ ସମୟରେ ରାଜ୍ୟପାଳ କାତୁରୁ ଗ୍ରାମରେ ପ୍ରସ୍ତାବିତ ୫୦୦ ବାତ୍ୟା ନିରୋଧକ ବାସଗୃହର ଶିଳାନ୍ୟାସ କରିଥିଲେ । ରାଜ୍ୟପାଳଙ୍କ ସହଧର୍ମିଣୀ ଶ୍ରୀମତୀ ସୁଶୀଳା ରାଜେନ୍ଦ୍ରନ୍ କ୍ଷତିଗ୍ରସ୍ତ ଜନସାଧାରଣଙ୍କୁ କମ୍ବଳ ବଣ୍ଟନ କରିଥିଲେ ।

ଗୋପାଳପୁର ବନ୍ଦର ପରିଦର୍ଶନ କାଳରେ ବିଗତ ବାତ୍ୟାଜନିତ କ୍ଷୟକ୍ଷତି ତଥା ବନ୍ଦରକୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସଂପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଯାଇଥିଲା ।

## ବାତ୍ୟା ପ୍ରପୀଡ଼ିତ ୧୪ ଟି ଜିଲ୍ଲାର ୧୧.୬୪ ଲକ୍ଷ ହେକ୍ଟର ଜମିରେ ରବିଚାଷ ପାଇଁ ନିଷ୍ପତ୍ତି

ବାତ୍ୟା ପ୍ରପୀଡ଼ିତ ରାଜ୍ୟର ୧୪ଟି ଜିଲ୍ଲାର ୧୧.୬୪ ଲକ୍ଷ ହେକ୍ଟର ଜମିରେ ରବିଚାଷ କରିବା ପାଇଁ ଏକ ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

ଗତ ଡ଼ିସେମ୍ବର ୨ ତାରିଖରେ ସଚିବାଳୟସ୍ଥ ସମ୍ମିଳନୀ କକ୍ଷଠାରେ ବାତ୍ୟା ପ୍ରପୀଡ଼ିତ ୧୪ ଟି ଜିଲ୍ଲାରେ ରବି କାର୍ଯ୍ୟକ୍ରମ ସଂପର୍କିତ ଏକ ବୈଠକ ମୁଖ୍ୟ ଶାସନ ସଚିବ ଶ୍ରୀ ସୁଧାଂଶୁ ଭୂଷଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ରବି କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ପାଇଁ ଆବଶ୍ୟକ ହେଉଥିବା ୨୦ କୋଟି ଟଙ୍କା ମଧ୍ୟରୁ ୩.୪୫ ଲକ୍ଷ ଟଙ୍କା ଉଦ୍ୟାନ ବିଭାଗ ଜରିଆରେ ବିଭିନ୍ନ ଫଳଜାତୀୟ ବୃକ୍ଷ ଯଥା : ନଡ଼ିଆ ଇତ୍ୟାଦି ଲଗାଇବା ଦିଗରେ ଖର୍ଚ୍ଚ କରାଯିବ ବୋଲି ବୈଠକରେ ନିଷ୍ପତ୍ତି କରାଯାଇଥିବା ଜଣାପଡ଼ିଛି ।

କୃଷି ଉତ୍ପାଦନ କମିଶନର ଶ୍ରୀ ରବୀନ୍ଦ୍ର ମୋହନ ସେନାପତି ଏହି ମହାବାତ୍ୟାରେ ୧୬ ଲକ୍ଷ ହେକ୍ଟର ଜମିର ୨୦ ଲକ୍ଷ ମେଟ୍ରିକ୍ ଟନ୍ ଧାନ ନଷ୍ଟ ହୋଇଥିବା ଏବଂ ଏହାକୁ ଭରଣା କରିବା ପାଇଁ କୃଷି ବିଭାଗ ପକ୍ଷରୁ ବିଭିନ୍ନ ରବି ଫସଲ ପାଇଁ ପ୍ରସ୍ତୁତ କରାଯାଇଥିବା କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ । ପ୍ରସ୍ତୁତ ହୋଇଥିବା ରବି କାର୍ଯ୍ୟକ୍ରମ ଅନୁଯାୟୀ ୧.୬୦ ଲକ୍ଷ ହେକ୍ଟର ଜମିରେ ଧାନ, ୦.୦୬ ଲକ୍ଷ ହେକ୍ଟର ଜମିରେ ଗହମ, ୦.୩୮ ଲକ୍ଷ ହେକ୍ଟର ଆଖୁ, ୬.୭୨ ଲକ୍ଷ ହେକ୍ଟର ଜମିରେ ଡ଼ାଲିଜାତୀୟ ଫସଲ, ୧.୮୧ ଲକ୍ଷ ହେକ୍ଟର ଜମିରେ ଚିନାବାଦାମ, ୦.୫୬ ଲକ୍ଷ ହେକ୍ଟର ଜମିରେ ସୋରିଷ, ୦.୦୬ ଲକ୍ଷ ହେକ୍ଟର ଜମିରେ ମସଲା ଜାତୀୟ ଫସଲ, ୦.୩୭ ଲକ୍ଷ ହେକ୍ଟର ଜମିରେ ପନିପରିବା ଜାତୀୟ ଫସଲ ଏବଂ ୦.୦୮ ଲକ୍ଷ ହେକ୍ଟର ଜମିରେ ଆଳୁ ଚାଷ କରିବା ପାଇଁ ନିଷ୍ପତ୍ତି ହୋଇଛି । ଏହି ରବିଚାଷ କାର୍ଯ୍ୟକ୍ରମକୁ ଫଳପ୍ରଦ କରିବା ପାଇଁ ଭାଙ୍ଗିଯାଇଥିବା କେନାଲଗୁଡ଼ିକୁ ଅବିଳମ୍ବେ ମରାମତି କରିବା ଉପରେ ବୈଠକରେ ଗୁରୁତ୍ୱ ଆରୋପ କରାଯିବା ସଙ୍ଗେ ସଙ୍ଗେ ଏ ବାବଦରେ ୧୦ କୋଟି ଟଙ୍କା ଅବିଳମ୍ବେ ଯୋଗାଇ ଦେବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ବାତ୍ୟା ପ୍ରପୀଡ଼ିତ ଜିଲ୍ଲାର ୩୫୦୦ଟି ଅଂଚଳ ଉଠା ଜଳସେଚନ ପଏଣ୍ଟକୁ କାର୍ଯ୍ୟକ୍ଷମ କରାଯାଇ ୫୦ ପ୍ରତିଶତ ରିହାତିରେ ଚାଷୀମାନଙ୍କୁ ଜଳ ଯୋଗାଇବା ସହିତ ଡ଼ିଜେଲ ପମ୍ପସେଟ୍ ମାଧ୍ୟମରେ ମଧ୍ୟ ରବି ଚାଷ ପାଇଁ ଜଳ ଯୋଗାଇବା ନିମନ୍ତେ ବୈଠକରେ ନିଷ୍ପତ୍ତି ନିଆଯାଇଛି । ବାଦାମ ଏକ ଲାଭଦାୟକ

ଫସଲ ହୋଇଥିବା ଦୃଷ୍ଟିରୁ ଏହି ଚାଷକୁ ବ୍ୟାପକ କରିବା ସଙ୍ଗେ ସଙ୍ଗେ ୧୦ ଲକ୍ଷ ନଡ଼ିଆ ଚାରା ବିଭିନ୍ନ ଫାର୍ମରେ ସୃଷ୍ଟି କରି ଚାଷୀମାନଙ୍କୁ ରିହାତି ମୂଲ୍ୟରେ ଯୋଗାଇବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ମିଶ୍ର ବିଭାଗୀୟ କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ । ଏହାବ୍ୟତୀତ ଚାଷୀମାନଙ୍କୁ ବିଭିନ୍ନ ପ୍ରକାର କୃଷିଋଣ ସହିତ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ରାଷ୍ଟ୍ରୀୟ ବୀମା ଜରିଆରେ ବିଭିନ୍ନ ସୁବିଧା ଉପଲବ୍ଧ କରାଇବା ପାଇଁ ବ୍ୟାପକ ପ୍ରଚାର ଓ ପ୍ରସାର କରିବା ପାଇଁ ମୁଖ୍ୟ ଶାସନ ସଚିବଶ୍ରୀ ମିଶ୍ର ପରାମର୍ଶ ଦେଇଥିଲେ ।

ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କୃଷି ଉତ୍ପାଦନ କମିଶ୍ନର ଶ୍ରୀ ରବୀନ୍ଦ୍ର ମୋହନ ସେନାପତି, ଅତିରିକ୍ତ ମୁଖ୍ୟ ଶାସନ ସଚିବ (ଅର୍ଥ) ଶ୍ରୀ ପ୍ରସନ୍ନ କୁମାର ମିଶ୍ର, ସ୍ୱତନ୍ତ୍ର ରିଲିଫ୍ କମିଶନର ଶ୍ରୀ ସଂଜୀବ ଚନ୍ଦ୍ର ହୋତା, ଜଳସଂପଦ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ଶ୍ରୀନିବାସ ରଥ, ମୁଖ୍ୟମନ୍ତ୍ରୀଙ୍କ ସଚିବ ଶ୍ରୀ ବିଜୟ କୁମାର ପଟ୍ଟନାୟକ, ସମବାୟ ବିଭାଗ ସଚିବ ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର, ରାଜସ୍ୱ ବିଭାଗ ସଚିବ ଶ୍ରୀ ଯୁଗଳ କିଶୋର ମହାପାତ୍ର, କୃଷି ବିଭାଗ ନିର୍ଦ୍ଦେଶକ ଶ୍ରୀ ଆଇଜାକ୍ ବେହେରାଙ୍କ ସମେତ ସଂପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

**''କାରିଟାସ୍ ଇଣ୍ଡିଆ'' ପକ୍ଷରୁ ବାତ୍ୟାକ୍ଳିଷ୍ଟ ୪୦୦ଟି - ଗ୍ରାମରେ ପୁନରୁଦ୍ଧାର କାର୍ଯ୍ୟ**

ଆନ୍ତର୍ଜାତୀୟ ସଂସ୍ଥା ''କାରିଟାସ୍ ଇଣ୍ଡିଆ'' ର ସଭାପତି ମିଃ କାର୍ଲ ଆମ୍ମାନ (ଜର୍ମାନୀ) ରାଜ୍ୟ ମୁଖ୍ୟ ଶାସନ ସଚିବ ଶ୍ରୀ ସୁଧାଂଶୁ ଭୂଷଣ ମିଶ୍ରଙ୍କୁ ସଚିବାଳୟଠାରେ ସାକ୍ଷାତ କରି ଉକ୍ତ ସଂସ୍ଥା ଦ୍ୱାରା ସଂପ୍ରତି ପ୍ରଳୟଙ୍କରୀ ମହାବାତ୍ୟାରେ ରାଜ୍ୟରେ କ୍ଷତିଗ୍ରସ୍ତ ଜିଲ୍ଲାଗୁଡ଼ିକର ୪୦୦ଟି ଗ୍ରାମରେ ପୁନରୁଦ୍ଧାର କାର୍ଯ୍ୟ କରାଯିବା ପାଇଁ ସ୍ଥିର କରାଯାଇଥିବା ବିଷୟରେ ଅବଗତ କରାଇଥିଲେ ।

କ୍ଷତିଗ୍ରସ୍ତ ଜିଲ୍ଲାଗୁଡ଼ିକରେ ରିଲିଫ୍ ଯୋଗାଣ ପରେ ବର୍ତ୍ତମାନ ପୁନଃଅଭ୍ୟୁତ୍ଥାନ କାର୍ଯ୍ୟ କରାଯିବା ଉପରେ ଗୁରୁତ୍ୱ ଦିଆଯାଉଛି । ଏହି ପୁନରୁଦ୍ଧାର କାର୍ଯ୍ୟ କରିବା ପାଇଁ ବହୁ ଜାତୀୟ, ଆନ୍ତର୍ଜାତୀୟ ସଂସ୍ଥା ଓ ଉଦ୍ୟୋଗ ଆଗଭର ହୋଇ ଆସୁଛନ୍ତି । ''କାରିଟାସ୍ ଇଣ୍ଡିଆ'' ପକ୍ଷରୁ ୪୦୦ଟି ଗ୍ରାମର ପୁନରୁଦ୍ଧାର, ସେବା ତଥା ପୁନଃଅଭ୍ୟୁତ୍ଥାନ କାର୍ଯ୍ୟ କରାଯିବ ବୋଲି ଶ୍ରୀ ଆମ୍ମାନ ପ୍ରକାଶ କରି ସେମାନଙ୍କର କାର୍ଯ୍ୟ ପ୍ରଣାଳୀ ସଂପର୍କରେ ମୁଖ୍ୟ ଶାସନ ସଚିବଙ୍କୁ ସୂଚନା ଦେଇଥିଲେ ।

ଏହି ସାକ୍ଷାତ ଆଲୋଚନା ସମୟରେ ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଶାସନ ସଚିବ ଶ୍ରୀ ଅରବିନ୍ଦ ବେହେରା, '' କାରିଟାସ୍ ଇଣ୍ଡିଆ'' ପକ୍ଷରୁ ଡଃ ଜୋସେଫ ଥୋମାସ, ମିଃ ଥୋମାସ ଜର୍ଜ, ଫାଦର ଲାନ୍ସି ରୋଡ୍ରିଗ୍ରା ଓ କଟକ, ଭୁବନେଶ୍ୱର ଆର୍ଚ ବିଶପ ରାଫେଲ ଚେନାଥ ପ୍ରମୁଖ ଉପସ୍ଥିତ ଥିଲେ ।

**ଆନ୍ତର୍ଜାତିକ ସଂସ୍ଥାର ସହାୟତା ଦ୍ୱାରା ଓଡ଼ିଶାରେ ଦ୍ୱିତୀୟ ଆଦିବାସୀ ଉନ୍ନୟନ ପ୍ରକଳ୍ପ ଯୋଜନା**

ଓଡ଼ିଶାରେ ଦ୍ୱିତୀୟ ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରତିଷ୍ଠା ଲକ୍ଷ୍ୟ ରଖି ଓଡ଼ିଶା ସରକାରଙ୍କ ତରଫରୁ ଆନ୍ତର୍ଜାତିକ କୃଷି ବିକାଶ ସଂସ୍ଥା ରୋମଙ୍କୁ ଅନୁରୋଧ କରାଯାଇଥିଲା । ପ୍ରାଥମିକ ଆକଳନ କରିବା ନିମନ୍ତେ ଆନ୍ତର୍ଜାତିକ କୃଷି ବିକାଶ ସଂସ୍ଥା ( ଆଇ.ଏଫ୍.ଏଡି.) ପକ୍ଷରୁ ମେରୀ ଲୁର୍ଦ୍ଦ ଏବଂ ବିଶ୍ୱ ଖାଦ୍ୟ ବିନିମୟରେ କାମ (ଡବ୍ଲ୍ୟୁ.ଏଫ୍.ପି.) ତରଫରୁ ପୁନମ୍ଭୀର ଏକ ଦୁଇଜଣିଆ ପ୍ରତିନିଧି ଦଳରେ ଆସି ଗତ ୨ ତାରିଖରୁ ୧୭ ତାରିଖ ଯାଏ ଓଡ଼ିଶା ଗସ୍ତ କରିଥିଲେ ।

ଏହି ଗସ୍ତ କାଳରେ ମିଶନ ରାଜ୍ୟର ଉନ୍ନୟନ କମିଶନର, ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ଉପଜାତି ଉନ୍ନୟନ ବିଭାଗ, ପଞ୍ଚାୟତିରାଜ ବିଭାଗ, ରାଜସ୍ୱ ବିଭାଗ ଓ କୃଷି ବିଭାଗର କମିଶନର–ତଥା–ଶାସନ ସଚିବ, ଜଂଗଲ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଏବଂ ବିଭିନ୍ନ ନିଗମର ପ୍ରତିନିଧିମାନଙ୍କ ସହ ଆଲୋଚନା କରି ପ୍ରକଳ୍ପ ସ୍ଥାପନ ସଂପର୍କରେ ବହୁ ତଥ୍ୟ ସଂଗ୍ରହ କରିଥିଲେ ।

ଏହି ଅନ୍ୱେଷଣକାରୀ ପ୍ରତିନିଧି ଦଳ ଆଦିବାସୀ ଅଧ୍ୟୁଷିତ ଫୁଲବାଣୀ ଓ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ବ୍ଲକ୍‌ମାନଙ୍କୁ ଗସ୍ତ କରି ଜିଲ୍ଲାପାଳ ତଥା ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ ।

ଗସ୍ତ କାଳରେ ଭ୍ରମଣକାରୀ ମିଶନ ରାଜ୍ୟରେ ଦ୍ୱିତୀୟ ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରତିଷ୍ଠା ସଂକ୍ରାନ୍ତୀୟ ବିଭିନ୍ନ ତଥ୍ୟ ସଂଗ୍ରହ କରିଥିଲେ ।

**ପୁଣ୍ୟାତ୍ମା ଉତ୍କଳମଣିଙ୍କ ଉପରେ ପୂର୍ଣ୍ଣାଙ୍ଗ ଚଳଚ୍ଚିତ୍ର ନିର୍ମାଣ କରାଯିବ**

ଗତ ଡିସେମ୍ବର ୨୮ ତାରିଖରେ ସଚିବାଳୟଠାରେ ସୂଚନା ଓ ଲୋକ ସଂପର୍କ ମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ ଚଳଚ୍ଚିତ୍ର ପ୍ରଯୋଜନା ଉପଦେଷ୍ଟା କମିଟିର ବୈଠକରେ ଉତ୍କଳମଣି ଗୋପବନ୍ଧୁଙ୍କ ଉପରେ ଏକ ପୂର୍ଣ୍ଣାଙ୍ଗ ଚଳଚ୍ଚିତ୍ର ନିର୍ମାଣ କରାଯିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି । ଏହି ଚଳଚ୍ଚିତ୍ର ଅବଧି ଏକଘଣ୍ଟା ତିରିଶ ମିନିଟ୍ ରହିବ । ଏତଦ୍ ବ୍ୟତୀତ କବି ଜୟଦେବଙ୍କ ଉପରେ ମଧ୍ୟ ଏକ ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ କରାଯିବ । କଳିଙ୍ଗ ଷ୍ଟୁଡ଼ିଓ ଏହାର ନିର୍ମାଣ ଦାୟିତ୍ୱ ନେବେ ଓ ଏହା ଆସନ୍ତା ୨ ମାସ ମଧ୍ୟରେ ସଂପୂର୍ଣ୍ଣ କରାଯିବ ।

ନିର୍ମାଣାଧୀନ କବି ଗଂଗାଧର ମେହେରଙ୍କ ଉପରେ ପ୍ରାମାଣିକ ଚଳଚ୍ଚିତ୍ରକୁ ମଧ୍ୟ ଖୁବ୍‌ଶୀଘ୍ର ସମାପ୍ତ କରାଯିବ । ଏତଦ୍ ବ୍ୟତୀତ ସରକାରଙ୍କ ବହୁମୁଖୀ ଆଦିବାସୀ ଓ ହରିଜନ କଲ୍ୟାଣ ଯୋଜନା, ସରକାରୀ ଭତ୍ତା ଯୋଜନା, ଗ୍ରାମାଞ୍ଚଳ ସ୍ୱଳ୍ପ ଆୟକାରୀଙ୍କ ନିମନ୍ତେ କରାଯାଉଥିବା ଗୃହ ନିର୍ମାଣ ଯୋଜନା ସଂପର୍କରେ ମଧ୍ୟ ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ କରାଯାଇ ଜନ ସଚେତନତା ସୃଷ୍ଟି କରାଯିବା ନିମନ୍ତେ ଏହି ବୈଠକରେ ନିଷ୍ପତ୍ତି ହୋଇଛି ।

ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ବିଭାଗୀୟ ଶାସନ ସଚିବ ଶ୍ରୀ ଜୟନ୍ତ ଦେବ, ନିର୍ଦ୍ଦେଶକ ଶ୍ରୀ ଦୁର୍ଗାମାଧବ ଦାଶ, ଚଳଚ୍ଚିତ୍ର ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ନାଗେଶ୍ୱର ରାଓ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।




OGP—MP—PTS (I & P R) 66—6,000—28-1-2000



ସମ୍ବଲପୁର ଜିଲ୍ଲାର ଲଇଡ଼ା–ପୁରୁଣାପାଣି – କୋଲାପଦ୍ମାରାସ୍ତାରେ ମୁଖ୍ୟମନ୍ତ୍ରୀ ଶ୍ରୀ ହେମାନନ୍ଦ ବିଶ୍ୱାଳ 'ଭେଡ଼େନ୍ ସେତୁ' ର ଶିଳାନ୍ୟାସ କରୁଛନ୍ତି । ୧୯/୧୨



ଝାରସୁଗୁଡ଼ା ଜିଲ୍ଲାର ରେଙ୍ଗାଲବେଢ଼ା–କୁର୍ଚ୍ଚିଁରମାଲରେ ମୁଖ୍ୟମନ୍ତ୍ରୀ ଶ୍ରୀ ହେମାନନ୍ଦ ବିଶ୍ୱାଳ 'ହାତିଆ ସେତୁ'ର ଭିତ୍ତି ପ୍ରସ୍ତର ସ୍ଥାପନ କରୁଛନ୍ତି । ୧୯/୧୨



ଝାରସୁଗୁଡ଼ା ଜିଲ୍ଲାର ସୁଲେଇ –ଭଇଁରି ରାସ୍ତାରେ ନିର୍ମିତ 'ବାଲିଜୋର ସେତୁ' ମୁଖ୍ୟମନ୍ତ୍ରୀ ଶ୍ରୀ ହେମାନନ୍ଦ ବିଶ୍ୱାଳ ଉଦ୍‌ଘାଟନ କରୁଛନ୍ତି । ୨୦/୧୨



କଟକ ଜିଲ୍ଲାର ପିଙ୍ଗାପଡ଼ା ଗ୍ରାମର ଲୋକମାନଙ୍କୁ ରାଜ୍ୟପାଳଙ୍କ ସହଧର୍ମିଣୀ ଶ୍ରୀମତୀ ସୁଶୀଳା ରାଜେନ୍ଦ୍ରନ୍ ରିଲିଫ୍ ସାମଗ୍ରୀ ବଣ୍ଟନ କରୁଛନ୍ତି । ୩୦/୧୧



ବାଲିପାଟଣା ବ୍ଲକ ବିଶ୍ୱନାଥପୁର ଗ୍ରାମର ବାତ୍ୟାକ୍ଳିଷ୍ଟ ଲୋକମାନଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ହେମାନନ୍ଦ ବିଶ୍ୱାଳ କମ୍ବଳ ବଣ୍ଟନ କରୁଛନ୍ତି । ୬/୧୨



କାଳିଅପା ବ୍ଲକର କୁଞ୍ଜବିହାରୀ ମନ୍ଦିର ପ୍ରାଙ୍ଗଣରେ ମୁଖ୍ୟମନ୍ତ୍ରୀ ଶ୍ରୀ ହେମାନନ୍ଦ ବିଶ୍ୱାଳ ବାତ୍ୟାକ୍ଳିଷ୍ଟ ଲୋକମାନଙ୍କୁ କମ୍ବଳ ବଣ୍ଟନ କରୁଛନ୍ତି । ୧୨/୧୨




ମାନ୍ୟବର ରାଜ୍ୟପାଳ ଶ୍ରୀ ଏମ୍.ଏମ୍. ରାଜେନ୍ଦ୍ରନ୍ ବାତ୍ୟାଞ୍ଚଳରେ ପୁନରୁଦ୍ଧାର ଓ ଥଇଥାନ କାର୍ଯ୍ୟପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ହେମାନନ୍ଦ ବିଶ୍ୱାଳଙ୍କୁ ୩୬ ହଜାର ଟଙ୍କାର ଏକ ଚେକ୍ ପ୍ରଦାନ କରୁଛନ୍ତି । ୧୪/୧୨



ରାଉରକେଲା ଏ.ଡି.ଏମ୍. ଶ୍ରୀ ବେଣୁଧର ଦାସ ବାତ୍ୟାବିଧ୍ୱସ୍ତ ଲୋକମାନଙ୍କ ସହାୟତା ନିମନ୍ତେ ୧ ଲକ୍ଷ ୮୨ ହଜାର ଟଙ୍କାର ଏକ ଡ୍ରାଫଟ୍ ମୁଖ୍ୟମନ୍ତ୍ରୀ ଶ୍ରୀ ହେମାନନ୍ଦ ବିଶ୍ୱାଳଙ୍କୁ ପ୍ରଦାନ କରୁଛନ୍ତି । ସ୍ଥାନୀୟ ବିଧାନସଭା ସଦସ୍ୟ ଶ୍ରୀ ପ୍ରଭାତ କୁମାର ମହାପାତ୍ର ଉପସ୍ଥିତ ଅଛନ୍ତି । ୧୮/୧୨




ବାତ୍ୟାଞ୍ଚଳରେ ପୁନରୁଦ୍ଧାର ଓ ଥଇଥାନ କାର୍ଯ୍ୟପାଇଁ ଗଜପତି ଜିଲ୍ଲାପାଳ ଶ୍ରୀ ରାସବିହାରୀ ନାୟକ ମୁଖ୍ୟମନ୍ତ୍ରୀ ଶ୍ରୀ ହେମାନନ୍ଦ ବିଶ୍ୱାଳଙ୍କୁ ୧୫,୦୩,୦୪୩ ଟଙ୍କା ପ୍ରଦାନ କରୁଛନ୍ତି । ୨୨/୧୨



ମାଲ୍‌କାନଗିରି ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ସଭାପତି ଶ୍ରୀ ବାଲାରାମ ପାଢ଼ୀ ଶିକ୍ଷକମାନଙ୍କର ଏକ ଦିନର ଦରମା ୭୫ ହଜାର ଟଙ୍କା ବାତ୍ୟାକ୍ଲିଷ୍ଟ ବିପନ୍ନମାନଙ୍କ ସହାୟତା ନିମନ୍ତେ ମୁଖ୍ୟମନ୍ତ୍ରୀ ଶ୍ରୀ ହେମାନନ୍ଦ ବିଶ୍ୱାଳଙ୍କୁ ପ୍ରଦାନ କରୁଛନ୍ତି । ୧୨/୧୨




ତାମିଲନାଡୁ ପୁଷ୍ଟିକର ଖାଦ୍ୟ କର୍ମଚାରୀ ସଂଘ ସଂପାଦକ ଶ୍ରୀ ପି. ରାମମୂର୍ତ୍ତିଙ୍କଠାରୁ ମୁଖ୍ୟମନ୍ତ୍ରୀ ଶ୍ରୀ ହେମାନନ୍ଦ ବିଶ୍ୱାଳ ୨୫ ହଜାର ଟଙ୍କାର ଏକ ଡ୍ରାଫଟ୍ ଗ୍ରହଣ କରୁଛନ୍ତି । ୧୩/୧୨



ଟିକାବାଲି ଏଜେନସି ମାର୍କେଟିଙ୍ଗ୍ ସୋସାଇଟିର କର୍ମଚାରୀମାନେ ବାତ୍ୟାକ୍ରିଷ୍ଟଙ୍କ ସହାୟତା ନିମନ୍ତେ ମୁଖ୍ୟମନ୍ତ୍ରୀ ଶ୍ରୀ ହେମାନନ୍ଦ ବିଶ୍ୱାଳଙ୍କୁ ଏକ ଲକ୍ଷ ଟଙ୍କାର ଡ୍ରାଫ୍ଟ୍ ପ୍ରଦାନ କରୁଛନ୍ତି ।



ଶିଲାଡ଼ିଆ ଆସୋସିଏଟ୍ , ୟୁ.ଏସ୍. ର ସଚ୍ଚିଦାନନ୍ଦ ପାଣିଗ୍ରାହୀ ଓ ଅନ୍ୟମାନେ ବାତ୍ୟାକ୍ରିଷ୍ଟ ଲୋକମାନଙ୍କ ସହାୟତା ନିମନ୍ତେ ମୁଖ୍ୟମନ୍ତ୍ରୀ ଶ୍ରୀ ହେମାନନ୍ଦ ବିଶ୍ୱାଳଙ୍କୁ ଏକ ଲକ୍ଷ ଟଙ୍କା ପ୍ରଦାନ କରୁଛନ୍ତି । ୧୩/୧୨



ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ହେମାନନ୍ଦ ବିଶ୍ୱାଳ ଓଡ଼ିଶାର କୃତି ସନ୍ତାନମାନଙ୍କ ତୈଳଚିତ୍ର ଉନ୍ମୋଚନ କରୁଛନ୍ତି । ୨୧/୧୨



ବାତ୍ୟାଞ୍ଚଳରେ ପୁନରୁଦ୍ଧାର ଓ ଥଇଥାନ କାର୍ଯ୍ୟ ସଂପର୍କରେ ରୋଟାରୀ ଆନ୍ତର୍ଜାତିକର ଶ୍ରୀ ଫ୍ରାଙ୍କ ଜେ. ଡ଼ିଭିଲନ୍, ରୋଟାରୀ ଆନ୍ତର୍ଜାତିକ ନିର୍ଦ୍ଦେଶକ ଶ୍ରୀ ଓ. ପି. ବୈଶ୍ୟ ଏବଂ ଅନ୍ୟମାନେ ମୁଖ୍ୟମନ୍ତ୍ରୀ ଶ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ସହ ଆଲୋଚନା କରୁଛନ୍ତି । ୧୪/୧୨



ମୁଖ୍ୟମନ୍ତ୍ରୀ ଶ୍ରୀ ହେମାନନ୍ଦ ବିଶ୍ୱାଳ ପ୍ରଖ୍ୟାତ ସାମ୍ବାଦିକ ଓ ପୂର୍ବତନ ଲୋକସଭା ସଦସ୍ୟ ଶ୍ରୀ ପ୍ରଦ୍ୟୁମ୍ନ ବଳଙ୍କ ମର ଶରୀରରେ ପୁଷ୍ପଗୁଚ୍ଛ ପ୍ରଦାନ କରୁଛନ୍ତି । ସୂଚନା ଓ ଲୋକ ସଂପର୍କ ମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂହ ମଧ୍ୟ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି । ୨୧/୧୨



ସୂଚନା ଭବନଠାରେ ଆୟୋଜିତ ପ୍ରତିଷ୍ଠା ଦିବସ ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ହେମାନନ୍ଦ ବିଶ୍ୱାଳ ଏକ ଯୁବ ସମାବେଶରେ ଉଦ୍‌ବୋଧନ ଦେଉଛନ୍ତି । ୨୨/୧୨



ଝାରସୁଗୁଡ଼ା ଜିଲ୍ଲାର ସାରଙ୍ଗଲୋଇ ଗ୍ରାମପଞ୍ଚାୟତ ଗୃହ ମୁଖ୍ୟମନ୍ତ୍ରୀ ଶ୍ରୀ ହେମାନନ୍ଦ ବିଶ୍ୱାଳ ଉଦ୍‌ଘାଟନ କରି ଆୟୋଜିତ ଉତ୍ସବରେ ଉଦ୍‌ବୋଧନ ଦେଉଛନ୍ତି । ୨୦/୧୨




ଗୁଜୁରାଟ ପ୍ରଦେଶ କଂଗ୍ରେସ କମିଟି ପଠାଇଥିବା ରିଲିଫ୍ ସାମଗ୍ରୀ ମୁଖ୍ୟମନ୍ତ୍ରୀ ଶ୍ରୀ ହେମାନନ୍ଦ ବିଶ୍ୱାଳ ଗ୍ରହଣ କରୁଛନ୍ତି । ୨୨/୧୨



ରାଜ୍ୟ ସଚିବାଳୟଠାରେ ଆୟୋଜିତ ଏକ ସର୍ବଦଳୀୟ ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ହେମାନନ୍ଦ ବିଶ୍ୱାଳ ଅଧ୍ୟକ୍ଷତା କରି ବାତ୍ୟା ବିପନ୍ନମାନଙ୍କ ସହାୟତା ସଂପର୍କରେ ଆଲୋଚନା କରୁଛନ୍ତି । ୨୧/୧୨




ସୂଚନା ଓ ଲୋକ ସଂପର୍କ ବିଭାଗ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ଜର୍ଜ ଫର୍ଣ୍ଣାଣ୍ଡେଜ୍ ଭାଷଣ ଦେଉଛନ୍ତି । ୧୨/୧୧



ବାତ୍ୟାକ୍ଳିଷ୍ଟ ଅଞ୍ଚଳରେ ପୁନରୁଦ୍ଧାର କାର୍ଯ୍ୟକ୍ରମ ତ୍ୱରାନ୍ୱିତ ନିମନ୍ତେ ଏକ ଉଚ୍ଚସ୍ତରୀୟ ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ହେମାନନ୍ଦ ବିଶ୍ୱାଳ ଅଧ୍ୟକ୍ଷତା କରୁଛନ୍ତି । ୧୫/୧୨



ହରିଆନା ସମାଜ କଲ୍ୟାଣ ମନ୍ତ୍ରୀ ଶ୍ରୀମତୀ କ୍ରୀଷ୍ଣା ଗହଲ୍ୱାତ୍ ମୁଖ୍ୟମନ୍ତ୍ରୀ ଶ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ସହ ବାତ୍ୟାକ୍ଳିଷ୍ଟ ବିପନ୍ନମାନଙ୍କ ସହାୟତା ସଂପର୍କରେ ଆଲୋଚନା କରୁଛନ୍ତି । ୧୬/୧୨



ଝାରସୁଗୁଡା ଜିଲ୍ଲାର ବାଗଡିହି–ବରପାଳି ରାସ୍ତାରେ ନିର୍ମିତ ଧୁମାକଟା ସେତୁ ମୁଖ୍ୟମନ୍ତ୍ରୀ ଶ୍ରୀ ହେମାନନ୍ଦ ବିଶ୍ୱାଳ ଉଦ୍‌ଘାଟନ କରୁଛନ୍ତି । ୨୦/୧୨

PRINTED AT ORISSA GOVERNMENT PRESS, MADHUPATNA, CUTTACK-10